ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୭/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 27/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 272 | ମୂଲ୍ୟ ₹୭/-

# ଆଜିଠୁ ଆଉ ୨୫% ଟ୍ରମ୍ପ୍ ଟାରିଫ୍

## ଭାରତର ୮୬.୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହେବ

**ଆମେରିକାରେ ବୁଧବାରଠାରୁ ପ୍ରବେଶ କରିବାକୁ ଥିବା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ ହେବାକୁ ଯାଉଛି। ୱାଶିଂଟନ ପକ୍ଷରୁ ଅତିରିକ୍ତ ଶୁଳ୍କ କାର୍ଯ୍ୟକାରିତାର ସବିଶେଷ ଯୋଜନା ସହ ଚିଠା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଫଳରେ ଆମେରିକାକୁ ଭାରତର ୮୬.୫ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ମୂଲ୍ୟର ରପ୍ତାନି ପ୍ରଭାବିତ ହେବା ଆକଳନ କରାଯାଉଛି। ଅଧିକ ଟାରିଫ୍ ଲାଗୁ ହେଲେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ମହଙ୍ଗା ହେବା ସହ ବଜାର ଶେୟାର ହ୍ରାସ ପାଇବ। ଫଳରେ ଭାରତର ଉତ୍ପାଦନ ଏବଂ ରପ୍ତାନି ସେକ୍ଟର କ୍ଷତିଗ୍ରସ୍ତ ହେବ। ବ୍ୟବସାୟ ଉପରେ ଏହାର କିଭଳି ପ୍ରଭାବ ପଡ଼ିବାକୁ ଯାଉଛି ଓ ପ୍ରତିକାର ଦିଗରେ ସରକାର ଆଗକୁ କ'ଣ ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅତିରିକ୍ତ ୨୫% ଟାରିଫ୍ ଲାଗୁ ହେବା ନେଇ ଆମେରିକା ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସର ୮୪୯.୩୭ ପଏଣ୍ଟ ହ୍ରାସ ପାଇ କାରବାର ଶେଷବେଳକୁ ଏହା ୮୦,୭୮୬.୫୪ରେ ପହଞ୍ଚିଥିଲା। ସେହିପରି ନିଫ୍ଟି୫୦ ୨୫୫.୭୦ ପଏଣ୍ଟ ନିମ୍ନଗାମୀ ହୋଇ ୨୪,୭୧୨.୦୫କୁ ଖସିଛି। ଏଥିଯୋଗୁ ନିବେଶକମାନେ ଦିନକରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।**

ୱାଶିଂଟନ/ନୂଆଦିଲ୍ଲୀ,୨୬।୮ (ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଅଗଷ୍ଟ ୭ରେ ୨୫% ଟାରିଫ୍ ଲଗାଇଥିବାବେଳେ ରୁଷିଆରୁ ଅଶୋଧିତ ତୈଳ ଏବଂ ସାମରିକ ସରଞ୍ଜାମ କିଣା ବନ୍ଦ ନ କଲେ ଅଗଷ୍ଟ ୨୭ରୁ ଅତିରିକ୍ତ ୨୫% ଶୁଳ୍କ ଲଗାଇବ ବୋଲି ଘୋଷଣା କରିଥିଲା। ଏହି ସମୟସୀମା ଶେଷ ହୋଇ ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲାଗୁ ହେବାକୁ ଯାଉଛି। ଆମେରିକା ସୀମାଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପୋଷାକ, ରତ୍ନ ଓ ଅଳଙ୍କାର, ଚମଡ଼ା, ମେସିନ୍ ଯନ୍ତ୍ରପାତି, ଆସବାବପତ୍ର, ସାମୁଦ୍ରିକ ସାମଗ୍ରୀକୁ ଅତିରିକ୍ତ ଟାରିଫ୍ ପରିସରଭୁକ୍ତ କରାଯାଇଛି। ଫଳରେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ପୋଷାକ, ଚମଡ଼ା ସାମଗ୍ରୀ, ରତ୍ନ ଓ ଅଳଙ୍କାର ତଥା ଚିଙ୍ଗୁଡ଼ି ଆଦି ଶ୍ରମଭିତ୍ତିକ ରପ୍ତାନି ସେକ୍ଟର ସର୍ବାଧିକ ପ୍ରଭାବିତ ହେବ। ଏହି ସେକ୍ଟରର ରପ୍ତାନି ୭୦% ହ୍ରାସ ପାଇବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଇସ୍ପାତ, ତମ୍ବା, ଆଲୁମିନିୟମ, ଔଷଧ, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଏସ୍‌ୟୁଭି, ସେଡାନ ଭଳି ଗାଡ଼ିକୁ ଟାରିଫ୍‌ରୁ ବାଦ୍ ଦିଆଯାଇଛି। ସ୍ଥାନୀୟ ସମୟ ଅଗଷ୍ଟ ୨୭ ତାରିଖ ୧୨.ଟା ୧ ମିନିଟ୍‌ରେ ବିଜ୍ଞପ୍ତି ଜାରି ହୋଇଥିବାବେଳେ ଏହା ପୂର୍ବରୁ ସାମଗ୍ରୀ ଜାହାଜରେ ଲୋଡ୍ ହୋଇ ଆମେରିକା ଅଭିମୁଖେ ବାହାରିଥିଲେ, ଏହା ଉପରେ ୫୦% ଟାରିଫ ଲାଗୁ ହେବ ନାହିଁ। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଅତିରିକ୍ତ ଟାରିଫ୍ ଯୋଗୁ ୨୦୨୪ ବାଣିଜ୍ୟ ମୂଲ୍ୟ ଆଧାରରେ ଆମେରିକାକୁ ଭାରତର ୪୮.୨ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହେବାକୁ ଯାଉଛି।


ଡୋନାଲ୍ଡ ଟ୍ରମ୍ପ୍

**୮୪୯ ପଏଣ୍ଟ ଖସିଲା ସେନ୍‌ସେକ୍ସ**

**୬ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ**

ଭାରତୀୟ ଅର୍ଥନୀତି ପାଇଁ ଏହା ବ୍ୟାପକ ବାଣିଜ୍ୟିକ ଚ୍ୟାଲେଞ୍ଜ ହେବାକୁ ଯାଉଥିବା ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପକ୍ଷରୁ କୁହାଯାଇଛି। ନୂଆ ଟାରିଫ୍ ଯୋଗୁ ଆମେରିକାକୁ ଭାରତର ମୋଟ ରପ୍ତାନି ପ୍ରାୟ ୬୬ ପ୍ରତିଶତ ବା ୮୬.୫ ବିଲିୟନ ଡଲାର ପ୍ରଭାବିତ ହେବ ବୋଲି ଉକ୍ତ ସଂସ୍ଥା ଆକଳନ କରିଛି।

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇଥିବା ପୂର୍ବରୁ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ଟ କହିଥିଲେ। ଭାରତ ରୁଷିଆରୁ ତେଲ କିଣି ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରି ଫାଇଦା ଉଠାଉଥିବା ଆମେରିକା ଟେଜେରି ସଚିବ ସ୍କଟ୍ ବେସେଣ୍ଟ ଅଭିଯୋଗ ଆଣିଥିଲେ। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଅତିରିକ୍ତ ୨୫% ଟାରିଫ ଲାଗୁ ହେବାକୁ ଯାଉଥିବାବେଳେ ଭାରତ ରୁଷିଆରୁ ତେଲ କିଣା ବନ୍ଦ କରିବ ନାହିଁ ବୋଲି ସ୍ପଷ୍ଟ ସଙ୍କେତ ଦେଇଛି। ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ରୁଷିଆରୁ ତେଲ କିଣା ଅବ୍ୟାହତ ରହିବ ବୋଲି ନୂଆଦିଲ୍ଲୀ କହିଛି। ତେବେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଆଗାମୀ ସପ୍ତାହରେ ମସ୍କୋରୁ ତେଲ କିଣା ହ୍ରାସ କରିପାରନ୍ତି ବୋଲି ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି।

# ଏବେ 'ଆମ ଶାସନ'

**ରାଜ୍ୟବାସୀଙ୍କ ମତାମତରେ ନୀତି ନିର୍ଦ୍ଧାରଣ: ମୁଖ୍ୟମନ୍ତ୍ରୀ**




**ଓଡ଼ିଶାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି 'ଆମ ଶାସନ'। ପ୍ରତ୍ୟେକ ନାଗରିକଙ୍କ ହାତପାହାନ୍ତାରେ ସରକାରୀ ସୁବିଧା, ଯୋଜନାଗୁଡ଼ିକର ଲାଭ ଓ ସେବା ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାମାଜିକ ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ଯୋଜନା ଓ ସେଗୁଡ଼ିକର ଲାଭ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ www.amashasana.odisha.gov.in ପୋର୍ଟାଲର ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ରାଜ୍ୟବାସୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ରୂପାୟନ ଉପରେ ମତାମତ ଦେବେ। ସରକାର ଓ ନାଗରିକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ ସକାଶେ ଉକ୍ତ ଯୋଜନାରେ ଟୋଲ୍‌ଫ୍ରି ହେଲ୍‌ପଲାଇନ୍ ନଂ.୧୪୪୭୧ ଓ ହ୍ୱାଟ୍ସଆପ୍ ନଂ.+୯୧-୭୪୦୦୨୨୧୯୦୩ ଭଳି ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯୋଜନାର ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ଜଣେ ଛାତ୍ରୀଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ସହ ଫୋନ୍‌ରେ ଭାବବିନିମୟ କରି ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ମତାମତ ଲୋଡ଼ିଥିଲେ। ଏହି ଅବସରରେ 'ମୁଁ ରାଜ୍ୟର ମୁଖ୍ୟ ସେବକ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**

ଭୁବନେଶ୍ୱର,୨୬।୮ (ରବିନାରାୟଣ ଜେନା)

ସରକାରରେ ଲୋକେ ସର୍ବେସର୍ବା। ତାଙ୍କୁ ଆଉ କେହି ଠକି, ଭଣ୍ଡିପାରିବେ ନାହିଁ। ସରକାର ଓ ଲୋକଙ୍କ ମଧ୍ୟରେ ଯେଭଳି କେହି ପ୍ରାଚୀର ନ ହେବେ ସେଥିପାଇଁ 'ଆମ ଶାସନ' ପ୍ରଣୟନ କରାଯାଉଛି। ଏହା ମାଧ୍ୟମରେ ଲୋକେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସିଧାସଳଖ ତାଙ୍କର ମତାମତ ଦେଇପାରିବେ। ଆବଶ୍ୟକସ୍ଥଳେ ତାଙ୍କର ମତାମତକୁ ଗୁରୁତ୍ୱ ଦେଇ ସରକାର ଯୋଜନାରେ ସୁଧାର ଆଣିବେ, ଯଦ୍ୱାରା ☞ପୃଷ୍ଠା-୪

# ନୂଆଁଖାଇ ପରଦିନ ସରକାରୀ ଛୁଟି

ଭୁବନେଶ୍ୱର,୨୬।୮ (ସୁଚିସ୍ମିତା ସାହୁ)

ପ୍ରତିବର୍ଷ ପରି ଚଳିତବର୍ଷ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଦିନକୁ ସରକାରୀ ଛୁଟି ଘୋଷଣା କରାଯାଇଛି। ତେବେ ଚଳିତବର୍ଷ ପ୍ରଥମ ଥର ପାଇଁ ନୂଆଁଖାଇ ପରଦିନ ଅର୍ଥାତ୍ ଅଗଷ୍ଟ ୨୯ ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ନୂଆଁଖାଇ ପରଦିନ ମଧ୍ୟ ପଶ୍ଚିମ ଓଡ଼ିଶାବାସୀ ନିଜ ଆତ୍ମୀୟସ୍ୱଜନଙ୍କୁ ଭେଟି 'ନୂଆଁଖାଇ ଜୁହାର' କରନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ନୂଆଁଖାଇ ପରଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପୁନର୍ବାର ଚିଲିକା






## ସଂକ୍ଷେପରେ

### ବୁର୍ଡା ମା' ଦୁର୍ଗାପୂଜା ନୂତନ କମିଟି ଗଠିତ

ଲୋଇସିଂହା,୨୬।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ମା'ଦୁର୍ଗା ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ସଦସ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତବର୍ଷ ପୂଜାର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହାପରେ ଚଳିତବର୍ଷ ତଥା ୨୭ ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଶମ୍ଭୁପ୍ରସାଦ ସାହୁ(ଟିଙ୍କୁ)ଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସରୋଜ କୁମାର ସାଥୁଆ ଉପସଭାପତି, ଦେବାନନ୍ଦ ସାହୁ ସମ୍ପାଦକ, ବ୍ୟୋମକେଶ ଥନାପତି ସହସମ୍ପାଦକ, ରାମଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ନୂତନ କମିଟି ପକ୍ଷରୁ ପୂଜାକୁ ଚଳିତବର୍ଷ ବହୁ ଆକର୍ଷଣୀୟ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏଥର ପୂଜାରେ ୪ ଦିନ ଧରି ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଫଟକରା ମା'ଦୁର୍ଗା କଳା ପରିଷଦର ଦକ୍ଷ କଳାକାର ଅନୀଲ କୁମାର ନାଏକ ଏଠାରେ ରାବଣ ଭୂମିକାରେ ଅଭିନୟ କରିବେ। ଏହାଛଡା ରାବଣ ପୋଡି ଉତ୍ସବ ଧୂମଧାମରେ ପାଳନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ଲକ୍‌ସ୍ତରୀୟ କୌଶଳ ବିକାଶ ପରାମର୍ଶ ଶିବିର

ଖପ୍ରାଖୋଲ,୨୬।୮(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଦକ୍ଷତା ବିକାଶ ପରାମର୍ଶ ଶିବିର ଜିଲା ପ୍ରଶାସନ ଓ ଓରମାସର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବିପିଏମ ପଙ୍କଜିନୀ ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବିପିସି ବିଭୁତି ଭୂଷଣ ମିଶ୍ର, ସାମାଜିକ କର୍ମୀ ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ତରଫରୁ ଗ୍ରାମାଞ୍ଚଳର ଇଚ୍ଛୁକ ଯୁବତୀଯୁବକ ମାନଙ୍କୁ ମାଗଣାରେ ଦକ୍ଷତା ବିକାଶ ପରାମର୍ଶ ଓ ତାଲିମ ପ୍ରଦାନ କରି ନିଯୁକ୍ତି ପ୍ରଦାନ ପାଇଁ ପ୍ରୟାସ ଜାରି ରହିଛି। ଏହି ଯୋଜନା ମାଧ୍ୟମରେ ଅନେକ ଯୁବତୀ ଯୁବକ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ଆତ୍ମନିଯୁକ୍ତି ସହିତ ରୋଜଗାରକ୍ଷମ ହୋଇ ପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱରର ସାହାନା ଓ ସୁନ୍ଦରଗଡ଼ର ନିଆନା ସଂସ୍ଥାର ପ୍ରତିନିଧିମାନେ ଯୁବତୀ ଯୁବକଙ୍କୁ ତାଲିମ ଓ ନିଯୁକ୍ତି ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ଶତାଧିକ ଯୁବତୀ ଯୁବକ ପରାମର୍ଶ ଶିବିରରେ ଯୋଗ ଦେଇଥିଲେ। ଏମବିକେ, ସିଆରପି ଯୋଗ ଦେଇଥିବା ବେଳେ ଓଏଲଏମ ବିଏଲସି ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବତ ହେଲାଣି ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ

## 'ଅପରେଶନ୍ ଗଜ'
### ବଲାଙ୍ଗୀରରେ ସୂଚନା ଦେଲେ ଉତ୍ତରାଞ୍ଚଳ ଆଇଜି

ବଲାଙ୍ଗୀର,୨୬।୮(ବୀରେନ୍ଦ୍ର କୁମାର ଝାଙ୍କର)


ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଖବରଦାତା ସମ୍ମିଳନୀରେ ଅପରେଶନ୍ ଗଜ ଉପରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଇତିମଧ୍ୟରେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରାଗଲାଣି। ଓଡିଶା ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା ନିଶାମୁକ୍ତି ଅଭିଯାନ 'ଅପରେଶନ୍ ଗଜ' ଏବେ ଗଞ୍ଜେଇ କାରବାର କରୁଥିବା ବେପାରୀଙ୍କ ନିଦ ହଜାଇ ଦେଇଛି। ଗଞ୍ଜେଇ ଚାଷ ଠାରୁ ବିକ୍ରି ଏବଂ ବ୍ୟବହାର ପର୍ଯ୍ୟନ୍ତ ଯେତେ ବି ଅଂଶୀଦାର ରହିଛନ୍ତି ସମସ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ମଙ୍ଗଳବାର ସ୍ଥାନୀୟ ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମଳନୀରେ ସୂଚନା ଦେଇଥିଲେ। ସେ କହିଥିଲେ, ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମୁତାବକ ସାରା ରାଜ୍ୟରେ ଏବେ 'ଅପରେଶନ୍ ଗଜ' ଆରମ୍ଭ ହୋଇଛି। ଏହି ଅଭିଯାନରେ ସ୍ୱତନ୍ତ୍ର ପୋଲିସ ଟିମ୍ ନିୟୋଜିତ ହୋଇ ସେମାନେ ଗଞ୍ଜେଇ ଚୋରାଚାଲାଣ ଉପରେ କଡା ନଜର ରଖିବେ ବୋଲି ସୂଚନା ଦେଇଥିଲେ। ସେ କହିଥିଲେ, ସୋମବାର ଦିନ ବଲାଙ୍ଗୀର ପୋଲିସ ତୁଷରା ଥାନା ଅନ୍ତର୍ଗତ କୋଟଗାଁ ଛକ ନିକଟରେ ନାକାବନ୍ଦୀ କରି ଯାଞ୍ଚ କରୁଥିବା ବେଳେ ଏକ ଚାଉଳ ବୋଝେଇ ଟ୍ରକ୍ (ସିଜି ୦୪ଏମ୍‌ଜେଡ୍ ୪୨୯୦)ରୁ ୧୧ କୁଇଣ୍ଟାଲ ୮ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆଇଜି ଲାଲ ସୂଚନା ଦେଇଥିଲେ। ଏହାସହିତ ଉକ୍ତ ଟ୍ରକ୍‌ରୁ ୨୦୦ ପ୍ୟାକେଟ୍ ଖୁଦ ଚାଉଳ ମଧ୍ୟ ଜବତ ହୋଇଥିଲା। ଏହାପୂର୍ବରୁ ସୋନପୁର ଜିଲାରେ ମଧ୍ୟ ପୋଲିସ ପ୍ରାୟ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ସେ ସୂଚନା ଦେଇଥିଲେ। ବଲାଙ୍ଗୀର ଏସ୍‌ପିଙ୍କୁ ଆଇଜି ଲାଲ ପ୍ରଂଶସା କରିବା ସହ ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାରକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ଗଞ୍ଜେଇ ନେଟୱର୍କକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଉପସ୍ଥିତ ଥିଲେ।

# କୁଚିଆ ମଦ ବେପାର ବନ୍ଦ ଦାବି


ବଲାଙ୍ଗୀର ଟାଉନ ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବା ଲର୍କପାଲି-ଆମପଡାର ମହିଳାମାନେ।

ବଲାଙ୍ଗୀର,୨୬।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ୧ ନମ୍ବର ୱାର୍ଡ ଅନ୍ତର୍ଗତ ଆମ୍‌ପଡାଠାରେ ଅବାଧ କୁଚିଆ ମଦବିକ୍ରିକୁ ନେଇ ଅତିଷ୍ଠ ପଡାବାସୀ ସୋମବାର ବଲାଙ୍ଗୀର ଟାଉନ ଥାନା ଏବଂ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ପଡାର ମହିଳାମାନେ ଟାଉନ ଥାନାକୁ ଆସି ଅଭିଯୋଗ କରିଥିଲେ। ପଡାର ପୋଖରୀ ନିକଟରେ ବେଆଇନ କୁଚିଆ ମଦ ବେପାର ଚାଲିଥିବାରୁ ଅଶାନ୍ତି ଲାଗିରହିଛି। ପୋଖରୀକୁ ପଡାର ମହିଳାମାନେ ଗାଧୋଇ ଯିବା ବେଳେ ମଦ୍ୟପ ବ୍ୟକ୍ତିଙ୍କ ହାବୁଡରେ ପଡୁଛନ୍ତି। ଏଥିଯୋଗୁ ସମସ୍ୟା ଉପୁଜୁଛି। ଏନେଇ କିଛିଦିନ ତଳେ ପଡାରେ ବୈଠକ କରାଯାଇ ମଦ ବିକ୍ରି ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ମଦ ବେପାରୀ କାହାରି କଥା ଶୁଣୁ ନ ଥିବାରୁ ସେମାନେ ବାଧ୍ୟ ହୋଇ ଟାଉନଥାନା ଏବଂ କଲେଜ ଛକ ଅବକାରୀ ଅଫିସକୁ ଆସି ଦାବିପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଦାଦନ ସମସ୍ୟା ରୋକିବାକୁ ପ୍ରଶାସନର ପ୍ରୟାସ

### ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୬।୮(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ହାଟପଦାରେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଦାଦନ ସମସ୍ୟା ରୋକିବାକୁ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକ ପରିବାର କିଭଳି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭ ନେଇ ଭିଟା ମାଟିରେ ରହିବା ସହିତ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ବିଭିନ୍ନ ବିଭାଗ ର ଅଧିକାରୀମାନେ କହିଥିଲେ। ସେହିପରି ଶ୍ରମ ବିଭାଗର ବିଭିନ୍ନ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ଦାଦନ ଖଟିବାକୁ ଗଲାବେଳେ ସଚେତନ ହୋଇ ପଞ୍ଜୀକୃତ ମଧ୍ୟସ୍ଥି ସହିତ ନିଜ ନାମ ପଞ୍ଜୀକରଣ କରି ଯିବାକୁ କହିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ୩ ଶହ ଦିନର କାମ ଯୋଗାଇ ଦେବାକୁ ସରପଞ୍ଚ ଉମାକାନ୍ତ ମେହେର ଦାବି କରିଥିଲେ। କାର୍ଯ୍ୟକ୍ରମରେ ଏପିଓ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ମହିଳା ସ ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।

# ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ

ଟିଟିଲାଗଡ଼,୨୬।୮(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କାପସିଭଟା ଗ୍ରାମ ଠାରେ ଶଗଡ଼ଘାଟ ଭାଜପା ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ଶ୍ରୀବତ୍ସ ବେହେରା ସମାବେଶରେ ଯୋଗଦେଇ ଶଗଡ଼ଘାଟ ମଣ୍ଡଳ ସଭାପତି, ୬ ଜଣ ଲେଖାଏ ମଣ୍ଡଳ ଉପସଭାପତି ଓ ସମ୍ପାଦକ, କୋଷାଧ୍ୟକ୍ଷ, ୭ଟି ବିଭିନ୍ନ ମୋର୍ଚ୍ଚାର ମୁଖ୍ୟଙ୍କ ସମେତ ୬୧ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟା ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସମସ୍ତ ଭାଜପା କର୍ମୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଳ ସ୍ତରରେ ପହଞ୍ଚାଇବାକୁ ଜିଲା ସଭାପତି ଆହ୍ୱାନ କରିଥିଲେ। ସମାବେଶରେ ମଞ୍ଚାସୀନ ବଲାଙ୍ଗୀର ଏମ୍‌ପିଙ୍କ ଟିଟିଲାଗଡ଼ ନଗର ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ବ୍ଲକ ପ୍ରତିନିଧି ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଟିଟିଲାଗଡ଼ ଭାଜପା ନଗର ସଭାପତି ସୁନିଲ ଆଚାର୍ଯ୍ୟ, ଉପସଭାପତି ଲିଙ୍ଗରାଜ ନାୟକ ଭାଜପା ହିଁ ଦେଶର ବିକାଶ ପାଇଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ବରିଷ୍ଠ ନେତା ବିଦୁର ବେହେରା, ଜୀବର୍ଦ୍ଧନ ଖରସେଲ, ସଚିକାନ୍ତ ବେହେରା, ଚିନ୍ତାମଣି ସାହୁ, ବିପିନ ଠାକୁରଙ୍କ ସମେତ ଶତାଧିକ ପୁରୁଷ ତଥା ମହିଳା କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ମଣ୍ଡଳରେ ବୁଥରେ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଦଳୀୟ ନେତା ସମାବେଶରେ ସଂକଳ୍ପ ନେଇଥିଲେ।

# ବାଲି ତୃତୀୟାରେ ଘର ଘର ବୁଲି ନୂଆ ଧାନ ବାଣ୍ଟିଲେ ଗାଁ ଝାଙ୍କର


ଖପ୍ରାଖୋଲ ବ୍ଲକ ବୁଢ଼ିବାହାଲ ଗାଁରେ ପୂଜା ଝାଙ୍କର ଘର ଘର ବୁଲି ନୂଆ ଧାନ ବାଣ୍ଟୁଛନ୍ତି।

### ଖପ୍ରାଖୋଲ ବ୍ଲକ୍

ଖପ୍ରାଖୋଲ,୨୬।୮(ଅଭୟ ତ୍ରିପାଠୀ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସବୁଠି ଚଳଚଞ୍ଚଳ। ଦୂରରେ ରହୁଥିବା ପରିବାର ସଦସ୍ୟ ସବୁ ଘରକୁ ଫେରୁଛନ୍ତି। ନୂଆଁଖାଇ ପର୍ବର ଦୁଇଦିନ ପୂର୍ବରୁ ବାଲି ତୃତୀୟା ଅବସରରେ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗାଁ ଦିଶାରି ତଥା ଗାଁ ପୂଜା ଝାଙ୍କର କ୍ଷେତକୁ ଯାଇ ନୂଆ ଧାନକୁ ପୂଜା କରି ଗାଁର ଇଷ୍ଟ ଦେବୀ ତଥା ଦେବାଦେବୀଙ୍କ ଠାରେ ନୂଆ ଧାନ ପ୍ରଦାନ କରିଥିଲେ। ପରେ ଘର ଘର ବୁଲି ନୂଆ ଧାନ କେଣ୍ଡା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ନୂଆ ଧାନ କୁ ମହାଲକ୍ଷ୍ମୀ ଭାବରେ ପ୍ରତି ଘରେ ପାଣି ଢାଳି ସ୍ୱାଗତ କରିବା ସହିତ ପୂଜା ଝାଙ୍କର କୁ ଚାଉଳ, ପଇସା ଦେବା ପ୍ରଥା ରହିଛି। ଏନେଇ ବୁଢ଼ିବାହାଲ ଗାଁର ପୂଜା ଝାଙ୍କର ଭାଗିରଥି ଖର୍ସେଲଙ୍କୁ ପଚାରିବାରେ ନୂଆ ଧାନକୁ ଆମେ ପୂଜା କରି ବରଣ କରିବା ସହିତ ଗାଁର ଇଷ୍ଟ ଦେବୀ, ଦେବୀ ମନ୍ଦିର ଓ ପରେ ଘରେ ଘରେ ନୂଆ ଧାନ କେଣ୍ଡା ବାଣ୍ଟି ଥାଉ ବୋଲି କହିଥିଲେ।

# ଯୁବୋଦୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ


ବୃକ୍ଷରୋପଣ ପାଇଁ ଛାତ୍ରୀଛାତ୍ରମାନେ ଚାରା ନେଇ ଯାଉଛନ୍ତି।

ବଲାଙ୍ଗୀର,୨୬।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯୁବୋଦୟ ପକ୍ଷରୁ ସୋମବାର ବୃକ୍ଷରୋପଣ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଆଇସିଟିଇ ଏବଂ ଭାରତ ସରକାରଙ୍କ 'ଏକ ପେଡ଼ ମା' କେ ନାମ୍ ୨.୦' ଅଭିଯାନର ବ୍ୟାନର ଅଧୀନରେ ବଲାଙ୍ଗୀର ସକମାସ୍ଥିତ ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜି (ୱାଇସିଏଟି) ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାଇସିଏଟିର ବିସିଏ ଓ ବିବିଏ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ କାର୍ବନ ଫୁଟପ୍ରିଣ୍ଟ, ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶ ସମସ୍ୟା ବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଯୁବୋଦୟ କ୍ୟାମ୍ପସ ଓ ସକମା ଗାଁର ବିଭିନ୍ନ ସ୍ଥାନରେ ଏହି ବୃକ୍ଷରୋପଣ କରାଯାଇଥିଲା। ପ୍ରତିବର୍ଷ ଯୁବୋଦୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଆସୁଛି। ଚଳିତବର୍ଷ ଅଧ୍ୟକ୍ଷଙ୍କ ନେତୃତ୍ୱରେ ରେଡକ୍ରସର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଛାତ୍ରୀଛାତ୍ର ମାନଙ୍କୁ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିବା ସହ ଦାୟିତ୍ୱବାନ୍ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ।

# ରୋତ କଲେଜକୁ ଶିକ୍ଷା ଅଧିକାରୀଙ୍କ ମିଳିତ ପରିଦର୍ଶନ


ଅଧ୍ୟକ୍ଷଙ୍କ ସହ ଆଲୋଚନା କରୁଛନ୍ତି ଶିକ୍ଷା ଅଧିକାରୀ ।

ଲୋଇସିଂହା,୨୬।୮(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜକୁ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଉମାଶଙ୍କର ଦାଶ ଓ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ.ବିଘ୍ନେଶ ପ୍ରସାଦ ମିଶ୍ର ମିଳିତ ଭାବେ ପରିଦର୍ଶନରେ ଆସିଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମାକୁ ଠିକ୍ ଭାବରେ ଅନୁପାଳନ ହେଉଛି କି ନାହିଁ ତାହା ସମୀକ୍ଷା କରିଥିଲେ। ବିଶେଷ କରି କଲେଜ କ୍ୟାମ୍ପସରେ ଛାତ୍ରୀ ଓ ମହିଳା କର୍ମଚାରୀ ଯେପରି ଯୌନ ନିର୍ଯାତନାର ଶିକାର ହେବେ ନାହିଁ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କଲେଜ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗସ୍ତ କରିଥିବା ଅଧିକାରୀ, କଲେଜ ଅଧ୍ୟକ୍ଷ ଏବଂ ସହକର୍ମୀଙ୍କୁ ନେଇ ଏକ ବୈଠକ ହୋଇଥିଲା। କଲେଜରେ ଲାଗି ରହିଥିବା ବିବିଧ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ପରିଦର୍ଶନରେ ଆସିଥିବା ଅଧିକାରୀ ଦ୍ୱୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କଲେଜ ଷ୍ଟାଫ୍। କଲେଜକୁ ନାକ୍ ଅନୁବନ୍ଧିତ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅଧିକାରୀ ପରାମର୍ଶ ଦେଇଥିଲେ।

# ସଡ଼କ ଦୁର୍ଘଟଣାରେ ବିଦ୍ୟାଳୟ କିରାଣି ମୃତ

ଲାଠୋର,୨୬।୮(ଭୁବନେଶ୍ୱର ବାରିକ)


ମୃତ କିରାଣି ଚନ୍ଦ୍ରମଣି।

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମ ବନ୍ଧିଆ ଜୋର(ପୋଲ) ଠାରେ ମଙ୍ଗଳବାର ଏକ ମାଲବାହୀ ଟ୍ରକ ଧକ୍କାରେ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କିରାଣି ଚନ୍ଦ୍ରମଣି ଭଇଁସାଲ (୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଲାଠୋର ତଳିପଡ଼ା ଗ୍ରାମରେ। ଏହାଛଡା ଉକ୍ତ ଟ୍ରକ ପଛରେ ଆସୁଥିବା ଏକ ବାଇକ୍ ସେଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ବାଇକ୍‌ରେ ଆସୁଥିବା ଆହତ ଦୁଇ ଯୁବକ ହେଲେ ତୁରେକେଲା ଥାନା ଅଧୀନ ଗଇଡିମାଲ ଗ୍ରାମର ଉଗ୍ରେସନ ଭୋଇ ଏବଂ କୁରେଶ୍ୱର ପରାଭୁଏ। ଉଭୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନ ୧ଟାରେ ଚନ୍ଦ୍ରମଣି ନିଜ ବାଇକ୍ (ନଂ ଓଡ଼ି-୦୩-ୱାଇ-୯୧୫୦)ଯୋଗେ ବିଦ୍ୟାଳୟରୁ ଘରକୁ ଖାଇବାକୁ ଯାଉଥିଲେ। ଏହି ସମୟରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ(ନଂ ସିଜି-୦୪-ଏଚଜେଡ-୧୧୭୬) ବିଦ୍ୟାଳୟ ନିକଟ ବନ୍ଧିଆ ଯୋର ପାଖ ଏକ ଦୋକାନ ସମ୍ମୁଖରେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଚନ୍ଦ୍ରମଣିଙ୍କ ବଡ ଭାଇ ଜଗନ୍ନାଥ ଭଇଁସାଲ ଲାଠୋର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୧୬୦/୨୫) ରୁଜୁ କରି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ତାଙ୍କ ସ୍ତ୍ରୀଙ୍କୁ ବିଦ୍ୟାଳୟରେ ଚାକିରି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଚନ୍ଦ୍ରମଣିଙ୍କ ବିୟୋଗରେ ବିଦ୍ୟାଳୟ ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ, ଏମ୍‌ପି ନୋମିନି ସନ୍ତୋଷ ଭଇଁସାଲ, ଅଧ୍ୟକ୍ଷ ବଳଭଦ୍ର ଦାଶ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# କୃଷି ବିଶ୍ୱ ବିଦ୍ୟାଳୟ ଦାବିରେ ଗର୍ଜିଲା ବଲାଙ୍ଗୀର କଂଗ୍ରେସ

### ଭାଜପା, ବିଜେଡିକୁ ସମାଲୋଚନା

ବଲାଙ୍ଗୀର,୨୬।୮(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଗଣଧାରଣା।

ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ବିଜେଡି ଏବଂ ଭାଜପା ସରକାର ବଲାଙ୍ଗୀରବାସୀଙ୍କୁ କ୍ରମାଗତ ଅବହେଳା ଏବଂ ପ୍ରତାରଣା କରିଆସିଛନ୍ତି ବୋଲି କଂଗ୍ରେସ ଯୁବନେତା ସମରେନ୍ଦ୍ର ମିଶ୍ର କଡା ସମାଲୋଚନା କରିଥିଲେ। ବିଜେଡି ଓ ଭାଜପା ସରକାର ଅମଳରେ ବଲାଙ୍ଗୀର ଆହୁରି ପଛୁଆ ହୋଇଯାଇଛି ବୋଲି ଅଭିଯୋଗ ଆଣି ଏଥିପାଇଁ ଉଭୟ ବିଜେଡି ଓ ଭାଜପା ଦାୟୀ ବୋଲି କହିଥିଲେ। ସେ କହିଥିଲେ, କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ୨୦୧୪ ମସିହାରେ ବିଧାନସଭାରେ ତତ୍କାଳୀନ ରାଜ୍ୟପାଳ ଘୋଷଣା କରିଥିଲେ। କିନ୍ତୁ ବିଜେଡି ସରକାର ନିଜ କଥା ରଖିଲେ ନାହିଁ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା କୃଷି ବିଭାଗ ମନ୍ତ୍ରୀ ଏବେ ବଲାଙ୍ଗୀର ଜିଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାସତ୍ତ୍ୱେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନହେବା ଦୁର୍ଭାଗ୍ୟଜନକ। ସେତେବେଳେ ବିରୋଧୀ ଦଳରେ ଭାଜପା ଥିଲାବେଳେ ତତ୍କାଳୀନ ବିଧାୟକ ତଥା ଏବର ଉପମୁଖ୍ୟମନ୍ତ୍ରୀ ତତ୍କାଳୀନ ବିରୋଧୀ ଦଳନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଯାଇ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ଜଣାଇଥିଲେ। କିନ୍ତୁ ବର୍ତ୍ତମାନ ସରକାରକୁ ଆସିଲା ପରେ ବଲାଙ୍ଗୀରର ନ୍ୟାର୍ଯ୍ୟ ଦାବିକୁ ଉପେକ୍ଷା କରୁଛନ୍ତି ବୋଲି ସେ ସମାଲୋଚନା କରିଥିଲେ। ସେ ଆହୁରି କହିଥିଲେ, ବଲାଙ୍ଗୀର ଏକ କୃଷି ପ୍ରଧାନ ଜିଲା। ଏଠାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇପାରିଲେ କୃଷି ସମ୍ବନ୍ଧୀୟ ଗବେଷଣା ସମ୍ଭବ ହେବ। ଏହି ଅଞ୍ଚଳ କମ୍ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ କମ ପାଣିରେ କିଭଳି ଚାଷ ହେବ ସେ ଉପରେ ଗବେଷଣା ହୋଇପାରିବ। ଏହାସହ ପଶୁ, ମତ୍ସ୍ୟ ପାଳନ ଦିଗରେ ନୂତନ କୌଶଳ ପ୍ରୟୋଗ ହୋଇପାରିବ। ବିଧାନସଭାରେ ତତ୍କାଳୀନ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପ୍ରାୟ ପ୍ରତ୍ୟେକ ଅଧିବେଶନରେ କୃଷି ବିଶ୍ୱବିଦ୍ୟାଳୟ ଦାବି କରିଆସୁଥିଲେ। କିନ୍ତୁ ତତ୍କାଳୀନ ବିଜେଡି ସରକାର ସେ ଦାବିକୁ ଅଣଦେଖା କରିଛି । ଏବେ ଭାଜପା କ୍ଷମତାରେ ଥିଲେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ବଲାଙ୍ଗୀରର ନ୍ୟାର୍ଯ୍ୟ ଦାବି ପ୍ରତି ଆଖି ଓ କାନ ବନ୍ଦ କରିଦେଇଥିବା ଅଭିଯୋଗ କରିଥିଲେ। ଭାଜପାର ସ୍ଥାନୀୟ ନେତାମାନେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ବଲାଙ୍ଗୀରରେ ଭିତ୍ତିଭୂମି ନାହିଁ ବୋଲି ଖବରଦାତା ସମ୍ମିଳନୀ କରିବା ପରିତାପର ବିଷୟ ବୋଲି ସମରେନ୍ଦ୍ର କହିଥିଲେ। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରା ନଗଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଭାରେ କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ।

ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ସଭା ସଂଯୋଜନା କରିଥିଲେ। ସଭାରେ କଂଗ୍ରେସ ନେତା ବୀରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ଦିଲୀପ ବେହେରା, ଉମାଶଙ୍କର ପଣ୍ଡା, ଅଜୟ ବାଲି, ରାମ ମିଶ୍ର, ରାମଜୀ ଚୌଧୁରୀ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଶ୍ରୀଧର ବାରିକ, ନାସିର ଖାନ, କାନ୍ତେ ପ୍ରଧାନ, ପପୁ ପାତ୍ର, ହୃଦାନନ୍ଦ ମାଝି, ଚିନ୍ମୟ ବେହେରା ସରକାରକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୀଷ ମିଶ୍ର, ସନ୍ତକ ବହିଦାର, ମୁକେଶ ଜୈନ, ଅସିତ ମିଶ୍ର, ବିପିନ କୁଶଲିଆ, ସରୋଜ ରଥ, ସବିତା ଶତପଥୀ, ଅନ୍ନପୂର୍ଣ୍ଣା ବଢିଆ, ଆରତିପ୍ରୀତି ନାଗ, କୈଳାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୁର୍ଡା ମା' ଦୁର୍ଗାପୂଜା ନୂତନ କମିଟି ଗଠିତ

ଲୋଇସିଂହା,୨୬।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ମା'ଦୁର୍ଗା ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ସଦସ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତବର୍ଷ ପୂଜାର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହାପରେ ଚଳିତବର୍ଷ ତଥା ୨୭ ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଶମ୍ଭୁପ୍ରସାଦ ସାହୁ(ଟିକୁ)ଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସରୋଜ କୁମାର ସାଥୁଆ ଉପସଭାପତି, ଦେବାନନ୍ଦ ସାହୁ ସମ୍ପାଦକ, ବ୍ୟୋମକେଶ ଥନାପତି ସହସମ୍ପାଦକ, ରାମଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ନୂତନ କମିଟି ପକ୍ଷରୁ ପୂଜାକୁ ଚଳିତବର୍ଷ ବହୁ ଆକର୍ଷଣୀୟ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏଥର ପୂଜାରେ ୪ ଦିନ ଧରି ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଫଟକରା ମା'ଦୁର୍ଗା କଳା ପରିଷଦର ଦକ୍ଷ କଳାକାର ଅନୀଲ କୁମାର ନାଏକ ଏଠାରେ ରାବଣ ଭୂମିକାରେ ଅଭିନୟ କରିବେ। ଏହାଛଡା ରାବଣ ପୋଡି ଉତ୍ସବ ଧୂମଧାମରେ ପାଳନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ଲକସ୍ତରୀୟ କୌଶଳ ବିକାଶ ପରାମର୍ଶ ଶିବିର

ଖପ୍ରାଖୋଲ,୨୬।୮(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଦକ୍ଷତା ବିକାଶ ପରାମର୍ଶ ଶିବିର ଜିଲା ପ୍ରଶାସନ ଓ ଓରମାସର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବିପିଏମ ପଙ୍କଜିନୀ ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବିପିସି ବିଭୁତି ଭୂଷଣ ମିଶ୍ର, ସାମାଜିକ କର୍ମୀ ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ତରଫରୁ ଗ୍ରାମାଞ୍ଚଳର ଇଚ୍ଛୁକ ଯୁବତୀଯୁବକ ମାନଙ୍କୁ ମାଗଣାରେ ଦକ୍ଷତା ବିକାଶ ପରାମର୍ଶ ଓ ତାଲିମ ପ୍ରଦାନ କରି ନିଯୁକ୍ତି ପ୍ରଦାନ ପାଇଁ ପ୍ରୟାସ ଜାରି ରହିଛି। ଏହି ଯୋଜନା ମାଧ୍ୟମରେ ଅନେକ ଯୁବତୀ ଯୁବକ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ଆତ୍ମନିଯୁକ୍ତି ସହିତ ରୋଜଗାରକ୍ଷମ ହୋଇ ପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱରର ସାହାନା ଓ ସୁନ୍ଦରଗଡ଼ର ନିଆନା ସଂସ୍ଥାର ପ୍ରତିନିଧିମାନେ ଯୁବତୀ ଯୁବକଙ୍କୁ ତାଲିମ ଓ ନିଯୁକ୍ତି ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ଶତାଧିକ ଯୁବତୀ ଯୁବକ ପରାମର୍ଶ ଶିବିରରେ ଯୋଗ ଦେଇଥିଲେ। ଏମବିକେ, ସିଆରପି ଯୋଗ ଦେଇଥିବା ବେଳେ ଓଏଲଏମ ବିଏଲସି ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଧାର ୫୫ ମୋବାଇଲ ମାଲିକଙ୍କୁ ଦିଆଗଲା

ସୋନପୁର,୨୬।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ମୋବାଇଲ ଚୋରି ହେବା ସହ ହଜିଥିବା ନେଇ ରିପୋର୍ଟ ହୋଇଥିଲା। ୨ ମାସ ଭିତରେ ଚୋରି ହୋଇଥିବା ମୋବାଇଲଗୁଡିକୁ ଉଦ୍ଧାର କରିବା ପାଇଁ ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଏହି କ୍ରମରେ ଜିଲାର ୭ଟି ଥାନା ପକ୍ଷରୁ ମୋଟ ୫୫ଟି ଆଣ୍ଡ୍ରଏଡ ମୋବାଇଲ ଉଦ୍ଧାର ହୋଇଥିଲା। ସେଗୁଡିକୁ ପ୍ରକୃତ ମାଲିକଙ୍କୁ ଦେବା ପାଇଁ ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମୋବାଇଲ ଫେରସ୍ତ ମେଳାର ଆୟୋଜନ ହୋଇଥିଲା। ଜିଲାର ଡୁଙ୍ଗୁରିପାଲି ଥାନା ଅଞ୍ଚଳରୁ ଚୋରି ହୋଇଥିବା ସର୍ବାଧିକ ୧୫ଟି ମୋବାଇଲ ପୋଲିସ ଉଦ୍ଧାର କରିଥିବା ବେଳେ ରାମପୁର ଥାନା ଅଞ୍ଚଳରୁ ୧୪ଟି, ବିନିକା ଥାନା ଅଞ୍ଚଳରୁ ୧୦ଟି, ତରଭା ଥାନା ଅଞ୍ଚଳରୁ ୮ଟି, ସୋନପୁର ଓ ବୀରମହାରାଜପୁର ଥାନା ଅଞ୍ଚଳରୁ ୩ଟି ଲେଖାଏଁ ଓ ଲଛିପୁର ଥାନା ଅଞ୍ଚଳରୁ ୨ଟି ଉଦ୍ଧାର ହୋଇଥିଲା। ଏସ୍‌ପି ନାରାୟଣ ନାୟକ ଏଥିରେ ଯୋଗଦାନ କରି ଜିଲା ପୋଲିସ ଅପରାଧ ଓ ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛି। ବେଆଇନ ନିଶା କାରବାର, ମାରଣାସ୍ତ୍ର ଚୋରାଚାଲାଣ, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା, ବେଆଇନ ମାଦକ ଦ୍ରବ୍ୟ ଚାଲାଣ, ପଡି ରହିଥିବା ଜାମିନ ବିହୀନ ଗିରଫ ପରୱାନା ଗୁଡିକୁ କାର୍ଯ୍ୟକାରୀ କରିବା ଓ ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ଅଭିଯାନ ଜାରି ରହିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ, ଡିଏସ୍‌ପି ପ୍ରତାପ ଚନ୍ଦ୍ର ରଣା, ରେଣୁକା ସୁନା, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓ, ଡୁଙ୍ଗୁରିପାଲି ଆଇଆଇସି ରୋଜାଲିନ ପଟେଲ, ବିନିକା ଆଇଆଇସି ସତ୍ୟନାରାୟଣ ପ୍ରଦାନ, ବୀରମହାରାଜପୁର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, ସୋନପୁର ଆଇଆଇସି ତାପସ କୁମାର ଭୋଇ, ସୁବଳୟା ଆଇଆଇସି ସୁଶାନ୍ତ ପ୍ରଧାନ, ଉଲୁଣ୍ଡା ଆଇଆଇସି ଲିଙ୍ଗରାଜ ସେଠୀ, ତରଭା ଆଇଆଇସି ଅନିତା କିଡୋ ଓ ଲଛିପୁର ଆଇଆଇସି ଭୋଜରାଜ ସା ପ୍ରମୁଖ ଉପସ୍ଥିତ ଥିଲେ।



ମେଳାରେ ଏସ୍‌ପି ଚୋରି ହୋଇଥିବା ମୋବାଇଲ ଫେରସ୍ତ ଦେଉଛନ୍ତି।

**ଅପରାଧ, ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା: ଏସ୍‌ପି**

# ବିସ୍ଫୋରକ ଫାଟି ହେଟାବାଘର ମୃତ୍ୟୁ

ଉଲୁଣ୍ଡା,୨୬।୮(ଗୌରଚନ୍ଦ୍ର ପରିଛା)

**ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବିଛାଯାଇଥିଲା**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧୀନ କଳାପଥର ନିକଟ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିସ୍ଫୋରକ(ଗୋଲା) ଫାଟି ଏକ ହେଟାବାଘର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ କେତେଜଣ ଲୋକ ଜଙ୍ଗଲକୁ ଯାଇଥିବାବେଳେ ଏକ ହେଟାବାଘ ଛଟପଟ ହେଉଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ହେଟା ବାଘର ମୁଁହ ଫାଟି ଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ରେଞ୍ଜର ଦେବରାଜ ଛତ୍ରିଆ ନିଜ ଟିମ୍ ସହ ପହଞ୍ଚି ହେଟାବାଘକୁ ଗୁରୁତର ଭାବରେ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହେଟାବାଘର ମୃତ୍ୟୁ ଘଟିଥିଲା। ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ଗୋଲା ବାଘ ଖାଇ ଦେବାରୁ ଫାଟିଯାଇ ମୁହଁ ନଷ୍ଟ ହୋଇଯାଇବା ତଦନ୍ତରୁ ଜଣାପଡ଼ିଥିଲା। ବନବିଭାଗ ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲରେ ପୋତି ଦେଇଥିଲା। ତେବେ କିଏ ଜଙ୍ଗଲରେ ଗୋଲା ଲଗାଇଥଲା ସ୍ପଷ୍ଟ ହୋଇ ନଥିବା ବେଳେ ବନବିଭାଗ ଟିମ ତଦନ୍ତ ଜରିରଖିଛି। ଏନେଇ ରେଞ୍ଜର ଦେବରାଜ ଛତ୍ରିଆଙ୍କୁପଚାରିବାରୁଘଟଣାର ତଦନ୍ତ ଜାରି ରହିଛି ବୋଲି କହିଥିଲେ।

# ଆମ ଶାସନ କାର୍ଯ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲରେ ମଙ୍ଗଳବାର ଆମ ଶାସନ କାର୍ଯ୍ୟକ୍ରମର ଶୁଭାରମ୍ଭ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏହି ସମୟରେ ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ମଙ୍ଗଳବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ପ୍ରଥମେ ସେ ମାର୍ଦିଙ୍ଗ ଅଙ୍ଗନୱାଡି କେନ୍ଦ୍ର, ବଡବନ୍ଧ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା, ନଥିପତ୍ର ଯାଞ୍ଚ କରିବା ସହ ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଲୁଣିବାହାଲ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରମାନଙ୍କ ସହ ବାର୍ତ୍ତାଳାପ କରି ରୋଷେଇ ଗୃହ, ଶୌଚାଳୟ, ମଧ୍ୟାହ୍ନ ଭୋଜନ ମାନ ପରଖିଥିଲେ। ଏହାପରେ ସଦସ୍ୟା ଦାସ ବୀରନରସିଂହପୁର ଶିଶୁ ଗୃହ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଉପରେ ତର୍ଜମା କରିଥିଲେ। ଏହାପରେ ସେ ସର୍କିଟ ହାଉସରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲିକ, ପ୍ରେଗାମ ଅଫିସର ସନ୍ତୋଷିନୀ ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡାମଣି ବାରିକ, ପ୍ରମୋଦ ସାହୁ, ପ୍ରିୟଦର୍ଶନ ପୁରୋହିତ, ଧନଞ୍ଜୟ ଖମାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ।


ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା।

# ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ

ଟିଟିଲାଗଡ଼,୨୬।୮(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କାପସିଭଟା ଗ୍ରାମ ଠାରେ ଶଗଡ଼ଘାଟ ଭାଜପା ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ଶ୍ରୀବତ୍ସ ବେହେରା ସମାବେଶରେ ଯୋଗଦେଇ ଶଗଡ଼ଘାଟ ମଣ୍ଡଳ ସଭାପତି, ୬ ଜଣ ଲେଖାଏ ମଣ୍ଡଳ ଉପସଭାପତି ଓ ସମ୍ପାଦକ, କୋଷାଧ୍ୟକ୍ଷ, ୭ଟି ବିଭିନ୍ନ ମୋର୍ଚ୍ଚାର ମୁଖ୍ୟଙ୍କ ସମେତ ୬୧ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟା ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସମସ୍ତ ଭାଜପା କର୍ମୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଳ ସ୍ତରରେ ପହଞ୍ଚାଇବାକୁ ଜିଲା ସଭାପତି ଆହ୍ୱାନ କରିଥିଲେ। ସମାବେଶରେ ମଞ୍ଚାସୀନ ବଲାଙ୍ଗୀର ଏମ୍‌ପିଙ୍କ ଟିଟିଲାଗଡ଼ ନଗର ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ବ୍ଲକ ପ୍ରତିନିଧି ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଟିଟିଲାଗଡ଼ ଭାଜପା ନଗର ସଭାପତି ସୁନିଲ ଆଚାର୍ଯ୍ୟ, ଉପସଭାପତି ଲିଙ୍ଗରାଜ ନାୟକ ଭାଜପା ହିଁ ଦେଶର ବିକାଶ ପାଇଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ବରିଷ୍ଠ ନେତା ବିଦୁର ବେହେରା, ଜୀବର୍ଦ୍ଧନ ଖରସେଲ, ସଚିକାନ୍ତ ବେହେରା, ଚିନ୍ତାମଣି ସାହୁ, ବିପିନ ଠାକୁରଙ୍କ ସମେତ ଶତାଧିକ ପୁରୁଷ ତଥା ମହିଳା କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ମଣ୍ଡଳରେ ବୁଥରେ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଦଳୀୟ ନେତା ସମାବେଶରେ ସଂକଳ୍ପ ନେଇଥିଲେ।

# ଗଙ୍ଗାରାମ ବୁଡେକ୍‌ଙ୍କୁ ପୁଣି ବିଡିଓ ଭାବେ ନିଯୁକ୍ତି

ସୋନପୁର,୨୬।୮(ମୃତ୍ୟୁଞ୍ଜୟ ଶତପଥୀ)

**ତରଭାରେ ଭାଜପା-ବିଜେଡି ବଳ କଷାକଷି ଚର୍ଚ୍ଚା**

ରାଜ୍ୟ ସରକାର ଓଏଏସ୍ ଅଧିକାରୀଙ୍କ ସ୍ତରରେ ମଙ୍ଗଳବାର ଅଦଳବଦଳ କରିଛନ୍ତି। ଏହି କ୍ରମରେ ଗଙ୍ଗାରାମ ବୁଡେକ୍‌ଙ୍କୁ ସୁବର୍ଣ୍ଣପୁର ଜିଲାର ତରଭା ବିଡିଓ ଭାବେ ନିଯୁକ୍ତି ମିଳିଛି। ତାଙ୍କ ନିଯୁକ୍ତିକୁ ନେଇ ନାନା ଆଲୋଚନା ଚାଲିଛି। ଏହା ଭାଜପା ଓ ବିଜେଡି ମଧ୍ୟରେ ବଳ କଷାକଷି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ ୨୦୨୪ ଡିସେମ୍ବରରେ ଗଙ୍ଗାରାମଙ୍କୁ ତରଭା ବିଡିଓ ଭାବେ ନିଯୁକ୍ତି ମିଳିଥିଲା। ସେ କାର୍ଯ୍ୟରେ ଯୋଗଦେବା ପରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବ୍ଲକର ସହକାରୀ ଯନ୍ତ୍ରୀ, ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ କର୍ମଚାରୀଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ। ଅଭିଯୋଗକ୍ରମେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅନ୍ୟ ବ୍ଲକକୁ ବଦଳି ହୋଇଥିଲା। ଏହା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। ମଝିରେ ସେ ୨ ମାସ ପାଇଁ ଟ୍ରେନିଂରେ ଯାଇଥିଲେ। ତେବେ ଜୁନ୍ ୨୯ରେ ତାଙ୍କର ପଞ୍ଚାୟତିରାଜ ବିଭାଗରୁ ରାଜସ୍ୱ ବିଭାଗକୁ ବଦଳି ହୋଇଥିଲା। ଜୁଲାଇ ୧୭ରେ ତାଙ୍କର ସେଣ୍ଟ୍ରାଲ ରିଲିଭ୍ ହୋଇଥିଲେ ମଧ୍ୟ ସେ ପୂର୍ବଭଳି କାର୍ଯ୍ୟରତ ଥିଲେ। ବିଡିଓଙ୍କର ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ କିଛି ସମିତି ସଭ୍ୟଙ୍କ ସହ ଭଲ ସମ୍ପର୍କ ନ ଥିଲା। ତାଙ୍କ ବିରୋଧରେ ଅଭିଯୋଗ ଆସୁଥିଲା ବେଳେ ସେ ଭୃକ୍ଷେପ କରୁ ନ ଥିଲେ। ବିଡିଓଙ୍କୁ ବିଜେଡିର ଲୋକ ପ୍ରତିନିଧି ବିରୋଧ କରୁଥିବା ବେଳେ ଭାଜପା ନେତୃତ୍ୱ ସମର୍ଥନ କରୁଥିବା ଚର୍ଚ୍ଚା ଲାଗି ରହିଥିଲା। ତେବେ ଅଗଷ୍ଟ ୧୩ରେ ଏବିଡିଓ ନିରଞ୍ଜନ ନାଏକଙ୍କୁ ସେ ଦାୟିତ୍ୱ ହସ୍ତାନ୍ତର କରି ତରଭା ବ୍ଲକରୁ ରିଲିଭ୍ ହୋଇଥିଲେ। ତେବେ ସରକାର ଗଙ୍ଗାରାମଙ୍କୁ ରାଜସ୍ୱ ବିଭାଗରୁ ପଞ୍ଚାୟତିରାଜ ବିଭାଗକୁ ଆଣିବା ସହ ରିଲିଭ୍ ହେବାର ୧୨ ଦିନ ପରେ ପୁନଃ ତରଭା ବିଡିଓ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତିକୁ ନେଇ ସୋସିଆଲ ମିଡିଆରେ କଥା କଟାକଟି ଚାଲିଥିବା ଦେଖିବାକୁ ମିଳିଛି। ଆସନ୍ତା ଦିନରେ ଏନେଇ ବିବାଦ ବଢିବ ବୋଲି ଆଶଙ୍କା ପ୍ରକାଶ ପାଇଛି।


ଗଙ୍ଗାରାମ ବୁଡେକ୍।

# ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ

ବାଉଁଶୁଣୀ,୨୬।୮(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଗଣେଶ ପୂଜା ପାଳନକୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ଥାନା ଆଇଆଇସି ସାରଦା ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଞ୍ଚଳର ବିଭିନ୍ନ ଗଣେଶ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗଣେଶ ପୂଜା ପାଳନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଉଚ୍ଚଶବ୍ଦରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା, ଡିଜେ ବ୍ୟବହାର ନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା।


ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା।

# ଯୁବୋଦୟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ବଲାଙ୍ଗୀର,୨୬।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯୁବୋଦୟ ପକ୍ଷରୁ ସୋମବାର ବୃକ୍ଷରୋପଣ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଆଇସିଟିଇ ଏବଂ ଭାରତ ସରକାରଙ୍କ 'ଏକ ପେଡ଼ ମା' କେ ନାମ୍ ୨.୦' ଅଭିଯାନର ବ୍ୟାନର ଅଧୀନରେ ବଲାଙ୍ଗୀର ସକମାସ୍ଥିତ ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜି (ୱାଇସିଏଟି) ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାଇସିଏଟିର ବିସିଏ ଓ ବିବିଏ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ କାର୍ବନ ଫୁଟପ୍ରିଣ୍ଟ, ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶ ସମସ୍ୟା ବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଯୁବୋଦୟ କ୍ୟାମ୍ପସ ଓ ସକମା ଗାଁର ବିଭିନ୍ନ ସ୍ଥାନରେ ଏହି ବୃକ୍ଷରୋପଣ କରାଯାଇଥିଲା। ପ୍ରତିବର୍ଷ ଯୁବୋଦୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଆସୁଛି। ଚଳିତବର୍ଷ ଅଧ୍ୟକ୍ଷଙ୍କ ନେତୃତ୍ୱରେ ରେଡ୍‌କ୍ରସର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଛାତ୍ରୀଛାତ୍ରମାନଙ୍କୁ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିବା ସହ ଦାୟିତ୍ୱବାନ୍ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ।


ଚାରାରୋପଣ ପାଇଁ ଛାତ୍ରୀଛାତ୍ରମାନେ ଚାରା ନେଇ ଯାଉଛନ୍ତି।

# ଟାଉନ ଆଥ୍‌ଲେଟିକ୍, ଗେହ୍ଲା ମା' କ୍ଲବ ବିଜୟୀ


ପଡିଆରେ ଉପସ୍ଥିତ ଖେଳାଳି ଓ ଅତିଥି।

ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)

**ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ**

ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବୌଦ୍ଧଗଡ ଏନ୍ଏସି ପକ୍ଷରୁ ଜିଲା ଷ୍ଟାଡିୟମରେ ଚାଲିଥିବା ଏନ୍ଏସିସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ଟାଉନ ଆଥ୍‌ଲେଟିକ୍ ଓ ଜୟ ବୈରବୀ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ଟାଉନ ଆଥ୍‌ଲେଟିକ୍ ୮-୦ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଲାଇନରେ ସୁବ୍ରତ କୁମାର ପୁରୋହିତ ଓ ବଳରାମ ବେହେରା ସହଯୋଗ କରିଥିଲେ। ଚତୁର୍ଥ ରେଫରି ଅମିତ ନାୟକ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଗେହ୍ଲା ମା' କ୍ଲବ ନୁଆସାହି ଓ ଆଟିଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗେହ୍ଲା ମା' କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଅମିତ କୁମାର ନାୟକ ଖେଳ ପରିଚାଳନା କରିଥିବାବେଳେ ଲାଇନରେ ସଲୀଳ ବେହେରା ଓ ବଳରାମ ବେହେରା ସହଯୋଗ କରିଥିଲେ। ଏହି ଖେଳରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ଦେହୁରୀ ଏବଂ ଅବସରପ୍ରାପ୍ତ ଫୁଟବଲ ଖେଳାଳି ଯୁଧିଷ୍ଠିର ଓରାମ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରିତ୍ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍ଏସି କର୍ମଚାରୀ ଓ ଯୁବ ଖେଳାଳି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଉଠାଜଳସେଚନ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଯୋଗଦାନ



**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ):** ଓଡିଶା ଉଠାଜଳସେଚନ ବିଭାଗ ରାଉରକେଲାର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଭାବେ ଅମୃତ କୁମାର ବାଘ ମଙ୍ଗଳବାର ଯୋଗଦାନ କରିଛନ୍ତି। ଏହାର ପୂର୍ବରୁ ବାଘ ବାରିପଦା ଉଠାଜଳସେଚନ ବିଭାଗରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ରାଉରକେଲା ଉଠା ଜଳସେଚନ ବିଭାଗ ଅଧୀନ କୁଆଁରମୁଣ୍ଡା, ବିଶ୍ରା ଓ ନୂଆଗାଁ ବ୍ଲକ ଅଞ୍ଚଳର ଚାଷୀମାନେ କିଭଳି ଉଠାଜଳସେଚନରୁ ଅଧିକ ସୁବିଧା ପାଇପାରିବେ ସେ ଦିଗରେ ସରକାରଙ୍କ ଯୋଜନାର ସଫଳ ରୂପାୟନ କରାଯିବ ବୋଲି ବାଘ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ବିଦ୍ୟାଳୟ କିରାଣି ମୃତ

**ଲାଠୋର,୨୬।୮(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମ ବନ୍ଧିଆ ଜୋର(ପୋଲ) ଠାରେ ମଙ୍ଗଳବାର ଏକ ମାଲବାହୀ ଟ୍ରକ ଧକ୍କାରେ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କିରାଣି ଚନ୍ଦ୍ରମଣି ଭଇଁସାଲ (୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଲାଠୋର ତଳିପଡ଼ା ଗ୍ରାମରେ। ଏହାଛଡା ଉକ୍ତ ଟ୍ରକ ପଛରେ ଆସୁଥିବା ଏକ ବାଇକ୍ ସେଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ବାଇକ୍‌ରେ ଆସୁଥିବା ଆହତ ଦୁଇ ଯୁବକ ହେଲେ ତୁରେକେଲା ଥାନା ଅଧୀନ ଗଇନ୍ଦିମାଲ ଗ୍ରାମର ଉଗ୍ରେସନ ଭୋଇ ଏବଂ କୁରେଶ୍ୱର ପରାଭୁଏ। ଉଭୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନ ୧ଟାରେ ଚନ୍ଦ୍ରମଣି ନିଜ ବାଇକ୍ (ନଂ ଓଡ଼ି-୦୩-ୱାଇ-୯୧୫୦)ଯୋଗେ ବିଦ୍ୟାଳୟରୁ ଘରକୁ ଖାଇବାକୁ ଯାଉଥିଲେ। ଏହି ସମୟରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ(ନଂ ସିଜି-୦୪-ଏଚଜେଡ- ୧୧୭୬) ବିଦ୍ୟାଳୟ ନିକଟ ବନ୍ଧିଆ ଯୋର ପାଖ ଏକ ଦୋକାନ ସମ୍ମୁଖରେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଚନ୍ଦ୍ରମଣିଙ୍କ ବଡ ଭାଇ ଜଗନ୍ନାଥ ଭଇଁସାଲ ଲାଠୋର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୧୬୦/୨୫) ରୁଜୁ କରି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ତାଙ୍କ ସ୍ତ୍ରୀଙ୍କୁ ବିଦ୍ୟାଳୟରେ ଚାକିରି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଚନ୍ଦ୍ରମଣିଙ୍କ ବିୟୋଗରେ ବିଦ୍ୟାଳୟ ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ, ଏମ୍‌ପି ନୋମିନି ସନ୍ତୋଷ ଭଇଁସାଲ, ଅଧକ୍ଷ ବଳଭ୍ରଦ ଦାଶ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ଜାତୀୟ ସାମାଜିକ ଆଇକନ ସମ୍ମାନ ପାଇବେ ଯଶୋବନ୍ତ

**ଭବାନୀପାଟଣା,୨୬।୮(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ତିଳଯୋଡି ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଜାତୀୟ ସାମାଜିକ ଆଇକନ ସମ୍ମାନ ପାଇବା ନେଇଁ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ଆସନ୍ତା ୨୯ତାରିଖରେ ରାଜସ୍ଥାନର ଜୟପୁରଠାରେ ସମାରୋହ ଅନୁଷ୍ଠିତ ହେବ। ସମାଜସେବା, ପରିବେଶ ସୁରକ୍ଷା, ଶିକ୍ଷାରେ ସମାନ ସୁଯୋଗ ଏବଂ ଅବହେଳିତ ବର୍ଗର ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସୋସିଆଗ୍ରାମ ଫାଉଣ୍ଡେଶନ ପକ୍ଷରୁ ଏହାକୁ ଆୟୋଜନ କରାଯାଉଥିବାବେଳେ ଦେଶର ୧୫ ଜଣ ଯୁବ ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ସାରା ଭାରତ ବର୍ଷରୁ ୨୩୦ ଜଣ ନାମାଙ୍କନ ଗ୍ରହଣ କରାଯାଇଥିଲା। ଏଥିରୁ ଯଶୋବନ୍ତଙ୍କୁ ଓଡ଼ିଶା ରାଜ୍ୟରୁ ମନୋନୀତ କରାଯାଇଥିଲା।

# ଲଗାଣ ବର୍ଷାରେ ଘର ଭୁଶୁଡ଼ି ପଡ଼ିଲା

## ଖୋଲା ଆକାଶ ତଳେ ଶ୍ରମିକ ପରିବାର

**ବନ୍ଧମୁଣ୍ଡା, ୨୬।୮(ସୁବ୍ରତ ଦେ)**



ଲଗାଣ ବର୍ଷାରେ ଘର ଭୁଶୁଡ଼ି ପଡ଼ିଛି।

ଗତ ପାଞ୍ଚ ଦିନ ଧରି ହେଉଥିବା ଲଗାଣ ବର୍ଷା ଯୋଗୁ ବନ୍ଧମୁଣ୍ଡାର ବି-ସେକ୍ଟର ସ୍ଥିତ ଚୁଡିବସ୍ତିର ବାସିନ୍ଦା ଘାସି ପଟେଲଙ୍କ ଘର ମଙ୍ଗଳବାର ସକାଳେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ଏହି ଘଟଣା ପରେ ଘାସି ପଟେଲ ତାଙ୍କ ପରିବାର ସହିତ ଖୋଲା ଆକାଶ ତଳେ ରହିବାକୁ ବାଧ ହୋଇଛନ୍ତି। ଘାସିଙ୍କ ଘର ଗତ ଜୁଲାଇ ୬ ତାରିଖ ରାତିରେ ହିଁ ଭାଙ୍ଗିବା ଆରମ୍ଭ ହୋଇ ଯାଇଥିଲା। ଜୁଲାଇ ୬ ରାତିରେ ହୋଇଥିବା ପ୍ରବଳ ବର୍ଷା ଯୋଗୁ ଘାସିଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲା। ସେହି ସମୟରେ ତାଙ୍କ ଘରର ଗୋଟିଏ କାନ୍ଥ ଭାଙ୍ଗି ପଡ଼ିଥିଲା। କିନ୍ତୁ ତାଙ୍କୁ ପ୍ରଶାସନିକ ସ୍ତରରେ କୌଣସି ପ୍ରକାର ସାହାଯ୍ୟ ମିଳି ନ ଥିଲା। ଯାହାର ୫୦ ଦିନ ପରେ ମଙ୍ଗଳବାର ସକାଳେ ବର୍ଷା ଯୋଗୁ ତାଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘାସି ପଟେଲ ବୃତ୍ତିରେ ଜଣେ ଶ୍ରମିକ। ସେ କୌଣସି ପ୍ରକାରେ ଦିନ ମଜୁରିଆ ଭାବରେ କାମ କରି ତାଙ୍କ ପରିବାରର ପେଟ ପୋଷନ୍ତି। ଏପରି ପରିସ୍ଥିତିରେ, ଏବେ ତାଙ୍କ ମୁଣ୍ଡ ଉପରୁ ଛାତ ହରାଇବା ତାଙ୍କ ପାଇଁ ଏକ ବଡ଼ ଆଘାତ ହୋଇଛି। ସେ କହିଛନ୍ତି ଯେ, ସେ ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ଅନେକ ଥର ସାହାଯ୍ୟ ପାଇଁ ନିବେଦନ କରିଛନ୍ତି, କିନ୍ତୁ କେବଳ ପ୍ରତିଶ୍ରୁତି ହିଁ ମିଳିଛି।

# ଡାଲମିଆ କଲେଜରେ ବନ୍ଧୁକ ଦେଖାଇ ଛାତ୍ରଙ୍କୁ ଧମକ


**କୁତ୍ରା, ୨୬।୮ (ଦେବାଶିଷ ସାହୁ)**

କଲେଜରେ ଛୋଟ ଝଗଡ଼ାରୁ ଆରମ୍ଭ ହୋଇ ଶେଷରେ ବନ୍ଧୁକ ଦେଖାଇବା ପର୍ଯ୍ୟନ୍ତ କଥା ପହଞ୍ଚିଲା । ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ କଲେଜରେ। ମଙ୍ଗଳବାର କଲେଜ ଶ୍ରେଣୀ ଗୃହରେ ରାଜଗାଙ୍ଗପୁର ସିଙ୍ଗିପଡାର ଅଭୟ ପଣ୍ଡିତ (୧୯) ଶ୍ରେଣୀ ଗୃହରେ ବସିଥିବା ବେଳେ ପଛପଟୁ କେହି ଜଣେ ତାଙ୍କ ଉପରକୁ ଚଖଡି ଫିଙ୍ଗି ଥିଲେ। ପରେ ସେ ଉଠି କିଏ ଚଖଡି ଫିଙ୍ଗିଲ ବୋଲି ପଚାରିବାରୁ ଜନୈକ ଛାତ୍ରଙ୍କ ସହିତ କଥା କଟାକଟି ହେବା ସହିତ ଝଗଡ଼ା ହୋଇ ବାହାରକୁ ଚାଲ ଦେଖୁଛି ବୋଲି ଅଭୟଙ୍କୁ କହିଥିଲେ। ପରେ ବାହାରକୁ ଗଲାପରେ ଅଭୟଙ୍କୁ କଲେଜର ୧୫--୨୦ ଜଣ ଛାତ୍ର ଘେରିଯାଇଥିବା ବେଳେ ତେତେଜଣ ଯୁବକ ସ୍କର୍ପିଓରେ ଆସି ଅଭୟକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ଦେଶୀ ବନ୍ଧୁକ ବାହାର କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଅଭୟ ସେଠୁ ପଳେଇବାରେ ସକ୍ଷମ ହୋଇ କୁତ୍ରା ଥାନାକୁ ଯାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ହସ୍ପିଟାଲ ଛାତରୁ ଖସି ରୋଗୀଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୨୬।୮(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲର ତିନି ମହଲା କୋଠା ଛାତରୁ ଖସି ମଙ୍ଗଳବାର ପ୍ରତ୍ୟୁଷରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନିଲ ସୋରେଙ୍ଗ (୩୦)। ତାଙ୍କ ଘର ସବ୍‌ଡେଗା ବ୍ଲକ ରାଜପୁର ପଞ୍ଚାୟତ ଡାଇନିଡିହି ଗ୍ରାମରେ। ୨୪ତାରିଖରେ ସେ ହସ୍‌ପିଟାଲରେ ଭର୍ତ୍ତିହୋଇ ୧୮ନମ୍ବର ଶଯ୍ୟାରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କର ମାର୍ଗୀ ରୋଗ ଥିଲା। ଭୋର୍ ପ୍ରାୟ ୫ଟାରେ ଶଯ୍ୟାରୁ ଉଠି ଝରକା ଖୋଲି ଛାତକୁ ପଳେଇ ଯାଉଥିଲେ। ପଛରୁ ତାଙ୍କ ମା' ଯାଉଥିବାବେଳେ ସେ ଭାରସାମ୍ୟ ହରାଇ ଛାତରୁ ପଡ଼ିଯାଇଥିଲେ। ତଳକୁ ନ ପଡ଼ି ଛାତରେ ଅଧଘଣ୍ଟା ଯାଏ ଲଟକି ବଞ୍ଚାଇବା ପାଇଁ ପାଟି କରିଥିଲେ। ତାଙ୍କ ମା' ଏକୁଟିଆ ନିରୁପାୟ ହୋଇଯାଇଥିଲେ। କିନ୍ତୁ ମେଡିକାଲର କୌଣସି କର୍ମଚାରୀ କି ଅଧିକାରୀ ପହଞ୍ଚି ନ ଥିଲେ। ଶେଷରେ ହାତ ଖସି ଯାଇଥିଲା ଓ ସିଧା ତଳକୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ମା' ଇଲିସାବା ସୋରେଙ୍ଗ କହିଛନ୍ତି। ଏହାପରେ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇ ତଦନ୍ତ ଆରମ୍ଭ କରିଛି। ଟାଉନ ଥାନାରେ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪୩/୨୦୨୫) ରୁଜୁ କରିଛି। ଖୋଲା ଝରକା ଓ ସୁରକ୍ଷା ଅଭାବରୁ ଏଭଳି ଏକ ଘଟଣା ଘଟିଥିବା ନେଇ ପୋଲିସ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିବା ଓ ଆଗକୁ ଏଭଳି ଦୁର୍ଘଟଣା ଯେଭଳି ନ ଘଟେ ସେ ଦିଗରେ ପଦକ୍ଷେପ ନିଆଯିବାକୁ କୁହାଯାଇଛି ବୋଲି ଟାଉନଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ**



## ବିସ୍ଫୋରକ ଫାଟି ହେଟାବାଘର ମୃତ୍ୟୁ

**ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବିଛାଯାଇଥିଲା**

**ଉଲୁଣ୍ଡା,୨୬।୮(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧୀନ କଳାପଥର ନିକଟ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିସ୍ଫୋରକ(ଗୋଲା) ଫାଟି ଏକ ହେଟାବାଘର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ କେତେଜଣ ଲୋକ ଜଙ୍ଗଲକୁ ଯାଇଥିବାବେଳେ ଏକ ହେଟାବାଘ ଛଟପଟ ହେଉଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ହେଟା ବାଘର ମୁହଁ ଫାଟି ଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ରେଞ୍ଜର ଦେବରାଜ ଛତ୍ରିଆ ନିଜ ଟିମ୍ ସହ ପହଞ୍ଚି ହେଟାବାଘକୁ ଗୁରୁତର ଭାବରେ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହେଟାବାଘର ମୃତ୍ୟୁ ଘଟିଥିଲା। ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ଗୋଲା ବାଘ ଖାଇ ଦେବାରୁ ଫାଟିଯାଇ ମୁହଁ ନଷ୍ଟ ହୋଇଯାଇବା ତଦନ୍ତରୁ ଜଣାପଡ଼ିଥିଲା। ବନବିଭାଗ ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲରେ ପୋତି ଦେଇଥିଲା । ତେବେ କିଏ ଜଙ୍ଗଲରେ ଗୋଲା ଲଗାଇଥଲା ସ୍ପଷ୍ଟ ହୋଇ ନଥିବା ବେଳେ ବନବିଭାଗ ଟିମ ତଦନ୍ତ ଜରିରଖିଛି। ଏନେଇ ରେଞ୍ଜର ଦେବରାଜ ଛତ୍ରିଆଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଥିଲେ।

# ବିଜେଡି ପକ୍ଷରୁ ନୂତନ ଏସ୍‌ପିଙ୍କୁ ସ୍ୱାଗତ



ବିଜୁ ଜନତା ଦଳର ବରିଷ୍ଠ ନେତାମାନେ ଏସ୍‌ପିଙ୍କୁ ସ୍ୱାଗତ କରୁଛନ୍ତି।

**ସୁନ୍ଦରଗଡ଼,୨୬।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ରେ ନୂଆ ଏସ୍‌ପି ଭାବେ ଯୋଗ ଦେଇଥିବା ଅମ୍ରିତପାଲ କୌରଙ୍କୁ ମଙ୍ଗଳବାର ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନୂତନ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅମ୍ରିତପାଲ କୌରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ନୂତନ ଏସପିଙ୍କ ସହିତ ଜିଲାରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଆଲୋଚନା କରିଥିଲେ। ପ୍ରତିଉତ୍ତରରେ ଏସପି ଅମ୍ରିତପାଲ କୌର ଏଦିଗରେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଏହି ଆଲୋଚନା ସମୟରେ ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ନେତା ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର କୈଳାସ ତନ୍ତି ଏବଂ ଯୁବ ବିଜେଡି ନେତା ପଙ୍କଜ ଶ୍ରେଷ୍ଠ ଉପସ୍ଥିତ ଥିଲେ।

# ବ୍ଲାଷ୍ଟ ଫର୍ନେସ-୫ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ଭୂମିପୂଜନ




ସମାରୋହରେ ଉପସ୍ଥିତ ସିଜିଏମ୍ ଓ ଜିଏମ୍।

**ରାଉରକେଲା,୨୬।୮(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ନେସ ନମ୍ବର-୫ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ଭୂମିପୂଜନ ସମାରୋହ ମଙ୍ଗଳବାର ବ୍ଲାଷ୍ଟ ଫର୍ନେସ-୫ ପ୍ରକଳ୍ପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲାଷ୍ଟ ଫର୍ନେସ ବିଭାଗର ସିଜିଏମ୍ ସୁମିତ କୁମାର, ରିଫ୍ରାକ୍ଟୋରି ବିଭାଗର ସିଜିଏମ ଏସ୍.ଏସ୍. ପଣ୍ଡା, ପ୍ରକଳ୍ପ ବିଭାଗର ସିଜିଏମ ଡି. କେ. ସାହୁ ଓ ରାହୁଲ ଅଗ୍ରୱାଲ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ ଅଶ୍ୱିନୀ କୁମାର ସାହୁ ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ ଇଣ୍ଡିଆ ଲିମିଟେଡ ସହିତ ମିଳିତ ଭାବେ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପର ମୋଟ ମୂଲ୍ୟ ୧୦୬.୪୮କୋଟି ଟଙ୍କା ରହିଛି ଏବଂ ସମାପ୍ତି ସମୟସୀମା କାର୍ଯ୍ୟକାରୀ ତାରିଖରୁ ୨୦ମାସ ଧାର୍ଯ୍ୟ ହୋଇଛି। ଚତୁର୍ଥ ଷ୍ଟୋଭର ସ୍ଥାପନା ବ୍ଲାଷ୍ଟ ଫର୍ନେସ ନମ୍ବର-୫ର ଦକ୍ଷତା ଏବଂ ଉତ୍ପାଦକତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଯାହା ସେଲ୍‌ର ସାମଗ୍ରିକ ଇସ୍ପାତ ଉତ୍ପାଦନ କ୍ଷମତାରେ ଆର୍‌ଏସ୍‌ପିର ଅବଦାନକୁ ଆହୁରି ସମୃଦ୍ଧ କରିବ। ଏହା ବିସ୍ତୃତ ଆଧୁନିକୀକରଣ ଯୋଜନା ଅନୁଯାୟୀ ବିଦ୍ୟମାନ ଷ୍ଟୋଭର ପର୍ଯ୍ୟାୟକ୍ରମେ ଉନ୍ନତୀକରଣକୁ ମଧ୍ୟ ସକ୍ଷମ କରିବ। ଏହି ସହଯୋଗ ସେଲ୍‌ର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମାଧାନ ଗ୍ରହଣ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଇସ୍ପାତ କ୍ଷେତ୍ରକୁ ସୁଦୃଢ କରିବାର ଏହାର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖୁଛି।

## ଆମ ଶାସନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ବୌଦ୍ଧ,୨୬।୮(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲରେ ମଙ୍ଗଳବାର ଆମ ଶାସନ କାର୍ଯ୍ୟକ୍ରମର ଶୁଭାରମ୍ଭ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏହି ସମୟରେ ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଳିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାପପୁଅଙ୍କ ନାଁରେ ମାମଲା ରୁଜୁ

**ପୌର କାର୍ଯ୍ୟାଳୟରେ ମହିଳା କର୍ମଚାରୀ ଓ ନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ ଘଟଣା**

**ସୁନ୍ଦରଗଡ଼,୨୬।୮(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପୌରକାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀ ଓ ନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ ଓ ଅଶାଳୀନ ବ୍ୟବହାର ଘଟଣାରେ ସହରର ଜଣେ ଜଣାଶୁଣା ବ୍ୟବସାୟୀ ଅନୀଲ ଅଗ୍ରୱାଲ ଓ ତାଙ୍କ ପୁଅ ଅନିରୁଦ୍ଧ ଅଗ୍ରୱାଲଙ୍କ ବିରୋଧରେ ଟାଉନଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏ ନେଇ ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ପୌର ପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀଙ୍କ ଏତଲା ଉପରେ ପୋଲିସ ଟାଉନ ଥାନାରେ ଏକ ମାମଲା (ନଂ. ୩୬୩/୨୦୨୫) ରୁଜୁ କରିଛି। ବ୍ୟବସାୟୀ ବାପପୁଅଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ,ଏହି ବ୍ୟବସାୟୀ ବାପ ପୁଅ ଗତ ୨୨ତାରିଖ ସନ୍ଧ୍ୟାରେ ପୌରପାଳିକା କାର୍ଯ୍ୟାଳୟକୁ ଯାଇ ଏକ କୋଠାର ପ୍ଲାନିଂ ମଞ୍ଜୁରରେ ବିଳମ୍ବକୁ ନେଇ ପୌର ମହିଳା କର୍ମଚାରୀ ଅଙ୍କିତା ରାଉତ ଓ ପୌରନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ଏ ସମ୍ପର୍କରେ ସୋମବାର ପୌରାଧକ୍ଷା ତନୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୌରପରିଷଦ ବୈଠକରେ ଏହି ଘଟଣାକୁ ଗମ୍ଭୀରତା ର ସହ ନେଇ ଏଭଳି ଘଟଣାକୁ ଦୃଢ ନିନ୍ଦା କରାଯାଇଥିଲା। ଏପରିକି ଏହି ଘଟଣା ପରେ ପୌର କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପରିଷଦ ବୈଠକରେ ସହମତି ପ୍ରକାଶ ପାଇଥିଲା।

# ବଣାଇକୁ ଏନ୍‌ଏସି ଘୋଷଣା ନେଇ ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେବାକୁ ଯାଉଛନ୍ତି: ଜୁଏଲ

**ବଣାଇଁ, ୨୬।୮(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ସଦର ମହକୁମା ବଣାଇଁକୁ ପୂର୍ବ ସରକାର ଏନ୍‌ଏସି ଘୋଷଣା କରିଥିଲେ ହେଁ ନୂଆ ସରକାର ଇତିମଧ୍ୟରେ ନୂତନ ଏନଏସି ତାଲିକାରେ ୧୨ଟି ସହରକୁ ରଖି ଆଉ ୯ଟି ସହର ଦ୍ୱିତୀୟ ପର୍ଯ୍ୟାୟରେ କରାଯିବ ବୋଲି ପ୍ରକାଶ କରିଛନ୍ତି। ଉଭୟ ତାଲିକାରେ ବଣାଇଁର ନାମ ନ ଥିବାରୁ ବଣାଇ ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀଙ୍କ ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିଥିଲା । ବଣାଇଁ ଅଞ୍ଚଳର ନେତା ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ବଣାଇବାସୀ ସାକ୍ଷାତ କରିଥିଲେ। ବଣାଇକୁ ଏନଏସି ମାନ୍ୟତା ନେଇ ତାଙ୍କ ହସ୍ତକ୍ଷେପ ଦାବି କରିଥିଲେ। ମଙ୍ଗଳବାର ଜୁଏଲ ଏକ ପ୍ରେସ ବିବୃତିରେ ଖୁବ ଶୀଘ୍ର ବଣାଇକୁ ଏନଏସି ମାନ୍ୟତା ପ୍ରଦାନ ନେଇ ଓଡିଶା ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ତାଙ୍କୁ ସୂଚନା ଦେଇଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଓ ବଣାଇବାସୀଙ୍କୁ ବଧେଇ ଜଣାଇଛନ୍ତି ।



# ଜିଲାସ୍ତରୀୟ ପରାମର୍ଶଦାତା, ଟାସ୍କଫୋର୍ସ କମିଟି ବୈଠକ

**ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାରେ ପ୍ରାକ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶଦାତା ଓ ଜିଲା ଟାସ୍କ ଫୋର୍ସ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜିକରଣ ତଥା ନବୀକରଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାରେ କନ୍ୟା ସନ୍ତାନ ଅନୁପାତ ଉପରେ ଆଲୋଚନା କରାଯାଇଥିଲା। କନ୍ୟା ସନ୍ତାନ ଅନୁପାତ ବୃଦ୍ଧି ଲାଗି ତୃଣମୂଳ ସ୍ତରରେ ଜିଲାଭିତ୍ତିକ ଉପାୟ ଅବଲମ୍ବନ କରି ଜନସଚେତନତା କରିବା ପାଇଁ ଜିଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସବୁ ସ୍ତରରେ ବେଆଇନ ଲିଙ୍ଗ ନିରୂପଣ ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବାର ସୂଚନା ଜିଲାପାଳ ପ୍ରଦାନ କରିଥିଲେ। ସେ କହିଥିଲେ, ଯଦି ଏହିପରି କିଛି ସୂଚନା ମିଳେ ତେବେ ବେଆଇନ ଲିଙ୍ଗ ନିରୂପଣ କରୁଥିବା ବ୍ୟକ୍ତି ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲାରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକର ଆକସ୍ମିକ ନିରୀକ୍ଷଣ ନିୟମିତ ଭାବରେ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁରେଶ ଚନ୍ଦ୍ର ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଭାଶିସ ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଡା ପୁଷ୍ପମିତ୍ର ଭିଞ୍ଜିଆ, ଡା ସୁବାସିନୀ ପାଣ୍ଡେ, ସମାଜସେବୀ ସ୍ନେହଲତା ପଟେଲ, ଅମୀୟକାନ୍ତ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା, ସହ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଟାସ୍କ ଫୋର୍ସ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

କୁଚିଣ୍ଡା,୨୬।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତ କାର୍ଯ୍ୟାଳୟରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ କୁଚିଣ୍ଡା ଅତିରିକ୍ତ ବିଡିଓ ଜଗମୋହନ କିଷାନ, ସିଡିପିଓ ସୁମିତା ପୁରୋହିତ, ଜିପିଇଓ ମନ୍ତ୍ରରାମ ପ୍ରଧାନ, ଯୋଗାଣ ନିରୀକ୍ଷକ ସୁଧିର ପାତ୍ର, ଦେବାଶିଷ ଦାସ, ସରପଞ୍ଚ ରାଜେନ୍ଦ୍ର କିଷାନ, ସମିତି ସଭ୍ୟ ଖଗେଶ୍ୱର କିଷାନ ଯୋଗଦେଇ ଅଭିଯୋଗର ଶୁଣାଣି କରିଥଲେ। ଶିବିରରେ ୨୪ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ସାଧାରଣ ଖାଉଟି ସାମଗ୍ରୀ ବଣ୍ଟନ ବାବଦରେ ଗୋଟିଏ, ଗ୍ରାମୀଣ ଆବାସ ଯୋଜନା ବାବଦରେ ୮, ପଞ୍ଚାୟତର କାର୍ଯ୍ୟ ସମ୍ବନ୍ଧିତ ୭, ବ୍ଲକର ବିଭିନ୍ନ କାର୍ଯ୍ୟ ବାବଦରେ ୪ଟି ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ରହିଥିଲା। ଶିବିରକୁ ସଂପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର ଖିଚିଡି ପରିଚାଳନା କରିଥିଲେ।

# ୩ ହଜାର ବୋତଲ କଫ ସିରପ୍ ଜବତ, ୨ ଗିରଫ

- କଟକରୁ ଆସିଥିଲା କଫ ସିରପ୍
- ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ସମ୍ବଲପୁର,୨୬।୮(ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ନିକଟସ୍ଥ ଏକ ଶିକ୍ଷାନୁଷ୍ଠାନ ପଛପାର୍ଶ୍ୱ ପଡ଼ିଆରେ ଚଢ଼ାଉ କରି ବୁର୍ଲା ଥାନା ପୋଲିସ ମଙ୍ଗଳବାର ସକାଳେ ବିପୁଳ ପରିମାଣରେ ନିଷିଦ୍ଧ ନିଶା କଫ ସିରପ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ତଳିପଡ଼ାର ଆକାଶ ସାମଲ(୨୬) ଓ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ରାମପୁର ସିଂଘିଯୁବାର ଶୁକଦେବ ଦୀପ(୨୧)। ସେମାନଙ୍କ ନିକଟରୁ ପୋଲିସ ଶହେ ମିଲିମିଟର ବିଶିଷ୍ଟ ୩ ହଜାର ବୋତଲ ସିଲ୍ଡ ନିଶା କଫ ସିରପ, ଗୋଟିଏ ମାକ୍ସ ପିକ୍ଅପ୍(ଓଡି-୧୭-ଏସି-୮୪୨୧), ୨ଟି ମୋବାଇଲ ଫୋନ ଓ ନଗଦ ୧ ଲକ୍ଷ ୧୨ହଜାର ଟଙ୍କା ଜବତ କରିଛି।

ସୂଚନା ଅନୁଯାୟୀ, ବୁର୍ଲା ଥାନା ପାଟ୍ରୋଲିଂ ପୋଲିସ ଦଳକୁ ମଙ୍ଗଳବାର ଭୋର ପ୍ରାୟ ୪ଟା୪୫ରେ ଜ୍ୟୋତିବିହାର ନିକଟ ଏକ ଖୋଲା ପଡ଼ିଆରେ ନିଶା କଫ ସିରପ କାରବାର ଚାଲିଥିବା ସମ୍ପର୍କରେ ଖବର ମିଳିଥିଲା। ଏସ୍ଆଇ ଏସ.କେ. ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଦଳ ସେଠାରେ ପହଞ୍ଚିବା ପରେ ପଡ଼ିଆରେ ସନ୍ଦିଗ୍ଧ ଅବସ୍ଥାରେ ଛିଡ଼ା ହୋଇଥିବା ଏକ ପିକ୍ଅପ ଉପରେ ସେମାନଙ୍କ ନଜର ପଡ଼ିଥିଲା। ଗାଡି ଯାଞ୍ଚ ପରେ ସେଥିରେ ବିପୁଳ ପରିମାଣର ନିଶା କଫ ସିରପ ବୋଝେଇ ହୋଇଥିବା ଜଣାପଡିଥିଲା। ଗାଡିରେ ଥିବା ଆକାଶ ଓ ଶୁକଦେବ ଉକ୍ତ କଫସିରପର ବୈଧ କାଗଜପତ୍ର ଦେଖାଇପାରି ନ ଥିଲେ। ପରେ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଉକ୍ତ ଭ୍ୟାନ ସହିତ କଫ ସିରପ୍କୁ ଜବତ କରାଯିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବେପାରୀଙ୍କୁ ଯୋଗାଇ ଦେବାକୁ ସେମାନେ ଉକ୍ତ କଫ ସିରପ୍ କଟକରୁ ଆଣିଥିଲେ। ବୁର୍ଲାରେ କିଛି ପରିମାଣର କଫ ସିରପ୍ ଦେବାକୁ ସେମାନେ ଉକ୍ତ ପଡ଼ିଆରେ କେତେକ ବେପାରୀଙ୍କୁ ଅପେକ୍ଷା କରିଥିଲେ ବୋଲି ଅଭିଯୁକ୍ତ ଭ୍ୟାନ ମାଲିକ ରାମପୁର ସିଂଘିଯୁବାର ଶୁକଦେବ ଦୀପ ପୋଲିସକୁ କହିଥିଲେ। ଏହାକୁ ନେଇ ବୁର୍ଲା ଥାନାରେ ଏକ ମାମଲା(ନଂ.୩୭୧/୨୫) ରୁଜୁ କରି ମଙ୍ଗଳବାର ଗିରଫ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଏସ୍ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।



ଜବତ ଅଖାରେ ଥିବା କଫ ସିରପ୍ ବୋତଲ, ଟଙ୍କା। ପୋଲିସ ଦ୍ୱାରା ଗିରଫ ୨ଅଭିଯୁକ୍ତ।

## ସଞ୍ଜିତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ସମ୍ବଲପୁର,୨୬।୮(ବି.ଶଙ୍କର)



ସଞ୍ଜିତ ମହାନ୍ତି

ବିଜୁ ଜନତା ଦଳର ସମ୍ପ୍ରସାରଣରେ ମଙ୍ଗଳବାର ନୂତନ ରାଜ୍ୟ କର୍ମକର୍ତ୍ତା ଘୋଷଣା କରାଯାଇଛି । ସମ୍ବଲପୁର ସଞ୍ଜିତ ମହାନ୍ତିଙ୍କୁ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକଭାବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ପୂର୍ବରୁ ଯୁବ ବିଜେଡ଼ିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଥିବା ମହାନ୍ତିଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦେବାସହ ବିଜୁ ଯୁବ ଜନତା ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି । ପଦ୍ମପୁର, ବିଜେପୁର, ବ୍ରଜରାଜ ନଗର, ଝାରସୁଗୁଡ଼ା, ପିପିଲିରେ ପୂର୍ବରୁ ଅନୁଷ୍ଠିତ ଉପନିର୍ବାଚନରେ ସେ ଦଳ ପାଇଁ ଦାୟିତ୍ୱ ତୁଲାଇ ଥିଲେ । ସେହିପରି ଗତ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ କୁଚିଣ୍ଡା ଓ ଦେବଗଡ଼ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲା। ଆଜିର ଘୋଷଣାକୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ, ରାଜ କିଶୋର ଦାସ, ପଦ୍ମାବତୀ କିଷାନ, ଗୋକୁଳ ମେହେର, ଛାତ୍ର ବିଜେଡି ଜୋନ ସମ୍ପାଦକ ମିଳନ ହୋତା, ବିଜେଡ଼ି ଜିଲା ଉପସଭାପତି ମହମ୍ମଦ ମୃତୁଜା, ସାଧାରଣ ସମ୍ପାଦକ ଧିରେନ ଦେବତା, ସାଧାରଣ ସମ୍ପାଦକ ଦୁର୍ଯ୍ୟ ମହାନ୍ତି, ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଭୁବନେଶ୍ୱର ଦ୍ୱିବେଦୀ, କୀର୍ତ୍ତନ ସେନାପତି ପ୍ରମୁଖ ସ୍ୱାଗତ ଜଣାଇନ୍ତି।

### ବରିଷ୍ଠ ସଙ୍ଗଠକ ପ୍ରଦ୍ୟୁମ୍ନ ସେଠଙ୍କ ପରଲୋକ

ସମ୍ବଲପୁର,୨୬।୮(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର କୁଦୋପାଲିର ବରିଷ୍ଠ ମାର୍ଗଦର୍ଶକ ପ୍ରଦ୍ୟୁମ୍ନ ସେଠଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ସେ କୁଦୋପାଲି ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ। ୨ ବର୍ଷ ହେବ ସେହି ବିଦ୍ୟାଳୟ ଛାତ୍ରାଭାବରୁ ବନ୍ଦ ହେବା ପରେ ସଂଗ୍ରହାଳୟରେ ପରିଣତ ହୋଇଛି। ସହିଦ ବିହାର କୁଦୋପାଲିର ପରିଚୟ ଜାତୀୟସ୍ତରରେ ପହଞ୍ଚାଇବା ନେଇ ସେ ସାରା ଜୀବନ ଚେଷ୍ଟା କରିଥିଲେ। ଦୁଇଦିନ ତଳେ ସେ ବୁର୍ଲାସ୍ଥିତ ବଡ ବୋହୂଙ୍କ ଘରେ ଥିବା ବେଳେ ଅସୁସ୍ଥ ହୋଇ ପଡଥିଲେ। ତାଙ୍କୁ ଭିମସାର ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର କୁଦୋପାଲି ଅଣାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଝିଆ ପୁଅ ଅଶ୍ୱିନୀ ସେଠ ମୁଖାଗ୍ନି ଦେଇଥିଲେ। ଶେଷ ସମୟରେ ବଡବୋହୂ ପ୍ରତିଭା ଦେହୁରୀ, ମଝିଆ ପୁଅ ଅଶ୍ୱିନୀ, ସାନପୁଅ ରଞ୍ଜିତ ଓ ପରିବାର ଲୋକ ଉପସ୍ଥିତ ଥିଲେ। ପରଲୋକ ଖବର ପାଇବା ପରେ କୁଦୋପାଲିକୁ ଲୋକ ଲୋଚନକୁ ଆଣିବାରେ ଭୂମିକା ନେଇଥିବା ବାମପଦ ତ୍ରିପାଠୀ, ଦାଶରଥି ସାହୁ, ଦେବୀ ପ୍ରସାଦ ଭୋଇ, କୁଦୋପାଲି ଛବିଲସାଏ ସହୀଦ ସ୍ମାରକୀ ସଭାପତି ପ୍ରଫୁଲ୍ଲ ଭୋଇ, ସମ୍ପାଦକ ତରଣୀ ସେଠ ଶୋକ ପ୍ରକଟ କରିଛନ୍ତି।

# ରେଢ଼ାଖୋଲ ଦଳ ଚାମ୍ପିୟନ




ଅତିଥିଙ୍କ ସହ ଚାମ୍ପିୟନ ରେଢ଼ାଖୋଲ ଦଳର ଖେଳାଳିମାନେ।

### ପ୍ରଥମ ଜୁନିୟର ବାଳକ ଏସ୍ଡିସିଏ କପ କ୍ରିକେଟ

ସମ୍ବଲପୁର,୨୬।୮(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ପ୍ରଥମ ଜୁନିୟର (୧୬, ୧୯ବର୍ଷ ) ବାଳକ ଏସ୍ଡିସିଏ କପ ଜୁନିଅର କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ହାୱା ମଇଦାନରେ ସୋମବାର ଉଦ୍ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ରେଢ଼ାଖୋଲ ଦଳ ବନାମ ସମ୍ବଲପୁର ବ୍ଲୁ-ଡାଇମଣ୍ଡ ଦଳ ମଧ୍ୟରେ ହୋଇଥିଲା। ରେଢ଼ାଖୋଲ ଦଳ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ସଂଘ ସଭାପତି ସ୍ମୃତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍ଯାପନୀ ଉତ୍ସବ ହୋଇଥିଲା। ବରଗଡ଼ ଜିଲା ଅତାବିରା ବିଧାୟକ ନିହାର ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର ପୌରପରିଷଦ ପୂର୍ବତନ ଉପାଧ୍ୟକ୍ଷ ସିଦ୍ଧାର୍ଥ ସାହା, ସମ୍ବଲପୁର ଜିଲା କୃଷକ ଯୁବମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଅତାବିରା ଏନଏସି କାଉନସିଲର ଦୀପକ ରାଏ, ଭାରତୀୟ ଲେଗ କ୍ରିକେଟ ଦଳର ଅଧ୍ୟକ୍ଷ ଚନ୍ଦନ ରାଏ ସମ୍ମାନୀତ ଅତିଥି ଥିଲେ। ସଂଘର ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତି ଖେଳାଳୀମାନଙ୍କୁ ଟ୍ରଫି, ଅର୍ଥରାଶି, ସାର୍ଟିଫିକେଟ ଏବଂ ମେଡାଲ ବିତରଣ କରିଥିଲେ । ଏହି ଅବସରରେ ସଂଘ ପକ୍ଷରୁ ଜିଲାର ପୂର୍ବତନ କ୍ରିକେଟ ଖେଳାଳିମାନଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ସଂଘ କୋଷାଧ୍ୟକ୍ଷ ସୌମ୍ୟଦର୍ଶନ ମହାନ୍ତି, ସମ୍ବଲପୁର ଜିଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର, କାଉନସିଲ ସଭ୍ୟ ମନୋଜ ପଣ୍ଡା, ବିଶ୍ୱଜିତ ପଣ୍ଡା, ପୂର୍ବତନ କ୍ରିକେଟ ଖେଳାଳି ଭାସ୍କର ପାଣ୍ଡେ, ବିଜୟ ରଞ୍ଜନ ଅଢ଼େଇକଲାମ, ସୁଶାନ୍ତ କୁମାର ନାଥ, ସଞ୍ଜିତ ମଝି, ଘାସୀନାଥ ସାହୁ, ସୟଦ ଜିନ୍ଦା ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ।

## ବୁଣାକାର ତାଲିମ, ହସ୍ତତନ୍ତ ସ୍ୱୟଂସିଦ୍ଧ କାର୍ଯ୍ୟକ୍ରମ

ପଡିଆବାହାଲ,୨୬।୮(ରାଧାମୋହନ ଷଡ଼ଙ୍ଗୀ)

ହସ୍ତତନ୍ତ ଶିଳ୍ପରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ବଡ଼ତୁରାଙ୍ଗ ଗ୍ରାମ ରାଜ୍ୟ ଓ ଦେଶ ପାଇଁ ଆଣିବ ନୂଆ ଇତିହାସ। ମହିଳା ମାନଙ୍କ ଯୋଗଦାନ ଫଳରେ ହସ୍ତତନ୍ତ ଶିଳ୍ପରେ ସିଦ୍ଧହସ୍ତ ଓ ସମୃଦ୍ଧ ଗ୍ରାମ ଭାବେ ବଡତୁରାଙ୍ଗ ପ୍ରସିଦ୍ଧି ଲାଭ କରିବ। ଭାରତ ସରକାରଙ୍କ ଟେକ୍ସଟାଇଲ ଓ ବିକାଶ ଫାଉଣ୍ଡେଶନ ମିଳିତ ଉଦ୍ୟମରେ ମଙ୍ଗଳବାର ବଡତୁରାଙ୍ଗ ଗ୍ରାମରେ ବୁଣାକାର ତାଲିମ ଓ ହସ୍ତତନ୍ତ ସ୍ୱୟଂସିଦ୍ଧ କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦଳା ଠାକୁର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ସେ ହିତାଧିକାରୀଙ୍କୁ ସୋଲାର ଲାଇଟ ଓ ପରିଚୟ ପତ୍ର ବଣ୍ଟନ କରିଥିଲେ। ବାହାମର ପୂର୍ବତନ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଭାରତ ସରକାରଙ୍କ ଟେକ୍ସଟାଇଲ ଡେପୁଟି ଡାଇରେକ୍ଟର ବିକାଶ ବର୍ମା ଯୋଗଦେଇ ତାଲିମ ପାଇଁ ୧୫ ଲକ୍ଷ ଓ ହସ୍ତତନ୍ତ ଶିଳ୍ପକୁ ଆଗକୁ ନେବାକୁ ପୁଣି ୨୯ ଲକ୍ଷ ୫୪ ହଜାର ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ସମ୍ବଲପୁରୀ ଶାଢୀ ଓ କପଡା ତିଆରି କରିବାରେ ସମଗ୍ର ରାଜ୍ୟରେ ଏହି ଗ୍ରାମର ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ସସ୍ମିତା ଦେହୁରୀ, ବିକାଶ ଫାଉଣ୍ଡେଶନ ସଂଯୋଜକ ରବି ଦାଶ, ଭାଜପା ନେତା ସୁଧୀର ବହିଦାର ଓ ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ମା' ସମଲେଶ୍ୱରୀ ବୁଣାକାର ସଂଘକୁ ମୁଖ୍ୟଅତିଥି ଉଦ୍ଘାଟନ କରିଥିଲେ।

## ବେଆଇନ ଚର୍ଚ୍ଚ ନିର୍ମାଣ ନେଇ ଉପଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା।

କୁଚିଣ୍ଡା,୨୬।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ଜମନକିରା ବ୍ଲକ ଶିରିଡ ପଞ୍ଚାୟତର ବିଜାଡିହିରେ ସରକାରୀ ଜମିରେ ବେଆଇନ ଭାବେ ଚର୍ଚ୍ଚ ନିର୍ମାଣକୁ ନେଇ ମଙ୍ଗଳବାର ହିନ୍ଦୁ ସୁରକ୍ଷା ମଞ୍ଚ ଓ ବିଶ୍ୱ ହିନ୍ଦୁପରିଷଦ ପକ୍ଷରୁ ଉପଜିଲାପାଳ ସରବନନ ସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହାର ତଦନ୍ତ କରି ବେଆଇନ ନିର୍ମାଣ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ହିନ୍ଦୁ ସୁରକ୍ଷା ମଞ୍ଚ ସଭାପତି ପ୍ରଭାତ ଶର୍ମାଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁପରିଷଦ ସଂଯୋଜକ ଡା.କୁମାର ବିକ୍ରମ, ମାନବାଧିକାର ରକ୍ଷକ ସଙ୍ଗଠନ ସାଧାରଣ ସମ୍ପାଦକ ରାମଚରଣ ରାୟ, ଦେବସେନା ଯୁବ ପ୍ରକୋଷ୍ଠ ଓଡ଼ିଶା ମହାସଚିବ ଭିକୁ ନାଏକ, ବିଶ୍ୱ ହିନ୍ଦୁପରିଷଦ ପ୍ରଚାରକ ଅବନି ବେହେରା, ତୁଳା ବାବା, ନରେଶ ଚନ୍ଦ୍ର ପଟେଲ, ରାମ ନାରାୟଣ ନାଏକ, ସ୍ୱାମୀ ଶିବାନନ୍ଦ ସରସ୍ୱତୀ, ଅତୁଲ ଅଗ୍ରୱାଲ, ମହେଶ ରାୟ ପ୍ରମୁଖ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ନୂଆଁଖାଇ ଦିନ ଗୁରସ ରୁକା ପାଇଁ ଲଗ୍ନଧାର୍ଯ୍ୟ

ସମ୍ବଲପୁର,୨୬।୮(ଭବାନୀ ଶଙ୍କର ଭୋଇ)

ଅଗଷ୍ଟ ୨୮ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଗୁରସ ରୁକା ପାଇଁ ମଙ୍ଗଳବାର ଲଗ୍ନଧାର୍ଯ୍ୟ ହୋଇଛି। ଏହି ଦିନ ସକାଳ ୫ଟା ୩୬ମିନିଟରୁ ୭ଟା୧୭ ଏବଂ ପୂର୍ବାହ୍ନ ୧୦ଟା ୩୯ରୁ ଅପରାହ୍ନ ୧ଟା୧୧ ମଧ୍ୟରେ ଶୁଭଯୋଗ ରହିଥିବା ସୂଚନା ଦିଆଯାଇଛି। ସମସ୍ତ ଚାଷୀ ନିଜ ଧାନକ୍ଷେତ କିମ୍ବା ଘରେ ଇଷ୍ଟଦେବୀଙ୍କୁ ଖୀରରେ ସ୍ନାନ କରିପାରିବେ। ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପଣ୍ଡିତ ଉପେନ୍ଦ୍ର ନାରାୟଣ ଭୋଇ ଏବଂ ପୂଜକ ଦେବୀ ପ୍ରସାଦ ଭୋଇ ଲଗ୍ନ ନିର୍ଦ୍ଧାରଣ କରିଛନ୍ତି। ଗୁରସ ରୁକା ପରମ୍ପରାରୁ ମହାନ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନର ପୂଜନୋତ୍ସବ ଆରମ୍ଭ ହୋଇଥାଏ। ନୂଆଁଖାଇ ଦିନ ସମ୍ବଲପୁର ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ, ଅମ୍ବିକାପୁର, ରାୟପୁର, ମହାସମୁନ୍ଦ ଆଦି ଜିଲାରେ ନୂଆଁଖାଇରେ ଗୁରସ ରୁକା ପରମ୍ପରା ହୋଇ ଆସୁଛି।

## ମହିଳା ମହାବିଦ୍ୟାଳୟରେ ଅଭିନବତା, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୮(ବି.ଶଙ୍କର)

ଅଭିନବତା ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୁବବର୍ଗ ମଧ୍ୟରେ ଥିବା ନବ ସୃଜନାତ୍ମକ ଚିନ୍ତନ, ଉଦ୍ୟୋଗୀ ମନୋଭାବ ଏବଂ ସମସ୍ୟା ସମାଧାନ କୌଶଳର ସନ୍ଧାନ ପାଇଁ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦ଟି କୌଶଳ ସନ୍ଧାନ ଏକକ ଛାତ୍ରୀଛାତ୍ର ଗୋଷ୍ଠୀ ଭାଗନେଇଥିଲେ । ଅଭିନବତା ଏବଂ ଷ୍ଟାର୍ଟ-ଅପ ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରେଷ୍ଠ ୩ଟି ପ୍ରକଳ୍ପ ଚୟନ କରାଯାଇଥିଲା। ବାଣିଜ୍ୟ ବିଭାଗ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା, ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ଅଧ୍ୟାପିକା ଡ. କଳ୍ପନା ଜେନା ଓ ସଫଳ ଉଦ୍ୟୋଗୀ ତଥା ପୂର୍ବତନ ଛାତ୍ରୀ ସଂହିତା ଚାନ୍ଦ ବିଚାରକଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ସୋନାଲି ବେହେରା, ରାଜନୀତି ବିଜ୍ଞାନ ବିଭାଗର ଦେବୀ ରାଉତ ଓ ସାଥୀ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ଦୀପିକା ବହିଦାର ଏବଂ ସାଥୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଏଭଳି ପ୍ରତିଯୋଗିତା ଛାତ୍ରୀମାନଙ୍କୁ ଉଦ୍ୟୋଗୀ ହେବାପାଇଁ ପ୍ରେରଣା ଯୋଗାଇବ ଓ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବ ବୋଲି କହିଥିଲେ। ମହିଳା ଉଦ୍ୟୋଗୀ ସଂହିତା ଚାନ୍ଦ ଛାତ୍ରୀମାନଙ୍କୁ ଦେଶର ସମର୍ଥ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତା କ୍ୟାରିୟର କାଉନସେଲିଂ ସେଲ ସଂଯୋଜକ ଡ. ସୁବାଷ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପୁରସ୍କାର ପ୍ରଦାନ ଉତ୍ସବ ପରିଚାଳନା କରିଥିଲେ ।




ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

# ସେଓରେ ତିଆରି ଗଣେଶ ଆକର୍ଷଣ

ସମ୍ବଲପୁର,୨୬।୮(ଭବାନୀ ଶଙ୍କର ଭୋଇ)

### ୫୦ବର୍ଷରେ ନଟରାଜ କ୍ଲବ୍ର ଗଣେଶ ପୂଜା

ଗଣେଷ ପୂଜାରେ ପୌଷ୍ଟିକ ଆହାରର ଗୁରୁତ୍ୱ ବିଷୟରେ ସଚେତନ କରୁଛନ୍ତି ବିଘ୍ନ ବିନାଶକ ସିଦ୍ଧି ବିନାୟକ। ସମ୍ବଲପୁର କ୍ଷେତରାଜପୁର ନଟରାଜ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ବିରାଜମାନ ହୋଇଛନ୍ତି ୨୮ ଫୁଟ ଉଚ୍ଚ ସେଓ ଫଳରେ ତିଆରି ଭଗବାନ ଗଣେଶ। ଏହି ମୂର୍ତ୍ତିରେ ୧୫୦ କେଜି ଓଜନର ସେଓ ଫଳ ବ୍ୟବହାର ହୋଇଛି । ଏଥିପାଇଁ ନଟରାଜ କ୍ଲବ ପକ୍ଷରୁ ହିମାଚଳ ପ୍ରଦେଶରୁ ସେଓ ଅଣାଯାଇଛି। ୫୦ ବର୍ଷରେ ପଦାର୍ପଣ କରିଥିବା ନଟରାଜ କ୍ଲବ ଗଣେଷ ପୂଜା ପାଇଁ ଥିମ ରହିଛି 'ନ୍ୟୁଟ୍ରିସନ ଫର ଅଲ'।

୧୯୭୫ ମସିହାରୁ କ୍ଷେତରାଜପୁରରେ ନଟରାଜ କ୍ଲବ ପକ୍ଷରୁ ଗଣେଶ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହି ମୂର୍ତ୍ତିର ଡାଞ୍ଚା ବାଉଁଶ ପାତିଆରେ ତିଆରି ହୋଇଥିବା ବେଳେ ସେଓ ଫଳ ଦ୍ୱାରା ଗଣେଶଙ୍କ ମୂର୍ତ୍ତିକୁ ରୂପ ଦିଆଯାଉଛି। ମୂର୍ତ୍ତିରେ ବ୍ୟବହୃତ ଫଳକୁ କୌଣସି କ୍ଷତି କରା ନଯାଇ ଏହାର ଡେମ୍ଫରେ ତାର ବାନ୍ଧି ମୂର୍ତ୍ତି ତିଆରି କରାଯାଉଛି। ଏହା ସହ ମୂର୍ତ୍ତିକୁ ଖରା ବର୍ଷାରୁ ସୁରକ୍ଷା ଦେବା ପାଇଁ ଉପରେ ତ୍ରିପାଲର ଛାଉଣି ବ୍ୟବସ୍ଥା କରାଯାଇଛି।



କ୍ଷେତରାଜପୁରରେ ଫଳସେଓରେ ତିଆରି ଗଣେଷ ମୂର୍ତ୍ତି।

ଗରମ ହେଲେ ସେଓ ଖରାପ ହେବାର ସମ୍ଭାବନା ଥିବାରୁ ପୂଜା ସ୍ଥଳରେ କୁଲର୍ ବ୍ୟବହାର କରାଯାଉଛି। କ୍ଲବର ପ୍ରମୁଖ ସଦସ୍ୟ ଗୋପାଳକୃଷ୍ଣ ପଂସାରୀ କୁହନ୍ତି, ଏଠାକାର ମୂର୍ତ୍ତିକୁ କୌଣସି ପେସାଦାର କାରିଗର ନିର୍ମାଣ କରନ୍ତି ନାହିଁ ବରଂ ଆମର କ୍ଲବର ସଦସ୍ୟମାନେ ତିଆରି କରିଆସୁଛନ୍ତି। ଏଥିପାଇଁ ଆମକୁ ଅଢେଇ ମାସ ପରିଶ୍ରମ କରିବାକୁ ପଡିଥାଏ। ଏଠାରେ ଯେତେ ସବୁ ସେଓ ଫଳ ବ୍ୟବହାର ହେଉଛି ସବୁକୁ ପୂଜା ସରିଲା ପରେ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। କ୍ଲବର ପୁରୁଣା ସଦସ୍ୟ ଶିବ କୁମାର ରାଠି କହିଛନ୍ତି, ସମ୍ବଲପୁର ତଥା ଓଡ଼ିଶାର ଦେଶ ବିଦେଶରେ ସୁନାମ ହେଉ ଏଥିପାଇଁ ଅନେକେ ଏହି ପରିକଳ୍ପନା କରିଛୁ। ଆମର ମୂର୍ତ୍ତି ସବୁ 'ଇକୋ ଫ୍ରେଣ୍ଡଲି'। ଏଥିରେ କୌଣସି ଶ୍ରମିକ ବ୍ୟବହାର ହୁଅନ୍ତି ନାହିଁ କି ଲୋକଙ୍କଠାରୁ ଚାନ୍ଦା ଆଦାୟ ହୁଏନାହିଁ। କ୍ଲବର ସଦସ୍ୟ ମାନେ ନିଜ ଇଚ୍ଛାରେ ସବୁ ପ୍ରକାର ଆର୍ଥିକ ଓ ଆନୁସଙ୍ଗିକ ସେବା ଯୋଗେଇ ଦିଅନ୍ତି। ଗଣେଷ ପ୍ରତିମୂର୍ତ୍ତୀରେ ବ୍ୟବହୃତ ସେଓ ଫଳ ୧୫ ରୁ ୨୦ ଦିନ ଯାଏ ସତେଜ ହୋଇ ରହିବ। ତେଣୁ ୯ ଦିନ ଧରି ପୂଜା କରିବୁ ବୋଲି ସେ କହିଛନ୍ତି।

# କମୁଛି ଜଳସ୍ତର, ବଢୁଛି ଦୁର୍ଦ୍ଦଶା



ବନ୍ୟା ପାଣି ଘେରରେ ଥିବା ନୟାବାଲି ଗାଁର ଏକ ପରିବାର।

## ■ ବିପଦସଙ୍କେତ ତଳେ ସୁବର୍ଣ୍ଣରେଖା
## ■ ୧୦ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୬।୮

ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଷଷ୍ଠଥର ବନ୍ୟା ଆସିଛି। ସୋମବାର ବିପଦସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ମଙ୍ଗଳବାର ଏହା ହ୍ରାସ ପାଇ ବିପଦସଙ୍କେତ ତଳେ ପ୍ରବାହିତ ହେଉଛି। ହେଲେ ବନ୍ୟା ସ୍ଥିତିରେ ସୁଧାର ଆସିନି। ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ମିଟର ଥିବାବେଳେ ଜଳସ୍ତର ହ୍ରାସ ପାଇ ମଙ୍ଗଳବାର ରାତି ୭ଟା ସୁଦ୍ଧା ୧୦.୨୮ମିଟରରେ ପ୍ରବାହିତ ହେଉଛି। ବାଲିଆପାଳ ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ୧୦ଟି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ଏବେ ମଧ୍ୟ ପାଣିଘେରରେ ରହିଛି। ବହୁ ତଳିଆ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଏପରିକି ବିଭିନ୍ନ ମୁଖ୍ୟ ଓ ଗାଁ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ବ୍ଲକର ବନ୍ୟା ପ୍ରଭାବିତ ୧୦ଟି ପଞ୍ଚାୟତର ଲୋକଙ୍କ ପାଇଁ କେବଳ ଚୁଡ଼ା ଏବଂ ଗୁଡ଼ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ବନ୍ୟା ପୀଡ଼ିତ ଲୋକମାନେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ବୋଲି ବିଷ୍ଣୁପୁର ପଞ୍ଚାୟତର ଇକଡ଼ପାଳ ଏବଂ ରାଉତୁରାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସୋମବାର ରାତିରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ ତାଳପଦା ଗାଁରେ ୬୭୦ଜଣ, କୁହ୍ଲାଚଢ଼ରେ ୬୩୦, ନୟାବାଲିରେ ୪୫୦, ଚୌଧୁରୀକୁଦରେ ୬୭୦ ଏବଂ ଚଢ଼ବସ୍ତକାଳରୁଇ ଗ୍ରାମରେ ୪୫୦ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ସେହିପରି ଲୋକମାନଙ୍କ ଯାତାୟତ ପାଇଁ ବିଭିନ୍ନ ସ୍ଥାନରେ ୭ଟି ଦେଶୀ ଡଙ୍ଗା, ଏସ୍‌ଆର୍‌ସିର ୯ଟି ପାୱାର ବୋଟ୍ ସହ ଓଡ୍ରାଫ୍ ଟିମ୍ ଓ ଫାୟାର ବ୍ରିଗେଡ୍‌ର ପାୱାର ବୋଟ୍ ଯୋଗାଇ ଦିଆଯାଇଛି। ଲଗାତାର ବନ୍ୟା ଯୋଗୁ ଖରିଫ୍ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଏହି ନଦୀରେ ୫ ଥର ବନ୍ୟା ପରେ ଚାଷୀମାନେ ବହୁ କଷ୍ଟରେ ଜମିରେ ଧାନ ତଳି ରୋଇଥିଲେ। ମାତ୍ର ଏହି ବନ୍ୟା ଫଳରେ ସମସ୍ତ ରୁଆ ହୋଇଥିବା ଧାନ ଜମି ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି। ପୂର୍ବ ବନ୍ୟାରେ ବାଲିଆପାଳ ବ୍ଲକର ପରିବା ଚାଷ ଏବଂ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଚଳିତ ବନ୍ୟାରେ ବ୍ଲକର ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି। ତେବେ ବନ୍ୟା ସମ୍ପୂର୍ଣ୍ଣ ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି।

# ବନ୍ୟା ସ୍ରୋତରେ ଭାସିଯାଇ ରାଜମିସ୍ତ୍ରିଙ୍କ ମୃତ୍ୟୁ

ଭୋଗରାଇ, ୨୬।୮ (ପ୍ରଦୀପ ଦାସ)

ସୁବର୍ଣ୍ଣରେଖା ବନ୍ୟାସ୍ରୋତରେ ଭାସିଯାଇ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଡଙ୍ଗ ପଟେଇ ଗ୍ରାମର ରାଜମିସ୍ତ୍ରି ଅଚିନ୍ତ କୁମାର ପାତ୍ର(୪୪)ଙ୍କ ମୃତ୍ୟୁ ହୋଇଛି। ସୋମବାର ମଧ୍ୟାହ୍ନରେ ସେ ଘରକୁ ଫେରୁଥିବା ବେଳେ ବନ୍ୟାର ପ୍ରଖରସ୍ରୋତରେ ଭାସିଯାଇ ନିଖୋଜ ଥିଲେ। ମଙ୍ଗଳବାର ସକାଳେ ବନ୍ୟାପାଣି ପଶିଥିବା ଏକ ବିଲରେ ରାଜମିସ୍ତ୍ରିଙ୍କୁ ଭାସମାନ ଅବସ୍ଥାରେ ଓଡ୍ରାଫ ଟିମ୍ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାନୁଯାୟୀ, ଚଳିତ ଋତୁରେ ସୁବର୍ଣ୍ଣରେଖାରେ ୬ଷ୍ଠ ଥର ଲାଗି ବନ୍ୟା ଆସିବାରୁ ଉତ୍ତର ବାଲେଶ୍ୱର ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକର ଶତାଧିକ ଗାଁ ଅଦ୍ୟାବଧି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି।

# ଶ୍ରୀମନ୍ଦିରର ନୂଆ ପରିଚାଳନା କମିଟି ଗଠିତ

**୧୦ ସଦସ୍ୟଙ୍କ ନାମ ଘୋଷଣା**

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ବର୍ଷକ ପରେ ନୂଆ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇଛି। ଚଳିତଥର ରାଜ୍ୟ ସରକାର ପରିଚାଳନା କମିଟି ଗଠନକରି ଅନେକ ନୂଆ ମୁହଁଙ୍କୁ ସ୍ଥାନ ଦେଇଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନୂଆ କମିଟିରେ ୧୦ ଜଣ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ୧୦ ଜଣ ସଦସ୍ୟ ମଧ୍ୟରେ ୫ଜଣ ଭିନ୍ନ ଭିନ୍ନ ନିଯୋଗର ସେବାୟତ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଛି। ଗଠନ ହୋଇଥିବା ପରିଚାଳନା କମିଟିରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ କମିଟିରେ ରାଜ୍ୟ ସରକାର ସ୍ଥାନ ଦେଇଛନ୍ତି। ଡ. ମହାପାତ୍ର ହେଉଛନ୍ତି ଶ୍ରୀମନ୍ଦିର ପୁରୋହିତ। ମହାପାତ୍ର ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ତେଣୁ ତାଙ୍କର ନୂତନ ପରିଚାଳନା କମିଟିରେ ବେଶ୍ ଅଭିଜ୍ଞତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ସିଂହାରୀ ନିଯୋଗର ମଧୁସୂଦନ ସିଂହାରୀ, ପୂଜାପଣ୍ଡା ନିଯୋଗର ଜଗନ୍ନାଥ ପୂଜାପଣ୍ଡା, ଦଇତାପତି ନିଯୋଗର ଗଣେଶ ଦାସ ମହାପାତ୍ର, ପଢ଼ିଆରୀ ନିଯୋଗର ରାମନାରାୟଣ ଗୋଚ୍ଛିକାର, ସୁଆର ମହାସୁଆର ନିଯୋଗର କୃଷ୍ଣଚନ୍ଦ୍ର ସାମନ୍ତରାୟ ଓରଫ୍ ଟୁକୁ ସାମନ୍ତରାୟ ନୂତନ ପରିଚାଳନା କମିଟିରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ଭରସା କରି କମିଟିରେ ସ୍ଥାନ ଦେଇଥିବାରୁ ନୂତନ ସଦସ୍ୟମାନେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ମଠ ତରଫରୁ ରଘୁବର ଦାସ ମହାରାଜ, ପୂର୍ବତନ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ, ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ଏବଂ ମହେଶ କୁମାର ସାହୁଙ୍କୁ ସ୍ଥାନ ଦିଆଯାଇଛି।



ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ମାସରେ ପୂର୍ବ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ମାତ୍ର କିଛି କାରଣକୁ ନେଇ ପରିଚାଳନା କମିଟି ଗଠନରେ ବିଳମ୍ବ ହୋଇଥିଲା। ଅନେକ ଦିନର ଅପେକ୍ଷା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟିର ୧୦ ଜଣ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ପରିଚାଳନା କମିଟି ନ ଥିବାରୁ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁ ନ ଥିବାବେଳେ ସମସ୍ୟା ମଧ୍ୟ ଦେଖାଯାଉଥିଲା। ନୂତନ ପରିଚାଳନା କମିଟି ଗଠନ ହେବା ପରେ ମହାପ୍ରଭୁଙ୍କ ନୀତିକାନ୍ତି ଠାରୁ ଆରମ୍ଭ କରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ପର୍ଯ୍ୟନ୍ତ ପ୍ରକ୍ରିୟାଗୁଡ଼ିକୁ ସୁପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି। ବିଶେଷକରି ରତ୍ନଭଣ୍ଡାରର ଆଗକୁ ଯେଉଁ କାମ ଅଛି, ସେ ସବୁକୁ ତ୍ୱରାନ୍ୱିତ କରାଯିବ। ଏଥିସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ଆଗାମୀ ଦିନରେ ହେବାକୁ ଥିବା ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା, ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସମାଧାନ, ସେବକଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ଯୋଜନାର କ୍ରିୟାନ୍ୱୟନ, ମହାପ୍ରଭୁଙ୍କ ଜମିର ୟୁନିଫର୍ମ ପଲିସି, ଆର୍ଥିକ ସ୍ଥିତି ଖରାପ ଥିବା ସେବକଙ୍କ ପାଇଁ ବାସଗୃହ ଏଭଳି ଅନେକ କିଛି ପ୍ରସ୍ତାବ ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ପାଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ଅପରପକ୍ଷରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ବାରଣ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ କଟକଣା, ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ପ୍ରବେଶ ଉପରେ କଟକଣା ପାଇଁ ପୂର୍ବ ନିଷ୍ପତ୍ତି ମୁତାବକ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ପରିଚାଳନା କମିଟିରେ ଆଲୋଚନା କରାଯିବ ବୋଲି ନୂତନ ପରିଚାଳନା କମିଟିର ସଦସ୍ୟମାନେ କହିଛନ୍ତି। ପରିଚାଳନା କମିଟି ଗଠନ ପରେ ସେବାୟତଙ୍କ ଠାରୁ ଆରମ୍ଭକରି ଭକ୍ତଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

# ନାବାଳିକାଙ୍କୁ ଗଣବଳାତ୍କାର ପରେ ଭିଡିଓ ଭାଇରାଲ

**ବିଶ୍ୱାସରେ ବିଷ ଦେଇ ପୁରୁଷବନ୍ଧୁ ଗିରଫ**

**୩ ନାବାଳକ ଅଟକ**

ବାଲେଶ୍ୱର, ୨୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ବିଶ୍ୱାସରେ ବିଷ ଦେଇ ପୁରୁଷବନ୍ଧୁ ତାଙ୍କ ୩ଜଣ ସହଯୋଗୀଙ୍କ ସହ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଗଣବଳାତ୍କାରର ଭିଡିଓ ଭାଇରାଲ ହେବା ପରେ ନାବାଳିକାଙ୍କ ପରିବାର ଲୋକେ ଏ ସମ୍ପର୍କରେ ବସ୍ତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସୋମବାର ଏକ ମାମଲା (ନଂ. ୩୦୫/୨୫) ରୁଜୁ କରି ପୁରୁଷବନ୍ଧୁଙ୍କୁ ଗିରଫ କରିଛି। ଅନ୍ୟ ୩ଜଣ ନାବାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ମଙ୍ଗଳବାର ପୀଡ଼ିତା ନାବାଳିକା, ୩ ନାବାଳକ ଓ ଗିରଫ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ପ୍ରକାଶ ଯେ, ୭ ମାସ ପୂର୍ବରୁ ଏହି ଘଟଣା ଘଟିଥିଲା। ବସ୍ତା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବୁଲାଇ ନେବା ବାହାନାରେ ତାଙ୍କର ପୁରୁଷ ବନ୍ଧୁ ଏକ ନିଛାଟିଆ ସ୍ଥାନକୁ ନେଇଥିଲେ। ସେଠାରେ ଅନ୍ୟ ୩ ସହଯୋଗୀଙ୍କୁ ଡକାଇ ସେଠାରେ ବଳାତ୍କାର କରିବା ପରେ ଏହାର ଭିଡିଓ ଓ ଫଟୋ ମୋବାଇଲରେ ଉତ୍ତୋଳନ କରିଥିଲେ। ଏ ସମ୍ପର୍କରେ କାହାରିକୁ ନ ଜଣାଇବାକୁ ଧମକ ମଧ୍ୟ ଦେଇଥିଲେ। ଜଣାଇଲେ ଭିଡିଓ ଓ ଫଟୋ ଭାଇରାଲ କରିଦେବେ ବୋଲି ତାଗିଦ୍ କରିଥିଲେ। ଭୟରେ ହେଉ କି ଲଜ୍ଜାରେ ନାବାଳିକା ଜଣକ ଚୁପ୍ ରହିଥିଲେ। ଗତ ୧୪ ତାରିଖରେ ସମ୍ପୃକ୍ତ ପୁରୁଷ ବନ୍ଧୁ ଓ ୩ ନାବାଳକ ପୁଣି ନାବାଳିକାଙ୍କୁ ଉକ୍ତ ନିଛାଟିଆ ସ୍ଥାନକୁ ଡାକିଥିଲେ। ମାତ୍ର ନାବାଳିକା ଜଣକ ଏଥିରେ ରାଜି ହୋଇ ନ ଥିଲେ। ସମ୍ପୃକ୍ତ ଅଭିଯୁକ୍ତମାନେ ନାବାଳିକାଙ୍କ ସହିତ ଘଟିଥିବା ପୂର୍ବ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେବାର ଧମକ ଦେଇଥିଲେ। ଏହି ଧମକ ପରେ ମଧ୍ୟ ନାବାଳିକା ଜଣକ ସେମାନଙ୍କ କଥାକୁ ଶୁଣି ନ ଥିଲେ। ପରେ ସମ୍ପୃକ୍ତ ୪ ଅଭିଯୁକ୍ତ ନାବାଳିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡ଼ିଓକୁ ନାବାଳିକାଙ୍କ ଭାଇଙ୍କ ମୋବାଇଲ୍‌କୁ ପଠାଇଥିଲେ। ଏନେଇ ନାବାଳିକାଙ୍କ ଭାଇ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ନାବାଳିକା ଜଣକ ଘରେ ଘଟଣା ସମ୍ପର୍କରେ ସତ କଥା କହିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

# ବଜ୍ରପାତରେ ନଣନ୍ଦ, ଭାଉଜ ସମେତ ୩ ମୃତ

ଛତ୍ରପୁର,୨୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ନଣନ୍ଦ, ଭାଉଜଙ୍କ ସମେତ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ବିଲରେ କାମ କରୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ସରଭୀମପୁର ଗ୍ରାମ ନିକଟ ଚାଷଜମିରେ ଧାନତଳି ରୁଆ ଚାଲିଥିବା ବେଳେ ହଠାତ୍ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେଠାରେ କାମ କରୁଥିବା ମର୍ଦ୍ଦରାଜ ଗୌଡ଼ଙ୍କ ସ୍ତ୍ରୀ ପୁନି ଗୌଡ଼ (୫୧) ଓ ଭଉଣୀ ନିରୁପମା ଗୌଡ଼ (୪୬) ଟଳି ପଡ଼ିଥିଲେ। ଉଭୟଙ୍କୁ ବିପୁଳିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଛତ୍ରପୁର ପୋଲିସ ଓ ସ୍ଥାନୀୟ ଆର୍‌ଆଇ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ଗଞ୍ଜାମ ବ୍ଲକ ରାଉଳିବନ୍ଧ ଗାଁରେ ଚାଷଜମିରେ ବଜ୍ରପାତ ହେବାରୁ ମିନି ଗୌଡ଼ (୪୭)ଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଥାନା ପୋଲିସ ଏବଂ ମଲାଡ଼ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ୩ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଖବର ଶୁଣି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ହସ୍ପିଟାଲରେ ପହଞ୍ଚି ମୃତା ମହିଳାମାନଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୭ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ଓମ୍ ପ୍ଲାଜା, ନନ୍ଦନ ବିହାର, ସମୟ: ସକାଳ ୯ ଟା।
- ରବି ୨୦୨୫-୨୬ର ସିଏମ୍ ସହାୟତା ରାଶି ପ୍ରଦାନ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ୟାସନ୍ କ୍ଲବ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ପ୍ୟାସନ୍ କ୍ଲବ, ଏମ୍ଏଲ୍ଏ କଲୋନୀ, ୟୁନିଟ୍ ୪, ସମୟ: ଅପରାହ୍ନ, ୧ ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।

## କଟକ
- ମହାନଦୀ ବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗଣେଶ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ସିଏମ୍ କିଷାନ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା
- ଶ୍ରୀ ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ଗୁରୁଜଙ୍ଗ ; ମା ତାରିଣୀ କ୍ଲବ, କୋଣାର୍କ ନଗର ; ଜିଲା ପ୍ରେସ୍ କ୍ଲବ, ଟିଏଲ୍ସି ରୋଡ, ସମୟ: ସକାଳ ୯ଟା।
- ଶ୍ରୀ ଗଣେଶ ପୂଜା, ସ୍ଥାନ: ଶହୀଦ ଜୟୀରାଜଗୁରୁ କ୍ଲବ, ଗୁରୁଜଙ୍ଗ ହାଉସିଂବୋର୍ଡ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଗଣପତି ଦେବଙ୍କ ପୂଜା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶ୍ରୀଗଣେଶଙ୍କ ପୂଜୋତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହରିହର କଳା ବିକାଶ କେନ୍ଦ୍ର, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ମୁଫତି ଆଜମଙ୍କ ୩୧ତମ ବାର୍ଷିକ ଉର୍ସ ଉତ୍ସବ, ସ୍ଥାନ: ମୀର୍ଜାପୁର ଖାନକା ହବିବିୟା କୁଦୁସିୟା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- କାଞ୍ଚନ, ଛୁଆ ଓ ପିଲା ଗଣେଶ ପୂଜା, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ବୁଢ଼ା, ଟୋକା ଗଣେଶ ପୂଜା, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୨ଟା।

## କେନ୍ଦୁଝର
- ଗଣେଶ ପୂଜା, ସ୍ଥାନ: ବଡ଼ବିଲ ; କୋର୍ଟ ପରିସର, ସମୟ: ସକାଳ୯ ଟା ୧୫। ସ୍ଥାନ: ଦ୍ରୌପଦୀ ଦେବୀ ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୯ ଟା ୩୦। ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ ଟା ୩୦। ସ୍ଥାନ: ସହିଦ ରତନ ପ୍ରଧାନ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୪୫।।

## ମୟୂରଭଞ୍ଜ
- ଅଗ୍ନିବୀର ବାୟୁ ନିଯୁକ୍ତି ପ୍ରଥମ ପର୍ଯ୍ୟାୟ ଶାରିରୀକ ଫିଟନେସ ପରୀକ୍ଷା, ସ୍ଥାନ:ଷ୍ଟିଲ ଗୋଲେଇ, ବାରିପଦା,ସମୟ: ସକାଳ ୬ଟା।
- ଶ୍ରୀ ଗଣେଶ ଦେବଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଉଦଳା ତୁଳସୀ ମାର୍କେଟ କମ୍ପ୍ଲେକ୍ସ, ସମୟ:ସକାଳ ୭ଟା।
- ବାଲ୍ ଗଣେଶଙ୍କ ପୂଜା, ସ୍ଥାନ: ସ୍ୱରୂପ ନଗର, ବାରିପଦା,ସମୟ: ସକାଳ ୮ଟା।
- ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଗଣେଶ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା।
- ଗଣପତିଙ୍କ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୯ଟା।
- ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା, ସ୍ଥାନ:ଚନ୍ଦନପୁର(ନୂତନ)ଆଶ୍ରମ ବିଦ୍ୟାଳୟ, ବଡ଼ସାହି, ସମୟ:ସକାଳ ୯ଟା।
- ବିଘ୍ନନାଶକ ଗଣେଶଙ୍କ ପୂଜା, ସ୍ଥାନ: ବାଗୁଲି ଆଶ୍ରମ ବିଦ୍ୟାଳୟ, ବଡ଼ସାହି, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି
- ରବି ଫସଲ ପାଇଁ କୃଷକ ସହାୟତା ବଣ୍ଟନ, ସ୍ଥାନ: ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ଶ୍ରୀଶ୍ରୀ ଗଣେଶ ଚତୁର୍ଥୀ, ସ୍ଥାନ: ରାଇଜିଂଷ୍ଟାର କ୍ଲବ ପୂଜା ମଣ୍ଡପ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସିଏମ୍ କିଶାନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଗଜାନନଙ୍କ ପୂଜା ଉତ୍ସବ, ସ୍ଥାନ: ବିକାଶ ୟୁଥ୍ କ୍ଲବ, ଖମାରସାହି, ଢେଙ୍କାନାଳ, ସମୟ: ମଧାହ୍ନ ୧୨ଟା।
- ୧୦ମ ନୃତ୍ୟାଙ୍ଗନା ସମ୍ମାନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗଣେଶ ପୂଜା, ସ୍ଥାନ: ବାଲିଝରା, ପାରାଦୀପ ସମୟ: ସକାଳ ୯ଟା।
- ସି ଆଣ୍ଡ ଏଫ୍ ଭୀମଭୋଇ କଲୋନୀ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଦାରୁବ୍ରହ୍ମ କ୍ଲବ ପକ୍ଷରୁ ଗଣେଶ ପୂଜା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସିଏମ୍ କିଷାନ ସହାୟତା ବଣ୍ଟନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନୀଳକଣ୍ଠପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗଣେଶ ପୂଜୋତ୍ସବ, ସ୍ଥାନ: ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୨ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଓ ଆଲୋଚନା ଚକ୍ର, ସ୍ଥାନ: ଶରଣକୁଳ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ , ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ବ୍ଲକର ମଙ୍ଗରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୫ମ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ; ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ସପ୍ତମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା, ସ୍ଥାନ: ନୟାଗଡ଼ ବଜାର ଓଡ଼ଗାଁ ରୋଡ, ସମୟ: ପୂର୍ବାହ୍ନ ୧୦ଟା। ପାଲାର ପ୍ରଥମ ଥାକ, ସମୟ: ଅପରାହ୍ନ ୩ଟା ୩୦। ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ସିଦ୍ଧି ବିନାୟକ ମନ୍ଦିର, ଗୁଣପୁର, ସମୟ: ସକାଳ ୮ଟା।
- ଗଣେଶ ଚତୁର୍ଥୀ ପାଳନ, ସ୍ଥାନ: ରାୟଗଡ଼ା ସହରର ବିଭିନ୍ନ କମିଟି ଏବଂ ଶିକ୍ଷାନୁଷ୍ଠାନ, ସମୟ: ସକାଳ ୯ ଟା।
- ରବି ଫସଲ ୨୦୨୫-୨୬, ମୁଖ୍ୟମନ୍ତ୍ରୀ କିସାନ ସହାୟତା ବଣ୍ଟନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଘୁଙ୍ଗୁର କଳା ବିକାଶ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୌଣ୍ଡିକ ମଙ୍ଗଳ ଭବନ, ମୁନିଗୁଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ଇଂଲିଶ ଭାଷାରେ ଦକ୍ଷତା ହାସଲ ପାଇଁ କର୍ମଶାଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଶିକ୍ଷା ସଦନ, ଓୟୁଏଟିରୁ କିଷାନ ସହାୟତା ବଣ୍ଟନର ସିଧା ପ୍ରସାରଣ, ସ୍ଥାନ : ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଚକାଛପର, ନବରଙ୍ଗପୁର, ସମୟ: ମଧାହ୍ନ ୧୨ ଟା।

## କୋରାପୁଟ
- ଗଣେଶ ଚତୁର୍ଥୀ ପାଳନ, ସ୍ଥାନ: ଐତିହାସିକ ଗଣେଶ ମନ୍ଦିର, ନନ୍ଦପୁର, ସମୟ: ସକାଳ ୬ଟା।
- ଗଣେଷ ଚତୁର୍ଥୀ ନେଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗଣେଶ ମନ୍ଦିର, ସୁନାରିସାହି, କୋରାପୁଟ, ସମୟ: ସକାଳ ୮ଟା।
- ଗଣେଶ ପୂଜା ପାଳନ, ସ୍ଥାନ: ସୁନାବେଡା ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର, ଠିକା ସଂସ୍ଥା କାର୍ଯ୍ୟାଳୟ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଗଣେଶ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମେଡିକାଲ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ସିଏମ୍ କିଷାନ ଅର୍ଥ ପ୍ରଦାନ ସମାରୋହ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବିଏସ୍‌ସି ନର୍ସିଂ କଲେଜରେ ଗଣେଶ ପୂଜା, ସ୍ଥାନ: ଅରବିନ୍ଦ ନଗରସ୍ଥିତ କଲେଜ ପରିସର, କୋରାପୁଟ, ସମୟ: ମଧାହ୍ନ ୧୨ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସିଏମ କିଷାନ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଉପଲକ୍ଷେ ସମଲେଇଙ୍କ ଆଭୂଷଣ ସଫେଇ ନୀତି, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ସଫେଇ ନୀତି, ସ୍ଥାନ : ଦାନିପାଲି ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନ୍ତିମ ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଗଣେଶ ପୂଜନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ୭ଟା।
- ଗଣେଶ ପୂଜା ସ୍ଥାନ: ବଲାଙ୍ଗୀର ପବ୍ଲିକ ସ୍କୁଲ, ବଲାଙ୍ଗୀର, ସମୟ: ୯ଟା

## ରାଉରକେଲା
- ଗଜାନନ ପୂଜା, ସ୍ଥାନ: ବିଦ୍ୟାଷ୍ଟଡି ପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା।
- କରମା ପୂର୍ବସନ୍ଧ୍ୟା ଓ ସର୍ବଭାରତୀୟ ଆଦିବାସୀ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଜାନନ ପୂଜା, ସ୍ଥାନ: ଶକ୍ତିନଗର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ମୁଖ୍ୟମନ୍ତ୍ରୀ ସହାୟତା ରାଶି ବିତରଣ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗଣେଶଙ୍କ ପୂଜନୋତ୍ସବ, ସ୍ଥାନ: ହସ୍‌ପିଟାଲ ରୋଡ ପୂଜା କମିଟି ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା, ଆଳତୀ, ପ୍ରସାଦ ବଣ୍ଟନ ସନ୍ଧ୍ୟା ୭ଟା।

## ବରଗଡ଼
- ଗଣେଶ ପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼,ସମୟ:ସକାଳ ୭ଟା।
- ଗଣେଶ ପୂଜନ ଉତ୍ସବ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାଇସିଲେଟ,ସମୟ: ସକାଳ ୮ଟା।
- ନୂଆଖାଇ ଜୋଟଜାଟ,ସ୍ଥାନ: ବଗେଇବିରା ତନ୍ତଶାଳା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସି. ଏମ୍ କିଷାନ ସହାୟତା ବଣ୍ଟନ ସମାରୋହ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗ୍ରୀଞ୍ଜାଲ, ସୋହେଲା,ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ଭାଜପା ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ, ସ୍ଥାନ: ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଧର୍ମଗଡ଼ କାଶିବାହାଲ, ସମୟ: ମଧାହ୍ନ ୧୨ଟା।

## ବୌଦ୍ଧ
- ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ସହାୟତା ବଣ୍ଟନ,ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏନ୍ଏସିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ତରଭାରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଞ୍ଚଳିକ କଳାକେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଭରୁଆମୁଣ୍ଡା ଗାଁ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଡିପିଆରସି ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ପ୍ରୀତିପ୍ରଦ ଯାତ୍ରା କରିବାର ଅପୂର୍ବ ସୁଯୋଗ ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାର ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଖୁସି ମିଜାଜ୍‌ରେ ସମୟ ଅତିବାହିତ ହେବ। ରବି କେତୁ ଯୁକ୍ତ ପ୍ରଭାବରେ ସନ୍ତାନ ହେତୁକ କୌଣସି ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବୃଷ** ଶନି କର୍ମସ୍ଥାନରେ ରାଶିକୁ ଅବଲୋକନ କରୁଥିବାରୁ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ନ ହୋଇପାରେ। ପରିବାରରେ ଖର୍ଚ୍ଚ ବୃଦ୍ଧିପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ସାହିତ୍ୟ, ସଙ୍ଗୀତ, ଲେଖାପଢ଼ା, ଗବେଷଣା କ୍ଷେତ୍ରରେ ଆଦୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିବାରୁ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନ ବଳାଇପାରନ୍ତି।

**ମିଥୁନ** ସ୍ୱନକ୍ଷତ୍ରସ୍ଥ ବୁଧ ଧନସ୍ଥାନରେ ଶୁକ୍ର ଯୁକ୍ତ ହେତୁ ବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମଗୁଡ଼ିକୁ ପୂର୍ଣ୍ଣ କରିବା ସକାଶେ ଦୃଢ ପଦକ୍ଷେପ ନେଇପାରନ୍ତି। ସମ୍ପର୍କୀୟମାନଙ୍କ ସାହାଯ୍ୟ ନେଇ ବିବାଦୀୟ ଘଟଣାର ଅବସାନ ଘଟିବ। ନୂତନ ଗୃହ, ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭକରି ଅଭିଳାଷ ପୂରଣ କରିବେ। ଆଜିର ସଭାସମିତି, ଆନୁଷ୍ଠାନିକ କାମ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବ। ଶିଳ୍ପ, ହୋଟେଲ ବ୍ୟବସାୟ, ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ଚତୁର୍ଥାଧିପତିଙ୍କ ବୁଧ ସଂଯୋଗରୁ ପାରିବାରିକ ସୁଖ, ଶାନ୍ତି ଅବ୍ୟାହତ ରହିବାର ଆଶା ରହିଛି।

**ସିଂହ** ରାଶ୍ୟାଧିପ ରବି ସ୍ୱଗୃହସ୍ଥ ହେଲେ ମଧ ପାପଗ୍ରହ କେତୁଯୁକ୍ତ କାରଣରୁ କାମ ଗୋଳମାଳିଆ ରହିବ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ କଳହର ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆତ୍ମୀୟଙ୍କ ସାହାଯ୍ୟ ଆଶାକରି ନିରାଶ ହେବାକୁ ପଡ଼ିପାରେ। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିବ।

**କନ୍ୟା** କର୍ମାଧିପ ବୁଧ ଲାଭଭାବସ୍ଥ ଯୋଗୁ ଆଜିର ପ୍ରତ୍ୟେକ କାମ ସହଜ ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କୁଟୀରଶିଳ୍ପ,ଆମଦାନୀ କାରବାର ପ୍ରାୟତଃ ଭଲରେ ଚାଲିବ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ମୂଲ୍ୟବାନ୍ ଜିନିଷ କିଣିବା ପୂର୍ବରୁ ଆଉଥରେ ବିଚାର କରିବା ଭଲ ହେବ।

**ତୁଳା** ଶୁକ୍ର ଶତ୍ରୁ ଭାବରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିଜନିତ ମାନସିକ ସ୍ଥିରତା ରହି ନ ପାରେ। ଈର୍ଷାପରାୟଣ ବନ୍ଧୁ ସାଧାରଣ କଥାକୁ ଅତିରଞ୍ଜିତ କରି ଅପପ୍ରଚାର ଚଳାଇ ପାରନ୍ତି। ପିଲାଙ୍କ ସମସ୍ୟା ପଡ଼ୋଶୀଙ୍କ ମାଧ୍ୟମରେ ସମାଧାନ ହୋଇପାରିବ। କଳା,ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ପ୍ରଭୃତିରେ ସଫଳତା ପାଇବେ।

**ବିଛା** ଚନ୍ଦ୍ରଙ୍କ ଉପରେ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଶାରୀରିକ ଓ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, ମାତ୍ର ଋଣ ପରିଶୋଧ ଦିଗରେ ସଫଳତା ପାଇବେ ନାହିଁ। ପିଲାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଶିକ୍ଷା, ସରକାରୀ କାମ, ବିଶିଷ୍ଟବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର ଦିଗରେ ଉପକୃତ ହେବେ।

**ଧନୁ** ବୃହସ୍ପତିଙ୍କ ଶୁଭସଂସ୍ଥିତିରୁ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁମିଳନ, ସଭାସମିତି, ଆଲୋଚନା, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସ୍ୱାସ୍ଥ୍ୟ ସଚେତନତା ହେତୁ ପୁରାତନ ରୋଗପୀଡ଼ାରୁ ସାମୟିକ ଉପଶମ ପାଇବେ।

**ମକର** ଭାଗ୍ୟସ୍ଥାନରେ ଚତୁର୍ଥାଧିପତି ରହିଥିବାରୁ ଯାନ, ଗୃହ, ମୂଲ୍ୟବାନ୍ ଜିନିଷ କ୍ରୟ କରିବେ। ଶୁଭେଚ୍ଛୁଙ୍କ ନିମନ୍ତ୍ରଣ ପାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ ସଜାଡିବାରେ ଅପେକ୍ଷାକୃତ ଅସୁବିଧା ଭୋଗିପାରନ୍ତି। ସପ୍ତମାଧିପତିଙ୍କ ପ୍ରତି ଶନିଦୃଷ୍ଟି ଜନିତ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦରେ ଅପଦସ୍ଥ ହେବାକୁ ପଡ଼ିପାରେ।

**କୁମ୍ଭ** ଷଷ୍ଠାଧିପ ଯୁକ୍ତ ତୃତୀୟାଧିପ ହେତୁ ସମ୍ପର୍କୀୟ ମୁହଁରେ ବନ୍ଧୁତ୍ୱର ଓ ପଛରେ ବିରୁଦ୍ଧାତ୍ମକ କଥା କହିବେ। ଶନିଙ୍କ ଦୃଷ୍ଟିଜନିତ ଭୁଲ୍ ବୁଝାମଣାଜନିତ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ବାଣିଜ୍ୟ, ପରିବହନ, ମକଦ୍ଦମା, ଦୂରଯାତ୍ରା ଓ ପ୍ରତିଯୋଗିତାରେ ସଫଳତା ମିଳି ନ ପାରେ। ସାହିତ୍ୟ, ସଙ୍ଗୀତ, ଗବେଷଣା, ବିଦେଶଯାତ୍ରାରେ ସଫଳତା ମିଳିବ।

**ମୀନ** ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ପରାମର୍ଶ ନିଅନ୍ତୁ। ଗୁରୁକୃପାରୁ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଲକ୍ଷ୍ୟହାସଲ ଦିଗରେ ଅନୁଧାବନ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନା ଓ ସଭାସମିତିରେ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅବଲମ୍ବନ କରିବା ଭଲ ହେବ।

ଆଜି ଶ୍ରୀଗଣେଶ ଚତୁର୍ଥୀ, ଉଦିତ ଚନ୍ଦ୍ରଦର୍ଶନ ନିଷେଧ, ଅଗଷ୍ଟ ୨୭ ତାରିଖ, ଭାଦ୍ରବ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର। ବୁଧିବାମନ ଓଷା ତୃତୀୟ ପାଳି, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୩ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସାହସେ ମରି, ସାହସେ ତରି,
ସାହସେ ଘର ଦୁଆର କରି।**

ସାହସ ବ୍ୟକ୍ତିକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇଥାଏ। ଯାହାର ବ୍ୟକ୍ତିତ୍ୱରେ ସାହସ ତଥା ପୁରୁଷାର୍ଥ ଭଳି ସୁଗୁଣ ଥାଏ ତା' ପାଇଁ କୌଣସି କାର୍ଯ୍ୟ କଷ୍ଟକର ହୋଇ ନ ଥାଏ। ଏପରି ବ୍ୟକ୍ତି ତାଙ୍କ ଜୀବନକାଳରେ ସଫଳତାର ଶୀର୍ଷ ଦେଶରେ ପହଞ୍ଚୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସିନିଅ ନ ଥାଇ ରାଣ
ପାଣି ନ ଥାଇ ଧାନ।**

ସାଧାରଣତଃ ନିଜ ଜୀବନ ତଥା ଦେବଦେବୀଙ୍କ ନାମ ଧରି ଅନେକ ରାଣ ପକାଯାଇଥାଏ। ଅତି ଆପଣାର ଲୋକଙ୍କ ପାଇଁ ଏହି ରାଣ ପକାଯାଉଥିବା ବେଳେ ଏଥିରେ ଆନ୍ତରିକ ସ୍ନେହ ଭାବ ଭରି ରହିଥାଏ। ସେହିପରି ଧାନ ଫସଲ ପାଇଁ ପାଣି ଆବଶ୍ୟକ ହେଉଥିବାବେଳେ ବିନା ପାଣିରେ ଧାନ ଗଛଟି ବଞ୍ଚିପାରି ନ ଥାଏ। ତେଣୁ ଧାନ ଚାଷ ପାଇଁ ପାଣିର ଆବଶ୍ୟକତା ଯେପରି ଜରୁରୀ ହୋଇଥାଏ ରାଣ ପକାଉଥିବା ବ୍ୟକ୍ତିର ସ୍ନେହ ମଧ୍ୟ ସେପରି ଗଭୀର ହେବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଏବେ 'ଆମ ଶାସନ'...

ଲୋକେ ଏବଂ ସରକାରଙ୍କ ମଧ୍ୟରେ ବ୍ୟବଧାନ କମିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନର ତୃତୀୟ ମହଲା ସଭାକକ୍ଷରେ 'ଆମ ଶାସନ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ, 'ଆମ ଶାସନ' ହେଉଛି ଆଧୁନିକ ଟେକ୍ନୋଲୋଜି ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ। ୱେବ୍‌ସାଇଟ୍ ଚାଟ୍ ବଟ୍, ହ୍ୱାଟ୍ସଆପ୍ ଚାଟ୍ ଓ ନିଃଶୁଳ୍କ ନମ୍ବରରେ ଜନସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇପାରିବେ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ଶାସନ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣ ନୁହେଁ ଗଣ ମାନଙ୍କ ସେବାକୁ ନିଶ୍ଚିତ କରିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି। ଜନଧନ, ଆଧାର ଓ ମୋବାଇଲ (ଜିଏମ୍)ର ଉପଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ, ଲୋକେ ପୂରା ଟଙ୍କାଟିଏ ହିଁ ପାଉଛନ୍ତି। ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନ ଭାବି ଲୋକଙ୍କ ସେବକ ଭାବରେ କାମ କରୁଛୁ। ପ୍ରଧାନମନ୍ତ୍ରୀ ସବୁବେଳେ ନିଜକୁ ପ୍ରଧାନସେବକ ଭାବେ କାର୍ଯ୍ୟକରି ଆସୁଥିବାବେଳେ ମୁଁ ନିଜକୁ ମୁଖ୍ୟସେବକ ଭାବେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଉଛି।

ସେ କହିଥିଲେ, ବର୍ତ୍ତମାନ ଅନ୍‌ଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। 'ଆମ ଶାସନ' କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସେଥିମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ଏଫ୍‌ଆଇଆର୍, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିଶନ ରହିଛି।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ମୁଙ୍ଗେ ଧାରୁଆ, ଜଗତ୍‌ସିଂହପୁରର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଫକୀର ଦାସ, କନ୍ଧମାଳର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାର ହିତାଧିକାରୀ ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋସ୍ନାରାଣୀ ଦେହୁରୀ ଏବଂ ବଲାଙ୍ଗୀରର ଆୟୁଷ୍ମାନ ବୟୋବନ୍ଦନା ହିତାଧିକାରୀ ଗିରୀଶ କୁମାର ସିଂଦେଓଙ୍କ ସହିତ ମୁଖ୍ୟମନ୍ତ୍ରୀ ଭାବବିନିମୟ କରି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମତାମତ ନେଇଥିଲେ। ଛାତ୍ରୀ ଜ୍ୟୋସ୍ନାରାଣୀ ଦେହୁରୀ କହିଥିଲେ, ଏହି ଯୋଜନା କେବଳ ଅନୁସୂଚିତ ଜନଜାତି ଭିତ୍ତିରେ ସୀମିତ ନ ରଖି ସବୁ ବର୍ଗର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଉ। ଏହାଦ୍ୱାରା ଉପସ୍ଥାନ ବଢ଼ି ପାରିବ। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କହି ଆଗାମୀ ଦିନରେ ସରକାର ନିଶ୍ଚିତ ବିଚାର କରିବେ ବୋଲି କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଲେ, ଲୋକଙ୍କୁ ସୁଶାସନ ଦେବା ପାଇଁ ସରକାର ଅହରହ ଉଦ୍ୟମ କରୁଛନ୍ତି। ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଏବଂ ଓକାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକସେବା ଭବନରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆମ ଶାସନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ।

## ନୂଆଁଖାଇ ପରଦିନ...

ସରକାରୀ କାର୍ଯ୍ୟାଳୟ ତଥା ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ଛୁଟି ଘୋଷଣା କରାଯାଇଛି। ଏଥିସହ ସେପ୍ଟେମ୍ବର ୧୩ ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟଦିବସ ଭାବେ ମଧ୍ୟ ଘୋଷଣା କରାଯାଇଛି। ସେହିପରି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟ ଶୁକ୍ରବାର ଛୁଟି ରହିବ ବୋଲି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଉଚ୍ଚଶିକ୍ଷା ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ଘୋଷଣା ହୋଇଛି।

# ଚିନ୍ମୟଙ୍କୁ ଯୁବ, ଇପ୍‌ସିତାଙ୍କୁ ଛାତ୍ର ସଭାପତି କଲା ବିଜେଡି


ଚିନ୍ମୟ ସାହୁ


ଇପ୍‌ସିତା ସାହୁ

ଭୁବନେଶ୍ୱର,୨୬।୮(ସୁନିତ୍ ମିଶ୍ର)

- ଛାତ୍ର ଓ ଯୁବ ବ୍ୟାପାର କମିଟି ଗଢ଼ିଲା ଦଳ
- ପାଣ୍ଡିଆନ୍‌ଙ୍କ ସହଯୋଗୀ ଗୋଷ୍ଠୀଙ୍କ ଅଜାଣତରେ ନିଯୁକ୍ତିକୁ ନେଇ ଚର୍ଚ୍ଚା

ବିଜେଡି ପକ୍ଷରୁ ମଙ୍ଗଳବାର ଯୁବ ଓ ଛାତ୍ର ସଂଗଠନର ନେତୃତ୍ୱ ଘୋଷଣା କରାଯାଇଛି। ଗତ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ଦଳର ସବୁ କମିଟିକୁ ଭଙ୍ଗ କରି ଦିଆଯାଇଥିଲା। ହେଲେ ଯୁବ ଓ ଛାତ୍ର ସଭାପତି ଭାବେ ଦୁଇ ନୂଆ ଚେହେରାକୁ ଦଳ ଆଗକୁ ଆଣିଛି। ବିଜୁ ଯୁବ ଜନତା ଦଳ ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଇପ୍‌ସିତା ସାହୁଙ୍କୁ ଦଳ ନିଯୁକ୍ତ କରିଛି। ସେହିପରି ଦଳ ଯୁବ ଛାତ୍ର ବ୍ୟାପାର ଦାୟିତ୍ୱ କେତେଜଣ ନେତାଙ୍କ ମଧ୍ୟରେ ଆବଣ୍ଟିତ କରିଛି। ଯୁବ ବ୍ୟାପାରର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ବ୍ୟୋମକେଶ ରାୟଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୩ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଓ ସଞ୍ଜୀବ ମହାନ୍ତିଙ୍କୁ ଦଳ ଦାୟିତ୍ୱ ଦେଇଛି। ସେହିପରି ଛାତ୍ର ବ୍ୟାପାର ଦାୟିତ୍ୱ ଏବେ ଦଳର ୪ ଜଣ ତୁଲାଇବେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଛାତ୍ର ବ୍ୟାପାର କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଥିବା ବେଳେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ ଏବଂ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ନିଯୁକ୍ତି ପରେ ଦଳର ଗୋଟିଏ ଗୋଷ୍ଠୀ ଯେଉଁମାନେ ଭି. କେ. ପାଣ୍ଡିଆନ୍‌ଙ୍କ ସପକ୍ଷବାଦୀ ନେତା ଭାବେ ଜଣାଶୁଣା, ସେମାନଙ୍କ ମତ ଏଭଳି ନିଯୁକ୍ତି ପରିପ୍ରେକ୍ଷୀରେ ଲୋଡ଼ା ଯାଇ ନ ଥିବା ଚର୍ଚ୍ଚା ହେଉଛି। ପୂର୍ବରୁ କେତେଜଣ ବରିଷ୍ଠ ନେତା ବିଧାୟକ ବ୍ୟୋମକେଶ ରାୟଙ୍କୁ ଯୁବ ଓ ବିଧାୟକ ଦେବୀରଞ୍ଜନଙ୍କୁ ଛାତ୍ର ସଭାପତି ଭାବେ ଦାୟିତ୍ୱ ଦେଇ ଦଳକୁ ଚଳାଇବେ ବୋଲି ଚର୍ଚ୍ଚା କରୁଥିଲେ। ହେଲେ ପୂର୍ବରୁ ହିଁ ଯୁବ ସଭାପତି ଭାବେ ଦାୟିତ୍ୱ ଦିଆଯିବା ନେଇ ଚିନ୍ମୟଙ୍କୁ ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳିଥିଲା, ଯାହା ଏବେ ବାସ୍ତବ ରୂପ ନେଇଛି।

# ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର,୨୬।୮(ସୁଚିସ୍ମିତା ସାହୁ)

ରାଜ୍ୟର ବିଭିନ୍ନ ଜିଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନିକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ଉପୁଜିଥିବା ବନ୍ୟା ପରିସ୍ଥିତି, ପ୍ରଭାବିତ ଜିଲାଗୁଡ଼ିକରେ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସମୀକ୍ଷା କରି ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କ ଜୀବନକୁ ସୁରକ୍ଷା ଦେବା ଆମର ସର୍ବୋତ୍ତମ କାର୍ଯ୍ୟ।

### ସତର୍କତା ଓ ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ

ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଛନ୍ତି।

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ଏବଂ ମୁଖ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର ସ୍ଥିତି ଓ ସଂପୃକ୍ତ ଜିଲା ପ୍ରଶାସନକୁ ଜାରି କରାଯାଇଥିବା ତଦାରଖ ବ୍ୟବସ୍ଥା ଓ ପରାମର୍ଶ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବ୍ୟାରେଜ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା, ଏଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରସ୍ତୁତ ଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି।


ବନ୍ୟା ପରିସ୍ଥିତି ସମ୍ପର୍କରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମୀକ୍ଷା କରୁଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ

ଭୁବନେଶ୍ୱର,୨୬।୮ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ଅର୍ବାନ ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଏବଂ ଓଡ଼ିଶା ରୁରାଲ ହାଉସିଂ ଆଣ୍ଡ ଡେଭଲପମେଣ୍ଟ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ବରିଷ୍ଠ ଓଏଏସ୍ ଅଧିକାରୀ ଶୁଭାନନ୍ଦ ମହାପାତ୍ରଙ୍କୁ ସହରାଞ୍ଚଳ ନିର୍ଦ୍ଦେଶକ ସହିତ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବା ବେଳେ ରଜନୀ କାନ୍ତ ସ୍ୱାଇଁଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ, ବିଷ୍ଣୁପ୍ରିୟା ସାହୁଙ୍କୁ ସମବାୟ ବିଭାଗ ଅତିରିକ୍ତ ସଚିବ, ଅଶୋକ କୁମାର ବେହୁରିଆଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ସଚିବ, ଗାୟତ୍ରୀ ଦତ୍ତ ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମସଚିବ, ଦୁର୍ଯ୍ୟୋଧନ ଭୋଇଙ୍କୁ କଳାହାଣ୍ଡି ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଓକାକ୍‌ର ଓଏସ୍‌ଡି ଭାବେ ବଦଳି କରାଯାଇଥିବାବେଳେ ରାଜ୍ୟ ପଛୁଆବର୍ଗ ଉପନିର୍ଦ୍ଦେଶକ ସରୋଜ କୁମାର ପଣ୍ଡାଙ୍କୁ ଜଳସମ୍ପଦ ବିଭାଗର ବୃଦ୍ଧଙ୍ଗ ଜଳସେଚନ ପ୍ରକଳ୍ପ ଦାୟିତ୍ୱ ପ୍ରଦାନ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
ANM / GNM NURSES
We are hiring ANM / GNM Qualified Staff Nurses for immediate joining
Experience: Freshers & Experienced both can apply
Location: Bhubaneswar, Odisha
CONTACT/WHATSAPP: 8339966999
SEND YOUR UPDATED RESUME ON WHATSAPP

WANTED
DATA ENTRY OPERATOR
(MALE / FEMALE)
REQUIRED FOR A CONSTRUCTION OFFICE, BHUBANESWAR
Mob : 7381207777

RECRUITMENT OF VOCATIONAL TRAINERS IN GOVT. SCHOOLS, KALAHANDI, ODISHA
Safeducate Learning Pvt. Ltd.
Invites applications for the post of Vocational Trainers under Samagra Shiksha in Govt. Schools of Kalahandi District, Odisha.
Sectors: Electronics & Retail Total Positions: 68
Eligibility:
Electronics : BE/B.Tech/Diploma in Electricals/Electronics/Telecomm.
Retails : Graduate or Diploma in Retail Management/Marketing
Pre-requisite : 2-3 years of work experience in same sector
Age : 18-45 years (As on 01.01.2025)
Note: Eligible candidates will be called for Interview. Date & Venue will be shared later on e-mail.
Salary: Rs.20,000/- per month (Gross)
How to Apply: Submit application by 05.09.2025 through Google Form: https://forms.gle/8v4pN81Sv6TUYNmB8 OR Email at: safeducate.samagra.shiksha@gmail.com OR by scanning QR Code.
Note: Recruitment process will be transparent. Do not indulge in any unfair practices

# ମିସ୍ ଟିନ୍ ଇଣ୍ଡିଆ ଫାଇନାଲରେ କୋରାପୁଟର ମୁଗ୍ଧଶ୍ରୀ ମିଳନିକା



କୋରାପୁଟ,୨୬।୮(ଅମିତାଭ ବେହେରା)

ଜାତୀୟ ସ୍ତରର ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ଫାଇନାଲ ରାଉଣ୍ଡରେ କୋରାପୁଟର ମୁଗ୍ଧଶ୍ରୀ ମିଳନିକା ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁଗ୍ଧଶ୍ରୀ କୋରାପୁଟ ଜିଲା ପରିଷଦରେ କାର୍ଯ୍ୟରତ ରଶ୍ମିତା ଦାସଙ୍କ ଝିଅ। ସେ ଭୁବନେଶ୍ୱର ଗାନ୍ଧୀ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଛାତ୍ରୀ। ଏଲି କ୍ଲବ୍ ପକ୍ଷରୁ ଭୁବନେଶ୍ୱର ଆୟୋଜିତ ଟିନ୍ ମିସ୍ ଇଣ୍ଡିଆ ଅଡିସନରେ ମୁଗ୍ଧଶ୍ରୀ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ୧୮ଜଣ ଝିଅଙ୍କ ମଧ୍ୟରେ ମୁଗ୍ଧଶ୍ରୀ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ସ୍ଥାନ ପାଇଛନ୍ତି। ଫାଇନାଲରେ ସଫଳତା ପାଇବା ଆଶାରେ ମୁଗ୍ଧଶ୍ରୀ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସମର୍ଥନ ଲୋଡ଼ିଛନ୍ତି। ଏସ୍‌ଏମ୍‌ଏସ୍ ମାଧ୍ୟମରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରିବାକୁ ସେ ନିବେଦନ କରିଛନ୍ତି।

# ନିଖୋଜ ଶିଶୁ ଜଙ୍ଗଲରୁ ଉଦ୍ଧାର

ଯୋଡ଼ା,୨୬।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ନୂଆଗାଁ ଦଲକୋ ସାହିରୁ ନିଖୋଜ ଶିଶୁ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ସେ ହେଲେ ସାହିର ସୁବାସ ମୁଣ୍ଡାଙ୍କ ପୁଅ ବିକାଶ ମୁଣ୍ଡା(୩)। ଶରୀରରେ କ୍ଷତଚିହ୍ନ ଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବିକାଶ ଗତ ୨୧ ତାରିଖରେ ଘର ପାଖରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ଏନେଇ ସୁବାସ ରୁଗୁଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ନିଖୋଜର ୫ ଦିନ ପରେ ପାଖ ରେଙ୍ଗାଳବେଡ଼ା ଜଙ୍ଗଲ ନିକଟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ମଙ୍ଗଳବାର ସ୍ଥାନୀୟ ଲୋକେ ଦେଖିଥିଲେ। ଶରୀରର ବହୁ ସ୍ଥାନରେ କ୍ଷତ ରହିଥିଲା। ଲୋକେ ପରିବାର ଲୋକଙ୍କୁ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶିଶୁଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଯୋଡ଼ା ଟାଟା ହସ୍ପିଟାଲରେ ଭର୍ତ୍ତି କରିଥିଲା। କୌଣସି ବନ୍ୟପ୍ରାଣୀ ନଖ ଶରୀରରେ ବାଜି କ୍ଷତ ହୋଇଥିବା ଡାକ୍ତର କହିଛନ୍ତି। ଶିଶୁ ଜଙ୍ଗଲକୁ କେମିତି ଗଲେ ସେ ନେଇ ରୁଗୁଡ଼ି ପୋଲିସ ତଦନ୍ତ ଚଳାଇଛି।




# ସରକାର ଆଣିବେ ଐତିହ୍ୟ ନୀତି


ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୬।୮(ବନ୍ଦନା ସେଠୀ)

- ୭୫ ଐତିହ୍ୟସ୍ଥଳର ବିକାଶ କରାଯିବ
- ସ୍ମାରକ ସଂରକ୍ଷଣ ପାଇଁ ଗଠନ ହେବ ଟାସ୍କଫୋର୍ସ

ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ଅନେକ ଐତିହ୍ୟସ୍ଥଳ ଆମ ରାଜ୍ୟରେ ଲୁକ୍କାୟିତ ହୋଇ ପଡ଼ିଛି। ଏସବୁକୁ ହିସାବ କଲେ ଓଡ଼ିଶାରେ ଏହାର ସଂଖ୍ୟା ୩ହଜାରରୁ ଅଧିକ ହେବ। ସେଥିମଧ୍ୟରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି। ତେଣୁ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଐତିହ୍ୟ ନୀତି ଅଧୀନରେ ଏହି କାର୍ଯ୍ୟକୁ ଆଗେଇନେବା ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟରେ ଥିବା ଐତିହ୍ୟ ସ୍ମାରକଗୁଡ଼ିକର ସଂରକ୍ଷଣ ଓ ଉନ୍ନତୀକରଣ ନେଇ ସମୀକ୍ଷା କରାଯାଇଛି। ଲୋକଲୋଚନ ଆଢୁଆଳରେ ରହିଥିବା ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା, ସେ ସବୁର ଡାଟାବେସ୍ ପ୍ରସ୍ତୁତ ସହ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ପୁରାତନ ଐତିହ୍ୟସ୍ଥଳର ଗଣନାରେ ଓଡ଼ିଶା ଆଗରେ ରହିଛି। ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବାକୁ ହେଲେ ସବୁ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ। ଭାରତ ଶ୍ରୀଜଗନ୍ନାଥଙ୍କ ଦେଶ ଭାବେ ପରିଚିତ ଓ ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର। ସମସ୍ତ କୀର୍ତ୍ତିରାଜିର ସୁରକ୍ଷା ସହିତ ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜରୁରୀ। ଫଳରେ ଲୋକଲୋଚନ ଆଢୁଆଳରେ ଥିବା ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକ ଆସିବାର ସମ୍ଭାବନା ସୃଷ୍ଟି ହୋଇପାରିବ। ସେହିପରି ସବୁ ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତୀକରଣ ହେବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିସହିତ ତାରା-ତାରିଣୀ ମନ୍ଦିରଠାରୁ ଆରମ୍ଭ କରି ବିରଜାକ୍ଷେତ୍ର ପର୍ଯ୍ୟନ୍ତ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡର ନିର୍ମାଣ କରାଯିବ। ଏଥିପାଇଁ ସବୁ ପୁରାତନ ଐତିହ୍ୟସ୍ଥଳର ପ୍ରୋଫାଇଲ ପ୍ରସ୍ତୁତି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

DSPL - 224
ଓଡ଼ିଶା ଶାସନ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଚକ୍ଷୁଦାନ ପକ୍ଷ
୨୫ ଅଗଷ୍ଟ - ୮ ସେପ୍ଟେମ୍ବର ୨୦୨୫

ଚକ୍ଷୁଦାନ ସମ୍ବନ୍ଧୀୟ କେତୋଟି ଜାଣିବା କଥା

- ଜଣକର ଚକ୍ଷୁଦାନରେ ଦୁଇ ଜଣ ଦୃଷ୍ଟିହୀନ ଉପକୃତ ହୋଇପାରିବେ।
- ଚକ୍ଷୁର ସ୍ୱଚ୍ଛପଟଳ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ସଂଗ୍ରହ କରାଯାଏ।
- ଜୀବିତ କାଳ ମଧ୍ୟରେ ଚକ୍ଷୁଦାନ ପାଇଁ ସମ୍ମତି ପ୍ରଦାନ କରିନଥିଲେ ମଧ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ପରେ ସମ୍ପର୍କୀୟଙ୍କ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇ ପାରିବ।

ଅଧିକ ଜାଣିବା ପାଇଁ -
www.npcbvi.mohfw.gov.inକୁ ଯାଆନ୍ତୁ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍ : ୧୦୪
OIPR-10003/13/0250/2526
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ଶ୍ରୀଗଣେଶ ଚତୁର୍ଥୀ ବ୍ରତ



# ପୁନର୍ବାର ଚିଲିକା

ଦକ୍ଷିଣ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଅବସ୍ଥିତ ଦି ନ୍ୟୁ କାଲିଡୋନିଆନ୍ ବାରିଅର ରିଫ୍ ପରେ ଚିଲିକା ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଉପକୂଳ ହ୍ରଦ। କ୍ଷାରୀୟ ଜଳର ଏହି ହ୍ରଦ ଜୈବ ବିବିଧତା ବଜାୟ ରଖିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଏହି ହ୍ରଦକୁ ଆସିଥାଆନ୍ତି। ଏହାର ମନୋରମ ଦୃଶ୍ୟ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ହେଲେ କିଛି ବର୍ଷ ହେବ ବିଭିନ୍ନ କାରଣ ଯୋଗୁ ଏହାର ଜୈବ ବିବିଧତା ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଚିଲିକା ପରିବେଶଗତ ଅବକ୍ଷୟକୁ ସାମ୍ନା କରୁଥିବା ବେଳେ ଏବେ ସେଠାରେ ସିପ୍ଲେନ୍ ଉଡ଼ାଣ କଥା ପୁନର୍ବାର ଉଠିଲାଣି। ୨୫ ଅଗଷ୍ଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ପୂର୍ବାଞ୍ଚଳ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁ କହିଛନ୍ତି, ଅକ୍ଟୋବର ସୁଦ୍ଧା ଦେଶରେ ଦୁଇଟି ସିପ୍ଲେନ୍ ରୁଟ୍ ରହିବ। ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ, କେରଳ କିମ୍ବା ଆନ୍ଧ୍ରପ୍ରଦେଶ ନେଟୱର୍କରେ ଚାଲିବ। ଏଥିସହିତ ସିପ୍ଲେନ୍ ସେବା ଓଡ଼ିଶାର ଚିଲିକା ହ୍ରଦ ଓ ସମଗ୍ର ପୂର୍ବ ଉପକୂଳକୁ ବିସ୍ତାର କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଶ୍ନ କରାଯାଇପାରେ ଯେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କେନ୍ଦ୍ରରେ ଅଛି। ସେହି ମନ୍ତ୍ରଣାଳୟର ପୂର୍ବାଞ୍ଚଳ କିମ୍ବା ପଶ୍ଚିମାଞ୍ଚଳ ସମ୍ମିଳନୀର ଅର୍ଥ କ'ଣ ବୁଝିହେଉ ନାହିଁ। ଭାରତୀୟ ରେଳର ଯେମିତି ବିଭିନ୍ନ ଡିଭିଜନ ବା ଭାଗ ଅଛି, ବେସାମରିକ ବିମାନ ଉଡ଼ାଣ ମନ୍ତ୍ରଣାଳୟର ସେଭଳି ଭାଗ ବିଷୟରେ କେହି ଜାଣି ନ ଥିବେ।

ଯେକୌଣସି କାର୍ଯ୍ୟ କରାଯିବା ପୂର୍ବରୁ ତା'ର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ନିତାନ୍ତ ଆବଶ୍ୟକ। ଯେଉଁ ଭିତ୍ତିଭୂମି ଗୋଟିଏ ପ୍ରକଳ୍ପ ପାଇଁ ଅନୁକୂଳ ହୋଇପାରେ, ତାହା ଅନ୍ୟ ସ୍ଥାନ ପାଇଁ ଉପଯୋଗୀ ହୋଇ ନ ପାରେ। ତେଣୁ ବିକାଶ ନାମରେ ହୁଣ୍ଡା ବୁଦ୍ଧିରେ କାର୍ଯ୍ୟ କରାଗଲେ ତାହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡ଼ିବା ଥୟ। ମନେହେଉଛି ଯେପରି ଲୋକଦେଖାଣିଆ ବଡ଼ କାମ କରାଯାଉଛି ବୋଲି ପ୍ରମାଣ କରିବାକୁ ଏଭଳି ବ୍ୟାକୁଳତା ପ୍ରକାଶ ପାଉଛି।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୮ ଅଗଷ୍ଟରେ ବିଜୁ ଜନତା ଦଳ (ବିଜେଡି) ସରକାର ଥିବା ବେଳେ ଚିଲିକାରେ ୱାଟର ଏରୋଡ୍ରମ୍ କରାଯିବା ନେଇ ତନାଘନା ଚାଲିଥିଲା। ଏହା ହେଲେ ଜୈବମଣ୍ଡଳର ବ୍ୟାପକ କ୍ଷତି ହେବ ବୋଲି ଧରିତ୍ରୀ ପକ୍ଷରୁ ଉକ୍ତ ପ୍ରସଙ୍ଗ ଉଠାଯାଇଥିଲା। ୧୪ ଅଗଷ୍ଟ ୨୦୧୮ରେ 'ଚିଲିକା ବଞ୍ଚାଅ' ଶୀର୍ଷକରେ ଏକ ସମ୍ପାଦକୀୟ ଲେଖିବା ପରେ ଏହି ବିଷୟ କେନ୍ଦ୍ରଯାଏ ପହଞ୍ଚିଥିଲା। ଫଳରେ କେତେକ ପରିବେଶବିତ୍ କେନ୍ଦ୍ରର ଏଭଳି ଚିନ୍ତାଧାରାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ର ହସ୍ତକ୍ଷେପ ପରେ ଏହି ପ୍ରସ୍ତାବ ଆଗେଇପାରି ନ ଥିଲା। ପୁନଶ୍ଚ ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ଏବେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି।

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଦେଖିଲେ ପରିସଂସ୍ଥାନ ଯନ୍ତ୍ରୀ କୁହାଯାଉଥିବା 'ସି ଗ୍ରାସ୍ ବା ୱିଡ୍' ପରିବେଶ ସମନ୍ୱୟ ରକ୍ଷା କରି ପ୍ରଦୂଷଣ ହ୍ରାସ କରିଥାଏ। ବିଶେଷକରି ଓଡ଼ିଶାର ଚିଲିକା ହ୍ରଦରେ ଏଭଳି ଘାସ ରହିଥିବା ନିକଟରେ 'ଇଣ୍ଡିଆନ୍ ଜର୍ନାଲ ଅଫ୍ ଜିଓମେରାଇନ୍ ସାଇନ୍ସ'ରେ ପ୍ରକାଶିତ ପ୍ରବନ୍ଧରୁ ଜଣାପଡ଼ିଛି। ଏଥିରେ କୁହାଯାଇଛି ଯେ ପ୍ରାକୃତିକ ବିପର୍ଯ୍ୟୟ ସହିତ ବୋଟ୍ ଚଳାଚଳ ଓ ପ୍ରଦୂଷଣ ଭଳି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଏହି ଘାସ ନଷ୍ଟ ହୋଇଯାଉଛି। ଏହି ତଥ୍ୟରୁ ଖିଅଟାଣି ବିଚାର କରାଗଲେ ସିପ୍ଲେନ୍ ସେବା ଲାଗି ଯଦି ବୃହତ୍ ଭିତ୍ତିଭୂମି ନିର୍ମାଣ କରାଯିବ, ତାହା ହେଲେ ଏହି ସମୁଦ୍ର ଘାସ ସହ ଜୈବ ବିବିଧତା ବ୍ୟାପକ ଭାବେ କ୍ଷୟ ହେବ। ସେହିପରି ପକ୍ଷୀମାନଙ୍କ ବିଚରଣ ଅତ୍ୟନ୍ତ ବାଧାପ୍ରାପ୍ତ ହେବାର ସବୁ ଆଶଙ୍କା ରହିଛି। ଏମିତି ଦେଖିଲେ ସାଧାରଣ ଉଡ଼ାଜାହାଜ ପଡ଼ିଆ ନିକଟରେ ପକ୍ଷୀ ବସା ଥିଲେ ତାହାକୁ ଭାଙ୍ଗି ଦିଆଯାଇଥାଏ। ତେବେ ଅସଂଖ୍ୟ ପକ୍ଷୀଙ୍କ ଗନ୍ତାଘର ଚିଲିକାରେ ସିପ୍ଲେନ୍ ଉଡ଼ାଣ କେତେ ସୁରକ୍ଷିତ ହେବ, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିସହିତ କେବଳ ଚିଲିକାରେ ଇରାୱାଡି ଡଲଫିନ୍ ମାଛ ଦେଖାଯାଆନ୍ତି। ଏହି ପ୍ରଜାତିକୁ ଏଭଳି ଉଡ଼ାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଲୋପ କରିଦେଇପାରେ।

ଯେକୌଣସି କାର୍ଯ୍ୟ କରାଯିବା ପୂର୍ବରୁ ତା'ର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ନିତାନ୍ତ ଆବଶ୍ୟକ। ଯେଉଁ ଭିତ୍ତିଭୂମି ଗୋଟିଏ ପ୍ରକଳ୍ପ ପାଇଁ ଅନୁକୂଳ ହୋଇପାରେ, ତାହା ଅନ୍ୟ ସ୍ଥାନ ପାଇଁ ଉପଯୋଗୀ ହୋଇ ନ ପାରେ। ତେଣୁ ବିକାଶ ନାମରେ ହୁଣ୍ଡା ବୁଦ୍ଧିରେ କାର୍ଯ୍ୟ କରାଗଲେ ତାହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡ଼ିବା ଥୟ। ମନେହେଉଛି ଯେପରି ଲୋକଦେଖାଣିଆ ବଡ଼ କାମ କରାଯାଉଛି ବୋଲି ପ୍ରମାଣ କରିବାକୁ ଏଭଳି ବ୍ୟାକୁଳତା ପ୍ରକାଶ ପାଉଛି। ଏଠାରେ ପ୍ରଶ୍ନ କେବଳ ଓଡ଼ିଶାରେ ସୀମିତ ରହୁନାହିଁ। ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ ପୂର୍ବରୁ ଜୈବ ବିବିଧତା ପାଇଁ ଅନେକ ଗୁରୁତ୍ୱ ରଖୁଛି। ସେଠାରେ ମଧ୍ୟ ଅଣ୍ଡାମୁଣିଆ ଭାବେ ତଥାକଥିତ ବିକାଶ କରିବାକୁ ଯାଇ ଉଭୟ ଭୂମି ଓ ସମୁଦ୍ରକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଯାଉଛି। 'ବିକଶିତ' ଆଳରେ ଭାରତର କ୍ଷତି କରାଯିବା ଉଚିତ ନୁହେଁ।

# ଫାସିଜମ୍ କ'ଣ



ଜନାର୍ଦ୍ଦନ ପତି

ଫାସିଜମ୍ ବା ଫାସିବାଦ ଏକ ଅତ୍ୟନ୍ତ ପ୍ରତିକ୍ରିୟାବାଦୀ ମତାଦର୍ଶ ତଥା ଚରମ ଦକ୍ଷିଣପନ୍ଥୀ, ଏକଚ୍ଛତ୍ରବାଦୀ ଓ ଉଗ୍ରଜାତୀୟତାବାଦୀ ରାଜନୈତିକ ଚିନ୍ତାଧାରା। ଫାସିଜମ୍ ସମ୍ପର୍କରେ ରାଜନୈତିକ ବିଶାରଦ, ଐତିହାସିକ ଓ ସମାଜ ବିଜ୍ଞାନୀମାନେ ଅନେକ ଗବେଷଣା କରିଛନ୍ତି, ଏହାର ମୂଳ ଭିତ୍ତିଭୂମି ଓ ଚରିତ୍ର ଜାଣିବା ପାଇଁ। ଅବଶ୍ୟ ଫାସିଜମ୍‌ର ଚରିତ୍ର ଗୋଟିଏ ପ୍ରକାର ବୋଲି ପ୍ରମାଣିତ ହୋଇନାହିଁ। ଫାସିଜମ୍ ଯେପରି ଗଣତନ୍ତ୍ରର ତୀବ୍ର ବିରୋଧୀ ସେହିପରି ଉଦାରବାଦୀ ଚିନ୍ତାଧାରା, ସମାଜବାଦୀ ବ୍ୟବସ୍ଥା ଓ କମ୍ୟୁନିଷ୍ଟ ମତବାଦର କ୍ରୂରତମ ଶତ୍ରୁ। ସେମାନେ କେଉଁଠି ପାର୍ଲାମେଣ୍ଟାରୀ ବ୍ୟବସ୍ଥାକୁ ଭାଙ୍ଗି ଦିଅନ୍ତି ତ କେତେବେଳେ ପାର୍ଲାମେଣ୍ଟକୁ ନିଜର କ୍ଷମତା ଆରୋହଣ ପାଇଁ ବ୍ୟବହାର କରିଥାନ୍ତି। ପ୍ରତ୍ୟେକ ଦେଶରେ ଫାସିଜମ୍ ସର୍ବଦା ନିଜକୁ ଶ୍ରେଷ୍ଠ ଦେଶପ୍ରେମୀ ଗୋଷ୍ଠୀ ବୋଲି ପ୍ରଚାର କରିଥାଏ ଓ ଏଥିପାଇଁ ଅନ୍ୟ ଦେଶ ତଥା ଜାତି ଉପରେ ଯୁଦ୍ଧ ଓ ଧ୍ୱଂସଲୀଳା ଲଦି ଦେଇଥାଏ। ଫାସିଜମ୍ ଉଗ୍ର ଜାତୀୟତାବାଦକୁ ବ୍ୟାପକ ଭାବେ ଉସୁକାଇ ଦେଇ ନିଜକୁ ଏକ ଅତି ଉନ୍ନତ ଜାତିର ବଂଶଧର ବୋଲି ପ୍ରଚାର କରି ନିଜର ଆତ୍ମବଡ଼ିମାକୁ ବଢ଼ାଇଥାଏ।

ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟନ୍ତ ଫାସିଜମ୍ ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଫାସିଷ୍ଟମାନେ ମାର୍କ୍ସବାଦ ଓ ସମାଜବାଦ ବିରୋଧରେ ଅନ୍ତିମ ଅଭିଯାନ ଆରମ୍ଭ କରିଥିଲେ। କେତେଜଣ ବିଦ୍ୱାନୀ ଯୁକ୍ତି କରିଥାଆନ୍ତି ଯେ, ଫାସିଜମ୍ ଓ କମ୍ୟୁନିଷ୍ଟମାନେ ଏକାଧରଣର ଆଦର୍ଶର ଅନୁଗାମୀ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍। ଫାସିଜମ୍ ହେଉଛି ଲଗ୍ନିପୁଞ୍ଜି (Finance Capital)ର ସବୁଠାରୁ ହିଂସ୍ର ଓ ଦାନବୀୟ ରୂପ। ଫାସିଜମ୍ ବୃହତ୍ ପୁଞ୍ଜିର ଏକଦଳୀୟ ସୈରତନ୍ତ୍ର ପ୍ରତିଷ୍ଠା କଲାବେଳେ କମ୍ୟୁନିଷ୍ଟମାନେ ପୁଞ୍ଜିବାଦ ବିରୋଧୀ ମେହନତି ଶ୍ରମିକଶ୍ରେଣୀର ଶାସନ ପ୍ରତିଷ୍ଠା ପାଇଁ ଉଦ୍ୟମ ନେଇଥାନ୍ତି। ଫାସିଷ୍ଟମାନେ ସବୁ ଦେଶର ରକ୍ଷଣଶୀଳ ବ୍ୟବସ୍ଥାକୁ ସମର୍ଥନ କରିବା ସହ ଧର୍ମୀୟ ମୌଳବାଦୀ ପ୍ରତିଷ୍ଠାନ ଓ ରାଜତନ୍ତ୍ରକୁ ସୁରକ୍ଷା ଦେଇଥାନ୍ତି। ଉନ୍ନତ ପରିବାର ବ୍ୟବସ୍ଥାର ଦ୍ୱାହିଦେଇ ମହିଳାମାନଙ୍କୁ ଉତ୍ପାଦନ କର୍ମକ୍ଷେତ୍ରରୁ ହଟାଇ ଗୃହ କର୍ମରେ ବ୍ୟସ୍ତ ରହିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ସାମାଜିକ କ୍ଷେତ୍ର, କର୍ମକ୍ଷେତ୍ର ଓ ରାଜନୀତିରୁ ମହିଳାମାନଙ୍କୁ ହଟାଇ ସେମାନଙ୍କୁ ଉତ୍ତମ ମାତୃତ୍ୱର ଭୂମିକା ଗ୍ରହଣ କରିବାକୁ ବାଧ୍ୟକରନ୍ତି। ଜନ୍ମ ନିୟନ୍ତ୍ରଣକୁ ବିରୋଧ କରିବା ସହ ଗର୍ଭନିରୋଧ କଲେ ଦଣ୍ଡ ଦେବା ପାଇଁ ସୁପାରିସ କରନ୍ତି।

ଫାସିଜମ୍‌ର ଦୁର୍ଦ୍ଦାନ୍ତ ସଂଗଠନ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା ୧୯୨୦ ଦଶକରେ। ସେତେବେଳେ ଲିବିୟା ଇଟାଲୀର ଏକ ଉପନିବେଶ ଥିଲା। ଫାସିଷ୍ଟମାନେ ଆଫ୍ରିକା ଲୋକଙ୍କ ପ୍ରତି ଉଦାର ମନୋଭାବ ତ୍ୟାଗ କରି, ନିଜକୁ ଏକ ଉଚ୍ଚ ସମ୍ଭ୍ରାନ୍ତ ଜାତି ବୋଲି ଦାବି କରିବା ସହିତ ଆଫ୍ରିକାର ଲୋକମାନେ ନୀଚ ସ୍ତରର ବୋଲି ଘୋଷଣା କରି



ଆଫ୍ରିକା ଉପରେ ଇଟାଲୀର ଶାସନ ଜାହିର କଲେ। ଇଟାଲୀୟ ଫାସିଷ୍ଟବାହିନୀ ଲିବିୟାରେ ଗଣହତ୍ୟା ଘଟାଇବା ସହିତ ଲୋକଙ୍କୁ ଅନାହାରରେ ମୃତ୍ୟୁବରଣ କରାଇବାକୁ ବାଧ୍ୟ କରିଥିଲା ଓ ଲିବିୟାର ଲକ୍ଷାଧିକ ବେଦୁଇନଙ୍କୁ ଲିବିୟାରୁ ବହିଷ୍କାର କରିଥିଲା।

ମୁସୋଲିନି ରୋମ ନଗରୀରେ ଫାସିଷ୍ଟ କଳାକୁର୍ତ୍ତା ବାହିନୀର ସଶସ୍ତ୍ର ପଟୁଆର କରାଇ କ୍ଷମତା ଦଖଲ କଲାପରେ, ଏହା ସାରା ବିଶ୍ୱରେ ଚହଳ ପକାଇଥିଲା। ହିଟଲର ଅନୁରୂପ ଭାବେ ସଶସ୍ତ୍ର ପଟୁଆର କରାଇ ବର୍ଲିନରେ ବିଦ୍ରୋହ ଆରମ୍ଭ କଲେ। ଏହା ଘଟିଥିଲା ୧୯୨୩ରେ। ଯଦିଓ ହିଟଲରଙ୍କ କ୍ଷମତା ଦଖଲ ଉଦ୍ୟମ ବିଫଳ ହେଲା ଓ ସେ ଗିରଫ ହୋଇ ଜେଲଗଲେ। ପୁଣି ୧୯୩୩ରେ ରାଷ୍ଟ୍ରକ୍ଷମତା ଦଖଲ କଲେ।

ଏହି ସବୁ ଘଟଣା ଇଟାଲୀରେ ଓ ଜର୍ମାନରେ ଘଟୁଥିବାବେଳେ ସମଗ୍ର ୟୁରୋପରେ ଅର୍ଥନୈତିକ ସଙ୍କଟ ଚରମ ଅବସ୍ଥାରେ ପହଞ୍ଚିଥାଏ। ଦରବୃଦ୍ଧି ଓ ବେକାରିରେ ସମଗ୍ର ୟୁରୋପ ଛଟପଟ ହେଉଥାଏ। ଏହି ସଙ୍କଟର ମୂଳ କାରଣ ଭାବେ ଶ୍ରମିକଶ୍ରେଣୀର ଆନ୍ଦୋଳନ ଓ ବଲସେଭିକ୍‌ମାନଙ୍କ ବିପ୍ଳବକୁ ଦାୟୀ କରି ଫାସିଷ୍ଟମାନେ ପ୍ରଚାର କଲେ। ଦେଶାନ୍ତରୀ ଶ୍ରମିକ ଓ କମ୍ୟୁନିଷ୍ଟମାନଙ୍କୁ ଦାୟୀକରି ଫାସିଷ୍ଟମାନେ ପଟୁଆର ବାହାର କଲେ ଓ ସେମାନେ ହିଁ ଏ ସଙ୍କଟରୁ ଲୋକଙ୍କୁ ମୁକ୍ତି ଦେଇପାରିବେ ବୋଲି ଫାସିଷ୍ଟମାନେ ମୁହୁର୍ମୁହୁଃ ପ୍ରଚାର କରିଥିଲେ।

ବିଂଶ ଶତାବ୍ଦୀର ତିରିଶ ଦଶକରେ ବିଶ୍ୱ ଅର୍ଥନୀତି ଘୋର ସଙ୍କଟମୟ ପରିସ୍ଥିତିରେ ଫାସିଜମ୍ କେବଳ ଇଟାଲୀରେ ଗଢିଉଠିଥିଲା ତା' ନୁହେଁ, ଜର୍ମାନରେ ଏହା ନିଜ ପାର୍ଟିକୁ ଜନ୍ମ ଦେଇଥିଲା। ଯାହାର ପରିଣାମ ହୋଇଥିଲା ଯେ (Third Reich-୧୯୩୩-୪୫) ୱିମାର ରିପବ୍ଲିକକୁ ଶେଷ କରି ଦେଇଥିଲା ଓ ଫାସିଷ୍ଟ ଶାସନ ସେଠାରେ ପ୍ରତିଷ୍ଠିତ ହୋଇଥିଲା। ହିଟଲରଙ୍କ ନେତୃତ୍ୱରେ ନାଜି ଜର୍ମାନ ବିଶ୍ୱରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭିଆଇବାରେ ସକ୍ଷମ ହୋଇଥିଲା।

ହଙ୍ଗେରୀର ଫାସିଷ୍ଟ ନେତା ଗିଉଲା ଗୋମ୍ବସ ସେଠାରେ ପ୍ରଧାନମନ୍ତ୍ରୀ ହେଲେ। ରୋମାନିଆରେ ଫାସିଷ୍ଟମାନେ ସେ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବା ପରେ ଫାସିଷ୍ଟ ଲୌହପ୍ରହରୀମାନେ କ୍ଷମତା ଦଖଲ କଲେ। ପ୍ୟାରିସରେ ଫ୍ରାନ୍ସ ସରକାର ବିରୋଧରେ ଦକ୍ଷିଣପନ୍ଥୀ ପ୍ରତିକ୍ରିୟାବାଦୀମାନେ ଓ ଫାସିଷ୍ଟମାନେ ଆତଙ୍କ ଖେଳାଇ ଦେଇଥିଲେ। ସେହିପରି ଗ୍ରୀସ, ଲିଥୁଆନିଆ, ପୋଲାଣ୍ଡ ଓ ୟୁଗୋସ୍ଲୋଭିଆରେ ଫାସିଷ୍ଟ ଶକ୍ତିମାନଙ୍କର ଅଭ୍ୟୁଦୟ ଘଟିଥିଲା।

ଫାସିଜମ୍‌ର ଚରିତ୍ର ଓ ଏହାର ବୀଭତ୍ସ ଚିନ୍ତାଧାରା ସମ୍ପର୍କରେ ହଙ୍ଗେରୀର ବିଖ୍ୟାତ ଦାର୍ଶନିକ ଜର୍ଜ ଲୁକାସଙ୍କ ଡେଷ୍ଟ୍ରକ୍‌ଶନ ଅଫ୍ ରିଜନ୍ସ, ଇଟାଲୀ କମ୍ୟୁନିଷ୍ଟ ନେତା ଆଣ୍ଟୋନିଓ ଗ୍ରାମସ୍କିଙ୍କ ପ୍ରିଜନ ନୋଟବୁକ୍ସ ଓ ଇଟାଲୀର ଫାସିବାଦୀ ବିରୋଧୀ ଜନନେତା ଓ ଉପରାଷ୍ଟ୍ରପତି ପାଲମିରୋ ଟୋଗଲିଆଟି ପ୍ରମୁଖ ଫାସିଜମ୍‌ର ଅସଲ ଚରିତ୍ର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣ କରିଛନ୍ତି। ତେବେ ବୁଲଗେରିଆର କମ୍ୟୁନିଷ୍ଟ ନେତା ତଥା କମ୍ୟୁନିଷ୍ଟ ଇଣ୍ଟରନ୍ୟାଶନାଲର ସେକ୍ରେଟାରୀ ଜେନେରାଲ ଜର୍ଜ ଡିମିଟ୍ରଭଙ୍କ ଫାସିବାଦ ସମ୍ପର୍କରେ ଦଲିଲ ସବୁଠାରୁ ଆକର୍ଷଣୀୟ ଓ ତଥ୍ୟଭିତ୍ତିକ।

ଜର୍ଜ ଡିମିଟ୍ରଭଙ୍କ ମତାନୁସାରେ, ବିଶ୍ୱରେ ଦେଖାଦେଇଥିବା ଗଭୀର ଅର୍ଥନୈତିକ ସଙ୍କଟର ବିସ୍ଫୋରଣ, ପୁଞ୍ଜିବାଦୀ ସଙ୍କଟର ଅସାଧାରଣ ତୀବ୍ରତା ଓ ମେହନତି ଜନଗଣଙ୍କ ମଧ୍ୟରେ ପ୍ରତିବାଦ ଆନ୍ଦୋଳନର ବ୍ୟାପକତା ଯୋଗୁ ଫାସିବାଦ ଏକ ଆକ୍ରମଣାତ୍ମକ ଅଭିଯାନରେ ମାତିଉଠିଥିଲା।

ଫାସିବାଦର ଯେଉଁ ଚରିତ୍ର ୧୯୩୦ ଦଶକରେ ପ୍ରକଟିତ ହୋଇଥିଲା ସେ ସମ୍ପର୍କରେ ଡିମିଟ୍ରଭ କହିଛନ୍ତି ଯେ, ''କ୍ଷମତାପ୍ରାପ୍ତ ଫାସିଜମ୍ ହେଉଛି- ଲଗ୍ନିପୁଞ୍ଜିର ସବୁଠାରୁ ପ୍ରତିକ୍ରିୟାଶୀଳ, ସବୁଠାରୁ ସଙ୍କୀର୍ଣ୍ଣ ଜାତୀୟତାବାଦୀ ଏବଂ ସାମ୍ରାଜ୍ୟବାଦୀଙ୍କର ଜଘନ୍ୟ ପ୍ରକାଶ୍ୟ ସନ୍ତ୍ରାସବାଦୀ ଏକଚ୍ଛତ୍ରବାଦ।''

'ଫାସିବାଦ ହେଉଛି ପାଶବିକ ସଙ୍କୀର୍ଣ୍ଣ ଓ ଅତିଉଗ୍ର ଜାତୀୟତାବାଦ। ବୁଦ୍ଧିଜୀବୀ ସମାଜର ବିପ୍ଳବୀ ଗୋଷ୍ଠୀ ଉପରେ ସନ୍ତ୍ରାସବାଦୀ ପ୍ରତିହିଂସା ଚରିତାର୍ଥ କରିବାର ସଂଗଠନ ହେଉଛି ଫାସିବାଦ।''

'ଶ୍ରମିକ, କୃଷକ, ମଧ୍ୟବିତ୍ତ ଶ୍ରେଣୀଙ୍କ ଅର୍ଥନୈତିକ ଓ ସାମ୍ବିଧାନିକ ଅଧିକାର ହରଣ କରି ସେମାନଙ୍କୁ ଗୋଲାମି ଅବସ୍ଥାକୁ ଠେଲିଦେବାର ସଂଗଠନ ହେଉଛି ଫାସିବାଦ। ବୈଦେଶିକ ନୀତି କ୍ଷେତ୍ରରେ ସବୁଠାରୁ ହୀନ ଓ ସଂକୀର୍ଣ୍ଣ ଜାତୀୟତାବାଦ ହେଉଛି ଫାସିବାଦ, ଅନ୍ୟ ଜାତି ଓ ଧର୍ମ ବିରୋଧରେ ପାଶବିକ ବିଦ୍ୱେଷ ସୃଷ୍ଟି ହେଉଛି ଏହାର କାମ।''

ଫାସିବାଦ ସବୁ ଦେଶରେ ଏକ ପ୍ରକାର କୌଶଳ ଅବଲମ୍ବନ କରି ନ ଥାଏ। ବେକାର ଶ୍ରମିକ ତଥା ପଛୁଆ ବର୍ଗ ଲୋକଙ୍କ ମଧ୍ୟରେ ମୋହଜାଲ ସୃଷ୍ଟି କରିବାରେ ଫାସିବାଦ ସଫଳ ହୋଇଥାଏ, କାରଣ ତୀବ୍ର ବେକାରି ସଙ୍କଟ ଯୋଗୁ ବିଭ୍ରାନ୍ତ ଯୁବ ସମ୍ପ୍ରଦାୟକୁ ନିଜର ଅନୁଗାମୀରେ ପରିଣତ କରିଥାଏ।

ଯେଉଁ ଦେଶରେ ଫାସିଷ୍ଟ ଶକ୍ତି ସହ ବୁର୍ଜୁଆ ଶ୍ରେଣୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଉତ୍କଟ, ଫାସିଜମ୍ ସେଠାରେ ହଠାତ୍ ପାର୍ଲାମେଣ୍ଟକୁ ଭାଙ୍ଗିଦେବାକୁ ସାହସ କରେ ନାହିଁ। କିନ୍ତୁ ଯେଉଁ ଦେଶରେ ବୁର୍ଜୁଆ ଶ୍ରେଣୀ ଆସନ୍ନ ବିପ୍ଳବ ଭୟରେ ଆତଙ୍କିତ ହୋଇଥାଏ, ସେଠାରେ ସେମାନେ ଫାସିଷ୍ଟମାନଙ୍କ ସହ ମିଶିଯିବା ଯୋଗୁ ଫାସିଷ୍ଟମାନେ ପାର୍ଲାମେଣ୍ଟକୁ ଭାଙ୍ଗି ଦେଇଥାନ୍ତି। କିନ୍ତୁ ପରିସ୍ଥିତି ଉପୁଜିଲେ ଫାସିଷ୍ଟମାନେ ସନ୍ତ୍ରାସବାଦୀ ଏକଛତ୍ରବାଦ ସହିତ ପାର୍ଲାମେଣ୍ଟାରୀ କାର୍ଯ୍ୟକୁ ଚଳାଇ ରଖି, ଧପାବାଜି ଉପାୟରେ ନିଜର ଗଣଭିତ୍ତି ପ୍ରସାରିତ କରିବେ, ଏଥିରେ ସନ୍ଦେହ ନାହିଁ।

ଫାସିବାଦ ଲଗ୍ନିପୁଞ୍ଜିର ସବୁଠାରୁ ପ୍ରତିହିଂସା ପରାୟଣ ଶକ୍ତି, ତେଣୁ ଏହାକୁ ଗୋଟିଏ ବୁର୍ଜୁଆ ସରକାର ପରିବର୍ତ୍ତେ ଆଉ ଏକ ବୁର୍ଜୁଆ ସରକାରର ବିକଳ୍ପ ଭାବେ ବିଚାର କଲେ ଭୁଲ୍ ହେବ।

ମୋ:୯୪୩୭୦୦୭୭୭୦

# ଗଣାନାଂ ତ୍ୱାଂ ଗଣପତି...



ଡ. ଅରୁନ୍ଧତୀ ଦେବୀ

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ। ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ। ମହାପ୍ରଭୁ ଶ୍ରୀଗଣେଶ କେବଳ ବିଦ୍ୟାଦାତା ନୁହନ୍ତି, ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ। ଓଡ଼ିଶାର ଶରତ ଋତୁରେ ଶ୍ରୀଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ। ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ। ସେଦିନ ଛାତ୍ରୀଛାତ୍ରଙ୍କ ଠାରୁ ଅନେକେ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି। ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। 'ଶ୍ରୀଗଣେଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୂହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଶ୍ଳେଷଣ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ''।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ତ୍ୱ ରଖିଛି। ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିରମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ। ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ଇତିହାସ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି। ସେହିପରି ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି। ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ। ସମସ୍ତେ ଭକ୍ତିଭାବ ପ୍ରଣୋଦିତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି। ଆମ ସାମାଜିକ



ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ୍ ବ୍ରତ ଭାବେ ପାଳିତ। ଏହି ବ୍ରତରେ ସାଧାରଣ ପୂଜାପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଜାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖର୍ଜ୍ଜୁର, କଦଳୀ, ନାରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ। ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀଗଣେଶଙ୍କ ପୂଜା ହୋଇଥାଏ। କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି। ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି।

ଶ୍ରୀଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡ୍ଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ। ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ, ଯାହା ମେଧାବର୍ଦ୍ଧକ ଭାବେ କାର୍ଯ୍ୟ କରେ। ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୂହଳପୂର୍ଣ୍ଣ। ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ। ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀଗଣେଶ ତାଙ୍କ ବାଟ ଛାଡ଼ି ନ ଥିଲେ। ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ। କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା। ପରିଶେଷରେ ତାହା ନ ମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜୀବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ। ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରାଧନା କରାଯିବ। ଶ୍ରୀଗଣେଶଙ୍କ ସ୍ତୁତିଟି ହେଉଛି -''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ। ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀଗଣେଶଙ୍କ ପୂଜା ସାତଦିନ ବା ନଅଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ। ଶ୍ରୀଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ରାଞ୍ଚିର ଏକ ରାସ୍ତାକଡ଼ରେ ଯେଉଁଠି ଅଳିଆ ଗଦା ହେଉଥିଲା ତାହା ଏବେ ଫୁଲର ସୁବାସରେ ମହକି ଉଠୁଛି। ଏଭଳି କାର୍ଯ୍ୟ ସମ୍ଭବ ହୋଇଛି ମନୋଜ ରଞ୍ଜନଙ୍କ ଦ୍ୱାରା। ମନୋଜ ଜଣେ ଶିକ୍ଷକ। ସେ ଶିକ୍ଷାଦାନ ମଧ୍ୟରୁ ସମୟ ବାହାର କରି ରାସ୍ତାକଡ଼ର ଅଳିଆ ଗଦା ହେଉଥିବା ସ୍ଥାନକୁ ସଫା କରି ୨୦୦ ପ୍ରକାର ଗଛ ଲଗାଇଛନ୍ତି। ଏଥିରେ ଅଧିକାଂଶ ହେଉଛି ଫୁଲଗଛ। ଔଷଧୀୟ ଗଛ ମଧ୍ୟ ସେ ଲଗାଇଛନ୍ତି। ଏହି ଜାଗାଟି ତାଙ୍କ ଘର ନିକଟରେ ଥିବାରୁ ଗଛଗୁଡ଼ିକର ଯତ୍ନ ନେବାରେ କୌଣସି ଅସୁବିଧା ହେଉନାହିଁ। ମନୋଜଙ୍କୁ ଏହି କାମରେ ତାଙ୍କ ପରିବାର ସହଯୋଗ କରୁଛି। ସବୁଠୁ ବଡ଼ କଥା ହେଉଛି, ସେ ବଗିଚାରେ ବର୍ଜ୍ୟର ପୁନଃ ଉପଯୋଗ କରିଛନ୍ତି, ଅର୍ଥାତ୍ ପୁରୁଣା ଡବା, ଟାୟାର ଓ ହେଲ୍‌ମେଟ ଆଦି ସଂଗ୍ରହ କରି ସେଥିରେ ଗଛଗୁଡ଼ିକୁ ଲଗାଇଛନ୍ତି। ସେଗୁଡ଼ିକରେ ବିଭିନ୍ନ ରଙ୍ଗ ଦେଇ ତାହାକୁ ଆକର୍ଷଣୀୟ କରିପାରିଛନ୍ତି। ଏବେ ଏହି ବଗିଚାକୁ ଦେଖିବାକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଛନ୍ତି। ରାଞ୍ଚିର ବିଭିନ୍ନ କଲୋନିରେ ଏଭଳି ବଗିଚା କରିବାକୁ ସେ ଅନ୍ୟମାନଙ୍କୁ ଉତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୭୬

- ଢେଙ୍କାନାଳର ପୂର୍ବତନ ରାଜମାତା କୃଷ୍ଣଚନ୍ଦ୍ର ପ୍ରିୟା ଦେବୀଙ୍କ ୯୧ ବର୍ଷରେ ପରଲୋକ।
- ଭୂ-ସଂସ୍କାର ଆଇନ ସମ୍ପର୍କରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମ୍‌କୋର୍ଟଙ୍କ ରହିତାଦେଶ ଜାରି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 2 | | | | | | | |
| | | | | | 6 | | | |
| | | | 3 | 8 | 7 | 9 | | |
| | | | | 6 | 3 | | | |
| | | 1 | 5 | | | | 4 | |
| | 6 | | | | | 2 | 5 | |
| | 8 | 9 | | | 2 | 4 | | 3 |
| | 1 | | | | | | | |
| | | 3 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 3 | 6 | 1 | 7 | 8 | 4 |
| 6 | 8 | 4 | 5 | 7 | 9 | 2 | 3 | 1 |
| 3 | 1 | 7 | 4 | 8 | 2 | 6 | 5 | 9 |
| 2 | 4 | 9 | 6 | 3 | 8 | 1 | 7 | 5 |
| 8 | 5 | 6 | 7 | 1 | 4 | 3 | 9 | 2 |
| 1 | 7 | 3 | 2 | 9 | 5 | 8 | 4 | 6 |
| 5 | 9 | 8 | 1 | 2 | 7 | 4 | 6 | 3 |
| 4 | 6 | 2 | 8 | 5 | 3 | 9 | 1 | 7 |
| 7 | 3 | 1 | 9 | 4 | 6 | 5 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉପଯୁକ୍ତ ବିଚାରକୁ ସମ୍ମାନ ଦିଆଯାଉ

ମହାଶୟ,

ଭାରତବର୍ଷର ବିଭିନ୍ନ ସମ୍ବାଦପତ୍ରରେ ବିଚାରପତି ବର୍ମାଙ୍କ ସମ୍ପର୍କରେ ଖବର ପ୍ରକାଶିତ ହେଉଛି। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସମସ୍ତଙ୍କୁ ଚକିତ କରୁଛି। ଏତେ ପରେ ବି କେମିତି ପଦବୀକୁ ଜାବୁଡ଼ି ଧରିଛନ୍ତି, ଏହା ପରିତାପର ବିଷୟ। ଐତିହ୍ୟ, ସଂସ୍କୃତି ଆଧ୍ୟାତ୍ମିକ, ଧର୍ମ ରକ୍ଷିତଂ ଭାରତବର୍ଷ ପୁଣ୍ୟଭୂମିରେ ଏଭଳି ଦୁର୍ନୀତି ବିଚାରପତିମାନଙ୍କ ପାଇଁ ଅତ୍ୟନ୍ତ ଅଶୋଭନୀୟ। ସୁତରାଂ କୌଣସି ଭାରତୀୟ ଦୁର୍ନୀତି କଲାପରେ ବି ଏତେ ବିଳମ୍ବ ଘଣ୍ଟାଚକଟାରେ ଦେଶବାସୀ ଏବଂ ସୁପ୍ରିମକୋର୍ଟର ଲାଭ କ'ଣ ? ମୁଖ୍ୟତଃ ଦେଶର ଜନତା ବିଚାରପତିଙ୍କୁ ସମ୍ପୂର୍ଣ୍ଣ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ବିଚାରପତି ଏଭଳି ଜଘନ୍ୟ ଦୁର୍ନୀତି କରିଛନ୍ତି, ଯାହାଫଳରେ ସେ ଆଉ କୌଣସି ବିଚାରାଳୟ ଭିତରକୁ ଯିବା ଉଚିତ ନୁହେଁ। ଦେଶବାସୀ ଆଉ ଗ୍ରହଣ କରିବାକୁ ଚାହୁଁ ନାହାନ୍ତି। ଏବେ ବି ସମୟ ଅଛି, ବିଚାରପତି ନିଜେ ଗଭୀର ଚିନ୍ତା କରନ୍ତୁ କେଉଁଟା ଉପଯୁକ୍ତ କେଉଁଟା ଅନୁପଯୁକ୍ତ।

-ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଜାଣିନି କାହାକୁ ସେ ଆଗ ଆସି ଯିବ ଘେନି
ଜଣକୁ ଛାଡ଼ି ଜଣେ
କେବେ କ୍ଷଣେ ରହୁଁ ବେନି ?
କିଏ ସେ ଯିବ ଆଗ ନ ପାରଇଁ ବୁଝି ତିଳେ
ଛାଡ଼ି ଏ ସୁଖ ଘର
ମରଣର ଚିର ନୀଡ଼େ ।
-(ମରଣ ପାଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ, ୩ ଗିରଫ

ବରଗଡ଼,୨୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଜଣେ ନାବାଳକ(୮)ଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜେପୁର ବ୍ଲକ ଜାରିଙ୍ଗ ଗ୍ରାମର ରାହୁଲ ସୁନା, ଚନ୍ଦ୍ରକାନ୍ତ ଦୀପ ଓ ମାନସ ଲୁହା। ଆଉ ଜଣେ ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ତାଙ୍କୁ ଖୋଜୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବରଗଡ଼ସ୍ଥ ଏକ ଭଡ଼ାଘରେ ରହୁଥିଲେ। ଘର ମାଲିକଙ୍କ ନାବାଳକ ପୁଅକୁ ସେମାନେ ଡାକି ତାଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ନାବାଳକ ଜଣକ ଏ ନେଇ ପରିବାର ଲୋକଙ୍କୁ କହିଥିଲେ। ଏହାପରେ ପରିବାର ଲୋକେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ଏକ ମାମଲା(୪୩୧/୨୫) ରୁଜୁ ସହିତ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ରହିଛି

**ଉଦ୍ଭିଦ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ**

ସମ୍ବଲପୁର,୨୬।୮ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଉଦ୍ଭିଦ ବିଜ୍ଞାନ ବିଭାଗରେ ମଙ୍ଗଳବାର ଉଦ୍ଭିଦ ବିଜ୍ଞାନରେ ପ୍ରଗତି ଓ ଗବେଷଣା ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ସମ୍ପନ୍ନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜୈବପ୍ରଯୁକ୍ତି ବିଭାଗ ପ୍ରାଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଆଚାର୍ଯ୍ୟ ଖାଦ୍ୟ ଗୁଣବତ୍ତାରେ ମିଥ୍ୟା ତଥ୍ୟ ଉପସ୍ଥାପନର ଜୈବିକ ପଦ୍ଧତିରେ ଚିହ୍ନଟ ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୈବପ୍ରଯୁକ୍ତି ଓ ଜୈବସୂଚନା ବିଭାଗର ସହାୟକ ଅଧ୍ୟାପକ ଡ. ଭବାନୀ ଶଙ୍କର ବାଗ ଯୋଗଦେଇ ପ୍ରାକୃତିକ ଉପାଦାନ ବ୍ୟବହାର କରି ସେରୋଟନିନ ନାମକ ହର୍ମୋନ ଯାହା ମଣିଷକୁ ଖୁସି ଦେଇଥାଏ ତାହାର କମ୍ପ୍ୟୁଟର ଦ୍ୱାରା ତଥ୍ୟ ସଂଗ୍ରହ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ଜଣେ ସଫଳ ବଗିଚା ବିଶାରଦ କିଶୋର ବହିଦାର ଉଦ୍ଭିଦ ବିଜ୍ଞାନ ପଢ଼ି ଛାତ୍ରୀଛାତ୍ର ବଗିଚା ତିଆରି ଓ ତା'ର ରକ୍ଷଣାବେକ୍ଷଣକୁ ଏକ ପେଶାଭାବେ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ। ସେହିପରି ବରଗଡ଼ ଜିଲାର ମୁଖ୍ୟମନ୍ତ୍ରୀ କୌଶଳ ଉନ୍ନତି ଅଧିକାରୀ ସାର୍ଥକ ପଣ୍ଡା ଉପସ୍ଥିତ ଛାତ୍ରୀଛାତ୍ର, ଗବେଷକ ଏବଂ ଶିକ୍ଷକମାନଙ୍କୁ ଅନଲାଇନ ମାଧ୍ୟମରେ ସରକାରଙ୍କ ପ୍ରୋତ୍ସାହନ ବିଷୟରେ କହିଥିଲେ। ତେଲଙ୍ଗାନା ରାଜ୍ୟର ଗଡ ଚେରେଲା ସ୍ଥିତ ସରକାରୀ ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡଃ ବି ସଦାଶିବାୟ ଆଭାଷି ମାଧ୍ୟମରେ ସାଂପ୍ରତିକ ପ୍ରିସ୍ଥିତିରେ ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ରହିଥିବା କହିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ ପ୍ରଦୋଷ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଅଧ୍ୟାପିକା ପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# '୩୧ ମାର୍ଚ୍ଚ ସୁଦ୍ଧା ବଲାଙ୍ଗୀର, ବରଗଡ଼ରୁ ମାଓବାଦୀଙ୍କୁ ଶେଷ କରାଯିବ'

**ବଲାଙ୍ଗୀରରେ ପୋଲିସ ଉଚ୍ଚ ଅଧିକାରୀଙ୍କ ବୈଠକ**

ବଲାଙ୍ଗୀର,୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ପୋଲିସର ମାଓବାଦୀ ମୁକାବିଲା ସଂକ୍ରାନ୍ତ ଏକ ବିଶେଷ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ୍, ଆଇଜି ଅପରେଶନ୍ ଡ. ଦୀପକ କୁମାର, ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା ଏବଂ ବଲାଙ୍ଗୀର, ବରଗଡ଼ ଏବଂ କଳାହାଣ୍ଡି ଜିଲାରେ ମାଓବାଦୀ ମୁକାବିଲା ପାଇଁ ନିୟୋଜିତ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଦେଶରୁ ମାଓବାଦୀଙ୍କୁ ଶେଷ କରିବା ପାଇଁ ଯେଉଁ ଟାର୍ଗେଟ ନିଆଯାଇଛି, ତାକୁ କିଭଳି ଭାବେ ବଲାଙ୍ଗୀର, ବରଗଡ଼ ଓ କଳାହାଣ୍ଡି ଭଳି ଜିଲାରେ କାର୍ଯ୍ୟକାରୀ କରାଯାଉଛି, ତା'ର ସବିଶେଷ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ପରେ ଆଇଜି ଲାଲ୍ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମାଓବାଦୀଙ୍କୁ ଶେଷ କରିବା ପାଇଁ ଯେଉଁ ଟାର୍ଗେଟ ଧାର୍ଯ୍ୟ କରାଯାଇଛି, ତାକୁ ବଲାଙ୍ଗୀର ଓ ବରଗଡ଼ ଜିଲାରେ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିରେ ସଫଳତା ମିଳୁଛି ବୋଲି କହିଥିଲେ। ଯେଉଁ ମାଓବାଦୀ ବଲାଙ୍ଗୀର ଓ ବରଗଡ଼ ଜିଲାକୁ ବାହାରୁ ଆସିବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।

# ଜିଏମ୍‌ୟୁ ଓଡ଼ିଆ ବିଭାଗରେ ଜାତୀୟ ଆଲୋଚନାଚକ୍ର



ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୨୬।୮ (ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଫେସର ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଓଡ଼ିଆ କଥା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ସହକାରୀ ପ୍ରଫେସର ଡ. ଇନ୍ଦ୍ରମଣି ସାହୁ ଓ ସହକାରୀ ପ୍ରଫେସର ଡ. ସୁମନ୍ତ୍ର ନାୟକ ଯୋଗ ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚକମାନେ କଥା ସାହିତ୍ୟର ବିଭିନ୍ନ ଦିଗ, ଚେତନା, ସମୟୋଚିତ ପରିବର୍ତ୍ତନର ଧାରା ଓ ସାଂପ୍ରତିକ ସ୍ଥିତି ସମ୍ବନ୍ଧରେ ତଥ୍ୟପୂର୍ଣ୍ଣ ସୂକ୍ଷ୍ମ ଗବେଷଣାତ୍ମକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଆବାହିକା ତଥା ବିଭାଗମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ.ନବୀନ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଓ ଗବେଷକମାନଙ୍କ ଦ୍ୱାରା ବିଷୟବସ୍ତୁ ଆଧାରିତ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରାଯାଇଥିଲା। ପରିଶେଷରେ ଗବେଷିକା ହୀରାବତି ବିଶ୍ୱାଳ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦ୍ୱି-ଦିବସୀୟ ଜାତୀୟ ପାଠଚକ୍ରରେ ୧୫ ଜଣ ବିଷୟ ବିଶେଷଜ୍ଞ ଆଲୋଚକ ଭାବେ ଯୋଗ ଦେଇ ଓଡ଼ିଆ କଥା ସାହିତ୍ୟର ବିଭିନ୍ନ ଦିଗ, ଚେତନା, ପ୍ରୟୋଗବିଧି, ସମୟୋଚିତ ପରିବର୍ତ୍ତନର ଧାରା, ଆଙ୍ଗିକ ଓ ଆତ୍ମିକ ଦିଗ, ଚରିତ୍ର, କଥାବସ୍ତୁର ଚମତ୍କାରିତା, ବିଭିନ୍ନ ବାଦ ଓ ସାମ୍ପ୍ରତିକ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ୨୦ ଜଣ ଅଧ୍ୟାପିକାଅଧ୍ୟାପକ, ଗବେଷିକାଗବେଷକଙ୍କ ଦ୍ୱାରା ପତ୍ର ଉପସ୍ଥାପିତ ହୋଇଥିଲା। ଜାତୀୟ ପାଠଚକ୍ରରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଅନ୍ୟାନ୍ୟ ପ୍ରଶାସକ, ଶିକ୍ଷାବିତ, ଅଧ୍ୟାପିକା ଅଧ୍ୟାପକ, ଗବେଷଣାରତ ଛାତ୍ରୀଛାତ୍ରଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ ଅଂଶୀଦାର ଯୋଗଦେଇଥିଲେ।

## ୪୦ ବସ୍ତା ଟୋଲ ମଞ୍ଜି ଜବତ, ୨ ଗିରଫ

ପାଇକମାଳ, ୨୬।୮ (ବଡ ଶତପଥୀ)

ଏକ ଟ୍ରକ୍ ଡ୍ରାଇଭର ହେଲପରକୁ ଅପହରଣ କରି ଟୋଲ ମଞ୍ଜି ଚୋରି କରିବା ଅଭିଯୋଗରେ ପାଇକମାଳ ପୋଲିସ ମଙ୍ଗଳବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଇକମାଳ ଭୋଇ ପଡ଼ାର ଜ୍ୟୋତିର୍ମୟ ସାହୁ (୨୨), ବରତୁଣ୍ଡାର ଓଙ୍କାର ସୁନା (୨୩) । ଅଭିଯୁକ୍ତଙ୍କଠାରୁ ୯୦୦ ଟଙ୍କା, ଟ୍ରକ୍, ୨ଟି ମୋବାଇଲ ଫୋନ ସହିତ ୪୦ ବସ୍ତା ଟୋଲ ମଞ୍ଜି, ଗୋଟିଏ ବାଇକ (ନଂ.ଓଡି୧୭ ଏଇ୭୮୮୧)କୁ ଜବତ କରାଯାଇଛି। ଏ ନେଇ ପାଇକମାଳ ଥାନା ପୋଲିସ ନଂ. ୧୭୯/୨୫ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ସୋମବାର ଏକ ଟ୍ରକ୍‌ରେ ୪୦ ବସ୍ତା ଟୋଲ ମଞ୍ଜି ବୋଝେଇ କରି ରାୟପୁର ନିଆଯାଉଥିଲା। ପାଇକମାଳର ମାଣ୍ଡ୍ରୋସିଲ ଧାନ ମଣ୍ଡି ନିକଟରେ ୪ ଜଣ ଅଭିଯୁକ୍ତ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ସେଥିରେ ୪୦ ବସ୍ତା ଟୋଲ ମଞ୍ଜି ଅଛି ବୋଲି ଜାଣିବାପରେ ଅଭିଯୁକ୍ତମାନେ ଗାଡ଼ି ସହ ଡ୍ରାଇଭର ରମେଶ ପ୍ରସାଦ କାର୍ତ୍ତିକେ ଓ ହେଲପରକୁ ଏକ ବାଇକରେ ବସାଇ ଅପହରଣ କରି ନେଇ ଜଙ୍ଗଲରେ ଛାଡ଼ି ଦେଇଥିଲେ। ଡ୍ରାଇଭର ଚାଲି ଚାଲି ଆସି ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏତଲାକୁ ଆଧାର କରି ପୋଲିସ ତଦନ୍ତ କରି ଅଭିଯୁକ୍ତ ଜ୍ୟୋତିର୍ମୟ ଓ ଓଙ୍କାରଙ୍କୁ ଗିରଫ କରିଥିଲା ବୋଲି ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।

# ବନ୍ଦ ହେଲା ହୀରାକୁଦ ଜଳଭଣ୍ଡାରର ୮ ଗେଟ୍



**୪ ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର,୨୬।୮ (ପ୍ରମୋଦ ବହିଦାର)

ଉପରମୁଣ୍ଡରେ ବର୍ଷା ପରିମାଣ ହ୍ରାସ ପାଇବା ସାଙ୍ଗକୁ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରାସ ପାଇଛି। ଫଳରେ ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ୪ଟି ଲେଖାଏ କରି ୮ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ଜଳଭଣ୍ଡାରରୁ ମାତ୍ର ୪ଟି ସ୍ଲୁଇସ୍ ଗେଟ୍‌ରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୧.୩୭ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୨୮ ହଜାର ୬୫୨ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ହାରାହାରି ୯୭ ହଜାର ୪୧୭ ନିଷ୍କାସିତ ହେଉଛି। ବାମ ପାର୍ଶ୍ୱସ୍ଥ ୩ ଓ ଦକ୍ଷିଣ ପାର୍ଶ୍ୱସ୍ଥ ଗୋଟିଏ ମିଶି ମୋଟ୍ ୪ଟି ଗେଟ୍‌ରେ ମହାନଦୀକୁ ୬୩ ହଜାର ୧୦୪ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧,୦୬୦ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୧୪ ଘନଫୁଟ୍ ଏବଂ ବରଗଡ଼ କେନାଲରେ ୨୬୯୩, ଶାସନ କେନାଲରେ ୩୦୦ ଓ ସମ୍ବଲପୁର କେନାଲରେ ୪୬ ଘନଫୁଟ୍ ଜଳ ମିଶି ଜଳ ସେଚନ ପାଇଁ ମୋଟ୍ ୩୦୩୯ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି।


**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**

**लापताः आवश्यक सूचना**



गुमशुदा अर्पिता सिंह

सर्व साधारण को सूचित किया जाता है कि आवेदिका मनोरमा सिंह के द्वारा अपनी बेटी **अर्पिता सिंह की गुमशुदगी** के संबंध में संबंधित थाना गालुडीह में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा अर्पिता सिंह, पिता–जगदीश सिंह, सा0–बाराज कॉलोनी गालुडीह, क्वाटर नं0–एफ/12, थाना–गालुडीह, जिला–पूर्वी सिंहभूम, जमशेदपुर** जो दिनांक–12.08.2025 को समय 11:00 बजे दिन में घर से कपड़ा सिलाई कराने के नाम पर घर से निकली एवं आजतक वापस नहीं आई है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :– कद–05 फीट 07 इंच, रंग–गोरा, भाषा–बंगाली, हिन्दी, पहनावा–गुलाबी रंग की कुर्ती एवं पैर में सेन्डल।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक (घाटशिला) : 9431706485
थाना प्रभारी, गालुडीह : 9430774620

वरीय पुलिस अधीक्षक,
पूर्वी सिंहभूम, जमशेदपुर।

PR 360494 (Police) 25-26 (D)



**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ବିଷ୍ଣୁ ନଗର ସ୍କୋୟାର, ଆସ୍କା ରୋଡ, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୭୮୯୪୫୨୯୨୭୨** | | |
| ୧. | **ବସନ୍ତ କୁମାର ମହାନ୍ତି,** ପିତା: ୰ ରାମହରି ମହାନ୍ତି, ସା: ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ୨୯୩୧୧୬୫୪୦୦୦୦୨୬୫ | ୧୯.୦୦ | ୨୨.୩୦ |
| ୨. | **ଲିସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ସା: ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ଜିଲ୍ଲା: ଗଞ୍ଜାମ / ୨୯୩୧୧୬୫୪୦୦୦୦୦୮୭ | ୪.୫୦ | ୫.୩୦ |
| ୩. | **ରାଜା ସାହୁ,** ସା: ମଠ ଷ୍ଟ୍ରିଟ୍, ବୋରିଗାଁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ୨୯୩୧୧୬୫୪୦୦୦୦୧୦୩ | ୨.୨୫ | ୩.୦୪ |
| | **ଭାବିନିପୁର ଶାଖା, ସିଦ୍ଧାର୍ଥ ନଗର ସ୍କୋୟାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୪, ମୋ.: ୭୨୦୫୨୨୭୫୭୦** | | |
| ୧. | **ଗୌତମ ବାରିକ,** ସା: ଶେରଓ୍ୱାଲି ବିହାର, ୫ମ ଲେନ୍, ସା/ପୋ.: ଭାବିନିପୁର, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୨୧୭୧୧୬୫୩୦୦୦୧୦୮୬ | ୩୦.୧୭ | ୩୬.୩୩ |
| ୨. | **ହରିବନ୍ଧୁ ସାହୁ,** ପିତା: ଦୁର୍ଯ୍ୟୋଧନ ସାହୁ, ସା: ଭାବିନିପୁର ବିଗ୍ ଷ୍ଟ୍ରିଟ, ଭାୟା: ନିମଖଣ୍ଡି, ଜିଲ୍ଲା: ଗଞ୍ଜାମ / ୨୧୭୧୧୬୫୩୦୦୦୧୦୩୨ | ୩୩.୦୦ | ୪୨.୮୦ |
| | **ବୌଦ୍ଧ ଶାଖା, ଖଲିଆ ବଗିଚା, ଓଲ୍ଡ ଏନ୍‌ଏସି ଅଫିସ୍ ସମ୍ମୁଖ, ଲେନ୍-୧, ଜିଲ୍ଲା: ବୌଦ୍ଧ-୭୬୨୦୧୪, ମୋ: ୯୪୩୭୩୦୫୩୯୫** | | |
| ୧. | **ସୀତାରାମ ମେହେର,** ପିତା: ମହେଶ୍ୱର ମେହେର, ସା: ଚମ୍ପାପୁର, ପୋ.: ମଥୁରା, ଜିଲ୍ଲା: ବୌଦ୍ଧ / ୬୪୫୭୦୬୫୪୦୦୦୦୧୬୮ | ୧୪.୯୦ | ୧୬.୪୦ |
| | **କୋର୍ଟପେଟା ଶାଖା, ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ମୋ.: ୯୯୦୩୮୨୦୧୦୨** | | |
| ୧. | **ଗନ୍ଧର୍ବ ପ୍ରଧାନ,** ପିତା: ମଧୁସୂଦନ ପ୍ରଧାନ, ସା: ମା ତାରାତାରିଣୀ ପୁସ୍ତକାଳୟ, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ଗଞ୍ଜାମ / ୦୦୮୫୧୬୫୪୦୦୦୦୭୨୦ | ୪୨.୧୦ | ୫୨.୭୬ |
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | **ସଞ୍ଜୟ ପ୍ରଧାନ,** ପିତା: ଖଲିଆ ପ୍ରଧାନ, ସା: କିର୍ତ୍ତୀପୁର, ପୋ.: ଲଉଡିଗାଁ, ୨ୟ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୧୯୮୮୧୬୫୩୦୦୦୦୭୩୦ | ୨୧.୫୦ | ୩୧.୭୭ |
| | **ମେନ୍ ରୋଡ୍ ଛତ୍ରପୁର ଶାଖା, ମେନ୍ ରୋଡ୍, ଛତ୍ରପୁର, ଗଞ୍ଜାମ-୭୬୧୦୨୦, ମୋ: ୯୯୦୧୪୭୭୨୦୦** | | |
| ୧. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / ୦୭୭୪୧୬୫୪୦୦୦୨୩୫୧ | ୬.୦୦ | ୮.୦୦ |
| ୨. | **ଆର୍ ପୁନମ୍ମା ରେଡ୍ଡୀ,** ସ୍ୱାମୀ: ଆର୍ ମାଙ୍ଗେୟା ରେଡ୍ଡୀ, ସା: ଘଡଘଡାପଲ୍ଲୀ, ବଣବୁଲାପଲ୍ଲୀ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / ୦୭୭୪୧୬୫୪୦୦୦୩୭୫୪ | ୧୭.୨୦ | ୨୨.୮୦ |
| | **ୟୁଏମ୍‌ଏଫ୍‌ବି ବ୍ରହ୍ମପୁର ଶାଖା, ଗିରି ରୋଡ଼, ଗୀତା ଭବନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୫, ମୋ: ୭୮୭୩୫୮୧୯୪୫** | | |
| ୧. | **ପ୍ରମୋଦ ମହାକୁଡ,** ପିତା: ମୋହନ ମହାକୁଡ, ସା: ରାଘବ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୬୩୦୦୦୦୧୭୫ | ୧୧୩.୦୦ | ୧୪୪.୮୭ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୬.୦୮.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**HI-TECH MEDICAL COLLEGE & HOSPITAL**
Health Park, Pandara, Rasulgarh, Bhubaneswar-751025

**ନୋଟିସ୍**

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି । ଅତଏବ୍, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସମ୍ପୂର୍ଣ୍ଣ ଦାୟୀ ରହିବେ ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | SASMITA KHATEI | Staff Nurse | 06.07.2025 | AT-CHODA,PO-DABARADHUAPATNA,DIST-KHORDHA, Odisha,Pincode-752066 |
| 2 | SUCHITRA PATRI | Staff Nurse | 06.07.2025 | AT-MARKONA,PO/PS-SIMULIA,DIST-BALASORE,Odisha,756126 |
| 3 | SONALI SATHUA | Pharmacist | 06.07.2025 | AT-RAJNAGAR,PO-RAJSUNAKHALA,PS-BOLAGARH,DIST-KHORDHA,Odisha,752065 |
| 4 | RASHMI RANI MAHANTA | Staff Nurse | 05.07.2025 | AT-KUDAPI,PO-NAYAKRISHNAPUR,PS-JODA,DIST-KEONJHAR,Odisha,758047 |
| 5 | SOUMYADIP MAITY | Staff Nurse | 06.07.2025 | AT/PO-DAKSHIN MOYNA,PS-MOYNA,DIST-PURBA MEDINIPUR,West Bengal,721629 |
| 6 | RITIKA DAS | Staff Nurse | 06.07.2025 | AT-UTTAMPUR,PO-KOTHAPATNA,PS-CUTTACK SADAR,DIST-CUTTACK,Odisha,754001 |
| 7 | SWATI PRAVA ROUT | Staff Nurse Trainee | 07.06.2025 | AT: PATIA, PS: CHANDRASEKHARPUR, BHUBANESWAR,Odisha,751024 |
| 8 | DIPANJALI MALIK | Staff Nurse | 06.07.2025 | AT: KORO, PO: KORO,DIST : KENDRAPARA,Odisha,754222 |
| 9 | PURNIMA JENA | Staff Nurse Trainee | 06.07.2025 | AT-BIRAPADA,PO-R.N.BETARA,DIST-BHADRAK,Odisha,756113 |
| 10 | MANJUSREE JANA | Staff Nurse Trainee | 06.07.2025 | AT/PO-HALUDBARI,PS-KHEJURI,DIST-PURBA MEDINIPUR,West Bengal,721432 |
| 11 | SUCHISMITA DAS | ANM | 06.07.2025 | AT-SANABETARA,PO/PS-KUDANAGARI,VIA-TYENDAKURA, DIST-KENDRAPARA,Odisha,754134 |
| 12 | BARSHA MAITY | Staff Nurse | 06.07.2025 | AT/PO-KUMIDRA,PS-MARISHDA,DIST-PURBA MEDINIPUR, West Bengal,721444 |
| 13 | SAYANDEEP DEY | Staff Nurse Trainee | 06.07.2025 | 4, DEY STREET,PO/PS-SERAMPORE, HOOGHLI,DIST- HOOGLY,Odisha,712201 |
| 14 | DIPANKAR DEY | Staff Nurse Trainee | 06.07.2025 | VILL-GOPALPUR,PO-EKTARPUR,PS-BHAGWANPUR,DIST-EAST MIDNAPORE,West Bengal,721653 |
| 15 | MANISHA JENA | Staff Nurse Trainee | 08.07.2025 | AT: TIKIRA, PO: BTPUR, VIA: AGARPADA,DIST : BHADRAK,Odisha,756115 |
| 16 | SMRUTI REKHA KAMILA | Staff Nurse Trainee | 06.07.2025 | AT/PO- NAMPO,PS-TALESWAR, BALESHWAR,Odisha,756034 |
| 17 | PUSPAPRIYA PRADHAN | Staff Nurse Trainee | 06.07.2025 | AT - GUDUPAILO, PO - GUALIPADA, BLOCK - DELANG, 752015 ,DIST - PURI, |
| 18 | APARAJITA PENTHOI | Staff Nurse | 05.07.2025 | AT-BUDHAPADA,PO-HARIRAJPUR,PS-JATANI, DIST-KHORDHA,Odisha,752050 |
| 19 | JYOTSNAMAYEE DASH | Staff Nurse Trainee | 05.07.2025 | AT-ARILO,PO-ANGALO,PS-BINJHARPUR,TAHASIL-BARI, DIST-JAJPUR,Odisha,755004 |
| 20 | SWAPNARANI MALLICK | Staff Nurse | 05.07.2025 | AT-URUNIA,PO-LUNGA,DIST-BHADRAK,Odisha,756124 |
| 21 | PRAGATI RANI SAHOO | Staff Nurse Trainee | 06.07.2025 | AT-GOPINATHAPUR, PO-DIGIDA,PS-SAGADA,BALESWAR,Odisha,756027 |
| 22 | ROJALIN OJHA | ANM | 07.07.2025 | AT: KUMARTANKA, PO: MALAPATANA, BLOCK: AUL, VIA: PATTAMUNDAI,DIST: KENDRAPARA,Odisha,754215 |
| 23 | RIYANKA JANA | Staff Nurse | 04.07.2025 | VILL-SANTOSHPUR,PO-JANKAPUR,PS-DANTON, DIST-PASCHIM MEDINIPUR, West Bengal,721435 |
| 24 | LAXMIPRIYA PARIDA | Staff Nurse | 07.07.2025 | AT-MANIKUNDA,PO-MANATIR,PS-MARSHAGHAI, DIST-KENDRAPARA,Odisha,754212 |
| 25 | BHAGYASHREE MOHANTA | Staff Nurse | 08.07.2025 | AT/PO-CHITRADA,PS-MORADA,DIST-MAYURBHANJ,Odisha,757018 |
| 26 | SATHI BISHAI | Staff Nurse | 07.07.2025 | VILL-BARABHAGIA,PO-BADAGOBINDPUR,PS-PATASHPUR,DIST- PURBA MEDINIPUR,West Bengal,721440 |
| 27 | TUHINA BISWAS | Staff Nurse Trainee | 07.07.2025 | VILL- PANCHBERYA,PO-KAJLI,SUB DIST-CONTAI-III, DIST-PURBA MEDINIPUR, West Bengal,721422 |
| 28 | SWAPNA JILLAKARA | Staff Nurse | 07.07.2025 | AT-BADA SIGURU,PO-KARUBAI,PS-HATASESKHAL,DIST-RAYAGADA,765017 |
| 29 | MAMATA SAHOO | Staff Nurse Trainee | 06.07.2025 | AT-KHETANDI,PO-KUSUBENTI,PS-BRAHMAGIRI, DIST-PURI,Odisha,752011 |
| 30 | SASMITA NAYAK | ANM | 07.07.2025 | AT: JAYADEV KASABA PAHI, PO: BARDHANPUR, PS: CHANDIPUR,DIST ; BALASORE,Odisha,756021 |
| 31 | DAMAYANTI MAJHI | Staff Nurse | 07.07.2025 | AT-KHADUPANI,PO-BOIRGAON,NUAPADA,Odisha,766111 |
| 32 | PUJA DE | Staff Nurse | 13.07.2025 | VILL- SAURI URF KOTBAR,PO-SAURI,PS-BELDA,DIST-PASCHIM MEDINIPUR,West Bengal,721466 |
| 33 | HEMANTA KUMAR MOHANTA | Staff Nurse | 08.07.2025 | AT-KHADISOLE,PO-KANCHISOLE,PS-BETNOTI,DIST-MAYURBHANJ,Odisha,757025 |
| 34 | RUPALI SAHOO | Staff Nurse Trainee | 08.07.2025 | AT: BALISAHI, B/O: SATYABADI, PO: PATTANAIKIA,DIST : PURI,Odisha,752014 |
| 35 | ANNAPURNA NAIK | ANM | 13.07.2025 | AT- ARJUNABANIA, PO- KANTO, PS- GHASIPURA,DIST- KEONJHAR,Odisha,758015 |
| 36 | MADHUSMITA BEHERA | ANM | 08.07.2025 | AT-CHHAKANA,PO-INDALO,PS-KENDRAPARA SADAR,DIST-KENDRAPARA,Odisha,754218 |
| 37 | EPSHITA DAS | Staff Nurse | 07.07.2025 | AT - BARKANDAPASHARA, PO - NANDIGRAM, PS - NANDIGRAM, DIST - PURBAMEDINIPUR, PIN - 721631 |
| 38 | SUMAN MAJHI | Staff Nurse | 07.07.2025 | AT - SIRKABAD, PO - SIRKABAD, PS - ARSHA, PIN - 723154, DIST- PURULIA, WEST BENGAL |
| 39 | PRAGYAN PARAMITA BEHERA | Staff Nurse | 11.07.2025 | AT-KUNDPUR,PO-HALADIAPADA,PS-BASTA,DIST-BALESWAR,Odisha,756029 |
| 40 | SUNITA JANA | Staff Nurse | 11.07.2025 | AT-DAHADAYA,PO-ALANKARPUR,PS-DIGHA MOHANA, DIST-PURBA MEDINIPUR, West Bengal,721441 |
| 41 | RIYA DEY | Staff Nurse | 06.07.2025 | AT/PO-GOBRAPOTA,PS-BHIMPUR,DIST-NADIA, West Bengal,741103 |
| 42 | PRABIN PRAKASH BEHERA | Staff Nurse | 10.07.2025 | AT/PO: NALAGAJA, PS: RASOGOBINDPUR, DIST : MAYURBHANJ,Odisha,757073 |
| 43 | [illegible] | [illegible] | [illegible] | [illegible] |
| 44 | [illegible] | [illegible] | [illegible] | [illegible] |
| 45 | [illegible] | [illegible] | [illegible] | [illegible] |
| 46 | [illegible] | [illegible] | [illegible] | [illegible] |
| 47 | [illegible] | [illegible] | [illegible] | [illegible] |
| 48 | [illegible] | [illegible] | [illegible] | [illegible] |
| 49 | [illegible] | [illegible] | [illegible] | [illegible] |
| 50 | [illegible] | [illegible] | [illegible] | [illegible] |
| 51 | SASMITA SADANGI | Staff Nurse Trainee | 16.07.2025 | VILL/PO-HATIOTAIA, PS-KABISURYA NAGAR,DIST-GANJAM,Odisha,761117 |
| 52 | PRIYANKA MONDAL | Staff Nurse | 16.07.2025 | BRAHMANGRAM, PS: JOYPUR,DIST : BANKURA,West Bengal,722122 |
| 53 | ANKITA DASH | Staff Nurse | 11.07.2025 | AT-KARADA,PS-ANGEIPAL,PS-DHAMNAGAR,DIST-BHADRAK,Odisha,756117 |
| 54 | ALIPSHA BEHERA | Staff Nurse | 11.07.2025 | AT-RUJANGI,PO-POKNAGAAS,PS-SADAR,DIST-KANDHAMAL,Odisha,762029 |
| 55 | SEKHAR SARKAR | Staff Nurse Trainee | 07.07.2025 | AT/PO/PS-UMERKOTE, DIST-NABARANGAPUR,Odisha,764073 |
| 56 | CHANDANA PRADHAN | ANM | 14.07.2025 | AT-SISUA, PS-OLATPUR, PO-BAIROI, DIST-CUTTACK,Odisha,754010 |
| 57 | ALIVA ROUT | Staff Nurse Trainee | 05.07.2025 | AT-ADADEULI,PO-SANDEULI,PS-KARANJIA,DIST-MAYURBHANJ,Odisha,757037 |
| 58 | ASHISEK DAS | Patient Relationship Executive | 11.07.2025 | AT/PO: KANKADAPAL,DHENKANAL,Odisha,759013 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର



**झारखण्ड सरकार**
**जिला अभियंता कार्यालय, जिला परिषद, देवघर**

अति अल्पकालीन ई0 निविदा आमंत्रण सूचना–06/2025-26
**पुनः निविदा सूचना**

| | | |
|---|---|---|
| 1 | बेवसाईट पर निविदा प्रकाशन की तिथि एवं समय | दिनांक :–02.09.2025 समय :– 11:00 पूर्वाह्न |
| 2 | परिमाण विपत्र प्राप्त करने एवं अपलोड करने की अवधि एवं समय | दिनांक :–02.09.2025 समय :– 11:00 पूर्वाह्न से दिनांक :– 09.09.2025 समय :– 5:00 अपराह्न तक |
| 3 | निविदा खोलने की तिथि | दिनांक :–11.09.2025 समय :– 11:00 पूर्वाह्न |
| 4 | विज्ञापनदाता का नाम एवं पता | जिला अभियंता, जिला परिषद, देवघर। |
| 5 | निविदा आमंत्रित करने वाले पदाधिकारी का सपर्क नंबर | 8709864300 |
| 6 | निविदा सेल का सहायता संपर्क नंबर | 8051066861, 7979033663 |

कार्य की विविरणी : वित्तीय वर्ष 2025–26

| क्र0 | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिलान्तर्गत मधुपुर प्रखण्ड के प्रखण्ड स्तरीय स्टेडियम में आवासीय कबड्डी खेल छात्रावास (बालक) में 25 शैय्यावाले खेल छात्रावास निर्माण कार्य। | 1,60,76,200.00 | 3,21,524.00 | 10,000.00 | 18 माह |

नोट :– 1. सिर्फ ई–निविदा ही मान्य होगा।
2. अधिक जानकारी के http://jharkhandtenders.gov.in पर लॉग ऑन करें।
3. जिला परिषद, देवघर के दिनांक 13.11.2021 की बैठक में लिये गये निर्णय के अनुसार वैसे संवेदक जिनको जिला परिषद में कार्य आवंटित है तथा कार्य लम्बित है एवं कार्य पूर्ण करने की तिथि समाप्त हो चुकी है वैसे संवेदकों को निविदा में भाग लेने का अधिकार नहीं होगा।
4. वैसे संवेदक जिन्हें जिला परिषद, देवघर द्वारा कार्य आवंटित किया गया है परन्तु उनके द्वारा एकरारनामा नहीं किया गया है वे निविदा में भाग नहीं ले सकते हैं।
5. निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।
6. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेवी आपकी होगी।

जिला अभियंता
जिला परिषद, देवघर

PR 360540 Deoghar(25-26)#D



**झारखण्ड सरकार**
**योजना एवं विकास विभाग**
**अर्थ एवं सांख्यिकी निदेशालय**
**योजना भवन, द्वितीय तल, झारखण्ड मंत्रालय नेपाल हाऊस,परिसर डोरण्डा, राँची–834002, झारखण्ड,**
E-Mail- dsejharkhand@gmail.com & Website-desjharkhand.nic.in

पत्रांक .................. दिनांक..................
संचिका सं0 –कृषि 05/10/01/विविध –2025–26

**अल्पकालीन खुला निविदा आमंत्रण**

निदेशानुसार अर्थ एवं सांख्यिकी निदेशालय, योजना एवं विकास विभाग, योजना भवन, नेपाल हाऊस डोरण्डा, राँची के द्वारा "कृषि सांख्यिकी हस्त पुस्तिका : 2023–24" का प्रकाशन वित्तीय वर्ष 2025–26 में किया जाना है। उक्त पुस्तक के मुद्रण हेतु निम्न मापदण्ड को निर्धारित किया गया है:– T&C Apply

| Sl.No. | | |
|---|---|---|
| 1. | Size | ¼ Dimy |
| 2. | Book cover Page, 350GSM Multicolor Aqua coating with UV | 04 Pages |
| 3. | Multicolor Text 130 GSM With Matt Finish | 70 Pages |
| 4. | Chapter Partition 250 GSM\ | 20 Pages |
| 5. | Preface 170 GSM With Art paper | 08 pages |
| 6. | Quantity | 500 |

इच्छुक मुद्रणकर्त्ता उपरोक्त विवरण के अनुरूप दिनांक 01.09.2025 के अपराह्ण 02.00 बजे तक सील बन्द लिफाफे में निविदा, अर्थ एवं सांख्यिकी निदेशालय, योजना भवन, द्वितीय तल, कमरा न0– 219 में जमा कर सकते हैं। दिनांक 02.09.2025 के अपराह्ण 2.00 बजे कक्ष न0 219 में इच्छुक प्रतिश्ठान के प्रोपराइटर या उनके अधिकृत प्रतिनिधि की उपस्थिति में कोटेशन को निविदा निस्तारण समिति के समक्ष खोला जायेगा।

PR 360461 Planning and Development(25-26)#D — निदेशक

# ଧର୍ମ ପରିବର୍ତ୍ତନକରି ଯୁବତୀଙ୍କୁ ୫ ମାସ ଗଣବଳାତ୍କାର ଅଭିଯୋଗ

## ସୁଧାର ଗୃହକୁ ଗଲେ ପୀଡ଼ିତା

ଭୋଗରାଇ, ୨୬।୮ (ପ୍ରଦୀପ ଦାସ)

ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିବା ସହିତ ଧର୍ମ ପରିବର୍ତ୍ତନ କରି ୫ମାସ ଧରି ଗଣବଳାତ୍କାର କରାଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ଥାନାରେ ମଙ୍ଗଳବାର ପୀଡ଼ିତା ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୀଡ଼ିତାଙ୍କୁ ସନ୍ଧ୍ୟାରେ ବାଲେଶ୍ୱର ନାରୀ ସୁରକ୍ଷା ସମିତି ସୁଧାର ଗୃହକୁ ପଠାଇ ଦିଆଯାଇ ପୋଲିସ ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ବୁଧବାର ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

ସୂଚନାନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ପୀଡ଼ିତା ଯୁବତୀ ଜଣେ କବାଡ଼ି ଖେଳାଳି। ବାଲେଶ୍ୱର ସଦର ଥାନା ଅଧୀନ ମାଝୀଚକ ଗ୍ରାମର ଅବଦୁଲ ଗଫରଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଯୁବତୀଙ୍କ ଘରଲୋକେ ଝିଅଙ୍କୁ ଅନ୍ୟତ୍ର ବିବାହ ଦେବା ଲାଗି ପ୍ରସ୍ତୁତ ହେଉଥିବାବେଳେ ଗତ ମାର୍ଚ୍ଚ ୧ତାରିଖରେ ଯୁବତୀ ଜଣକ ୪ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ନେଇ ପ୍ରେମିକଙ୍କ ସହ ଘରୁ ପଳାଇଥିଲେ। ଝିଅଙ୍କୁ ଅପହରଣ ନେଇ ତାଙ୍କ ମା' ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ବିଏନ୍‌ଏସ୍ ଦଫା ୧୪୦(୩), ୩୧୬(୨) ଏବଂ ୩(୫)ରେ ଏକ ମାମଲା(୭୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ହଠାତ୍ ପୀଡ଼ିତା ତାଙ୍କ ମାତାପିତା ଓ ଆଇନଜୀବୀଙ୍କ ସହ ଭୋଗରାଇ ଥାନାରେ ପହଞ୍ଚିଥିଲେ। ଯୁବତୀଙ୍କୁ ଏକ ଘରେ ନଜରବନ୍ଦୀ କରି ଧର୍ମ ପରିବର୍ତ୍ତନ ସହ ଗଣବଳାତ୍କାର କରାଯାଇଥିବା ପୋଲିସ ଓ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ ତାଙ୍କୁ ତାଙ୍କ ଘରପାଖ ଯୁବକମାନେ ପ୍ରେମିକଙ୍କ ସହିତ ମିଶି ଘରୁ ଅପହରଣ କରିନେଇଥିଲେ। ପ୍ରଥମେ ଯୁବତୀଙ୍କୁ ବାରିପଦାରେ ରଖି ଗଣବଳାତ୍କାର କରିବା ପରେ ବୈଶିଙ୍ଗାରେ ୧ ମାସ ଓ ପରେ ପ୍ରେମିକଙ୍କ ଘର ମାଝିଚକରେ ରଖିଥିଲେ। ସେଠାରେ ଅବଦୁଲ ଗଫର, ତାଙ୍କ ପିତା ଫକୀର ଖାଁ, ଭିଣୋଇ, ମାମୁ ସହ ଅନ୍ୟମାନେ ଗଣବଳାତ୍କାର କରିବା ସହିତ ଘରୁ ଗୋଡ଼ କାଢ଼ିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଘରେ କେହି ନ ଥିବା ଅବସ୍ଥାରେ ଯୁବତୀଜଣକ କୌଶଳକ୍ରମେ ସେଠାରୁ ଖସି ଆସି ଘରେ ପହଞ୍ଚିବା ପରେ ମାତାପିତାଙ୍କୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡ଼ିତା କହିଛନ୍ତି।

# ଯୁବକଙ୍କ ତୀର ମାଡ଼ରେ ୩ ଗୁରୁତର

## ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନିଆଗଲା

ନୂଆପଡ଼ା, ୨୬।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ସୁନାବେଡ଼ା ପଞ୍ଚାୟତ ଗଡଭଟା ଯୋଗୀମୁଣ୍ଡା ଗାଁରେ ମଙ୍ଗଳବାର ଜଣେ ଯୁବକଙ୍କ ତୀର ମାଡ଼ରେ ମହିଳା, ନାବାଳକଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଉକ୍ତ ଗ୍ରାମର ମଙ୍ଗଲୁ ପହରିଆ (୪୬), ମହିଳା ଶୁକ୍ରୁବାରୀ ପହରିଆ (୪୫) ଓ ନାବାଳକ ସନ୍ତୋଷ ପହରିଆ (୧୪)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୩ଟା ସମୟରେ ଯୋଗୀମୁଣ୍ଡା ଗ୍ରାମର ଲାଲଧର ପହରିଆ (୪୫) ହାତରେ ଧନୁତୀର ଧରି ଜଙ୍ଗଲ ପଟୁ ଘରକୁ ଫେରୁଥିଲେ। ସେହି ସମୟରେ ଶୁକ୍ରୁବାରୀ ନିଜ ଘରୁ ବାହାରୁଥିବା ବେଳେ ଲାଲଧର ତାଙ୍କୁ ତୀରରେ ଆକ୍ରମଣ କରିଥିଲେ। ପରେ ମଙ୍ଗଲୁ ସାମ୍ନାକୁ ଆସିଯିବାରୁ ତାଙ୍କୁ ମଧ୍ୟ ତୀର ମାଡ଼ କରିଥିଲେ। ସେ ସମୟରେ ମା'ବାପାଙ୍କୁ ହରାଇ ଜେଜେମା'ଙ୍କ ପାଖରେ ଆଶ୍ରୟ ନେଉଥିବା ନାବାଳକ ସନ୍ତୋଷ ପାଇଖାନାରୁ ଫେରୁଥିବା ସମୟରେ ତାଙ୍କୁ ମଧ୍ୟ ତୀର ମାଡ଼ କରି ଲାଲଧର ଫେରାର ହୋଇଯାଇଥିଲେ। ସେଠାରେ କୌଣସି ଗାଡ଼ି ବା ଆମ୍ବୁଲାନ୍ସ ସେବା ନ ଥିବାରୁ ସୁନାବେଡା ଗାଁର କେତେଜଣ ଯୁବକ ସମସ୍ତ ଗୁରୁତରଙ୍କୁ ଖଟିଆରେ ବୋହି ୩ କି.ମି. ଦୂର ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶୁକ୍ରୁବାରୀ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଯାଇଛନ୍ତି। ଗୁରୁତର ମଙ୍ଗଲୁ ଓ ସନ୍ତୋଷଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ସୁଦ୍ଧା ମଙ୍ଗଲୁଙ୍କ ଶରୀରରୁ ତୀର ବାହାର କରାଯାଇଥିବା ବେଳେ ସନ୍ତୋଷଙ୍କ ପେଟରୁ ତୀର ବାହାରିପାରି ନାହିଁ। ତୀର ମାଡ଼ର କାରଣ ଜଣାପଡ଼ି ନଥିବାବେଳେ ଗାଁ ଲୋକଙ୍କ କହିବା ଅନୁଯାୟୀ ନିଶାସକ୍ତ ଅବସ୍ଥାରେ ମଦ୍ୟପାନ କରି ଜଙ୍ଗଲ ପଟୁ ଆସି ଏଭଳି କାଣ୍ଡ ଘଟାଇଛନ୍ତି। ଖବରପାଇ କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।



ଆହତମାନଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି।

# ୪ ଡକାୟତଙ୍କ ସମେତ ସୁନା ଦୋକାନୀ ଗିରଫ

## ୨ ବନ୍ଧୁକ, ଧାରଣାସ୍ତ୍ର ସହ ଅଳଙ୍କାର ଜବତ

ବାସୁଦେବପୁର, ୨୬।୮
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଓ ପଦୁଆଁ ଗ୍ରାମରୁ ଡକାୟତି ମାମଲାରେ ପୋଲିସକୁ ସଫଳତା ମିଳିଛି। ୨ଲୁଟ୍ ମାମଲାର ପର୍ଦ୍ଦାଫାସ କରିବା ସହ ଡକାୟତ ଗ୍ୟାଙ୍ଗର ୪ଜଣଙ୍କ ସମେତ ସେମାନଙ୍କଠାରୁ ସୁନା ଅଳଙ୍କାର କିଣିଥିବା ଜଣେ ସୁନା ଦୋକାନୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ଶଙ୍ଖୁଡ଼ା ଗ୍ରାମର ପ୍ରସନ୍ନ ଜେନା(୪୪), କୋହ୍ଲ ଗ୍ରାମର ଜୟପ୍ରକାଶ ପତି(୪୨), ଭଣ୍ଡାରିପୋଖରୀ ଥାନା ଚନ୍ଦ୍ରଭାନୁପୁର ଗ୍ରାମର ଅନନ୍ତ ଚରଣ ନାୟକ(୩୦), ବାସୁଦେବପୁର ଥାନା ତେନ୍ତୁଳିଆ ଗ୍ରାମର ବଳରାମ ମଲ୍ଲିକ(୨୩) ଓ ସୁନା ଦୋକାନୀ ବାଂଶଡ଼ା ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମର ପିଣ୍ଟୁ ପୋଥାଲ(୨୧)। ସେମାନଙ୍କଠାରୁ ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା, ୨ କେଜି ରୁପା ଅଳଙ୍କାର ଓ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ପୋଲିସ ଉଦ୍ଧାର କରିଛି। ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖେଳନା ବନ୍ଧୁକ, ଗୋଟିଏ ରାଇଡର୍ ବାଇକ୍, ୨ କଟୁରି, ୨ଟି ସ୍କ୍ରୁ ଡାଇଭର, ୫ ମୋବାଇଲ, କିଛି ଦଉଡ଼ି, ଗୋଟିଏ ବ୍ୟାଗ୍ ଜବତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ବାସୁଦେବପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଏନେଇ ସୂଚନା ଦେଇଛନ୍ତି। ପ୍ରସନ୍ନଙ୍କ ନାମରେ ଜିଲା ଓ ଜିଲା ବାହାରେ ୩୯ଟି ମାମଲା, ଅନନ୍ତଙ୍କ ନାମରେ ୨ଟି, ବଳରାମଙ୍କ ନାମରେ ୨ଟି ଏବଂ ଜୟପ୍ରକାଶଙ୍କ ନାମରେ ୨ଟି ମାମଲା ଥିବାବେଳେ ସୁନା ଦୋକାନୀ ପିଣ୍ଟୁ ବିଭିନ୍ନ ସମୟରେ ସେମାନଙ୍କଠାରୁ ସୁନା କିଣୁଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ଏସ୍‌ଡିପିଓ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଆଇ ପୁନମଦେବୀ ବେହେରା, ଅଧିକାରୀ ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଥାନାଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଉଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଯୋଡ଼ା, ୨୬।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଏବେ ଗର୍ଭବତୀ ଥିବା ବେଳେ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଝର ଅଞ୍ଚଳର ହରି ମହାକୁଡ଼।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଯୁବକ ବିଲେଇପଦା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏବେ ନାବାଳିକା ଦୁଇ ମାସର ଅନ୍ତଃସତ୍ତ୍ୱା ଥିବା ବେଳେ ଯୁବକ ତାଙ୍କୁ ବିବାହ କରିବାକୁ ମନାକରୁଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୩୨/୨୫) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରି ତଦନ୍ତ ଚଳାଇଛି।

# ଲକ୍ଷାଧିକ ଟଙ୍କାର ବଜ୍ରକାପ୍ତା କାତି ଜବତ, ବେପାରୀ ଗିରଫ

## ରାଜଧାନୀରେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର, ୨୬।୮ (ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବଜ୍ରକାପ୍ତା କାତି ଜବତ କରିଛି। ଏହାକୁ ଚାଲାଣ କରିବା ଅଭିଯୋଗରେ ସମ୍ପୃକ୍ତ ବେପାରୀ ଧରାପଡ଼ିଛନ୍ତି। ସେ ହେଲେ ବୌଦ୍ଧ ଜିଲା ଗୋଚ୍ଛାବାଡ଼ର ସ୍ୱାଭିମାନ ନାୟକ (୨୧)। ଜବତ ବଜ୍ରକାପ୍ତା କାତିଗୁଡ଼ିକର ଓଜନ ପ୍ରାୟ ଏକ କେଜି ହେବ ବୋଲି ସୂଚନା ଦିଆଯାଇଛି। ଏହି ଘଟଣାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତ ସ୍ୱାଭିମାନଙ୍କୁ ବନବିଭାଗକୁ ହସ୍ତାନ୍ତର କରିଥିଲା। ଚନ୍ଦକା ରେଞ୍ଜ୍ ପକ୍ଷରୁ ଏକ ମାମଲା (ଓଆର୍ ନଂ.୦୧/୨୦୨୫-୨୬) ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତ ସ୍ୱାଭିମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସ୍ୱାଭିମାନ ସୋମବାର ରାତିରେ ଚନ୍ଦ୍ରଶେଖରପୁର ଥାନା ଠାରୁ ମାତ୍ର ୩୦୦ ମିଟର ଦୂର ରାସ୍ତାରେ ବଜ୍ରକାପ୍ତା କାତି ଧରି ଜଣେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏନେଇ ସୂଚନା ମିଳିବା ପରେ ଡିଲ୍ ହେବା ପୂର୍ବରୁ ଏସ୍‌ଟିଏଫ୍ ସେଠାରେ ଚଢ଼ାଉ କରିଥିଲା। ସ୍ୱାଭିମାନ ଏହି କାତି କେଉଁଠାରୁ ଆଣିଲେ ଓ କାହାକୁ ଦେଇଥାନ୍ତେ, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି। ବଜ୍ରକାପ୍ତା କାତିର ଅନ୍ତର୍ଜାତୀୟ ବଜାରରେ ବହୁ ଚାହିଦା ରହିଥିବାବେଳେ ବନ୍ୟପ୍ରାଣୀ ଶିକାରୀମାନେ ଏହାକୁ ଚାଲାଣ କରୁଛନ୍ତି।





ଗିରଫ ଅଭିଯୁକ୍ତ ସ୍ୱାଭିମାନ ନାୟକ ଓ ଜବତ ବଜ୍ରକାପ୍ତା କାତି।

BUSINESS

# ବଢୁଛି ଡିଜିଟାଲ ବିଜ୍ଞାପନ ଚାହିଦା

## ୨୦୨୯ ସୁଦ୍ଧା ଜିଡିପିରେ ୦.୫% ଯୋଗଦାନ କରିବ

ଭୁବନେଶ୍ୱର, ୨୬।୮ (ଅନୁରାଧା ମହାରଣା)

ଦେଶର ବିଜ୍ଞାପନ ବଜାର ୨୦୨୪ରେ ପ୍ରାୟ ୧୬-୧୮ ବିଲିୟନ ଡଲାର ମୂଲ୍ୟରେ ପହଞ୍ଚିଛି, ଯାହା ଦେଶର ଜିଡିପିରେ ୦.୪% ଯୋଗଦାନ କରୁଛି। ଆଗାମୀ ସମୟରେ ଏହା ପ୍ରାୟ ୧୦-୧୫% ବାର୍ଷିକ ମିଶ୍ରିତ ବୃଦ୍ଧି ହାର (ସିଏଜିଆର୍) ସହ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଫଳରେ ୨୦୨୯ ସୁଦ୍ଧା ଏହା ଜିଡିପିରେ ୦.୫% ଯୋଗଦାନ କରିବ। ଡିଜିଟାଲ ବିଜ୍ଞାପନର ଅଂଶ ୫୦-୬୦% ଭାରତର ମୋଟ ବିଜ୍ଞାପନ ଖର୍ଚ୍ଚର ପ୍ରାୟ ୫୦-୬୦% ଡିଜିଟାଲ ବିଜ୍ଞାପନ ଅଧିକାର କରିଛି। ୨୦୨୯ ସୁଦ୍ଧା ଏହା ୧୭-୧୯ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି, ଯାହା ୧୫% ସିଏଜିଆର୍ ସହ ବୃଦ୍ଧି ପାଇବ। ଏହି ଦ୍ରୁତ ବୃଦ୍ଧିର ମୁଖ୍ୟ କାରଣ ହେଉଛି ବୃଦ୍ଧି ପାଉଥିବା ବ୍ୟକ୍ତିଗତ ଖର୍ଚ୍ଚ, ଡିଜିଟାଲ କଣ୍ଟେଣ୍ଟର ଚାହିଦା, ଓଟିଟି ପ୍ଲାଟ୍‌ଫର୍ମର ଦ୍ରୁତ ବିସ୍ତାର ଏବଂ ଉଚ୍ଚ-ଗତି ଇଣ୍ଟରନେଟ କଭରେଜ୍‌ରେ ବୃଦ୍ଧି। ଭାରତର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଏବଂ ଡାଇରେକ୍ଟ-ଟୁ-କଞ୍ଜ୍ୟୁମର (ଡି୨ସି) ବ୍ରାଣ୍ଡଗୁଡ଼ିକ ଡିଜିଟାଲ ବିଜ୍ଞାପନର ମୁଖ୍ୟ ଚାଳକ ହେଉଛନ୍ତି। ୨୦୨୦ରେ ଏମାନଙ୍କର ଡିଜିଟାଲ ବିଜ୍ଞାପନ ଖର୍ଚ୍ଚ ୩୫% ଥିବାବେଳେ ୨୦୨୪ରେ ଏହା ୩୭%କୁ ବୃଦ୍ଧି ପାଇଛି। ୨୦୨୯ ସୁଦ୍ଧା ଏହା ୪୦-୪୨% ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବେନ୍ ଆଣ୍ଡ କମ୍ପାନୀର ପାର୍ଟନର ପ୍ରଭାବ କଶ୍ୟପଙ୍କ ମତରେ, ମୋବାଇଲ ବ୍ୟବହାରରେ ବୃଦ୍ଧି, ଭିଡିଓ ଫର୍ମାଟ୍‌ର ଲୋକପ୍ରିୟତା ଏବଂ ପ୍ରତ୍ୟେକ ସ୍ତରରେ ଏଆଇର ସମନ୍ୱୟ ବ୍ରାଣ୍ଡ ଓ ଗ୍ରାହକଙ୍କ ମଧ୍ୟରେ ସମ୍ପର୍କର ପଦ୍ଧତିକୁ ବଦଳାଇ ଦେଉଛି। ବିଶ୍ୱ ସ୍ତରରେ ମଧ୍ୟ ଡିଜିଟାଲ ବିଜ୍ଞାପନ ଦ୍ରୁତ ଗତିରେ ବୃଦ୍ଧିପାଉଛି ଏବଂ ୨୦୨୯ ସୁଦ୍ଧା ଏହା ମୋଟ ବିଜ୍ଞାପନ ଖର୍ଚ୍ଚର ୮୦-୮୫% ଅଧିକାର କରିବ। ଏକ ରିପୋର୍ଟ ଅନୁସାରେ, ବିଶ୍ୱ ବିଜ୍ଞାପନ ବଜାର ମଧ୍ୟ ଏକ ଐତିହାସିକ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ୨୦୨୯ ସୁଦ୍ଧା ଡିଜିଟାଲ ବିଜ୍ଞାପନ ମୋଟ ବିଜ୍ଞାପନ ଖର୍ଚ୍ଚର ୮୦-୮୫% ପର୍ଯ୍ୟନ୍ତ ପହଞ୍ଚିବ। ରିପୋର୍ଟରେ କୁହାଯାଇଛି, ୨୦୨୪ରେ ୧ ଟ୍ରିଲିୟନ ଡଲାର ମୂଲ୍ୟର ବିଶ୍ୱ ବଜାର ୨୦୨୯ ସୁଦ୍ଧା ବିଶ୍ୱ ମୋଟ ଘରୋଇ ଉତ୍ପାଦର ୧% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଗ୍ରାହକମାନେ ବିଭିନ୍ନ ଡିଭାଇସ୍ ଓ ପ୍ଲାଟ୍‌ଫର୍ମରେ ଅଧିକ ସମୟ ବିତାଉଛନ୍ତି। ୨୦୨୩ରେ ଭାରତରେ ପ୍ରତି ବ୍ୟକ୍ତି ଦୈନିକ ୪.୮ ଘଣ୍ଟା ମୋବାଇଲରେ ବିତାଇଛନ୍ତି, ଯାହା ୨୦୧୯ରେ ୩.୭ ଘଣ୍ଟା ଥିଲା। ଏହା ଡିଜିଟାଲ ବିଜ୍ଞାପନକୁ ପ୍ରୋତ୍ସାହିତ କରୁଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୨୬।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୯.୩୭ ପଏଣ୍ଟ ହ୍ରାସ ଘଟି ୮୦,୭୮୬.୫୪ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୫.୭୦ ପଏଣ୍ଟ କମି ୨୪,୭୧୨.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଓଆକନ୍‌ର ୬ଷ୍ଠ ବାର୍ଷିକ ସମ୍ମିଳନୀ





ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ ଚିକିତ୍ସକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୨୬।୮

ରାଜ୍ୟର ପ୍ରମୁଖ ଡାକ୍ତରୀ ସଂଘ ତଥା ଓଡ଼ିଶା ଆର୍ଥୋପ୍ଲାଷ୍ଟି ଆସୋସିଏଶନ କନ୍‌ଫରେଶନ (ଓଆକନ୍-୨୦୨୫)ର ୬ଷ୍ଠ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସର୍ବଭାରତୀୟ ସ୍ତରର ୨୦୦ରୁ ଅଧିକ ଅସ୍ଥିଶଲ୍ୟ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ମଣିପାଲ ହସ୍ପିଟାଲ୍ସର ଏମ୍‌ଡି ତଥା ସିଇଓ ଦିଲୀପ ଜୋସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ବିଶାଳ ସମ୍ମିଳନୀରେ ଭୁବନେଶ୍ୱରର ମଣିପାଲ ହସ୍ପିଟାଲ ସକ୍ରିୟ ଭାବେ ଅଂଶଗ୍ରହଣକରି ଅର୍ଥୋପେଡିକ ସେବା କ୍ଷେତ୍ରରେ ମଣିପାଲ ହସ୍ପିଟାଲର ଅଭିଜ୍ଞାତ ଓ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଓ ଆଭିମୁଖ୍ୟ ପ୍ରତି ପ୍ରକାଶ କରିଥିଲା।

ଏ ନେଇ ଜୋସ୍ କହିଛନ୍ତି, ଗୋଟିଏ ସ୍ଥାନରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଡାକ୍ତରଙ୍କ ସମେତ ଏକତ୍ରିତ ହେବା ନିଶ୍ଚିତଭାବେ ଏକ ଗର୍ବର ବିଷୟ। ଏହି ସମ୍ମିଳନୀ ଫଳରେ ନିଶ୍ଚିତ ଭାବେ ଆର୍ଥୋପ୍ଲାଷ୍ଟି ସର୍ଜରି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିକରିବା ଦିଗରେ ଏହା ବେଶ୍ ସାହାଯ୍ୟ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏସ୍‌ସିଆଇ ସହ ଏସ୍‌ଟିଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୬।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ସେଲ୍‌ୱିନ ଟ୍ରେଡର୍ସ ଲିମିଟେଡ୍ (ଏସ୍‌ଟିଏଲ୍) ଏବଂ ଶିବମ କଷ୍ଟ୍ରାକଟିଂ ଇନକ (ଏସ୍‌ସିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀ ମଧ୍ୟରେ ହୋଇଥିବା ଏହି ରଣକୌଶଳାତ୍ମକ ଇକ୍ୱିଟି ସଂଯୁକ୍ତ ସହଭାଗିତା ଗଠନ କରିବାକୁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅଧୀନରେ ଏସ୍‌ଟିଏଲ୍ ସମ୍ପ୍ରତି ଏସ୍‌ସିଆଇର ଚାଲିଥିବା ଏବଂ ଭବିଷ୍ୟତର ପ୍ରକଳ୍ପଗୁଡ଼ିକରେ ଅଂଶଗ୍ରହଣ କରିବାକୁ ୬ନିୟୁତ ଆମେରିକୀୟ ଡଲାର (ପ୍ରାୟ ୫୨ କୋଟି ଟଙ୍କା) ପର୍ଯ୍ୟନ୍ତ ନିବେଶ କରିବାକୁ ନୀତିଗତ ଭାବେ ରାଜି ହୋଇଛି। ସେହିଭଳି ଉଭୟ କମ୍ପାନୀଙ୍କ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ରର ସର୍ତ୍ତାବଳୀ ଅନୁଯାୟୀ ଏସ୍‌ଟିଏଲ୍-ଏସ୍‌ସିଆଇରେ ୬୦% ଇକ୍ୱିଟି ଅଂଶ ଅଧିଗ୍ରହଣ କରିପାରିବ ଏବଂ ସହମତିଭିତ୍ତିକ ମୂଲ୍ୟରେ ଏସ୍‌ଟିଏଲ୍ ପକ୍ଷରୁ ଶେୟାର ଇସ୍ୟୁ ଜରିଆରେ ଅଧିଗ୍ରହଣ ପ୍ରକ୍ରିୟା ସମାହିତ ହୋଇପାରିବ। ଏହା ପ୍ରତି ଶେୟାର ପିଛା ୧୮ଟଙ୍କାରୁ କମ୍ ହେବ ନାହିଁ। ଏହି ଚୁକ୍ତି ନିମନ୍ତେ ଏସ୍‌ସିଆଇର ଏକ ମୂଲ୍ୟାୟନ ପତ୍ର ୨୦୨୫ ଡିସେମ୍ବର ୩୧ ସୁଦ୍ଧା କରାଯିବ। ସ୍ୱାକ୍ଷରିତ ତାରିଖଠାରୁ ୧୨ମାସ ପର୍ଯ୍ୟନ୍ତ ଏହି ବୁଝାମଣାପତ୍ର ବୈଧ।

ଏ ସମ୍ପର୍କରେ ଏସ୍‌ଟିଏଲ୍‌ର ନିର୍ଦ୍ଦେଶକ ମୋନିଲ ଭୋରା କହିଥିଲେ, ଆମେ ଆମର ଅଭିବୃଦ୍ଧି-କେନ୍ଦ୍ରିକ ଦୂରଦୃଷ୍ଟିକୁ ପୁନଃ ସୁଦୃଢ କରି ଏକ ରୂପାନ୍ତରଣକାରୀ ବୈଶ୍ୱିକ ସହଭାଗିତା ଦିଗରେ ଯାତ୍ରା ଆରମ୍ଭ କରିବା ନେଇ ଉଲ୍ଲସିତ ଅନୁଭବ କରୁଛୁ। ଏସ୍‌ସିଆଇରେ ୬ ନିୟୁତ ଆମେରିକୀୟ ଡଲାର ଇକ୍ୱିଟି-ସଂଯୁକ୍ତ ନିବେଶ ଆକର୍ଷଣୀୟ ରିଟର୍ନ ଏବଂ ୨ ବର୍ଷ ମଧ୍ୟରେ ନିଶ୍ଚିତ ପାଣ୍ଠି ପ୍ରତ୍ୟାବର୍ତ୍ତନ ସହ ଆମେରିକାର ସଂରଚନା କ୍ଷେତ୍ରରେ ଆମର ଉପସ୍ଥିତିକୁ ସୁଦୃଢ କରୁଛି। ତତ୍‌ସହିତ ଦୁବାଇସ୍ଥିତ ଜିଏମ୍‌ଆଇଟିର ଯୋଜନାବଦ୍ଧ ନିୟନ୍ତ୍ରଣକାରୀ ଅଧିଗ୍ରହଣ ଉପସାଗରୀୟ ଆଇଟି ସେବା ବଜାରରେ ଆମର ଉପସ୍ଥିତିକୁ ବହୁଗୁଣିତ କରୁଛି। ଏହା ୫୧% ଇକ୍ୱିଟି ହାସଲ ନିମନ୍ତେ ଲକ୍ଷ୍ୟ ରଖିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦମ୍‌ଦାର ପ୍ରଦର୍ଶନ ବଳରେ ତ୍ୱରାନ୍ୱିତ ମୂଲ୍ୟ ସୃଷ୍ଟି ନିମନ୍ତେ ଆମେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ ଅଛୁ।

# ହାଇଟେକ୍ ମେଡିକାଲରେ ବିରଳ ଅସ୍ତ୍ରୋପଚାର



ଅସ୍ତ୍ରୋପଚାର ପରେ ହାଇଟେକ୍ ମେଡିକାଲର ଡାକ୍ତରୀଦଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୨୬।୮ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ହାଇଟେକ୍ ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପୂର୍ଣ୍ଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ବଲାଙ୍ଗୀରର ଅରୁଣ କୁମାର ସାହୁ (୭୬ ବର୍ଷ ) ଅତି ଜରୁରୀ ସ୍ୱାସ୍ଥ୍ୟ ଅବସ୍ଥାରେ ହାଇଟେକ୍ ମେଡିକାଲକୁ ଆସିଥିଲାବେଳେ ହାଇଟେକ୍‌ର ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ଡା. ପି.କେ. ଦାଶଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏପରିକି ତାଙ୍କ ହାର୍ଟରେ ୪ଟି ଭଲ୍‌ବରୁ ଗୋଟିଏ ଭଲ୍‌ବ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇସାରିଥିଲା। ସେଥିପାଇଁ ତାଙ୍କର ମସ୍ତିଷ୍କକୁ ରକ୍ତ ପ୍ରବାହ ହେଉ ନ ଥିଲା। ଏହି ପରିପ୍ରେକ୍ଷୀରେ ହାଇଟେକ୍ ମେଡିକାଲର ଡାକ୍ତରୀ ଦଳ ତାଙ୍କ ସହ କଥାବାର୍ତ୍ତା ପରେ ଆବଶ୍ୟକ ଚିକିତ୍ସା ଆରମ୍ଭ ହୋଇଥିଲା।

ସେହିପରି ଡା ଦାଶଙ୍କ ତତ୍ତ୍ୱାବଧାନରେ କାର୍ଡିଆକ୍ ଆନାସ୍ଥେଟିଷ୍ଟ ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ସିଟିଭିଏସ୍ ଡା. ସ୍ମୃତିରଞ୍ଜନ ସାହୁ, ଡା. ଶିବଶଙ୍କର କର, ଡା. ସୁମିତ ତାଙ୍କର ଭଲ୍‌ବକୁ ପୁନଃ ସ୍ଥାପନ କରାଇଥିଲେ। ଫଳରେ ତାଙ୍କ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ରୂପେ ଚାଲିଥିବାବେଳେ ରୋଗୀ ଜଣଙ୍କ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଏ ନେଇ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ହାଇଟେକ୍ ମେଡିକାଲ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଉଭୟ ମତପ୍ରକାଶ କରିଛନ୍ତି।

ଏପରିକି ସମସ୍ତ ଡାକ୍ତରଙ୍କର ତୁରନ୍ତ ଓ ଅନବରତ ଚିକିତ୍ସାସେବା ରୋଗୀଙ୍କୁ ଏକ ନୂଆ ଜୀବନ ଦେଇଥିବାରୁ ଉଭୟ ପାଣିଗ୍ରାହୀ ସମସ୍ତଙ୍କୁ ମହାପ୍ରଭୁ କଲ୍ୟାଣକରନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି।

# ସିଏସ୍‌ଆର୍ କ୍ଷେତ୍ରକୁ ୮୦୧ କୋଟିର ପାଣ୍ଠି ଆବଣ୍ଟନ

ଭୁବନେଶ୍ୱର, ୨୬।୮

ଆଇସିଆଇସିଆଇ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ବାର୍ଷିକ ରିପୋର୍ଟ କାର୍ଡକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ବ୍ୟାଙ୍କ ପକ୍ଷରୁ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି। ଏହା ଉପରେ ବ୍ୟାଙ୍କର ପରିବେଶ, ସମାଜ ଓ ଗଭର୍ନାନ୍ସ (ଇଏସଜି) ରିପୋର୍ଟ ୨୦୨୪-୨୫ ବର୍ଷରେ ଆଲୋକପାତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଓ ପରିବେଶ ସ୍ଥାୟିତ୍ୱ ଆଦି ଉପରେ ସାମାଜିକ ପ୍ରଭାବ ଅଭିଯାନକୁ ସମ୍ପ୍ରସାରଣ କରାଯାଇଛି। ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୧.୮୯ କୋଟି ଲୋକଙ୍କ ପାଖରେ ପହଞ୍ଚିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ ପାଇଁ ୮୦୧ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷର ୫୧୯ କୋଟି ଟଙ୍କା ତୁଳନାରେ ପ୍ରାୟ ୩୫% ଅଧିକ ବୋଲି କୁହାଯାଉଛି। ଏହା ଦୀର୍ଘକାଳୀନ ଗୋଷ୍ଠୀ ବିକାଶ ପ୍ରତି ବ୍ୟାଙ୍କର ବର୍ଦ୍ଧିତ ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୨୪-୨୫ରେ ଆଇସିଆଇସିଆଇ ବ୍ୟାଙ୍କର ଇଏସ୍‌ଜି ପ୍ରୟାସଗୁଡିକ ମଜଭୁତ ସାମାଜିକ ଭିତ୍ତିଭୂମି ସୁବିଧା ଗଠନ, ମୌଳିକ ସେବା ପହଞ୍ଚାଇବାରେ ଉନ୍ନତି ଏବଂ ଭାରତରେ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସାମାଜିକ, ପରିବେଶଗତ ଏବଂ ଶାସନ କାରକଗୁଡ଼ିକୁ ଏହାର ମୁଖ୍ୟ କାର୍ଯ୍ୟପ୍ରଣାଳୀରେ ସମନ୍ୱିତ କରି ବ୍ୟାଙ୍କ କେବଳ ଏହାର ହିତାଧିକାରୀଙ୍କ ପାଇଁ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରୁନାହିଁ ବରଂ ଭାରତର ଭିତ୍ତିଭୂମି ବିକାଶକୁ ସମର୍ଥନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରୁଛି।

## ସଂକ୍ଷେପରେ

### ୪ ଥର ଟ୍ରମ୍ପଙ୍କ ଫୋନ୍ କଲ୍: କଥା ହେଲେନି ମୋଦି

ନୂଆଦିଲ୍ଲୀ, ୨୬।୮

ଭାରତୀୟ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲଗାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ସମ୍ପର୍କ ଠିକ୍ ନ ଥିବା ନେଇ ଆଲୋଚନା ହୋଇଆସୁଛି। ଏହାରି ମଧ୍ୟରେ ଜର୍ମାନୀର ପ୍ରତିଷ୍ଠିତ ଖବରକାଗଜ ଫ୍ରାଙ୍କଫର୍ଟର ଆଲ୍‌ଗେମେଇନ୍ ଜେଇଟୁଙ୍ଗ (ଏଫ୍ଏଜେଡ୍) ପକ୍ଷରୁ ଏକ ବଡ଼ ଦାବି କରାଯାଇଛି। ଗତ କିଛି ସପ୍ତାହ ମଧ୍ୟରେ ମୋଦିଙ୍କ ସହ କଥା ହେବା ପାଇଁ ଟ୍ରମ୍ପ ୪ ଥର ଫୋନ୍ କଲ୍ କରିଥିବା ବେଳେ ପ୍ରତ୍ୟେକ ଥର ମୋଦି କଥା ହେବାକୁ ମନା କରିଦେଇଥିଲେ। ଆମେରିକାର ଟାରିଫ୍‌କୁ ନେଇ ଏହା ମୋଦିଙ୍କର କ୍ରୋଧକୁ ଦର୍ଶାଉଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ଟ୍ରମ୍ପ କେଉଁ କେଉଁ ତାରିଖରେ ମୋଦିଙ୍କୁ କଲ୍ କରିଥିଲେ ସେ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ନାହିଁ।

### ବନ୍ୟାପାଣିରେ ବୁଡ଼ି ପରିବାରର ୪ ମୃତ

ବିଲାସପୁର, ୨୬।୮


ଛତିଶଗଡ଼ର ବିଲାସପୁର ଜିଲାରେ ପ୍ରବଳ ବର୍ଷା ଯୋଗୁ ବନ୍ୟାଜଳରେ ବୁଡ଼ିଯାଇ ଗୋଟିଏ ପରିବାରର ୩ ପିଲାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଭୱଁରଟଙ୍କର ମାର୍‌ହି ମାତା ମନ୍ଦିରକୁ ଦର୍ଶନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରାୟ ୪୦ ଜଣ ଲୋକ ଏକ ବସ୍‌ରେ ଯାଇଥିଲେ। ଦର୍ଶନ ସାରି ସେମାନେ ବସ୍ ନିକଟକୁ ଯିବା ଲାଗି ଏକ ଛୋଟ ନଦୀକୁ ପାର ହେଉଥିବାବେଳେ ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ଆସିଥିଲା। ଫଳରେ ପ୍ରଖର ସ୍ରୋତରେ ୪ ଜଣ ଭାସିଯାଇଥିଲେ ବୋଲି ପୋଲିସ କହିଛି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ(ଏସ୍‌ଡିଆର୍‌ଏଫ୍) ଏବଂ ପୋଲିସ୍ ସାମିଲ ହୋଇଥିବାବେଳେ ବିଳମ୍ବିତ ରାତିରେ ୩ ପିଲାଙ୍କ ମୃତଦେହ ମିଳିଥିଲା। ମଙ୍ଗଳବାର ସକାଳେ ଅନ୍ୟଜଣକ ମୃତଦେହ ଠାବ କରାଯାଇଛି।

### ଶାହରୁଖ, ଦୀପିକାଙ୍କ ନାଁରେ ମାମଲା

ଭରତପୁର, ୨୬।୮

ରାଜସ୍ଥାନର ଭରତପୁରରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ଅଭିନେତ୍ରୀ ଦୀପିକା ପାଦୁକୋନ ଏବଂ ହ୍ୟୁଣ୍ଡାଇ କମ୍ପାନୀର ୬ ଜଣଙ୍କ ବିରୋଧରେ ଠକେଇ ମାମଲା ରୁଜୁ ହୋଇଛି। ସ୍ଥାନୀୟ ନିବାସୀ କୀର୍ତ୍ତି ସିଂଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ମାମଲା ରୁଜୁ କରିଛି। ହ୍ୟୁଣ୍ଡାଇ ପକ୍ଷରୁ ଏକ ନିର୍ମାଣଜନିତ ତ୍ରୁଟି ଥିବା କାର୍ ତାଙ୍କୁ ବିକ୍ରି କରାଯାଇଥିବା କୀର୍ତ୍ତି ଅଭିଯୋଗ କରିଛନ୍ତି। ତାଙ୍କ କାର୍‌ରେ ପ୍ରଥମ ଦିନରୁ ହିଁ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ବାରମ୍ବାର ଜଣାଇବା ସତ୍ତ୍ୱେ କମ୍ପାନୀ ତାଙ୍କ ଅଭିଯୋଗକୁ ଶୁଣି ନ ଥିଲା ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଉଭୟ ଶାହରୁଖ୍ ଏବଂ ଦୀପିକା ହ୍ୟୁଣ୍ଡାଇ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ହ୍ୟୁଣ୍ଡାଇ କାର୍ କିଣିବା ପାଇଁ ଉଭୟେ କରିଥିବା ବିଜ୍ଞାପନରୁ ପ୍ରଭାବିତ ହୋଇ ସେ କାର୍ କିଣିଥିଲେ ବୋଲି କୀର୍ତ୍ତି କହିଛନ୍ତି।

ଦିଲ୍ଲୀରେ ଆଜି



ତାମିଲନାଡୁ ଅଲ୍ ଫାର୍ମର୍ସ ଆସୋସିଏଶନ କୋ-ଅର୍ଡିନେଶନ କମିଟି ବ୍ୟାନରରେ ଅନେକ ଚାଷୀ ସେମାନଙ୍କର ବିଭିନ୍ନ ଦୀର୍ଘକାଳୀନ ଦାବିକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି। (ଫଟୋ-ଚମନ ଗୌତମ)

### ଆମେରିକାରେ ୬ ଲକ୍ଷ ଚାଇନା ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଅନୁମତି

ୱାଶିଂଟନ, ୨୬।୮

ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉପରେ ଆମେରିକା ପ୍ରଶାସନର କଟକଣା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୬ ଲକ୍ଷ ଚାଇନା ଛାତ୍ରୀଛାତ୍ରଙ୍କ ପାଇଁ ତାଙ୍କ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକର ଦ୍ୱାର ଖୋଲିଦେଇଛନ୍ତି। ୱାଶିଂଟନ ଏବଂ ବେଜିଂ ମଧ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିବା ଟ୍ରମ୍ପ କହିଥିବାବେଳେ ତାଙ୍କ ପ୍ରଶାସନର 'ଆମେରିକା ଫାଷ୍ଟ' ନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ଚାଇନା ଛାତ୍ରୀଛାତ୍ରଙ୍କ ସମେତ ଚାଇନା କମ୍ୟୁନିଷ୍ଟ ପାର୍ଟି ସହ ସମ୍ପୃକ୍ତ ସମସ୍ତଙ୍କ ଭିଜା ରଦ୍ଦ କରିବାକୁ ପୂର୍ବରୁ ଟ୍ରମ୍ପ ପ୍ରଶାସନ ଦୃଢ଼ୋକ୍ତି କରିଥିଲା। ଆମେ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ଅନୁମତି ଦେବାକୁ ଯାଉଛୁ, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଚାଇନା ସହ ରହିବାକୁ ଚାହୁଁଛୁ ବୋଲି ଟ୍ରମ୍ପ ଖବରଦାତାମାନଙ୍କୁ କହିଛନ୍ତି। ତେବେ ବେଜିଂ ୱାଶିଂଟନକୁ ଯଦି ରେଆର ଆର୍ଥ ମ୍ୟାଗ୍‌ନେଟ ନ ଦିଏ, ତେବେ ୨୦୦ ପ୍ରତିଶତ ଟାରିଫ୍‌ର ସମ୍ମୁଖୀନ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

# ଜମ୍ମୁରେ ପ୍ରବଳ ବର୍ଷା, ଭୂସ୍ଖଳନ: ୧୧ ମୃତ

ଜମ୍ମୁ, ୨୬।୮

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ଘଟି ୭ ଜଣଙ୍କ ମୃତ୍ୟୁ ଘଟିବା ସହ ମୋଟ ୧୧ ଜଣଙ୍କ ଜୀବନ ଯାଇଛି। ଏଥିସହିତ ଅନେକେ ଆହତ ହୋଇଛନ୍ତି। ଭୂସ୍ଖଳନ ଯୋଗୁ ବୈଷ୍ଣୋଦେବୀ ଯାତ୍ରା ବନ୍ଦ ରହିଛି। ଅଧକ୍ୱାରିର ଇନ୍ଦ୍ରପ୍ରସ୍ଥ ଭୋଜନାଳୟ ନିକଟରେ ଆଉ ଏକ ଭୂସ୍ଖଳନ ଯୋଗୁ କେତେଜଣ ଆହତ ହୋଇଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ବହୁ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଘର ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହଠାତ୍ ବନ୍ୟାଜଳ ମାଡ଼ିଆସିବାରୁ ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି। ଲୋକମାନଙ୍କୁ ନଦୀକୂଳଠାରୁ ଦୂରରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି।

ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ପଥର ଖସିବା ଯୋଗୁ ଡୋଡା ଓ କିସ୍ତୱାରକୁ ସଂଯୋଗ କରୁଥିବା ୨୪୪ ନମ୍ବର ରାଜପଥ ଅବରୋଧ ହୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ମଙ୍ଗଳବାର କଟ୍ରା, ଉଧାମପୁର ଏବଂ ଜମ୍ମୁ ରେଳଷ୍ଟେଶନରୁ ୧୮ଟି ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ସୋମବାର ରାତିରେ ଜମ୍ମୁ ଅଞ୍ଚଳରେ ବହୁ ଦଶନ୍ଧି ମଧ୍ୟରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷାରୁ ଅନେକ ବ୍ରିଜ୍ ଧୋଇଯିବା ସହ ସଡ଼କ ସଂଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ବହୁ ଅଞ୍ଚଳ ବାହ୍ୟଜଗତରୁ ଅଲଗା ହୋଇଯାଇଛି। ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଅନେକ ପାହାଡ଼ିଆ ରାସ୍ତା ଅବରୋଧ ହୋଇଛି। ପ୍ରବଳ ବର୍ଷାରେ ଅପ୍ଟିକାଲ ଫାଇବର କ୍ଷତିଗ୍ରସ୍ତ ହୋଇଥିବାରୁ ମଙ୍ଗଳବାର ଜମ୍ମୁ-କଶ୍ମୀର ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି। ତ୍ରୁଟି ଠାବକରି ସୁଧାରିବାକୁ ଟେକ୍ନିକାଲ ଟିମ୍ ପଠାଯାଇଛି।

ତୱି ଏବଂ ରାବି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। କଠୁଆର ବିଭିନ୍ନ ସ୍ଥାନରେ ରାବି ନଦୀ ଉଚ୍ଛୁଳି ଖାଲୁଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। କଶ୍ମୀର ଉପତ୍ୟକାକୁ କିସ୍ତୱାର ଜିଲା ସହ ସଂଯୋଗ କରୁଥିବା ସିନ୍ଥନ ଟପ୍ ଗିରିପଥ ବନ୍ଦ ହୋଇଯାଇଛି। ରମ୍ବାନ ଜିଲାରେ ପଥର ଖଣ୍ଡ ଖସି ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥ ଅବରୋଧ ରହିଛି। ସେହିପରି ଜୋଜିଲା ପାସ୍‌ରେ ପ୍ରବଳ ତୁଷାରପାତ ଯୋଗୁ ଶ୍ରୀନଗର-ଲେହ ଜାତୀୟ ରାଜପଥ ବନ୍ଦ ରହିଛି। ପ୍ରଭାବିତ ଜିଲାଗୁଡ଼ିକ ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯିବା ସହ ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି। ଜମ୍ମୁର ଅନେକ ଅଞ୍ଚଳରେ ସ୍ଥିତି ସଙ୍ଗିନ୍ ରହିଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି।

### ରାଜପଥ ଅବରୋଧ, ୧୮ ଟ୍ରେନ୍ ବାତିଲ, ଇଣ୍ଟରନେଟ୍ ସେବା ବନ୍ଦ

### ହିମାଚଳରେ ରାସ୍ତା ଭାଙ୍ଗିଲା, ରେଷ୍ଟୁରାଣ୍ଟ ଭାସିଗଲା



ଶିମ୍‌ଲା, ୨୬।୮

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ବିଭିନ୍ନ ନଦୀରେ ବନ୍ୟା ଆସିଛି। ଫଳରେ ବହୁ ସ୍ଥାନରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କିରଟପୁର-ମନାଲି ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେକ ରାସ୍ତା ଧୋଇଯାଇଛି। ମନାଲିରେ ଏକ ରେଷ୍ଟୁରାଣ୍ଟ ବନ୍ୟାପାଣିରେ ଭାସିଯାଇଥିବାବେଳେ ମଣ୍ଡି ଅଞ୍ଚଳରେ ଲୋକଙ୍କୁ ପାଣିଘେରରୁ ଉଦ୍ଧାର କରାଯାଇଛି। ଲହଉଲ୍ ଏବଂ ସ୍ପିଟିକୁ ବାଦ୍ ଦେଲେ ହିମାଚଳପ୍ରଦେଶର ଅନ୍ୟ ସବୁ ଜିଲାରେ ରବିବାର ରାତିରୁ ବର୍ଷା ଲାଗିରହିଛି। ଫଳରେ ଚାମ୍ବା, କାଙ୍ଗ୍ରା, ଉନା, ଲହଉଲ୍ ଏବଂ ସ୍ପିଟିରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ମଣ୍ଡି ଜିଲାର ଦ୍ୱାଡା ଏବଂ ଝଲୋଗିରେ ଭୂସ୍ଖଳନ ପରେ କିରଟପୁର-ମନାଲି ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଛି। ବ୍ୟାସ ନଦୀରେ ବନ୍ୟା ଯୋଗୁ ମନାଲି ନିକଟ ବିନ୍ଧୁ ଧାଙ୍ଗଠାରେ ରାଜପଥର ଏକ ବଡ଼ ଭାଗ ଧୋଇଯାଇଛି। ଫଳରେ ମଣ୍ଡି ଏବଂ ମନାଲି ମଧ୍ୟରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

### ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ରେଡ୍




ନୂଆଦିଲ୍ଲୀ, ୨୬।୮

ଏକ ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଅର୍ଥ ହେରଫେର ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ନେତା ସୌରଭ ଭରଦ୍ୱାଜଙ୍କ ଘରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ଇଡି ପକ୍ଷରୁ ସୌରଭଙ୍କ ୧୩ ଠିକଣାରେ ଏକକାଳୀନ ସର୍ଚ୍ଚ ଅପରେଶନ କରାଯାଇଛି। ପ୍ରକାଶ ଯେ, ୨୦୧୮-୧୯ରେ ୨୪ ହସ୍ପିଟାଲ ନିର୍ମାଣ ପାଇଁ ତତ୍କାଳୀନ ଦିଲ୍ଲୀ ସରକାର ୫,୫୯୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ତେବେ ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ୨୦୨୪ ଅଗଷ୍ଟରେ ଭାଜପା ନେତା ବିଜେନ୍ଦର ଗୁପ୍ତା ଅଭିଯୋଗ କରିଥିଲେ।

## ସ୍ୱଦେଶୀ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

ଅହମଦାବାଦ, ୨୬।୮(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଦିନକ ପୂର୍ବରୁ ସ୍ୱଦେଶୀ ଏବଂ ମେକ୍ ଇନ୍ ଇଣ୍ଡିଆ ଉପରେ ଜୋର୍ ଦେଇଛନ୍ତି। ଏହା ଦେଶରେ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି। ସ୍ୱଦେଶୀ ପ୍ରତ୍ୟେକଙ୍କ ଜୀବନର ମନ୍ତ୍ର ହେବା ଆବଶ୍ୟକ। ଜାପାନର ସୁଜୁକି ମୋଟର କର୍ପୋରେଶନ ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ ଭାରତରେ ୭୦,୦୦୦ କୋଟି ଟଙ୍କା ନିବେଶ କରିବା ପାଇଁ ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିବାବେଳେ ଘରୋଇ ଉତ୍ପାଦନରେ ପୁଞ୍ଜିନିବେଶକୁ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଗୁଜରାଟର ହଂସଲପୁର କାରଖାନାରୁ ମାରୁତି ସୁଜୁକିର ପ୍ରଥମ ବିଦ୍ୟୁତ୍‌ଚାଳିତ କାର୍ ଇ-ଭିଟାରାର ରପ୍ତାନିକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ସେଠାରୁ ଶତାଧିକ ଦେଶକୁ ଏହି ଯାନ ରପ୍ତାନି ହେବାକୁ ଯାଉଛି। ଏହା ବ୍ୟତୀତ ହାଇବ୍ରିଡ୍ ଇଲେକ୍ଟ୍ରିକ୍ କାର୍ ପାଇଁ ଲିଥିୟମ୍-ଆୟନ ବ୍ୟାଟେରି, ସେଲ୍ ଓ ଇଲେକ୍ଟ୍ରୋଡ୍ ଉତ୍ପାଦନ ୟୁନିଟ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

## ନୌସେନାରେ ୨ ଯୁଦ୍ଧଜାହାଜ ସାମିଲ

ବିଶାଖାପାଟଣା, ୨୬।୮




ଭାରତୀୟ ନୌସେନାରେ ମଙ୍ଗଳବାର ଏକସଙ୍ଗେ ୨ଟି ଯୁଦ୍ଧଜାହାଜ ସାମିଲ ହୋଇଛି। ଦେଶର ସାମୁଦ୍ରିକ ଆକ୍ରମଣ କ୍ଷମତା ବଢ଼ାଇବାରେ ଏହା ସହାୟକ ହେବ। ୮ଟି ବ୍ରହ୍ମୋସ ମିଶାଇଲ୍‌ରେ ସଜ୍ଜିତ ଆଇଏନ୍‌ଏସ୍ ଉଦୟଗିରି ଏବଂ ଆଇଏନ୍‌ଏସ୍ ହିମଗିରିକୁ ନୌସେନାରେ ସାମିଲ କରାଯାଇଛି। ସ୍ୱଦେଶରେ ନିର୍ମିତ ଉଭୟ ଯୁଦ୍ଧଜାହାଜରେ ଅତ୍ୟାଧୁନିକ ଅସ୍ତ୍ର ଓ ସେନ୍ସର ସମେତ ବିଭିନ୍ନ ବୈଶିଷ୍ଟ୍ୟ ରହିଛି। ନୌସେନାର ଇଷ୍ଟର୍ନ ନାଭାଲ କମାଣ୍ଡଠାରେ ଅନୁଷ୍ଠିତ କମିଶନିଂ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଦେଶର ଦୁଇଟି ଅଲଗା ଶିପ୍‌ୟାର୍ଡରେ ନିର୍ମିତ ୨ ଯୁଦ୍ଧଜାହାଜକୁ ଏକସଙ୍ଗେ ନୌସେନାରେ ସାମିଲ କରାଯିବା ପ୍ରଥମ ଘଟଣା। ଏଗୁଡ଼ିକ ଅତ୍ୟାଧୁନିକ ଯୁଦ୍ଧଜାହାଜ ଯାହା ସମୁଦ୍ରରେ ଅନେକ ଜଟିଳ ତଥା ବିପଦପୂର୍ଣ୍ଣ ଅଭିଯାନରେ ଗେମ୍ ଚେଞ୍ଜର ପ୍ରମାଣିତ ହେବ ବୋଲି ରାଜନାଥ କହିଛନ୍ତି। ଆଇଏନ୍‌ଏସ୍ ଉଦୟଗିରି ନୌସେନାର ୱାରଶିପ୍ ଡିଜାଇନ୍ ବ୍ୟୁରୋ(ଡବ୍ଲ୍ୟୁଡିବି) ଦ୍ୱାରା ଡିଜାଇନ୍ ହୋଇଥିବା ୧୦୦ତମ ଜାହାଜ। ସ୍ୱଦେଶୀ ଯୁଦ୍ଧଜାହାଜ ଡିଜାଇନର ୫ ଦଶନ୍ଧି ମଧ୍ୟରେ ଏହା ଏକ ବଡ଼ ସଫଳତା। ପ୍ରୋଜେକ୍ଟ ୧୭ଏ ଷ୍ଟିଲ୍‌ଥ ଫ୍ରିଗେଟରେ ଉଦୟଗିରି ଦ୍ୱିତୀୟ ଜାହାଜ। ମୁମ୍ବାଇର ମାଜାଗାଁଓ ଡକ୍ ଶିପ୍‌ବିଲ୍ଡର୍ସ ଲିଃ (ଏମ୍‌ଡିଏଲ୍) ଏହାକୁ ନିର୍ମାଣ କରିଛି। ସେହିପରି ହିମଗିରି କୋଲକାତାର ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଆଣ୍ଡ୍ ଇଞ୍ଜିନିର୍ସ ଦ୍ୱାରା ନିର୍ମିତ ପି୧୭ଏ'ର ପ୍ରଥମ ଜାହାଜ।

### ଫୁରସତ୍

## ସେଲ୍‌ଫି ପାଇଁ ଭାରତ ସବୁଠୁ ବିପଦପୂର୍ଣ୍ଣ

ୱାଶିଂଟନ୍



ସେଲ୍‌ଫି ନେବା ଅନେକବାର ଘାତକ ସାବ୍ୟସ୍ତ ହୋଇଥାଏ। ସାମ୍ପ୍ରତିକ ସ୍ଥିତିରେ ସେଲ୍‌ଫି ଦୁର୍ଘଟଣା ଏବଂ ଏହା ଜନିତ ମୃତ୍ୟୁ ମାମଲା ବଢ଼ିବାରେ ଲାଗିଛି। 'ଦି ବାର୍ବର ଲ' ନାମକ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ସେଲ୍‌ଫିଜନିତ ସର୍ବାଧିକ ଦୁର୍ଘଟଣା ଘଟୁଛି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ରିପୋର୍ଟରେ ଗବେଷକମାନେ ୨୦୧୪ ମାର୍ଚ୍ଚରୁ ୨୦୨୫ ମେ' ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ବିଭିନ୍ନ ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣାକୁ ନେଇ ଅଧ୍ୟୟନ କରିଛନ୍ତି। ସେଲ୍‌ଫି ନେଉଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ଆହତ ମାମଲାଗୁଡ଼ିକୁ ଗବେଷକମାନେ ବିଚାରକୁ ନେଇଥିଲେ। ଅଧ୍ୟୟନ ଅନୁଯାୟୀ, ସେଲ୍‌ଫି ପାଇଁ ଭାରତ ସବୁଠାରୁ ବିପଦପୂର୍ଣ୍ଣ ଦେଶ। ବିଶ୍ୱବ୍ୟାପୀ ଘଟିଥିବା ସେଲ୍‌ଫି ସମ୍ବନ୍ଧୀୟ ସମୁଦାୟ ଦୁର୍ଘଟଣା ମଧ୍ୟରୁ କେବଳ ୪୨.୧% ଭାରତରେ ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତରେ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୨୭୧ଟି ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣା ଘଟି ୨୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୭ ଆହତ ହୋଇଛନ୍ତି। ୪୫ଟି ସେଲ୍‌ଫି ସମ୍ବନ୍ଧୀୟ ଦୁର୍ଘଟଣା ସହ ଆମେରିକା ଦ୍ୱିତୀୟ ସବୁଠାରୁ ବିପଦପୂର୍ଣ୍ଣ ଦେଶ। ସେଠାରେ ସେଲ୍‌ଫି ନେବାବେଳେ ୩୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଆହତ ହୋଇଛନ୍ତି। ତାଲିକାର ତୃତୀୟ ସ୍ଥାନରେ ରୁଷିଆ, ଚତୁର୍ଥ ସ୍ଥାନରେ ପାକିସ୍ତାନ ଏବଂ ପଞ୍ଚମ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି। ସେହିପରି ଇଣ୍ଡୋନେସିଆ, କେନିଆ, ବ୍ରିଟେନ୍, ସ୍ପେନ୍ ଏବଂ ବ୍ରାଜିଲ ମଧ୍ୟ ସେଲ୍‌ଫି ପାଇଁ ବିଶ୍ୱର ୧୦ ବିପଦପୂର୍ଣ୍ଣ ଦେଶ ମଧ୍ୟରେ ରହିଛନ୍ତି। ସୋସିଆଲ ମିଡିଆରେ ପ୍ରସିଦ୍ଧି ଲାଭ କରିବା ଉଦ୍ଦେଶ୍ୟରେ ଯୁବପିଢ଼ି ନିଜ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ନେଉଛନ୍ତି। ଏହା ଏକ ଚିନ୍ତାଜନକ ଧାରାକୁ ଦର୍ଶାଉଥିବା ନେଇ 'ଦି ବାର୍ବର ଲ'ର ପ୍ରତିଷ୍ଠାତା କ୍ରିଷ୍ଟୋଫର ବାର୍ବର କହିଛନ୍ତି।

## ଝିଅକୁ ବଲିଉଡ୍‌ରୁ ଦୂରେଇ ରଖିବେ କାଜୋଲ

ମୁମ୍ବାଇ

ବଲିଉଡ୍‌ର ତାରକା ଦମ୍ପତି ଅଭିନେତ୍ରୀ କାଜୋଲ ଓ ଅଭିନେତା ଅଜୟ ଦେବଗନ୍‌ଙ୍କ ଝିଅ ନ୍ୟାସା ଦେବଗନ (୨୨) ବଲିଉଡ୍‌ରେ କ୍ୟାରିୟର କରିବେ ନାହିଁ। ସୋମବାର ଏକ ସାକ୍ଷାତ୍କାର ଦେଇ କାଜୋଲ କହିଛନ୍ତି, ଝିଅ ନ୍ୟାସା ବଲିଉଡ୍‌ରୁ ଦୂରେଇ ରହିବେ। ଯେତେବେଳେ କୌଣସି ନବାଗତ କଳାକାର ଫିଲ୍ମ ଜଗତରେ ପ୍ରବେଶ କରନ୍ତି, ତାଙ୍କୁ ଅନେକ ପରୀକ୍ଷାର ସାମ୍ନା କରିବାକୁ ପଡ଼ିଥାଏ। ନବାଗତ କୌଣସି ଲୋକପ୍ରିୟ ଅଭିନେତ୍ରୀ କିମ୍ବା ଅଭିନେତାଙ୍କ ସନ୍ତାନ ହୋଇଥିଲେ ପରୀକ୍ଷା ଆହୁରି କଷ୍ଟସାଧ୍ୟ ହୋଇଥାଏ। ବଲିଉଡ୍‌ରେ ପ୍ରବେଶ କଲେ ନ୍ୟାସାଙ୍କ ପ୍ରଦର୍ଶନକୁ ତାଙ୍କ ମା'ବାପାଙ୍କ ପ୍ରଦର୍ଶନ ସହ ତୁଳନା କରାଯିବ। ପ୍ରଦର୍ଶନ ସନ୍ତୋଷଜନକ ନ ହେଲେ ନେପୋ କିଡ୍, ନେପୋ ବେବି ନାମରେ ଟ୍ରୋଲ୍‌ର ଶିକାର ହେବାକୁ ପଡ଼ିବ। ଜଣେ ମା' ଭାବେ ସେ ଏସବୁକୁ ପ୍ରଶ୍ରୟ ଦେବେ ନାହିଁ ବୋଲି କାଜୋଲ କହିଛନ୍ତି।


ଝିଅ ନ୍ୟାସାଙ୍କ ସହ କାଜୋଲ।

# ଅଧିକ ଅମଳକ୍ଷମ ଟମାଟୋ ବିହନ



ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨, ନୀଳାଦ୍ରି,ସଦାବାହାର,ମାଧୁରୀ, ମହାରଥି,ମର୍ନିସନ୍,ରଶ୍ମି,ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X- ୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ପନିପରିବା ଚାଷ କରୁଥିଲେ...



ଉଚ୍ଚ ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସାକରି ଘାସ ବାଛି ସାର ଦିଅନ୍ତୁ। ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ୧୫ ଦିନ ବ୍ୟବଧାନରେ ୨-୩ ଥର ସିଞ୍ଚନ କରନ୍ତୁ। ଝାଡ଼ଁଳା ରୋଗ ଦମନ ପାଇଁ ପ୍ଲାଣ୍ଟୋମାଇସିନ୍ (ପ୍ରତି ଲିଟର ପାଣିରେ ୧ ମି.ଲି.) ସହ କପର୍ ଅକ୍ସିକ୍ଲୋରାଇଡ୍ (୧ ଲିଟର ପାଣିରେ ୨ ଗ୍ରାମ୍) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଚାରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ୍ ଘୋଡ଼ାଇ ରଖନ୍ତୁ। ଉଚ୍ଚ ତଳିଘେରା ପ୍ରସ୍ତୁତ କରି ଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ।

# ଫସଲ ଉତ୍ପାଦନରେ କ୍ଲୋରିନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

"ମାଟିରେ କ୍ଲୋରାଇଡ୍ ଅସ୍ଥାୟୀ । ଏହା ପାଣିରେ ଦ୍ରବୀଭୂତ । ଏହା ଶୀଘ୍ର ଧୋଇହୋଇ ଭୂଗର୍ଭକୁ ଚାଲିଯାଏ । ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ଦ୍ରବୀଭୂତ କ୍ଲୋରାଇଡ୍ ଭୂପୃଷ୍ଠକୁ ଶୀଘ୍ର ଆସିଥାଏ । ଏହାବ୍ୟତୀତ ଭୂତଳ ଜଳସ୍ତର ବଢ଼ିଲେ ମାଟିର କୌଶିକ ଛିଦ୍ର ଦେଇ କ୍ଲୋରାଇଡ୍ ଭୂପୃଷ୍ଠକୁ ଆସିଥାଏ । ସମୁଦ୍ର, ହ୍ରଦ ଏବଂ ନଦୀକୂଳ ମାଟିରେ କ୍ଲୋରାଇଡ୍, ସୋଡିୟମ ଏବଂ ପୋଟାସିୟମ ସହ ମିଶି ସୋଡିୟମକ୍ଲୋରାଇଡ୍ (ଖାଇବାଲୁଣ) ଏବଂ ପୋଟାସିୟମ କ୍ଲୋରାଇଡ୍ ଆକାରରେ ଅଧିକ ଥାଏ । ଚେ଼ର ମାଧ୍ୟମରେ ଫସଲ କ୍ଲୋରାଇଡ୍‌କୁ ଗ୍ରହଣ କରେ । ପୋଟାସିୟମ କ୍ଲୋରାଇଡ୍ ସାର ଭାବେ ଫସଲ ପାଇଁ ବ୍ୟବହାର କରାଯାଏ । ବଜାରରେ ପୋଟାସିୟମ୍ କ୍ଲୋରାଇଡ୍ ମ୍ୟୁରେଟ ଅଫ୍ ପଟାସ୍ ନାମରେ ବିକ୍ରି ହୁଏ ।"

ଫସଲର ୮ଗୋଟି ଅଣୁଖାଦ୍ୟ ଉପାଦାନ ମଧ୍ୟରୁ କ୍ଲୋରିନ୍‌ର ସ୍ଥାନ ୭ ନମ୍ବର। ବ୍ରୟର ଆଦି ୪ ଜଣ ଆମେରିକୀୟ ଉଦ୍ଭିଦ ଶରୀରତତ୍ତ୍ୱବିତ୍ ୧୯୫୪ ମସିହାରେ ବିଭିନ୍ନ ପରୀକ୍ଷା ନିରୀକ୍ଷାକରି ପ୍ରମାଣକଲେ ଯେ କ୍ଲୋରିନ୍ ଫସଲ ପାଇଁ ଏକ ଅଣୁଖାଦ୍ୟ ଉପାଦାନ। କ୍ଲୋରିନ୍ ଏକ ଗ୍ୟାସ୍ । ଫସଲ ଏହାକୁ ସିଧାସଳଖ ଗ୍ୟାସ୍ ଭାବେ ଗ୍ରହଣ କରିପାରେ ନାହିଁ । ଫସଲ କ୍ଲୋରିନ୍‌କୁ କ୍ଲୋରାଇଡ୍ ମାଧ୍ୟମରେ ଆନୟନ ଭାବେ ଗ୍ରହଣ କରେ । ଉଦ୍ଭିଦ ଶରୀରରେ କ୍ଲୋରାଇଡ୍ ରାସାୟନିକ ବିଭାଜନ ଘଟି କ୍ଲୋରିନ୍ ନିର୍ଗତ ହୋଇଥାଏ । କ୍ଲୋରାଇଡ୍ ଆନୟନ ସୋଡିୟମ କିମ୍ବା ପୋଟାସିୟମ କାଟାୟନ ସହ ସଂଲଗ୍ନ ହୋଇ ରହିଥାଏ। ସୋଡିୟମ କିମ୍ବା ପୋଟାସିୟମ କ୍ଲୋରାଇଡ୍ ଧାତବ ଲବଣରୁ ଫସଲ କ୍ଲୋରିନ୍ ପାଇଥାଏ ।

ଫସଲ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ସମୟରେ ଅଙ୍ଗାରକ୍ଳାମ ବାଷ୍ପ ବାୟୁମଣ୍ଡଳରୁ ଗ୍ରହଣକରି ଅମ୍ଳଜାନ ବାଷ୍ପ ତ୍ୟାଗ କରିଥାଏ । ଏହି ସମୟରେ କ୍ଲୋରିନ୍ ଅମ୍ଳଜାନ ବାଷ୍ପ ବାୟୁମଣ୍ଡଳକୁ ନିଷ୍କାସନ କରିବାର ତୀବ୍ରତା ବଢ଼ାଇବାରେ ସାହାଯ୍ୟକରି ଗଛର ଅଭିବୃଦ୍ଧି ଘଟାଏ । ଗଛର କୋଷରେ ଭ୍ୟାକୁଲ ବା ରସଧାନୀ ନାମକ ଏକ ଅଙ୍ଗରେ ଏକ ତରଳ ଜୈବିକ ପଦାର୍ଥ ଥାଏ । ରସଧାନୀରେ ଉକ୍ତ ତରଳ ପଦାର୍ଥ କମିଗଲେ, ଫସଲ ଶୁଷ୍କ ଦେଖାଯାଏ । କ୍ଲୋରିନ୍ ରସଧାନୀରେ ଉକ୍ତ ଜୈବିକ ତରଳ ପଦାର୍ଥକୁ ସର୍ବଦା ପରିପୂର୍ଣ୍ଣ କରିବାରେ ସାହାଯ୍ୟ କରେ। ଫସଲ ମଞ୍ଜିରେ କ୍ଲୋରିନ୍ ରହି ମଞ୍ଜିକୁ ପରିପକ୍ୱ କରିବାରେ ସାହାଯ୍ୟ କରିଥାଏ। ଫସଲରେ ଥିବା ବିବିଧ ଏନ୍‌ଜାଇମ୍‌କୁ କ୍ଲୋରିନ୍ କାର୍ଯ୍ୟକାରୀ କରେ । ଫସଲରେ ଥିବା ଇଣ୍ଡୋଲଏସିଟିକ୍ ଅମ୍ଳ ନାମକ ହରମୋନକୁ କ୍ରିୟାଶୀଳ କରି ଫସଲର ଅଭିବୃଦ୍ଧି ଘଟାଇବା କ୍ଲୋରିନ୍‌ର ଅନ୍ୟ ଏକ କାମ । ଫଳରେ ମଞ୍ଜି ସୃଷ୍ଟିହେବା ସମୟରେ, ମଞ୍ଜିରେ କ୍ଲୋରିନ୍‌ର ହିମିକୁ ପରିପୁଷ୍ଟ କରେ । ଏହାଦ୍ୱାରା ମଞ୍ଜି ଶତପ୍ରତିଶତ ଗଜା ହୁଏ। କ୍ଲୋରିନ୍, ମାଟିରେ ଥିବା ଉପକାରୀ ଅଣୁଜୀବମାନଙ୍କର କାର୍ଯ୍ୟଦକ୍ଷତାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ ।



କ୍ଲୋରିନ୍ ଅଭାବରେ ଗଛର ପତ୍ର ତମ୍ବା ଧାତୁର ରଙ୍ଗ ପରି ଦେଖାଯାଏ। କେତେକ ଗଛର ପତ୍ରରେ ପୋଡ଼ା ଦାଗମାନ ଦେଖାଯାଏ । କ୍ଲୋରିନ୍ ଅଭାବରେ ନଡ଼ିଆର ପାଣି ପରିମାଣ କମିଯାଏ । ନଡ଼ିଆ ପାଣିର ସ୍ୱାଦ ମିଠା ନ ହୋଇ ଖାରିଆ ଲାଗେ । ନଡ଼ିଆ ଗୋଟାମା ଛୋଟ ହୁଏ ଏବଂ ଅସମୟରେ ଝଡ଼ି ପଡ଼େ । ନଡ଼ିଆ ପରି ଗୁଆ ଏବଂ ଲଙ୍କା ଆମ୍ବର ଆକାର ଛୋଟ ହୁଏ।

ମାଟିରେ କ୍ଲୋରାଇଡ୍ ଅସ୍ଥାୟୀ । ଏହା ପାଣିରେ ଦ୍ରବୀଭୂତ । ଏହା ଶୀଘ୍ର ଧୋଇହୋଇ ଭୂଗର୍ଭକୁ ଚାଲିଯାଏ। ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ଦ୍ରବୀଭୂତ କ୍ଲୋରାଇଡ୍ ଭୂପୃଷ୍ଠକୁ ଶୀଘ୍ର ଆସିଥାଏ । ଏହାବ୍ୟତୀତ ଭୂତଳର ଜଳସ୍ତର ବଢ଼ିଲେ ମାଟିର କୌଶିକ ଛିଦ୍ର ଦେଇ କ୍ଲୋରାଇଡ୍ ଭୂପୃଷ୍ଠକୁ ଆସିଥାଏ । ସମୁଦ୍ର, ହ୍ରଦ ଏବଂ ନଦୀକୂଳ ମାଟିରେ କ୍ଲୋରାଇଡ୍, ସୋଡିୟମ ଏବଂ ପୋଟାସିୟମ ସହ ମିଶି ସୋଡିୟମକ୍ଲୋରାଇଡ୍ (ଖାଇବାଲୁଣ) ଏବଂ ପୋଟାସିୟମ କ୍ଲୋରାଇଡ୍ ଆକାରରେ ଅଧିକ ଥାଏ । ଚେ଼ର ମାଧ୍ୟମରେ ଫସଲ କ୍ଲୋରାଇଡ୍‌କୁ ଗ୍ରହଣ କରେ । ପୋଟାସିୟମ କ୍ଲୋରାଇଡ୍ ସାର ଭାବେ ଫସଲ ପାଇଁ ବ୍ୟବହାର କରାଯାଏ। ବଜାରରେ ପୋଟାସିୟମ୍ କ୍ଲୋରାଇଡ୍ ମ୍ୟୁରେଟ ଅଫ୍ ପଟାସ୍ ନାମରେ ବିକ୍ରି ହୁଏ। କିନ୍ତୁ ସୋଡିୟମ କ୍ଲୋରାଇଡ୍ ବା ଖାଇବାଲୁଣ ଫସଲ ପାଇଁ କ୍ଷତିକାରକ । ସମୁଦ୍ର ଏବଂ ନଦୀକୂଳ ମାଟିରୁ ଫସଲ ଅଧିକ କ୍ଲୋରାଇଡ୍ ପାଇଥାଏ। ଏହାବ୍ୟତୀତ ସବୁ ଫସଲ ଯବକ୍ଷାରଯାନ ଏବଂ ଫସ୍‌ପେଟ୍ ସହ ପୋଟାସିୟମ ଅଧିକ ଆବଶ୍ୟକ କରିଥାଏ, ଏହାଦ୍ୱାରା ଫସଲ ପୋଟାସିୟମ କ୍ଲୋରାଇଡ୍ ମାଧ୍ୟମରେ କ୍ଲୋରିନ୍ ପାଇଥାଏ । ମାତ୍ରାଧିକ କ୍ଲୋରାଇଡ୍ ଚାହୁଁଥିବା ଫସଲ ମଧ୍ୟରେ ନଡ଼ିଆ, ତାଳ, ଗୁଆ, ଲଙ୍କାଆମ୍ବ ଆଦି ମୁଖ୍ୟ । ଏହିସବୁ ଫସଲରେ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ ହେଲେ ମଧ୍ୟ ସମୟେ ସମୟେ କ୍ଲୋରାଇଡ୍‌ର ଅଭାବ ଦେଖାଯାଏ। ଉପରୋକ୍ତ ଫସଲରେ ଏକ ସମୟରେ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ ନ କରି ୪ ମାସ ଅନ୍ତରରେ ୨ଥରରେ ପୋଟାସିୟମ କ୍ଲୋରାଇଡ୍‌କୁ ଉପରୋକ୍ତ ଗଛରମୂଳଠାରୁ ୩ ଫୁଟ ଦୂରରେ ୧୦ ଇଞ୍ଚ ଗଭୀରରେ ମନ୍ଦା କରି ୫୦୦ ଗ୍ରାମ ଖତ ମିଶାଇ ପ୍ରୟୋଗ କରିବା ଉଚିତ। ଜୁନ୍ ଏବଂ ସେପ୍ଟେମ୍ବର ମାସ, ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗର ଉତ୍କୃଷ୍ଟ ସମୟ ।

ଆଭ୍ୟନ୍ତରୀଣ ଜିଲାରେ କ୍ଲୋରାଇଡ୍ ଅଭାବରେ ନଡ଼ିଆ ଗଛ ଭଲ ବଢ଼ିପାରେ ନାହିଁ । କ୍ଲୋରାଇଡ୍ ଅଭାବ ଦୂର ପାଇଁ କେତେଜଣ ଚାଷୀ ନଡ଼ିଆ ଗଛ ମୂଳରେ ସୋଡିୟମ କ୍ଲୋରାଇଡ୍ ବା ଲୁଣ ପ୍ରୟୋଗ କରିଥାନ୍ତି। ଅବଶ୍ୟ ଲୁଣ ମାଟିକୁ ଶୋଧନକରେ । ନଡ଼ିଆ ଚାରାମୂଳରେ ଅଧିକାଂଶ ସମୟରେ ଉଇ ଲାଗିଥାଏ। ଲୁଣ ଚାରାକୁ ଉଇ ଆକ୍ରମଣରୁ ରକ୍ଷାକରେ। କିନ୍ତୁ ଚାରା ପ୍ରତି ଏହା କ୍ଷତିକାରକ । ଉଇ ପ୍ରତିକାର ପାଇଁ ଚାରା ମୂଳରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଇ ପାରେ । ନଡ଼ିଆ ଚାରା ରୋପଣ ସମୟରେ ଲୁଣ ବଦଳରେ ପୋଟାସିୟମ କ୍ଲୋରାଇଡ୍ ବା ମୁରେଟ୍ ଅଫ୍ ପଟାସକୁ ଚାରା ପ୍ରତି ୨୦୦ ରୁ ୨୫୦ ଗ୍ରାମ ପ୍ରୟୋଗ କରିବା ଉଚିତ୍। ଏହାସହ ଡିଏପି ସାର ୮୦ ଗ୍ରାମରୁ ୧୦୦ ଗ୍ରାମ ପର୍ଯ୍ୟନ୍ତ ପ୍ରୟୋଗ କରାଯାଏ । ଏହାବ୍ୟତୀତ ବର୍ଷରେ ଦୁଇଥର ଅର୍ଥାତ୍, ଜୁନ୍ ଏବଂ ସେପ୍ଟେମ୍ବର ମାସରେ ନଡ଼ିଆ ଗଛ ମୂଳରେ ପ୍ରତିବର୍ଷ ଯବକ୍ଷାରଯାନ ଏବଂ ଫସ୍‌ଫରସ୍ ସହିତ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ। ପ୍ରତିବର୍ଷ ପୋଟାସିୟମ କ୍ଲୋରାଇଡ୍‌ର ପରିମାଣ ବଢ଼ାଯାଏ । ପ୍ରଥମ ବର୍ଷ ୨୧୬ ଗ୍ରାମ, ଦ୍ୱିତୀୟବର୍ଷ ୪୪୫ ଗ୍ରାମ, ତୃତୀୟବର୍ଷ ୮୬୫ଗ୍ରାମ ଏବଂ ଚ଼ତୁର୍ଥ ବର୍ଷ ୧୨୮୦ ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ । ପଞ୍ଚମ ବର୍ଷଠାରୁ ପ୍ରତିବର୍ଷ ୨ କିଲୋଗ୍ରାମ ପୋଟାସିୟମ କ୍ଲୋରାଇଡ୍‌କୁ ୨ ଭାଗକରି ଜୁନ୍ ଏବଂ ସେପ୍ଟେମ୍ବର ମାସରେ ପ୍ରୟୋଗ କରିବା ଉଚି଼ତ । ସେହିପରି ଗୁଆ ଗଛ ମୂଳରେ ପ୍ରତିବର୍ଷ ୧୦ କିଲୋ ଗୋବରଖତ ସହ ୨୫୦ ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ଦୁଇଥରରେ ଅର୍ଥାତ୍ ଜୁନ୍ ଏବଂ ସେପ୍ଟେମ୍ବରରେ ପ୍ରୟୋଗ କରାଯାଏ । ଲଙ୍କାଆମ୍ବ ଗଛରେ ପ୍ରଥମ ବର୍ଷ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରା ନ ଯାଇ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବର୍ଷ ଯଥାକ୍ରମେ ୧୦୦,୨୦୦ ଏବଂ ୨୫୦ଗ୍ରାମ ପୋଟାସିୟମ କ୍ଲୋରାଇଡ୍ ପ୍ରୟୋଗ କରାଯାଏ। ଏହାସହ ପ୍ରତିବର୍ଷ ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପାଇଁ ଅନୁମୋଦିତ ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପ୍ରୟୋଗ କରିବାକୁ ପଡିବ ।



ନଡ଼ିଆ, ଗୁଆ ଏବଂ ଲଙ୍କାଆମ୍ବ ଚାଷୀ ଉପରୋକ୍ତ ବୈଜ୍ଞାନିକ ପ୍ରଣାଳୀରେ ଚାଷକଲେ ଏହିସବୁ ଅର୍ଥକରୀ ଫସଲରୁ ଅଧିକ ଲାଭବାନ୍ ହେବେ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଆଖୁଚାଷରେ ପୋକ ଦମନ



ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହାଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% + ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

# ଜାଣିରଖନ୍ତୁ




ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗୋରୁ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ସମ୍ଭାବନା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ହାଇବ୍ରିଡ୍ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋ ଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ କୁକୁଡାଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ା ଘର ଭିତରକୁ ବର୍ଷା ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତ ଗୁଣ୍ଡ ପକାନ୍ତୁ।

# କପାଚାଷରେ କୋଡ଼ାଖୁସା



କପା ଚାଷ କରିଥିଲେ କୋଡ଼ାଖୁସାକରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପା ଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।

# ଡାଲିଜାତୀୟ ଫସଲ ୩ସପ୍ତାହର ହୋଇଯାଇଥିଲେ...



ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫସ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି + କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଧାନଚାଷରେ ସାର ପ୍ରୟୋଗ

ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗକରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ- ଖଣ୍ଡଗିରି, ପାରିଜାତ, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

# ନଦୀରେ ଭାସିଗଲା ଟ୍ରକ୍: ଚାଳକ ନିଖୋଜ

ବଡ଼ଗାଁ, ୨୬।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଡ଼ ଗାଁ ନିକଟ ସଫେଇ ନଦୀରେ ମଙ୍ଗଳବାର ସକାଳେ ଏକ ଟ୍ରକ୍ ଭାସିଯାଇଛି। ଟ୍ରକ୍ ଚାଳକ ସୁଜିତ ଆଇନ୍ଦ ନିଖୋଜ ହୋଇଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିନାହିଁ। ଟ୍ରକ୍‌କୁ ମଧ୍ୟ ନଦୀ ଭିତରୁ ଉଦ୍ଧାର କରାଯାଇପାରିନାହିଁ। ସୁଜିତଙ୍କ ଘର ଝଣ୍ଟେଲବୁଡ଼ ଗାଁରେ। ସେ ସୁନ୍ଦରଗଡ଼ ଜିଲାର କଲୁଙ୍ଗାସ୍ଥିତ ଏକ କାରଖାନାକୁ କୋଇଲା ନେଇ ଗଲାବେଳେ ଟ୍ରକ୍ ସହ ଗାଁକୁ ଆସିଥିଲେ। କଲୁଙ୍ଗାରେ କୋଇଲା ଅନ୍‌ଲୋଡ୍ କରିବାରେ ସାହାଯ୍ୟ ପାଇଁ ଗ୍ରାମର ଅବିନାଶ ବାର୍ଲାଙ୍କୁ ଡାକିଥିଲେ। ଅବିନାଶଙ୍କୁ ଧରି ସୁଜିତ ଟ୍ରକ୍ ସହ ଗ୍ରାମ୍ୟ ରାସ୍ତାରେ ଫେରୁଥିଲେ। ସଫେଇ ନଦୀ ପାରିହେବା ପାଇଁ ବହୁ କମ୍ ଉଚ୍ଚତାର ଏକ ପୋଲ ରହିଛି। ନଦୀରେ ଅଳ୍ପ ପାଣି ଆସିଲେ ବି ଏହି ପୋଲ ବୁଡ଼ିଯାଇଥାଏ। ପୋଲ ବୁଡ଼ିଗଲେ ବି ଅନେକ ଅନୁମାନ ଲଗାଇ ପାରି ହୁଅନ୍ତି। କିନ୍ତୁ ଏବେ ଏହି ପୋଲ ଉପରେ ଅଧିକ ପାଣି ଥିଲେ ମଧ୍ୟ ସୁଜିତ ଟ୍ରକ୍ ନେଇ ପାରି ହୋଇଯିବାକୁ ପ୍ରୟାସ କରିଥିଲେ। କେତେଜଣ ଏହିଭଳି ଦୁଃସାହସ କରିବାକୁ ମନା କରିଥିଲେ। କିନ୍ତୁ ସୁଜିତ ନ ମାନି କୋଇଲା ବୋଝେଇ ଟ୍ରକ୍‌କୁ ନଦୀ ପାରି କରିବାକୁ ଚେଷ୍ଟା କଲାବେଳେ ଭାସିଯାଇଥିଲା। ପାଖରେ ଥିବା ଲୋକେ ଏହା ଦେଖି ଦୌଡ଼ିଯାଇଥିଲେ। ଅବିନାଶ ବାର୍ଲାଙ୍କୁ ଲୋକେ ଉଦ୍ଧାର କରିଥିବାବେଳେ ସୁଜିତଙ୍କ ପତ୍ତା ମିଳିନାହିଁ। ଏହି କମ୍ ଉଚ୍ଚତା ପୋଲ ବର୍ଷାଋତୁରେ ସବୁବେଳେ ବୁଡ଼ି ରହୁଥିବାରୁ ଲୋକେ ବର୍ଷା ସମୟରେ ନଦୀ ପାରି ହୋଇପାରନ୍ତି ନାହିଁ। ଏହା ପାଖରେ ଆଉ ଏକ ଅଧିକ ଉଚ୍ଚତାର ପୋଲ ନିର୍ମାଣ ହେଉଛି । କିନ୍ତୁ ୫ ବର୍ଷ ଧରି ନିର୍ମାଣ କାମ ଶେଷ ହେଉ ନ ଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି।


ସଫେଇ ନଦୀରେ କୋଇଲା ବୋଝେଇ ଟ୍ରକ୍ ଭାସିଯାଇଛି।

## ନୀହାରଙ୍କ ଜାମିନ ଆବେଦନ ଖାରଜ

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ, ୨୬।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଜଜ୍ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ମାମଲାର ଶୁଣାଣି ଗତ ୧୮ ତାରିଖରେ ହେବାକୁ ଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇ ଅଗଷ୍ଟ ୨୨କୁ ଘୁଞ୍ଚାଇ ଦିଆଯାଇଥିଲା। ଗତ ୨୨ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିଲା। ତେବେ ଅଭିଯୁକ୍ତମାନେ ଜେଲରେ ରହିବା ସହ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ସାପ କାମୁଡ଼ାରେ ଭଉଣୀଭାଇ ମୃତ

ଲହୁଣୀପଡ଼ା, ୨୬।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ପଞ୍ଚାୟତ ଖିରପାଣି ଗ୍ରାମରେ ସୋମବାର ରାତିରେ ବିଷାକ୍ତ ସାପ କାମୁଡ଼ିବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଏମ୍ରୋଲନ ଏକ୍କା (୬) ଓ ତାଙ୍କ ଭଉଣୀ ଆବଲିନ (୮)। ସେମାନଙ୍କ ବାପା ହେଉଛନ୍ତି ଇସାକ ଏକ୍କା। ରାତିରେ ଭଉଣୀଭାଇ ଖାଇସାରି ମା'ବାପାଙ୍କ ସହ ଶୋଇଥିଲେ। ରାତି ପ୍ରାୟ ୧୧ରେ ଏକ ସାପ ଭଉଣୀଭାଇଙ୍କୁ କାମୁଡ଼ିଦେଇଥିଲା। ପରିବାର ଲୋକେ ଦୁହିଁଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନେଇଥିଲେ। ରାତି ପ୍ରାୟ ୩ଟାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


# OFFICE OF THE PATTAMUNDAI MUNICIPALITY, PATTAMUNDAI

**QUOTATION CALL NOTICE NO. 2524, DATE:22.08.25**

No.C-954: The Executive Officer, Pattamundai Municipality on behalf of Municipal Council, Dist.-Kendrapara invites sealed quotations in double cover system from the Registered firm for supply and installation of different equipment to Pattamundai Municipality for setup of e-Library.

The interested firm wish to participate in the short quotation call notice must submit filled in quotation alongwith GST Registration Certificate, PAN Card, all other document as per DTCN, Paper Cost of Rs.2000.00 to be drawn in the shape of Demand Draft duly pledged in favour or Executive Officer and EMD amount of Rs.5000.00 to be drawn in the shape of DD/TDR duly pledged in favour of Executive Officer, Pattamundai Municipality payable at Pattamundai. The quotation must reach on or before 4 PM 29.08.2025 and will be opened on same day at 5 PM.

The undersigned has to rights to accept, cancel or reject any or all the quotations without assigning any reason thereof.

Sd./- Executive Officer
Pattamundai Municipality

OIPR-13220/11/0020/2526

Government of Odisha "e" Procurement Notice
INVITATION FOR BIDS (IFB)

# OFFICE OF THE DISTRICT PROJECT OFFICE, SAMAGRA SHIKSHA DHENKANAL

**Bid Identification No.SS/DKL/01/2025-2026**
**Letter No.1497/ Dt.25.08.2025**

No.n-134:The District Project Coordinator, Samagra Shiksha, Dhenkanal on behalf of Governor of Odisha invites Percentage Rate bids in double cover system to be received in **ONLINE MODE** from eligible contractors for building works as detailed below.

1. Name of the Work : Building Works
2. No. of Works : 01 (One) No.
3. Amount put to tender : Rs.1.35 Crore **(as given in column no.03 of table)**
4. Cost of Tender Paper : Rs.10,000.00
5. Class of Contractor : 'B' & 'A' Class **(as given in column no.07 of table)**
6. Period of Completion : 09 (Nine Calendar Months) **(as given in column no.08 of table)**
7. Date of time of availability of the bid documents in the website : 10.00 AM on dt.02.09.2025 to 5.30 PM on dt.16.09.2025.
8. Date of Opening (Technical Bid) : 17.09.2025 at 11.00 AM

The bidders have to participate in ONLINE bidding only, further details can be seen from the e-Procurement Portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./-District Project Coordinator
Samagra Shiksha, Dhenkanal

OIPR-27210/11/0001/2526

# ODISHA PUBLIC SERVICE COMMISSION

## NOTICE

**No. 6124/PSC., Dt. 25.08.2025**
**(2PG-03-2025/26) (DR-I)**

**Odisha Civil Services (Preliminary) Examination-2024**
**Advt. No. 07 of 2024-25**

**No.D-185** : In continuation to this Office Notice No.3207/PSC, dt-15.05.2025, it is for information of all concerned that, the Commission has decided to conduct the Odisha Civil Services (Preliminary) Examination-2024, pursuant to Advt. No.07 of 2024-25 on **12.10.2025 (Sunday)**. The detailed Programme of the said examination shall be notified later.

2. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0299/2526 Sd./- Secretary

GOVERNMENT OF ODISHA

# Sports & Youth Services Department

Kalinga Stadium, Bhubaneswar-751012
Email: deptsportsodisha@gmail.com
No. SYS-COACHI-CC-0003-2025-20870/SYS, Dated 25.08.2025

## REQUEST FOR PROPOSAL

No.TT-12:Sports and Youth Services Department, Government of Odisha invites bids from reputed agencies for the RFP for **"Engagement of Event Management Agency For 28th ITTF-ATTU Asian Table Tennis Team Championships 2025 At Kalinga Stadium, Bhubaneswar".** The details of the document are available at the below mentioned website.

**Website:** https://tendersodisha.gov.in & https://sports.odisha.gov.in

Interested firms / parties / agencies are advised to study the RFE document carefully before submitting their bid.

**Important Dates & Information:**
**Date of Publication of RFP: 25th August, 2025**
**Last Date and Time For Submission of Pre-Bid Queries: 28th August, 2025, 06:00 PM**
**Pre-Bid Meeting: 30th August, 2025,12:00 PM**
**Last Date and Time For Submission of Bid: 09th September, 2025, 05:00 PM**
**Opening of Financial Bid: To be informed to the Technically Qualified Bidders only**

OIPR-29001/11/0104/2526 Sd./- Director Sports

GOVERNMENT OF ODISHA

# HEALTH & FAMILY WELFARE DEPARTMENT

## NOTICE

File No.PT$_1$-HFW-FW-FWMISC-0095-2022-24955/H&F.W.

No.E-The Counselling of 686 numbers of MPHW(M)s Level-II (erstwhile MPHW(M)s), who have been recommended by OSSSC vide their Notice No.IIE-09/2025-1315/OSSSC dated 16.06.2025 pursuant to advertisement No. IIE-39/2023-906(C)/OSSSC dated 15.12.2023, will be held through online mode w.e.f. 28.08.2025 to 31.08.2025. Accordingly, the concerned MPHW(M)s Level-II (erstwhile MPHW(M)s shall have to participate in the online counselling and to lock their choices in order of preference through the proforma to be made available on the website https://jcportal.odisha.gov.in. The instruction manual to be followed during the choice locking is enclosed for the reference of the candidates.

Hence, all the 686 selected candidates are hereby requested to participate in the online counselling with effect from 28.08.2025 to 31.08.2025

Sd./- Additional Secretary
to Government

OIPR-10001/11/0078/2526

# Odisha Lift Irrigation Corporation Ltd

(A Govt. of Odisha Undertaking)

## OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK

E-mail:eelidbdk@gmail.com,
Ph.No.06784-240601
Bid Identification No.3086/Dated 25.08.2025

**1st Corrigendum to Tender Call Notice No. 01/2025-26 (3047)/ OLIC (BDK) dt.14.08.2025**

No.CAD-This is for information to all concerned that with reference to the above cited Tender Call Notice published in the NEWS Papers the following modifications has been made due to technical Problem.

**NOTICE**

1. **Date and Time of Publication** : 01.09.2025 at 11.00 AM
2. **Date and Time of closing with Seeking Clarification** : 10.09.2025 upto 05.00 PM
3. **Date and Time of Opening of BID** : 11.09.2025 at 11.00 AM

All other terms and conditions are remaining unchanged.

Sd./-
Executive Engineer

OIPR-32239/11/0004/2526

GOVERNMENT OF ODISHA

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No.O-652

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 12 of 2025-26, Letter No. 2050 / Dtd. 22.08.2025**

## e-Procurement NOTICE

1. Type of the Work : Road work (PR), 2. Class of Contractor : As specified in the column-7 of the Annexure, 3. Time of Completion : As specified in the column-6 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-5 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 12 of 2025-26 | 03.09.2025 11:00 A.M. | 17.09.2025 5:00 P.M. | 16.09.2025 5:00 P.M. | 18.09.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0063/2526

GOVERNMENT OF ODISHA "e" PROCUREMENT NOTICE

# OFFICE OF THE SUPERINTENDING ENGINEER, PURI (R&B) DIVISION, PURI

WORKS DEPARTMENT

## SHORT TENDER CALL NOTICE

E-mail: eerbpuri@yahoo.co.in
Bid Identification No.SE (R&B) Puri-26/2025-26

**No.B-451:**The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **single cover system** in ONLINE MODE from the eligible class of contractors registered with the State Governments and contractors of equivalent Grade/ Class registered with Central Government/ Railways.

1. Nature of Works : Electrical Works
2. No. of Works : 1 No.
3. Tender Cost : Rs.6000.00 (On-Line)
4. Class of Bidders : Authorised dealer of Blue Star/ Authorisation letter of OEM of Blue Star/MOU with OEM of Blue Star having valid license issued from ELBO (MV/HT)
5. Available of Bid document in of the website: : From 10.00 AM of Dt.30.08.2025 to 05.00 PM Dt.08.09.2025
6. Last date of receipt of tender : Dt.08.09.2025 upto 05.00 PM
7. Date of Opening of Bid : Dt.09.09.2025 at 12.00 Noon
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any addendum/ corrigendum/cancellation of tender can also be seen in the said website.

Sd./-Superintending Engineer,
Puri (R&B) Division, Puri

OIPR-34064/11/0038/2526

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ, ଖୋର୍ଦ୍ଧା

# ODISHA ADARSHA VIDYALAYA, SANDHAPUR

At-Sandhapur, P.O.-Jatni, Block-Jatni, Dist-Khordha-752050
Contact No.9438914299, 8249309237, Email:jatni@oav.edu.in

## ADVERTISEMENT

No.n-131: Applications are invited from deserving candidates for different supporting staff for both Boys' & Girls' Hostels at Odisha Adarsha Vidyalaya, Sandhapur, Jatni, Khordha as per the vacancies mentioned below in the table.

| Sl. No. | Name of the Post | Qualification | Age | Remuneration | Vacancy Position | | |
|---|---|---|---|---|---|---|---|
| | | | | | Boys' Hostel | Girls' Hostel | Total |
| 1 | Warden | B.A./ B.Sc. | 30-60 Yrs | Rs.21,175/- | 01 | 01 | 02 |
| 2 | Chowkidar-cum-Sweeper | HSC | 21-32 Yrs | Rs.7500/- | 01 | 01 | 02 |
| 3 | Head Cook | | 30-40 Yrs | Rs.9000/- | 01 | 01 | 02 |
| 4 | Assistant Cook | | 21-32 Yrs | Rs.6750/- | 02 | 02 | 04 |

Application and other details can be downloaded from the district website (www.khordha.odisha.gov.in). Interested candidates fulfilling the eligibility criteria may apply by registered/Speed Post only **(DONT SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY MAIL)** to Odisha Adarsha Vidyalaya Sandhapur, At-Sandhapur, P.O-Jatni, Dist-Khordha, Pin-752050 by date:10.09.2025. The application forms received after due date shall be summarily rejected. The authority will not be responsible for any postal delay. Further the authorities reserve the right to cancel any or all the application without any reason thereof.

By Order of Collector-cum-Chairman
Sd/- PRINCIPAL

OIPR-27098/11/0001/2526

# ODISHA PUBLIC SERVICE COMMISSION CUTTACK

## NOTICE

**No. 6114 / P.S.C., Dt. 25.08.2025**
**(2PG-02-25/26, DR-I)**

**Programme of Document Verification & Personality Test for OCSE-2023**
**Advt. No. 20 of 2023-24**

**No.D-184** : It is for information of all 806 (293-w) provisionally qualified candidates of OCS Main (Written) Examination-2023 that, the **Document Verification & Personality Test** of Odisha Civil Services, 2023, pursuant to Advt. No. 20 of 2023-24 will be held from **06.09.2025 to 18.09.2025 (except 13.09.2025)** in the Office of Commission, at 19, Dr. P.K. Parija Road. Cuttack-753001 as per the programme detailed below:-

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 1. | 100331, 100334, 100485, 100923, 100984, 101399, 101990, 102298, 102448, 102641, 103022, 103125, 103254, 103256, 103379, 103411, 103486, 103887, 103924, 103966, 103985, 104196, 104802, 105738, 105792, 106065; 106170, 106243, 106425, 107417, 107477, 107591, 200136, 200483, 200542, 200637, 200806, 200821; 201037, 201094, 201166, 201750, 202442, 202716 = **44 candidates** | 06.09.2025 | Forenoon session |
| | 202756, 202904, 203082, 203314, 203423, 203487, 203515, 203751, 203761, 203876, 204106, 204620, 204675; 204868, 204928. 205080, 205229, 205344, 205838, 206088, 206157, 206321, 206627, 206682, 207120, 207386, 207532, 207686 = **28 candidates** | | Afternoon session |
| 2 | 207689, 207990, 208391, 300110, 300129, 300158, 300219, 300319, 300357, 300422, 300473, 300510, 300609, 300715, 300775, 300878, 300886, 300924, 300951, 300952, 300967, 300982, 301111, 301292, 301306, 301317, 301340, 301346, 301461,301464, 302096, 302275, 302313, 302414, 302674, 302739, 302804, 302905; 302931, 302934, 302943, 302982, 303043, 303106 = **44 candidates** | 07.09.2025 | Forenoon session |
| | 303210, 303259, 303371, 303375, 303405, 303479, 303511. 303518, 303665, 303765, 303905, 304019, 304030, 304064, 304144, 304205, 304210, 304254, 304265, 304270, 304277, 304289, 304313, 304374, 304419, 304504, 304551, 304565 = **28 candidates** | | Afternoon session |
| 3 | 304593, 304605, 304610, 304612, 304694, 304841, 304854, 304879, 304938; 304995, 305032, 305248, 305269, 305332, 305460, 305549, 305566, 305628, 305659, 305666, 305679, 305923, 306028, 306113, 306205, 306623, 306857, 306882, 306883, 306925, 306936, 306943, 306956, 307028, 307107, 307157, 307365, 307349, 307391, 307537, 307555, 307629, 307639, 307681 = **44 candidates** | 08.09.2025 | Forenoon session |
| | 307874, 307912, 307955, 307974, 308034, 308049, 308090, 308250, 308274, 308286, 308398, 308453, 308500, 308542, 308554, 308666, 308908, 308967, 309016, 309031, 309055, 309211, 309246, 309398, 309456, 309533, 309800, 309832 = **28 candidates** | | Afternoon session |
| 4 | 309898, 310039, 310070, 310129, 310141, 310193, 310227, 310252, 310278, 310604, 310688, 310785, 310816, 311104, 311293, 311297, 311465, 311510, 311636, 311652, 311930, 312047, 312150, 312156, 312260, 312270, 312324, 312366, 312383, 312524, 312618, 312691, 312715, 312746, 312881, 312952, 313218, 313285, 313432, 313567, 313731, 313837, 313862, 313877 = **44 candidates** | 09.09.2025 | Forenoon session |
| | 313931, 313960, 313977, 314064, 314090, 314096, 314099, 314146, 314268, 314377, 314443, 314472, 314478, 314497, 314507, 314567, 314598, 314635, 314767, 314778, 314898, 315176, 315178, 315310, 315390, 315593, 315628, 315885 = **28 candidates** | | Afternoon session |
| 5 | 315886, 315905, 315917, 315963; 315975, 316085, 316225, 316373, 316382, 316498, 316680, 316878, 316911, 316923, 316958, 316973, 317133, 317192, 317229, 317257, 317306, 317494, 317501, 317601, 317646, 317703, 317773, 317819, 317822, 317952, 318028, 318075, 318129, 318137, 318227, 318251, 318296, 318336, 318468, 318701, 318802, 319016, 319122, 319263 = **44 candidates** | 10.09.2025 | Forenoon session |
| | 319284, 319288, 319303, 319316, 319369, 319400, 319418, 319432, 319434, 319472, 319480, 319558, 319566, 319568, 319601, 319660, 319807, 319837, 319864, 319924, 319925, 319980, 320015, 320093, 320145, 320157, 320479, 320597 = **28 candidates** | | Afternoon session |
| 6 | 320685, 320689, 320697, 320729, 320762, 320821, 320913; 321162, 321624, 321726, 321748, 321787, 321805, 321851, 321992, 321994, 322173, 322191, 322239, 322259, 322287, 322461, 322465, 322527, 322582, 322743, 322925, 323059, 323085, 323096, 323170, 323240, 323308, 323331, 323362, 323439, 323489, 323514, 323543, 323585, 323713, 323733, 323814, 323860 = **44 candidates** | 11.09.2025 | Forenoon session |
| | 323919, 324035, 324135, 324205, 324350, 324365, 324374, 324387, 324430, 324504, 324539, 324540, 324687, 324822, 324862, 324963, 325004, 325009, 325096, 325239, 325249, 325257, 325478, 325559, 325575, 325633, 325702, 325951 = **28 candidates** | | Afternoon session |
| 7 | 326093, 326158, 326206, 326315, 326353, 326366, 326411, 326652, 326659, 326740, 327159, 327166, 327281, 327349, 327366, 327375, 327386, 327438, 327474, 327493, 327907, 327991, 328001, 328125, 328169, 328186, 328205, 328209, 328479, 328483, 328516, 328527, 328546, 328639, 328884, 328945, 328963, 329049, 329084, 329197, 329207, 329223, 329321 329378 = **44 candidates** | 12.09.2025 | Forenoon session |
| | 329382, 329499, 329543, 329662, 330247, 330256, 330263, 330310, 330417, 330432, 330436, 330464, 330472, 330851, 330871, 330885, 330898, 330926, 330941, 330969, 331001, 331026, 331029, 331080, 331108, 331109, 331158, 331196 = **28 candidates** | | Afternoon session |
| 8 | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818; 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 = **44 candidates** | 14.09.2025 | Forenoon session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081 334092, 334311 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 candidates** | | Afternoon session |
| 9 | 334836, 334892, 334952, 335111, 335159, 335195, 335201, 335254, 335260, 335325, 335342, 335498, 335564, 335744, 335787, 335789, 335795, 335802, 335937, 336171, 336203, 336222, 336466, 336485, 336525, 336611, 336747, 336863, 336869, 336908, 337031, 337271, 337279, 337454, 337614, 337942, 338317, 338569, 338593, 338807, 338883, 339048, 339082, 339306 = **44 candidates** | 15.09.2025 | Forenoon session |
| | 339315, 339500, 339577, 339796, 339828, 340173, 340243, 340244, 340345, 340414, 340453, 340522, 340562, 340592, 340602, 340629, 340741, 340839, 340859, 341024, 341026, 341068, 400071, 400111, 400118, 400128, 400180, 400373 = **28 candidates** | | Afternoon session |
| 10 | 400400, 400449, 400895, 401181, 401182, 401234, 401281, 401387, 401562, 401746, 401813, 401905, 401951, 402031, 402122, 402285, 402304, 402351, 402481, 403131, 403199, 403421, 403669, 403798, 403871, 403997, 404208, 404402, 404617, 405091, 405149, 405351, 405368, 405798, 405800, 406026, 406052, 406084, 406842, 407452, 407563, 407668, 407681, 407754 = **44 candidates** | 16.09.2025 | Forenoon session |
| | 407794, 407811, 408012, 408137, 408223, 408397, 408433, 408532, 408938, 408968, 409009, 409334, 409353, 409354, 409536, 409579, 409984, 410055, 410067, 410202, 410234, 410420, 410596, 410649, 410697, 410760, 410781, 410852 = **28 candidates** | | Afternoon session |
| 11 | 410894, 410933, 410985, 411093, 411516, 411545, 411751, 411826, 411886, 412188, 412199, 412259, 412290, 412454, 412520, 500042, 500151, 500453, 500489, 500713, 500789, 500979, 501191, 501221, 501230, 501257, 501572, 501631, 501716, 501970, 501986, 502111, 502373, 502577, 502783, 502793, 502796, 502954, 503234, 503641, 503814, 504012, 504066, 505102 = **44 candidates** | 17.09.2025 | Forenoon session |
| | 505219, 505331, 505411, 505813, 505875, 505887, 506113, 506292, 506641, 506681, 506906, 506911, 507198, 507286, 507862, 507999, 508237, 508272, 508982, 509155, 509498, 509507, 509521, 509530, 509655, 510321, 510597, 510682 = **28 candidates** | | Afternoon session |
| 12 | 510757, 511334, 511983, 512435, 512652, 512806, 512915, 513234, 513551, 513881, 514350, 514375, 514750, 515018 = **14 candidates** | 18.09.2025 | Forenoon session |

**N.B.:- The Time of reporting, Time of Document Verification &Time of Personality Test in respect of Forenoon session and Afternoon session are mentioned below:**

| Session | Time of reporting | Time of Document verification | Time of Personality Test |
|---|---|---|---|
| Forenoon session | 08.00 A.M. | 08.30 A.M. | 10.30 A.M. |
| Afternoon session | 12.00 P.M. | 12.30 P.M. | 2.30 P.M. |

The candidates are required to produce the following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form, Bio Data form.**
(To be downloaded from the website of the Commission)
3. **H.S.C. Or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by the concerned **Board/ Council.**
5. **Bachelor's Degree Certificate** issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. **Odia Test Pass Certificate.**
7. **Caste Certificate by Birth** in support of claim as SC/ST/SEBC issued by the Competent Authority within the closing date of Online Application. SEBC Certificate must be issued within the last three years from the closing date for submission of Online Application Form.
8. **Sports Certificate** issued by Director of Sports, Odisha, if any.
9. **Permanent Disability Certificate** (including Percentage of Disability i.e. 40% or more) issued by the concerned Medical Board, wherever applicable.
10. **Discharge Certificate** issued by the Commanding Officer of the Unit last served in case of Ex-servicemen candidates.

Further, Ex-Servicemen candidates must submit an affidavit in the format annexed at Annexure-A, undertaking that he/she has not been appointed against a civil post after retirement from military service.

11. A **declaration** regarding the number of attempts exercised by the candidates in the OCS Examination in the format annexed at Annexure-B.
12. **Four recent passport size photographs**, which have been uploaded with the Online Application Form.
13. **No Objection Certificate** (in case of in-service candidates), wherever applicable.
14. **Any document in support of identity**. (Aadhaar/DL/Pan Card/ Voter ID card).
15. **Any other relevant documents as per Para-09 of the Advertisement**.

The candidates are required to mention **"Submitted by me and Certified as genuine and has not been cancelled"** and put their full signature and date on the same.

OIPR-12002/11/0301/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଫ୍ଟ କୌରଙ୍କୁ ଡବଲ ସ୍ୱର୍ଣ୍ଣ

**ଶିମ୍‌କେଣ୍ଟ, ୨୬।୮ (ପି.ଟି.)**

ଅଲିମ୍ପିଆନ ସିଫ୍ଟ କୌର ସାମରା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ବ୍ୟକ୍ତିଗତ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହାଛଡ଼ା ଦେଶକୁ ଟିମ୍ ଇଭେଣ୍ଟରେ ଟାଇଟଲ ବିଜୟୀ କରାଇବାରେ ତାଙ୍କର ଅବଦାନ ରହିଛି। ଫଳରେ ଚାମ୍ପିୟନଶିପ୍‌ରେ ଏହି ମଙ୍ଗଳବାର ଭାରତ ପାଇଁ ସ୍ମରଣୀୟ ହୋଇ ରହିବ। ବିଶ୍ୱରେକର୍ଡ ଅଧିକାରିଣୀ ସାମରା ଫାଇନାଲରେ ୪୫୯.୨ ସ୍କୋର ସହ ଚାଇନାର ୟାଙ୍ଗ୍ ୟୁଜି (୪୫୮.୮)ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିବା ବେଳେ ସାମରା, ଷ୍ଟଲୱାର୍ଟ ଅଞ୍ଜୁମ ମୋଦଗିଲ ଓ ଆଶି ଚୋକ୍‌ସି ଏଗ୍ରିଗେଟ୍ ୧୭୫୩ ପଏଣ୍ଟ ସହ ପୋଡିୟମ ଶୀର୍ଷରେ ରହି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସାମରାଙ୍କର ଏହା ହେଉଛି ଚତୁର୍ଥ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ। କ୍ୱାଲିଫାଇଂରେ ସେ ୫୮୯ ସ୍କୋର ସହ ନମ୍ବର-୧ ସ୍ଥାନରେ ରହିଥିଲେ।


ସିଫ୍ଟ କୌର

ଅନ୍ୟ ଜଣେ ଭାରତୀୟ ଶ୍ରୀୟଙ୍କା ଷଡ଼ଙ୍ଗୀ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାତ୍ର ସେ 'ର୍‍ୟାଙ୍କିଙ୍ଗ ପଏଣ୍ଟ ଓନ୍‌ଲି'(ଆରପିଓ) ପାଇଁ ଭାଗ ନେଇଥିବାରୁ ଫାଇନାଲ ପାଇଁ ଯୋଗ୍ୟ ନ ଥିଲେ। ନିୟମାନୁସାରେ ଆରପିଓ ଶୁଟରମାନେ ପଦକ ପାଇଁ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ସାମରା ନିଲିଙ୍ଗ୍ ଓ ପ୍ରୋନ୍ ପୋଜିଶନରେ ୧୫୧.୦. ୧୫୬.୨ ସ୍କୋର କରିଥିଲେ। ଷ୍ଟାଣ୍ଡିଂ-ଏଲିମିନେଶନ ରାଉଣ୍ଡରେ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ମାତ୍ର ସେ ଭାରତୀୟ ଶୁଟରଙ୍କଠାରୁ ୦.୪ ପଏଣ୍ଟ ପଛରେ ରହିଥିଲେ। ଜାପାନର ନୋବାତା ମିସାକି (୪୪୮.୨) ବ୍ରୋଞ୍ଜ ପଦକ ପାଇଥିଲେ। ଚୋକ୍‌ସି ଚତୁର୍ଥ ସ୍ଥାନ ଅଧିକାର କରି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ୪୦୨.୮ ପଏଣ୍ଟ ସହ ୭ମ ହୋଇଥିଲେ। ୪୧ଜଣ ଦକ୍ଷ ଶୁଟରଙ୍କୁ ନେଇ ପ୍ରତିଯୋଗିତାରେ ଦୁଇଥର ଅଲିମ୍ପିଆନ ଅଞ୍ଜୁମ ୨୨ତମ ସ୍ଥାନରେ ରହିଥିଲେ। ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଟିମ୍ ଇଭେଣ୍ଟରେ ସାମରା ୫୮୯ ସ୍କୋର କରିଥିବା ବେଳେ ଆଶି ୫୮୬ ଏବଂ ଅଞ୍ଜୁମ ୫୭୮ ସ୍କୋର କରି ଜାପାନ (୧୭୫୦) ଓ ଦକ୍ଷିଣ କୋରିଆ (୧୭୪୫)ଠାରୁ ଆଗରେ ରହିଥିଲେ। ସୋମବାର ଜାତୀୟ କ୍ରୀଡ଼ା ଚାମ୍ପିୟନ ନୀରୁ ଧଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିଲେ।

**ଏସିଆ କପ୍**

## ଭାରତୀୟ ବଂଶୋଦ୍ଭବ ଯତୀନ୍ଦରଙ୍କୁ ଓମାନ ଦଳର ନେତୃତ୍ୱ

**ଦୁବାଇ, ୨୬।୮**

ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ଲାଗି ୧୭ ଜଣିଆ ଓମାନ ଦଳ ଘୋଷଣା କରାଯାଇଛି। ଭାରତୀୟ ବଂଶୋଦ୍ଭବ ଯତୀନ୍ଦର ସିଂଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଓମାନ ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ ଓ ୟୁଏଇ ସହ ସ୍ଥାନ ପାଇଛି। ଗତ ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ଖେଳିଥିବା ଓମାନ ଦଳରେ ଖୁବ୍ ପରିବର୍ତ୍ତନ କରାଯାଇଛି। ଦଳରେ ନୂଆ ଚେହେରା ଭାବେ ସୁଫ୍ୟାନ ୟୁସୁଫ, ଜିକ୍ରିୟା ଇସ୍ଲାମ, ଫୈଜଲ ଶାହ ଓ ନଦୀମ ଖାନ୍‌ଙ୍କୁ ସାମିଲ କରାଯାଇଛି। ଲୁଧିଆନାରେ ଜନ୍ମିତ ଯତୀନ୍ଦର ଏପର୍ଯ୍ୟନ୍ତ ଓମାନ ପାଇଁ ୩୯ଟି ଟି୨୦ ଓ ୩୩ ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

# ଭାଗ ନେବେ ପୂଜାସ୍ୱିନୀ


ପୂଜାସ୍ୱିନୀ ନାୟକଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚେକ୍ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୬।୮ (ଅନାଦି କର)**

**ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍**

ଆସନ୍ତା ୨ରୁ ୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ଇକ୍ସାନ-ସିରେ ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଆ ହ୍ୱିଲଚେୟାର ଫେନସିଂ ଖେଳାଳି ପୂଜାସ୍ୱିନୀ ନାୟକଙ୍କୁ ମନୋନୀତ କରାଯାଇଛି। ଗତ ୫ ବର୍ଷରେ ପୂଜାସ୍ୱିନୀ ଜାତୀୟ ସ୍ତରରେ ୩୩ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ତାଙ୍କୁ ଅନ୍ତର୍ଜାତୀୟ ମାନକ ଫିଏ ଅନୁମୋଦିତ ହ୍ୱିଲଚେୟାର ଫେନ୍‌ସିଂ ଉପକରଣ କିଣିବା ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିବି ଏସ୍‌ଏ ଯୋଜନା ଅଧୀନରେ ୧,୮୭,୦୩୧ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି।

## ସର୍ଫରାଜଙ୍କ କ୍ରମାଗତ ଦ୍ୱିତୀୟ ଶତକ

**ଚେନ୍ନାଇ, ୨୬।୮**

ଭାରତୀୟ ଦଳର ଟେଷ୍ଟ ସିଜନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ବ୍ୟାଟର ସର୍ଫରାଜ ଖାନ କ୍ରମାଗତ ଶତକ ହାସଲ କରି ଫୁଲ ଫର୍ମରେ ଥିବା ଦର୍ଶାଇଛନ୍ତି। ହରିୟାଣା ବିପକ୍ଷରେ ଖେଳାଯାଉଥିବା ତୃତୀୟ ତଥା ଅନ୍ତିମ ବୁଚି ବାବୁ ଟୁର୍ନାମେଣ୍ଟର ମ୍ୟାଚ୍‌ରେ ସର୍ଫରାଜ ୧୦୯ ବଲରେ ୧୦୯ ରନର ଅପରାଜିତ ଇନିଂସ ଖେଳିଛନ୍ତି। ତାଙ୍କ ଇନିଂସରେ ୯ ଚୌକା ଓ ୫ ଛକା ସାମିଲ ଥିଲା।

## ୩୯ ପଦକ ସହ ଓଡ଼ିଶା ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୨୬।୮ (ବିଜୟ ରଣା)**

**ଜାତୀୟ ଶକ୍ତିଉତ୍ତୋଳନ**

ଝାଡଖଣ୍ଡ ରାଜ୍ୟର ଜାମଶେଦପୁରଠାରେ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ଏବଂ ବେଞ୍ଚ୍‌ପ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୪୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡିଶା ଦଳ ଏହି ପ୍ରତିଯୋଗିତାରେ ୨୩ ସ୍ୱର୍ଣ୍ଣ, ୯ରୌପ୍ୟ, ୭ ବ୍ରୋଞ୍ଜ ପଦକ ସମେତ ମୋଟ ୩୯ଟି ପଦକ ହାସଲ କରି ଦଳଗତ ଚାମ୍ପିୟନ ହୋଇପାରିଛି। ସୁନ୍ଦରଗଡ଼ ଜିଲାର ବନାନୀ ବିଶ୍ୱାସ ମହିଳା ବର୍ଗରେ ଜାତୀୟ ଷ୍ଟ୍ରଙ୍ଗ ଓମେନ ବିବେଚିତ ହୋଇଛନ୍ତି।


ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଦଳ।


# Classified Everyday

**0674-2580101, 9692975378**




**BRIDE WANTED**

Wanted suitable bride for Handsome (41,11/5) Khandayat Divorcee, B.tech, MBA working in MNC at Bangalore in high position. Father retired Government Servant based at Bhubaneswar. Tel.- 7077277888. D-76078

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଅବଶ୍ୟକ। **7326056138.** D-1714




**SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

Commercial cum residential Plot, Gharabari with Compound wall touching to N.H 316 road(Nakhara to Niali) 10km from Nakhara & 15km to Bhubaneswar 80x30= 2400sft high land from road level @2750/- persft. 7809525452. D-76485




5-Story Building for Rent Approx 10,000sqft./- Palasuni, Bhubaneswar Spacious 1BHK & 2BHK units available. Ideal Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 7205010464. D-1762




Newly open Jyoti Spa positively heath benefits (Expert therapist). Contact- 8458067955. D-76933

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 17.06.2025, I SRI BULU GOUDA, Manish Khala, BJB Nagar, Badagada, PIN- 751014, declare that I have changed the name of my son's NAME FROM SAI GOUDA to CHITA RANJAN GOUDA. Henceforth, he shall be known as CHITA RANJAN GOUDA for all purposes. SRI BULU GOUDA, FATHER OF MINOR SAI GOUDA. D-1764

By virtue of an affidavit before Notary Public, Kantabanji bearing No.- 2150 on 26.08.2025 that before marriage I known as Chumki Jhankar, D/o- Harsa Jhankar which is mentioned in my Bank account and Aadhaar Card, after marriage to Aman Jani I known as Chumki Jani, W/o- Aman Jani of Village/P.O.- Khagsa, P.S.- Kantabanji, Dist.- Balangir (Odisha) which is also updated in my Aadhaar Card whereas Chumki Jhankar and Chumki Jani, W/o-Aman Jani is same and one person. D-1765

By virtue of an affidavit sworn before Executive Magistrate, Bhubaneswar, dated 08.08.25, I, PRACHI PRATYUSHEE, Address: E- 302, Basant Villa, Bomikhal declare that I have changed my name from Aj Prachi Pratyushee to Prachi Pratyushee. Henceforth, I shall be known as Prachi Pratyushee for all purposes.
Prachi Pratyushee
D-1766

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit regd. No.- 2310, before the Executive Magistrate, Bari on dated- 25.08.2025 I, KADAMBINI SWAIN, W/o- SUSANT KUMAR NAYAK, At/P.O.- Madhusudanpur, P.S.- Binjharpur, Dist.- Jajpur, PIN- 755004 declare that I have changed my minor son's name from SATYASUNDAR NAYAK to SOUMYA RANJAN NAYAK. Henceforth, he will known as SOUMYA RANJAN NAYAK for all purpose. D-1751

By virtue of an affidavit sworn before Executive Magistrate, Baripada, Mayurbhanj, date 10.05.2025, I, Sura Sing, Address/ At- Astia, P.O.- Baunshada, P.S.- Jharpokharia, Dist.- Mayurbhanj, PIN- 757031 declare that I have changed the name of my daughter from Mancinin Sing to Nandini Sing. Henceforth, she shall be known as Nandini Sing for all purpose.
Sura Sing
D-1763

By virtue of an affidavit No.- 76AA272895, dt.- 20.08.25, I, Rashmi Ranjan Swain, S/o- Late Prafulla Kumar Swain, Vill- Orei, P.S.- Konark, Dist.- Puri, PIN- 752116 declare that I have changed my name from Rashmi Ranjan Swain to Rasmi Ranjan Swain. Now I am identified as Rasmi Ranjan Swain in all official documents. Rashmi Ranjan Swain and Rasmi Ranjan Swain both are same and one person.
Rasmi Ranjan Swain
D-1761

**LEGAL NOTICE**

**उत्तराधिकार प्रमाण पत्र की प्राप्ति हेतु**
**( आदेश - 5, नियम-20 एवं 151 व्यवहार प्रक्रिया संहिता )**
**न्यायालय:- भूपेश कुमार बसंत, द्वितीय व्यवहार न्यायाधीश वरिष्ठ श्रेणी, रायपुर छ.ग.**

उत्तराधिकार प्र.क. - 29 / 2025 प्रो०क्र० 677 पेशी तारीख 26.08.2025
श्रीमती रत्ना ओग्रे वगै.
- आवेदकगण
-बनाम-
आम जनता वगै.
-अनावेदकगण

प्रति,
**आम जनता जिसका इस केस से संबंध हो अनावेदकगण**

जो कि आवेदकगण के मृतक पति / पिता अमरजीत सिंग सलूजा के संबंध में उत्तराधिकार प्रमाण पत्र प्राप्ति हेतु इस न्यायालय में पेशी 26.09.2025 को दिन प्रात: 11 बजे दावे का उत्तर देने के लिए उपसंजात हाजिर होने के लिए समंस किया जाता है।

आप इस न्यायालय में स्वयं या किसी ऐसे प्लीडर द्वारा उपसंजात हो सकते है जिसके सम्यक अनुदेश दिये गये हो और जो इस वाद से संबंधित सभी सारवान प्रश्नों का उत्तर दे सकें। आपको यह भी निर्देश दिया जाता है कि आप उस दिन सभी दस्तावेजों को प्रस्तुत करें जिस पर आपकी प्रतिरक्षा या प्रतिदावा आधारित है।

अत: आप उपर बताई गई तारीख को इस न्यायालय में हाजिर नहीं होंगे तो दावे की सुनवाई और उसका निपटारा आपकी अनुपस्थिति में किया जावेगा ।

नोट :- यदि किसी कारणवश आगामी तिथि को अवकाश हो जाता है या कार्य स्थगित हो जाता है या पीठासीन अधिकारी अवकाश पर हो तो प्रकरण की सुनवाई ठीक अगले कार्य दिवस पर किया जावेगा।

यह आज तारीख 20.08.2025 को मेरे हस्ताक्षर से अधिकरण की मुद्रा लगा कर दिया गया है।

रायपुर छ०ग०
दिनांक 20.08.2025
(भूपेश कुमार बसत)
देवीय व्यवहार न्यायाधीश वरिष्ठ श्रेणी, रामपुर (छ. ग.)
D-1768

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଚିତ୍ରାନନ୍ଦ ନନ୍ଦ**
ନିମାପଡ଼ା ପୂର୍ଣ୍ଣେଶ୍ୱରୀ ସାହି, ନିମାପଡ଼ା, ପୁରୀ
ଆବିର୍ଭାବ: ତା୦୨।୦୧।୧୯୪୪
ତିରୋଧାନ: ତା୦୫।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଆପଣଙ୍କର ପୁତ୍ର ସତ୍ୟନାରାୟଣ, ଜୟନାରାୟଣ, ପୁତ୍ରବଧୂ ବିଷ୍ଣୁପ୍ରିୟା, ଜୟନ୍ତୀ ଓ ପରିବାରବର୍ଗ।
ଧ-୧୭୬୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ହକି ଏସିଆ କପ୍**

## ମାଗଣା ଦେଖି ପାରିବେ ଦର୍ଶକ

**ରାଜଗିର୍, ୨୬।୮ (ପି.ଟି.)**

ଏସିଆ କପ୍ ହକି ପ୍ରତିଯୋଗିତା ଅଗଷ୍ଟ ୨୯ରୁ ଆରମ୍ଭ ହେଉଛି। ଖେଳ ଦେଖିବା ଲାଗି ଦର୍ଶକମାନଙ୍କ ଲାଗି ଦେୟ ମୁକ୍ତ କରାଯାଇଛି। ମ୍ୟାଚ ଦେଖିବା ଲାଗି ଆଗ୍ରହୀ ଖେଳପ୍ରେମୀଙ୍କୁ ଡବ୍ଲୁଡବ୍ଲୁ ଡଟ୍, ଟିକେଟଜେନି ଡଟ୍ ଇନ୍ କିମ୍ବା ହକି ଇଣ୍ଡିଆ ଆପ୍‌ର ସହାୟତା ଭର୍ଚୁଆଲ ଟିକେଟ ସଂଗ୍ରହ କରି ନେବାକୁ ପଡ଼ିବ। ହିରୋ ପୁରୁଷ ଏସିଆ କପ୍‌ରେ ଏସିଆର ଶ୍ରେଷ୍ଠ ୮ ଦଳ ଭାଗ ନେବେ। ସେଗୁଡ଼ିକ ହେଲା ଭାରତ, ଜାପାନ, ଚାଇନା, କାଜାଖସ୍ତାନ, ମାଲେସିଆ, କୋରିଆ, ବାଂଲାଦେଶ ଓ ଚାଇନିଜ ତାଇପେ। ଏହି ଇଭେଣ୍ଟକୁ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ବିବେଚନା କରାଯାଉଛି। ଟୁର୍ନାମେଣ୍ଟର ପୁଲ୍ 'ଏ'ରେ ଆୟୋଜକ ଭାରତ ବ୍ୟତୀତ ଜାପାନ ଚାଇନା ଓ କାଜାଖସ୍ତାନ ସ୍ଥାନ ପାଇଛନ୍ତି। ଭାରତ ଅଗଷ୍ଟ ୨୯ରେ ଚାଇନା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଦଳ ପରେ ଅଗଷ୍ଟ ୩୧ରେ ଜାପାନ ଏବଂ ସେପ୍ଟେମ୍ବର ୧ରେ କାଜାଖସ୍ତାନକୁ ଭେଟିବ।

## ଇନ୍ଦୋରରେ ଆଇସିସି ମହିଳା ବିଶ୍ୱକପ୍ ଟ୍ରଫି

**ଇନ୍ଦୋର, ୨୬।୮ (ପି.ଟି.)**

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ଏହାର ପରିକ୍ରମା ଅବସରରେ ଇନ୍ଦୋରରେ ଅଟକି ଥିଲା। ଏହା ସହରର ପ୍ରସିଦ୍ଧ ଐତିହାସିକ ଓ ମନୋରମ ସ୍ଥାନ ପରିକ୍ରମା କରିଥିଲା। ତନ୍ମଧ୍ୟରେ ରାଜୱାଡା ପ୍ୟାଲେସ, ଗାନ୍ଧୀ ହଲ୍, ସେଣ୍ଟ୍ରାଲ ମ୍ୟୁଜିୟମ, ସିରପୁର ହ୍ରଦ ଓ ପିତ୍ରା ପର୍‌ଭାତ ଅନ୍ୟତମ। ଏହି ମେଗା ଇଭେଣ୍ଟ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ବେଳେ ଇନ୍ଦୋର ୫ଟି ମ୍ୟାଚର ଆୟୋଜକ ହୋଇଛି। ୫ଦିନିଆ ଇନ୍ଦୋର ଟୁର୍ ଅବସରରେ ଟ୍ରଫିଟି ଇନ୍ଦୋରର ବିଭିନ୍ନ ସ୍କୁଲ ପରିକ୍ରମା କରିଥିଲା। ଟ୍ରଫିକୁ ସ୍ୱାଗତ କରିବାକୁ ଯାଇ ପିଲାମାନେ କ୍ରିକେଟ ଥିମ୍ ଭିତ୍ତିକ ଗେମ୍ ଓ କୁଇଜ୍ ପ୍ରୋଗ୍ରାମରେ ଭାଗ ନେଇଥିଲେ। ୧୯ବର୍ଷରୁ କମ୍ କ୍ରିକେଟର ଆୟୁଷୀ ଶୁକ୍ଳା ଟୁର୍‌ରେ ଯୋଗ ଦେଇଥିଲେ। ଭାରତ ଓ ଶ୍ରୀଲଙ୍କାର ବଛାବଛା ସହରଗୁଡ଼ିକରେ ଟ୍ରଫିର ଟୁର୍ ଜାରି ରହିବ। ଏହାର ପରବର୍ତ୍ତୀ ରହଣି ମୁମ୍ବାଇରେ ହେବ।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ



**ନୂଆପଡ଼ା,୨୬।୮ (ମକାରୁ ବେମାଲ):** କୋମନା ବ୍ଲକ ତରବୋଡଠାରେ ମଙ୍ଗଳବାର ସଡକ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତରବୋଡ ଗାଁର କୈଳାସ ଭୋଇ (୪୧)। ସୂଚନା ଅନୁଯାୟୀ ବାଞ୍ଜିବାହାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା କୈଳାସଙ୍କ ସହ ସେହି ଗାଁର ରବୀନ୍ଦ୍ର ଦୁରିଆ ତରବୋଡ ଏନ୍‌ଏଚ୍ ୩୫୩ରୁ ସାହାଜଟ ରାସ୍ତାରେ ସନ୍ଧ୍ୟା ଭ୍ରମଣରେ ବାହାରିଥିଲେ। ଉଭୟ ଚାଲି ଚାଲି ଯାଉଥିବା ବେଳେ ସାହାଜଟ ପଟୁ ତରବୋଡ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ କ୍ରଶର ନିକଟରେ କୈଳାସଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ତରବୋଡ ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର କୈଳାସଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେଲା ପରେ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ତରବୋଡ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ସୂଚନା ଦେଇଛନ୍ତି।

### ବର୍ଷକରେ ଦିନେ ପୂଜା ପାଉଥିବା ଦେବତା

**ଖଡ଼ିଆଳ,୨୬।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ବଙ୍କାପୁର ଗ୍ରାମର ଝରଣ ଡଙ୍ଗର(ଜଙ୍ଗଲ)ରେ ରହିଛି ଏକ ବଡ଼ ପଥର। ଦୂରରୁ ତାହା ଦେଖିବାକୁ ହାତୀ ପରି। ତେଣୁ ଲୋକେ ଏହାକୁ ହାତୀ ପଖାନ (ପ୍ରସ୍ତର ହାତୀ) କହନ୍ତି। ଏହି ହାତୀ ଦେବତା ବର୍ଷକରେ ଦିନେ ମାତ୍ର ପୂଜା ପାଆନ୍ତି। ପ୍ରତ୍ୟେକ ବର୍ଷ ନୂଆଖାଇ ଦିନ ତାଙ୍କୁ ପୂଜା କରାଯାଏ। ନବାନ୍ନ ଭକ୍ଷଣ ପରେ ଗ୍ରାମର କୁମାରୀମାନେ ନଡ଼ିଆ, ଧୂପକାଠି, ପିଠାପଣା ଧରି ଏହି ଡଙ୍ଗରକୁ ଯାଇ ହାତୀ ପଖାନର ପୂଜା କରିଥାନ୍ତି। ସମସ୍ତଙ୍କ ମଙ୍ଗଳ କାମନା ସହ ଜୁହାର ଭେଟ ହୋଇଥାନ୍ତି। ଏହାପରେ ବିଭିନ୍ନ ଖେଳ ଖେଳିଥାନ୍ତି। ଏବେ କୁମାରୀମାନଙ୍କ ସହ ପୁଅମାନେ, ଏପରି କି ଅନ୍ୟ ଗାଁର ଝିଅପୁଅ ହାତୀପଖାନ ଦର୍ଶନ ସହ ନୂଆଖାଇର ମଜା ନେବା ପାଇଁ ଝରଣ ଡଙ୍ଗରକୁ ଆସିଥାନ୍ତି। ପୁରୁଖା ଲୋକେ କହନ୍ତି, ଏହି ଡଙ୍ଗରକୁ ଆଗେ ଲକ୍ଷ୍ମୀଡଙ୍ଗର କୁହାଯାଉଥିଲା। ମା' ଲକ୍ଷ୍ମୀ ତାଙ୍କ ବାହନରେ ବସି ପ୍ରତ୍ୟେକ ଦିନ ଏହି ଡଙ୍ଗରକୁ ଆସୁଥିଲେ। ତେଣୁ ମା'ଙ୍କ ହାତୀ ବାହନକୁ ନେଇ ଏହି ପୂଜା ପ୍ରଚଳିତ। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଗଣେଶଙ୍କୁ ଯେଉଁ ହାତୀର କଟାମୁଣ୍ଡ ଲଗାଯାଇଥିଲା ଏହା ସେହି ହାତୀର ପ୍ରତୀକ। ଗ୍ରାମବାସୀ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହ ସବୁପ୍ରକାର ସୁବିଧା ଉପଲବ୍ଧ କରାଇବାକୁ ଦାବି କରିଛନ୍ତି।

# 'କଂଗ୍ରେସ ଶାସନକୁ ଆସିବାକୁ ସ୍ୱପ୍ନ ଦେଖୁଛି'

- ଭାଜପା ରାଜ୍ୟ ସଭାପତିଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ
- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା କହିଲେ

**ଭବାନୀପାଟଣା,୨୬।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାକୁ ୨ ଦିନିଆ ଗସ୍ତରେ ଆସିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ସେ କଳାହାଣ୍ଡିର ପ୍ରବେଶପଥ ଅମାଠ ଛକଠାରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ଭବାନୀପାଟଣା ସହର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ପାଛୋଟି ଆଣିଥିଲେ। ଟାଉନ ହଲ୍‌ଠାରେ ଜିଲା ଭାଜପା ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସାମଲଙ୍କ ସମେତ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ହିମାଂଶୁ ଶେଖର ମେହେର, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ଜିଲା ସଭାପତି ସୁନୀଲ ବେହେରା, ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହା ଦ୍ୱାରା ସାଧାରଣ ଲୋକ କିପରି ଉପକୃତ ହେଉଛନ୍ତି ସେ ଉପରେ ରାଜ୍ୟ ସଭାପତି ସାମଲ ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ ପାଇଁ କୌଣସି ପ୍ରସଙ୍ଗ ନ ଥିବାରୁ ଏବେ ଭାଜପାର ମିଥ୍ୟା କଥା ପ୍ରଚାରକରି ଶାସନକୁ ଆସିବାର ଦିବା ସ୍ୱପ୍ନ ଦେଖୁଛି। ହେଲେ କଂଗ୍ରେସକୁ ଲୋକେ ନିର୍ବାଚନ ସମୟରେ ଉଚିତ ଜବାବ ଦେବେ।



ଶୋଭାଯାତ୍ରାରେ ଭାଜପା ରାଜ୍ୟ ସଭାପତି ଓ ଅନ୍ୟମାନେ।

କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ମୋହନ ସରକାରଙ୍କ ଜନହିତକର ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ସାଙ୍ଗଠନିକ ୪୧ ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଅପରାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ କହିବା ସହ ଉପସ୍ଥିତ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ପରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ଗୁରୁମନ୍ତ୍ର ଦେଇଥିଲେ। ଏହାପରେ ସେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ ରାଜ୍ୟ ସଭାପତି ସାମଲଙ୍କ ଜୁନାଗଡ଼ ଓ ଧର୍ମଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି।

## ଜାତୀୟ ସାମାଜିକ ଆଇକନ ସମ୍ମାନ ପାଇବେ ଯଶୋବନ୍ତ

**ଭବାନୀପାଟଣା,୨୬।୮ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ତିଳଯୋଡି ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଜାତୀୟ ସାମାଜିକ ଆଇକନ ସମ୍ମାନ ପାଇବା ନେଇଁ ମନୋନୀତ ହୋଇଛନ୍ତି।



ଏହି ଉପଲକ୍ଷେ ଆସନ୍ତା ୨୯ତାରିଖରେ ରାଜସ୍ଥାନର ଜୟପୁରଠାରେ ସମାରୋହ ଅନୁଷ୍ଠିତ ହେବ। ସମାଜସେବା, ପରିବେଶ ସୁରକ୍ଷା, ଶିକ୍ଷାରେ ସମାନ ସୁଯୋଗ ଏବଂ ଅବହେଳିତ ବର୍ଗର ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସୋସିଆଗ୍ରାମ ଫାଉଣ୍ଡେଶନ ପକ୍ଷରୁ ଏହାକୁ ଆୟୋଜନ କରାଯାଉଥିବାବେଳେ ଦେଶର ୧୫ ଜଣ ଯୁବ ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ସାରା ଭାରତ ବର୍ଷରୁ ୨୩୦ ଜଣ ନାମାଙ୍କନ ଗ୍ରହଣ କରାଯାଇଥିଲା। ଏଥିରୁ ଯଶୋବନ୍ତଙ୍କୁ ଓଡ଼ିଶା ରାଜ୍ୟରୁ ମନୋନୀତ କରାଯାଇଥିଲା।

## ବେଆଇନ ଦେଶୀ ମଦ ବିକ୍ରି ବିରୋଧରେ ଧାରଣା




ଜିଲାପରିଷଦ ସଭ୍ୟଙ୍କ ସହ ଅନ୍ୟମାନେ ଧାରଣାରେ ବସିଛନ୍ତି।

**କର୍ଲାମୁଣ୍ଡା,୨୬।୮ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ବେଆଇନ ଦେଶୀମଦ ବିକ୍ରି ଯୋଗୁ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ବ୍ଲକରେ ଥିବା ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟି ପକ୍ଷରୁ ବିଭିନ୍ନ ଗାଁକୁ ଏହି ମଦ ଯୋଗାଣ କରାଯାଉଥିବା ଅଭିଯୋଗ କରି ମଙ୍ଗଳବାର ବ୍ଲକର ଖ ଜୋନ ଜିଲାପରିଷଦ ସଭ୍ୟ ସୁରେଶ ଚୌଧୁରୀ ଧାରଣାରେ ବସିଛନ୍ତି। ବ୍ଲକର ଓଡ଼ିଆମୁଣ୍ଡାସ୍ଥିତ ଦେଶୀ ମଦ ଭାଟି ରାସ୍ତାରେ ଚାଲିଥିବା ଧାରଣାରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ର, ସ. ମାଲପଡା ସମିତି ସଭ୍ୟ ଗୋଲାପ ସାହୁ, ଅନୁକ୍ଷଣ ସାହୁ, ବିରାଜ ସାହୁ ଓ ଅନ୍ୟମାନେ ସାମିଲ ହୋଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହୃତ ହୋଇଥିବା କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା ସୂଚନା ଦେଇଛନ୍ତି।

## ନିୟମ ଉଲ୍ଲଂଘନ କରୁଛି ବିଦେଶୀ ମଦ ଦୋକାନ

**ବେହେରା,୨୬।୮ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଠିପି ଖୋଲା ବିଦେଶୀ ମଦ ଦୋକାନ ଅବକାରୀ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ସୋମବାର ଧର୍ମଗଡ଼ ଅବକାରୀ ବିଭାଗ ଅଧିକାରିଣୀ ପ୍ରତିମା ବେହେରା ଅଚାନକ ପରିଦର୍ଶନରେ ଆସିଥିବା ବେଳେ ଦଣ୍ଡପାଟ ସାମ୍ବାଦିକ ୟୁନିୟନର କେତେକ ସଦସ୍ୟ ତାଙ୍କୁ ସାକ୍ଷାତ କରିଥିଲେ। ବିଦେଶୀ ମଦ ଦୋକାନରେ ସାମଗ୍ରୀ ଦର ଟଙ୍ଗାଯାଇ ନ ଥିବାବେଳେ ଛପା ଦରରୁ ଅଧିକା ବିକ୍ରି ହେଉଥିବା ଓ ଗ୍ରାମ ଗ୍ରାମକୁ କର୍ମଚାରୀ ଲଗାଇ ବିଦେଶୀ ମଦ ଯୋଗାଣ କରୁଥିବା ବିଷୟରେ ଅବକାରୀ ଅଧିକାରିଣୀଙ୍କୁ ଅବଗତ କରାଯାଇଥିଲା। ଅଭିଯୋଗ ଶୁଣି ସେ କେବଳ ନୂଆଖାଇ ଓ ଦଶହରାରେ ସାମ୍ବାଦିକମାନେ ଏସବୁ ଅଭିଯୋଗ କରନ୍ତି। ମୋତେ ଲିଖିତ ଆକାରରେ ଅଭିଯୋଗ କଲେ ତଦନ୍ତ କରିବି ବୋଲି କହିଥିଲେ।

## ମହିଳା ପାଳିଲେ ବାଲିତୃତୀୟା ବ୍ରତ



ପୂଜାର୍ଚ୍ଚନା କରୁଛନ୍ତି ବ୍ରତଧାରିଣୀ।

**ବେହେରା,୨୬।୮ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରାଠାରେ ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ତୃତୀୟା ତିଥିରେ ମହିଳାମାନେ ହାରିତାଳିକା ବା ବାଲିତୃତୀୟା ବ୍ରତ ପାଳନ କରିଛନ୍ତି। ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନାକରି ଏହି ବ୍ରତ ପାଳିଥିଲେ। କେତେକ ସ୍ଥାନରେ ଅବିବାହିତ ଝିଅମାନେ ସର୍ବଗୁଣ ସମ୍ପନ୍ନ ସ୍ୱାମୀ ପାଇବା ପାଇଁ ଏହା ପାଳିଥାନ୍ତି। ବ୍ରତଧାରିଣୀ ନିଷ୍ଠାର ସହ ତୃତୀୟା ସୂର୍ଯ୍ୟୋଦୟଠାରୁ ୪ର୍ଥୀ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ଏହି ସମୟରେ ସେମାନେ ଜଳପାନ ମଧ କରି ନ ଥାନ୍ତି। କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ମୃତ୍ୟୁଞ୍ଜୟୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ କଠୋର ତପସ୍ୟା କରିଥିଲେ। ଏଥିରେ ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ତଦନୁଯାୟୀ ନାରୀମାନେ ବାଲି ତୃତୀୟା ସକାଳେ ନଦୀରେ ସ୍ନାନକରି ସାତମୁଠା ବାଲି ଆଣିଥିଲେ। ସେହି ବାଲିରେ ଜଳାଶୟ କୂଳରେ ଶିବଲିଙ୍ଗ ସ୍ଥାପନାକରି ପୂଜାକରିଥିଲେ। ଅପରାହ୍ନରେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଘର ଅଗଣା ତୁଳସୀ ଚଉରା ମୂଳେ ବାଲିରେ ଶିବଲିଙ୍ଗ ସ୍ଥାପନା କରିଥିଲେ। ପରେ ପୂଜା ସାମଗ୍ରୀ ରଖି ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ। ବୁଧବାର ସକାଳେ ସେମାନେ ନଦୀରେ ବାଲୁକା ବିସର୍ଜନକରି ସ୍ନାନ ସମ୍ପନ୍ନ ସହ ବ୍ରତ ଉଦ୍‌ଯାପନ କରିବେ ବୋଲି କହିଥିଲେ।

## ସାର ଯୋଗାଣ ପାଇଁ ଚାଷୀଙ୍କ ଏନ୍‌ଏଚ୍ ଅବରୋଧ



ଧାରଣାରେ ବସିଛନ୍ତି ଚାଷୀମାନେ।

**ନୂଆପଡ଼ା,୨୬।୮ (ମକାରୁ ବେମାଲ)**

ଚାଷୀଙ୍କୁ ଠିକଣା ସମୟରେ ଆବଶ୍ୟକ ସାର ଯୋଗାଇଦେବା ଦାବି କରି ମଙ୍ଗଳବାର ତରବୋଡଠାରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ନୂଆପଡା ଜିଲାରେ ଚାଷୀଙ୍କ ୟୁରିଆ ସାର ଆବଶ୍ୟକ ଥିବାବେଳେ ତାହା ମିଳୁନାହିଁ। ୨ଦିନ ତଳେ ଜିଲାକୁ ୟୁରିଆ ସାର ଆସିଥିଲା। ଖବର ପାଇ ଚାଷୀ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ମଙ୍ଗଳବାର ସାର ନେବା ଆଶାରେ ଚାଷୀମାନେ ନିଜର ଆଧାର କାର୍ଡ, ଜମି ପଟ୍ଟା ଧରି ସମବାୟ ସମିତି ଓ ଡିଲରମାନଙ୍କ ପାଖରେ ପହଞ୍ଚିଥିଲେ। ହେଲେ ସାର ଆଜି ମିଳିବ ନାହିଁ ବୋଲି ଜାଣି ଅସନ୍ତୋଷ ଝାଡିଥିଲେ। ସାର ପାଇଁ ଆଉ କେଉଁଠିକୁ ଯାଇପାରିବୁ ନାହିଁ ବୋଲି କହି ଚାଷୀମାନେ ତରବୋଡ ସମବାୟ ସମିତିଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ତରବୋଡ ଫାଣ୍ଡି ଅଧିକାରୀ ଗୌରି ଶଙ୍କର ଦାସ, ଏଏସ୍‌ଆଇ ନେତ୍ରାନନ୍ଦ ସେନାପତି, ଏସ୍‌ଆଇ କୁଳମଣୀ ବୁରୁଡା, ସସ୍ମିତା ଠାକୁର ପ୍ରମୁଖ ଚାଷୀଙ୍କୁ ବୁଝାଇ ସ୍ଥାନୀୟ ସମବାୟ ସମିତିକୁ ଯୋଗାଯୋଗ କରିଥିଲେ। ସାର ଆସିଥିଲେ ବି ଆଇଡି ଆସି ନ ଥିବାରୁ ଚାଷୀଙ୍କୁ ସାର ଦିଆଯାଉ ନ ଥିବା କହିଥିଲେ। ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସାର ବଣ୍ଟନ ପ୍ରକ୍ରିୟା ଆରମ୍ଭ ପରେ ଚାଷୀମାନେ ଧାରଣାରୁ ହଟିଥିଲେ। ଆନ୍ଦୋଳନରେ ଯୁବକଂଗ୍ରେସ ସଭାପତି ଅମିତ ଅହିର, ଚାଷୀ ନେତା ଗୌତମ ମାଝୀ, ଅଚ୍ୟୁତ ପ୍ରଧାନ, ଦୟା ସାଗର ହଂସ, ଅମୂଲ୍ୟ ପ୍ରଧାନଙ୍କତ ସମେତ ଶତାଧିକ ଚାଷୀ ସାମିଲ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା ଖାଲଖମାରେ ଭର୍ତ୍ତି

**ରିଷିଡ଼ା,୨୬।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲାର କର୍ଲାମୁଣ୍ଡାଠାରୁ ମ.ରାମପୁର ପୂର୍ତ୍ତ ବିଭାଗ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏଥିଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ କରୁଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ରାସ୍ତାର ଦୋହରୀକରଣ କାର୍ଯ୍ୟ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ପୂର୍ଣ୍ଣ ହୋଇପଡିଛି। ଫଳରେ ରାସ୍ତାରେ ଯାଉଥିବା ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ରୋଗୀ ଓ ସାଧାରଣ ଲୋକ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଆବଶ୍ୟକ ମରାମତି ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣ ଦାବି ହୋଇଛି।

## କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**କେସିଙ୍ଗା,୨୬।୮ (ଭୁବନେଶ୍ୱର ସାହୁ)**

କଳାହାଣ୍ଡି ଜିଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେସିଙ୍ଗା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢୀ ସଭାପତିତ୍ୱ କରି ନିଜ ଅଭିଭାଷଣରେ ମହାବିଦ୍ୟାଳୟର ଗୌରବମୟ ଇତିହାସ ଏବଂ ଶୈକ୍ଷିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ପର୍ଶୁରାମ ସାହୁ ଏବଂ ପ୍ରାଧ୍ୟାପକ ଲୋହିତ କୁମାର ଭୋଇ ବିଭିନ୍ନ କ୍ଷେତ୍ରରେ ମହାବିଦ୍ୟାଳୟକୁ ମିଳିଥିବା ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଇତ୍ୟବସରରେ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧାପକ ଡ. ରାକେଶ କୁମାର ବିଶିଙ୍କୁ ଡି ଲିଟ୍ ପାଇବା ଉପଲବ୍ଧି ନିମନ୍ତେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

**ଖଡ଼ିଆଳ,୨୬।୮ (ସୁଜିତ କୁମାର ପ୍ରଧାନ)**

ଆଲୋକ ଓ ଅମୃତର କବି ହେଉଛନ୍ତି ଗଙ୍ଗାଧର। ତାଙ୍କ ଦୃଷ୍ଟିରେ ଏଇ ବିଶ୍ୱ ହେଉଛି ମଧୁମୟ। ନୂଆପଡ଼ା ଜିଲା ଖଡ଼ିଆଳ ସାହିତ୍ୟ ସମିତି ଆନୁକୂଲ୍ୟରେ ରାଜ ଦରବାରଠାରେ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏହି ମତ ଦେଇଥିଲେ। ଏଥିରେ ସମିତି ସଭାପତି ତଥା ପ୍ରତ୍ନତତ୍ତ୍ୱବିତ୍ ଡ. ଜିତାମିତ୍ର ପ୍ରସାଦ ସିଂହଦେବ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ବଳଭଦ୍ର ମହାଉତି ମୁଖ୍ୟ ଅତିଥି, ପାଲାଗାୟକ ଅର୍ଜୁନ ଛତ୍ରିଆ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ବାରିକ, କବି ପଞ୍ଚାୟତ ନୀଳଲୋହିତ ସିଂହଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାହିତ୍ୟିକ ଖରତ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଶିକ୍ଷାବିତ୍ ଡ. ତରୁଣ କୁମାର ପ୍ରଧାନ, ସତୀଶ କୁମାର ପଟ୍ଟନାୟକ, ସନାତନ ମହାଉତି, ଡ. ସୁଶାନ୍ତ କୁମାର ବିଶି, ନବୀନ କିଶୋର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଉପେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବରାଜ ଦେବଦେବ ପ୍ରସାଦ ସିଂହଦେବ, ଆକାଶ କୁମାର ସାହୁ, ତାପସ କରୁଆଁ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ବିକଶିତ ଗାଁ ବିକଶିତ ଓଡ଼ିଶା କାମ ସ୍ଥାନାନ୍ତର ନେଇ ଅସନ୍ତୋଷ

**ଗୋଟିଏ କାମ ପାଇଁ ଲାଗିଛି ୨ ଫଳକ**

**ଲାଞ୍ଜିଗଡ଼,୨୬।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତର ପତରପଡ଼ାଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା କାମ ସ୍ଥାନାନ୍ତର ନେଇ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିଗଡ଼ ବ୍ଲକରେ ଉନ୍ନୟନ କାର୍ଯ୍ୟ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶାରେ ତିନି କୋଟିରୁ ଊର୍ଦ୍ଧ ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନ ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ କମ ପଡୁଥିବା ବେଳେ ପ୍ରତ୍ୟେକ ପଞ୍ଚାୟତର ଅତି ଆବଶ୍ୟକ କାମ କରିବା ପାଇଁ ଭାଗ ବଣ୍ଟା ହୋଇଛି। ଅନୁଦାନ ଆସିବା ପୂର୍ବରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ଓ ପଞ୍ଚାୟତବାସୀଙ୍କ ଉପସ୍ଥିତିରେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ରଖାଯାଇଥିଲା। ଇତି ମଧ୍ୟରେ ସରକାର ବଦଳି ଯାଇଛି। ହେଲେ ଯେଉଁ ପ୍ରକଳ୍ପ ପାଇଁ ଅନୁଦାନ ରଖାଯାଇଥିଲା ତାହା ନ କରି ସେହି ପ୍ରକଳ୍ପକୁ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତର ପତରପଡ଼ାଠାରେ। ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ପତରପଡ଼ା କଲଭର୍ଟ ପାଇଁ ୪ଲକ୍ଷ ଟଙ୍କା ଆସିଥିବା ବେଳେ କାମ ଆରମ୍ଭ ପୂର୍ବରୁ ଉକ୍ତ ସ୍ଥାନରେ ସୂଚନା ଫଳକ ଲାଗିଛି। କିନ୍ତୁ କାମ କରିବା ବିଳମ୍ବ ଓ ଦଳୀୟ ରାଜନୀତି ଯୋଗୁ ସେହି ସ୍ଥାନରେ କାମ ନ ହୋଇ ଗାଁଠାରୁ ୨୦୦ ମିଟର ଦୂରରେ ଥିବା ଲାଖବାହାଲି–ବାରଗୁଡା ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡକୁ କାମ ସ୍ଥାନାନ୍ତର କରାଯାଇ ସେଠାରେ ଅନ୍ୟ ଏକ ସମାନ ସୂଚନା ଫଳକ ଲାଗିଛି। ହେଲେ ପତରପଡ଼ା କଲଭର୍ଟ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଯିବା ଓ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାରେ ବହୁତ ଅସୁବିଧା ହେଉଛି। ଲୋକେ କାଠ ପକାଇ ବର୍ଷ ବର୍ଷ ଧରି ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଯେଉଁ ସ୍ଥାନରେ କାମ ଆବଶ୍ୟକ ସେହି ସ୍ଥାନରେ କରାଯାଉ ବୋଲି ଲାଖବାହିଲି ପୂର୍ବତନ ସରପଞ୍ଚ ରାମତୁ ମାଝୀ ପ୍ରକାଶ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବି ଓ ଘଟଣାର ତଦନ୍ତ କରିବି ବୋଲି ପ୍ରକାଶ କରିଛନ୍ତି।



ପତରପଡ଼ାଠାରେ କଲଭର୍ଟ ନ ଥିବାରୁ ଲୋକେ କାଠପଟା ପକାଇ ଯାତାୟାତ କରୁଛନ୍ତି।

# ନୂଆଁଖାଇ ଆଗରୁ ବଢୁଛି ଅବାଧ ନିଶା କାରବାର

- ଓପନ ବାର୍ ପାଲଟିଥିବା ଢାବାକୁ ଅନୁକମ୍ପା
- ଜିଲାର ଗାଁଠୁ ସହରରେ ବ୍ୟାପୁଛି ନକଲି ମଦ
- ଅବକାରୀ, ପୋଲିସ ଚଢାଉ ଧର୍ମକୁ ଆଖିଠାର



ନକଲି ମଦ ଏବଂ ଅଭିଯୁକ୍ତଙ୍କ ସହିତ ଅବକାରୀ ଟିମ।

ବରଗଡ଼,୨୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚାଲିଥିବା ନିଶା କାରବାର ଚର୍ଚ୍ଚାର ବିଷୟ ହୋଇଛି। ଗାଁଠୁ ସହର ସବୁଠି ଏହି କାରବାର ବଢ଼ି ଚାଲିଛି। ତେବେ ଦିନକ ପରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଥିବାବେଳେ ଏହା ପୂର୍ବରୁ ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିପୁଳଭାବେ ନିଶା କାରବାର ବଢି ଚାଲିଛି । ଗ୍ରାମାଞ୍ଚଳରେ ବେଆଇନଭାବେ ଚାଲିଥିବା କୁଚିଆ ମଦ ବେପାରୀମାନେ ଏବେଠାରୁ ପର୍ଯ୍ୟାପ୍ତ ତୋରାମଦ ଠୁଳ କରି ରଖିଥିବା ବେଳେ ସହରର କୁଚିଆ ମଦ ବ୍ୟବସାୟୀ ମଧ୍ୟ ଏଥିରୁ ବାଦ ପଡି ନଥିବା ସାଧାରଣରେ ଆଲୋଚିତ ହେଉଛି। ଅନ୍ୟପକ୍ଷରେ ବର୍ଷବର୍ଷ ଧରି ରାଜପଥ ପାର୍ଶ୍ୱରେ ରହିଥିବା ବିଭିନ୍ନ ଢାବା ଓପନ ବାର୍ ପାଲଟି ସେଠାରେ ବେଆଇନ ଭାବେ ମଦ ବିକ୍ରି ଚାଲି ଥିବାବେଳେ ସେଥିପ୍ରତି ଉଭୟ ଅବକାରୀ ଏବଂ ପୋଲିସ ଆଖିବୁଜି ଦେଇଥିବା ସାଧାରଣ ଜନତାଙ୍କୁ ଚକିତ କରିଛି। ଅବକାରୀ, ପୋଲିସ ବିଭାଗର ଜାଣତରେ ସେଠାରେ ଅବାଧ ମଦ କାରବାର ଚାଲିଛି ଏବଂ ଢାବା ଗୁଡିକରେ ଚାଲିଥିବା ବେଆଇନ ମଦ କାରବାର ପ୍ରତି ଆଖି ବୁଜି ଥିବା ଅବକାରୀ ଏବଂ ପୋଲିସ କେବଳ ଲୋକ ଦେଖାଣିଆ ଚଢାଉ କରି ମାସିକ ଟାର୍ଗେଟ ପୂରଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ନକଲୀ ମଦ ଗାଁଠୁ ସହର ସବୁଆଡ଼େ ବ୍ୟାପୁଛି ଏବଂ ଏହା ଲୋକଙ୍କ ପାଇଁ ଯଥେଷ୍ଟ ହାନିକାରକ ହୋଇ ପଡ଼ିଛି। ହେଲେ ଏଥିପ୍ରତି ବି ଠୋସ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି। ଏଭଳି କାରବାରରେ କିଛି ମଦ, ବ୍ୟବହୃତ ସାମଗ୍ରୀ ଜବତ ସହିତ ଅଳ୍ପ କେତେଜଣଙ୍କୁ ଗିରଫ କରି ସେଥିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହି ଯାଉଛି। କିନ୍ତୁ ପ୍ରସ୍ତୁତ ନକଲି ମଦ କେଉଁଠାକୁ ଚାଲାଣ ହୋଇ ବିକ୍ରି ହେଉଥିଲା ଏବଂ କେଉଁଠୁ ସେଭଳି ନକଲି ମଦ ପ୍ରସ୍ତୁତ ହେଉଥିଲା, ତାହା ବି ଅସମାହିତ ରହି ଯାଉଛି। ଫଳରେ ସେଭଳି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଅନାୟାସରେ ଖସି ଯାଉଛନ୍ତି ଏବଂ ଉଭୟ ଅବକାରୀ ଓ ପୋଲିସର ସେଭଳି ଅଧା ପନ୍ତରିଆ କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣରେ ନାନା ସନ୍ଦେହ ଉପୁଜିଛି। ତେବେ ଜିଲାରେ କେବଳ ଚୋରାମଦ ନୁହେଁ, କଫ ସିରପ୍‌ଠାରୁ ଆରମ୍ଭ କରି ବ୍ରାଉନସୁଗାର ଯାଏ ନିଶାଦ୍ରବ୍ୟ ଅବାଧରେ ବିକ୍ରି ହେଉଛି। ଏଥିରେ ଅଙ୍କୁଶ ଲଗାଇବା ପାଇଁ ଲୋକେ ବାରମ୍ବାର ଦାବି କରୁଛନ୍ତି। ଚିରାଚରିତ ଭାବେ ପୋଲିସ, ଅବକାରୀ ଧରପଗଡ଼ କରୁଛନ୍ତି। ମାତ୍ର ତାହା ଧର୍ମକୁ ଆଖିଠାର ଭଳି ହେଉଛି। ପୋଲିସ, ଅବକାରୀ କଫ ସିରପ, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ ଜବତ କରୁଛନ୍ତି। କିଛି ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରୁଛନ୍ତି। ସେଥିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହି ଯାଉଛି। ତେବେ କେଉଁଠୁ ସେହି ନିଶାଦ୍ରବ୍ୟ ଆସୁଛି ଏବଂ ସେଥିରେ ଆଉ କାହାରିଙ୍କ ସମ୍ପୃକ୍ତି ରହିଛି, ତାହା କେବଳ ତଦନ୍ତାଧିନଭାବେ ରହି ଯାଉଛି। ଅବକାରୀ କିମ୍ବା ପୋଲିସ ଚେରକୁ ଛୁଇଁ ପାରୁ ନାହାନ୍ତି। ଅନ୍ୟପଟେ ନିଶା କାରବାର ବୃଦ୍ଧି ଯୋଗୁ ଜିଲାରେ ଦିନ ଦ୍ୱିପ୍ରହରରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚୋରି, ଲୁଟ, ଆକ୍ରମଣଠାରୁ ଆରମ୍ଭ କରି ହତ୍ୟା ଭଳି ଅପରାଧ ଘଟୁଛି। କେବଳ ସେତିକି ନୁହେଁ, ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଅନେକ ସମୟରେ ନିଶାସକ୍ତ ରୋଡ ରୋମିଓଙ୍କ ଦ୍ୱାରା ସ୍କୁଲ, କଲେଜ ଛାତ୍ରୀମାନେ ମଧ୍ୟ ଟାହିଆଟାପୁରାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟରେ ଯାତାୟାତ ପାଇଁ କେବଳ ମହିଳା ନୁହଁନ୍ତି, ପୁରୁଷମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏଭଳି ନିଶା କାରବାର ରୋକିବା ପାଇଁ ଜିଲାରେ ଅବକାରୀ କିମ୍ବା ପୋଲିସର ଅଭାବ ନାହିଁ। ୧୨ବ୍ଲକ ବିଶିଷ୍ଟ ବରଗଡ଼ ଜିଲାରେ ପୋଲିସ ମୁଖ୍ୟାଳୟ ସମେତ ୧୭ଥାନା ରହିଛି। ଗୋଡ଼ଭଗା, ରୁଷୁଡ଼ା ଓ ବିଜୟପଲ୍ଲୀରେ ପୋଲିସ ଫାଣ୍ଡି ଏବଂ ଡୁଙ୍ଗୁରି(ଅମ୍ବାଭୋନା) ଓ ନୃସିଂହନାଥରେ ପୋଲିସ ବିଟ ହାଉସ ଅଛି। ଜିଲା ସଦର ମହକୁମାରେ ପୋଲିସ ଆରକ୍ଷୀ ଅଧୀକ୍ଷକ(ଏସପି)ଙ୍କ କାର୍ଯ୍ୟାଳୟ, ଏସଡିପିଓଙ୍କ କାର୍ଯ୍ୟାଳୟ ରହିଛି। ପଦ୍ମପୁରରେ ମଧ୍ୟ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଅଛି। ସେହିପରି ସଦର ମହକୁମାରେ ବରଗଡ଼ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ବରଗଡ଼ ଓ ପଦ୍ମପୁରରେ ଅବକାରୀ ବିଭାଗର ରେଞ୍ଜ କାର୍ଯ୍ୟାଳୟ ଅଛି। ବରଗଡ଼ ଅବକାରୀ ରେଞ୍ଜ ଅଧିନରେ ଅତାବିରା, ଭଟଲି ଓ ବରଗଡ଼ ଏବଂ ପଦ୍ମପୁର ରେଞ୍ଜ ଅଧିନରେ ପଦ୍ମପୁର, ପାଇକମାଳ ଓ ସୋହେଲା ଅବକାରୀ ଷ୍ଟେଶନ ରହିଛି। କେବଳ ସେତିକି ନୁହେଁ, ଉଭୟ ପୋଲିସ ଏବଂ ଅବକାରୀ ବିଭାଗରେ ଯଥାକ୍ରମେ ଏନଏଚ ପାଟ୍ରୋଲିଂ ଏବଂ ମୋବାଇଲ ଟିମ ରହିଛନ୍ତି। ଏହାସତ୍ତ୍ୱେ ପୋଲିସ ଏବଂ ଅବକାରୀର ନାକତଳେ ନିଶା କାରବାର ବୃଦ୍ଧି ଉଭୟ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ସବୁଠି ଚର୍ଚ୍ଚା ହେଉଛି।

## ନକଲି ମଦ ପ୍ରସ୍ତୁତି ଠାବ, ଅଭିଯୁକ୍ତ ଗିରଫ

ବରଗଡ଼ ଜିଲାରେ ନକଲି ମଦ ପ୍ରସ୍ତୁତ ହେଉଛି ଏବଂ ଏହା ଜିଲାରେ ବିକ୍ରି ମଧ୍ୟ ହେଉଛି। ମଙ୍ଗଳବାର ଜିଲା ଅବକାରୀ ବିଭାଗ ଏଭଳି ନକଲି ମଦ ପ୍ରସ୍ତୁତି ଠାବ ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏହା ଆପେ ବାରି ହୋଇ ପଡୁଛି। ବରଗଡ଼ ସଦର ବ୍ଲକ କେନ୍ଦପାଲି ଗ୍ରାମରେ ଅବକାରୀ ବିଭାଗ ନକଲି ମଦ ପ୍ରସ୍ତୁତ କରୁଥିବା ଅଭିଯୋଗରେ ଗ୍ରାମର ଠାକୁର ପାତ୍ରଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ବିଭିନ୍ନ ବ୍ରାଣ୍ଡେଡର ମଦ ବୋତଲ ଜବତ ହୋଇଥିବାବେଳେ ସେଥିରେ ଅଭିଯୁକ୍ତ ନକଲି ମଦ ଭର୍ତ୍ତି କରି ବିକ୍ରି କରୁଥିବା ନେଇ ଠୋସ ଅବକାରୀ ବିଭାଗ ସୂଚନା ଦେଇଛି। ନକଲି ମଦ ତିଆରି ପାଇଁ ବ୍ୟବହୃତ ୮୦ ଲିଟର ସ୍ପିରିଟ ଆଦି ମଧ୍ୟ ଜବତ ହୋଇଛି।

# ଫସଲ ଜଗୁଥିଲେ ଦମ୍ପତି, ଦଳିଦେଲା ହାତୀ



ମୃତକଙ୍କ ପରିବାର ଓ ଅନ୍ୟମାନେ।

ପାଇକମାଳ,୨୬।୮ (ବଢ଼ ଶତପଥୀ)

ନିଜ କ୍ଷେତ୍ରରେ ଫସଲ ଜଗୁଥିବା ଏକ ଦମ୍ପତିଙ୍କୁ ସୋମବାର ବିଳମ୍ବିତ ରାତିରେ ବଣୁଆ ହାତୀ ଦଳିଦେଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବରଗଡ଼ ଜିଲା ପାଇକମାଳ ବ୍ଲକ ଟେମରି ପଞ୍ଚାୟତର ଧାନ୍ଧୁପାଲି ଗାଁରେ। ମୃତ ଦମ୍ପତି ହେଲେ ଧାନ୍ଧୁପାଲି ଗାଁର ବଳରାମ ରଣା (୬୧) ଓ ତାଙ୍କ ସ୍ତ୍ରୀ ଶଶୀ ରଣା (୫୭)। ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବଳରାମ ନିଜ କ୍ଷେତରେ ପନିପରିବା ଚାଷ କରିଥିଲେ। ସବୁ ଦିନ ପରି ସୋମବାର ରାତିରେ ଉଭୟ ଦମ୍ପତି କ୍ଷେତରେ ଫସଲ ଜଗୁଥିଲେ। ଏହି ସମୟରେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଚାଲି ଆସିଥିବା ଏକ ବଣୁଆ ହାତୀ ଦମ୍ପତିଙ୍କୁ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ତାଙ୍କ ପରିବାର ଲୋକେ କ୍ଷେତକୁ ଯାଇଥିଲେ। ସେଠାରେ ଫସଲ ନଷ୍ଟ ହେବା ସହ ହାତୀ ଆକ୍ରମଣରେ ଉଭୟ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ସେମାନେ ଦେଖିଥିଲେ। ଖବର ପାଇ ବନ ବିଭାଗ ରେଞ୍ଜର ହୃଦାନନ୍ଦ ମିଶ୍ର, ରଜନିକନ୍ତ ବଢେଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖ ପହଞ୍ଚିଥିଲେ। ଏ ନେଇ ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ଭାବେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି । ଆଉ ୧୮ ଲକ୍ଷ ଟଙ୍କା ଆବଶ୍ୟକ କାଗଜ ପତ୍ର ଦାଖଲ କରିବା ପରେ ଦିଆଯିବ ବୋଲି ବରଗଡ଼ ଡିଏଫ୍‌ଓ ସରୋଜ କୁମାର ପଣ୍ଡା କହିଛନ୍ତି। ଅନ୍ୟପଟେ ବ୍ଲକ ପ୍ରଶାସନ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଟେମରି ସରପଞ୍ଚ ଦିଲୀପ ବେହେରା ଧାନ୍ଦୁପାଲିରେ ପରିବାର ସହ ରହୁଥିବା ମୃତ ଦମ୍ପତିଙ୍କ ପୁଅ ଉପେନ୍ଦ୍ର ଓ ସାନ ପୁଅ ମହେନ୍ଦ୍ରଙ୍କୁ ଭେଟି ସମବେଦନା ଜଣାଇଥିଲେ।

### ମୃତ ପରିବାରକୁ ୨ ଲକ୍ଷ କ୍ଷତିପୂରଣ

# ୱିନର୍ ଗ୍ରାମରେ ନୂଆଁଖାଇ ବଜାର

ପଦ୍ମପୁର,୨୬।୮ (ପ୍ରଦୀପ୍ତ ଦାଶ)

ୱିନର ବ୍ରାଇଟ ଫ୍ୟୁଚର ସ୍କୁଲର ପିଲାମାନଙ୍କୁ ନେଇ ନୂଆଖାଇ ବଜାର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ଲାୟନ୍ସ କ୍ଲବ ପଦ୍ମପୁରର ସଭାପତି ପୀତମ ମେହେର, ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉକ୍ତ ବଜାରକୁ ଉଦ୍‌ଘାଟନ କରିଥିଲେ। କୁନାଲ ପାଣିଗ୍ରାହୀ ଦ୍ୱିତୀୟ ୱାର୍ଡର କାଉନସିଲର ଓ ସୌମ୍ୟଜିତ ପାଢୀ, ଲାୟନ୍ସ କ୍ଲବର ସମ୍ପାଦକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟକୀୟ ଢଙ୍ଗରେ ପିଲାମାନେ ସଭା ବସାଇ ମହାପ୍ରଭୁ ନୃସିଂହନାଥରେ ସ୍ଥିର ହୋଇଥିବା ନୂଆ ଖାଇବାର ଲଗ୍ନ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ବଜାରରେ ନୂଆଖାଇ ପୂଜା ଉପଲକ୍ଷେ ପ୍ରତ୍ୟେକଟି ଜିନିଷ ପିଲାମାନେ ଅତି ସୁନ୍ଦର ଭାବରେ କିଣା ବିକା କରିଥିଲେ। ସ୍କୁଲର ଚେୟାରମ୍ୟାନ ଶ୍ରୀକାନ୍ତ ମିଶ୍ର, ଅଧ୍ୟକ୍ଷା ଅପାଳି ଅପରାଜିତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚାରୀ ଅତି ସରଳ ସୁନ୍ଦର ଭାବରେ ଏହି କାର୍ଯ୍ୟକୁ ପରିଚାଳନା କରି ପିଲାମାନଙ୍କ ପାଇଁ ଏକ ନୂତନ ଦିଗ ସୃଷ୍ଟି କରିଛନ୍ତି। ସମ୍ବଲପୁରୀ ବେଶରେ ପିଲାମାନେ ନୂଆଖାଇ ବଜାରର ଆନନ୍ଦ ଉଠାଇଥିଲେ।



ନୂଆଁଖାଇ ବଜାରରେ ଉପସ୍ଥିତ ଛାତ୍ରୀଛାତ୍ର।



କନ୍ଦାଗାଡରେ ବ୍ଲକସ୍ତରୀୟ ବାଳକ ଭଲିବଲ ଚୟନ ପ୍ରତିଯୋଗିତା ।

# ବ୍ଲକସ୍ତରୀୟ ବାଳକ ଭଲିବଲ ଚୟନ ପ୍ରତିଯୋଗିତା

ଗାଇସିଲେଟ,୨୬।୮ (ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, କନ୍ଦାଗାଡ଼ର ଖେଳ ପଡ଼ିଆରେ ସୋମବାର ବ୍ଲକସ୍ତରୀୟ ବାଳକ ଭଲିବଲ ଚୟନ ପ୍ରତିଯୋଗିତା ବ୍ଲକ ସ୍କୁଲ କ୍ରୀଡ଼ା ସଂଗଠନ ଗାଇସିଲଟ ତରଫରୁ ଆୟୋଜନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ମୁଖ୍ୟଅତିଥି ଭାବରେ ରାଜକୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସ୍ଥାୟୀ ସଭାପତି ଅଶୋକ କୁମାର ତ୍ରିପାଠୀ, ସମିତିସଭ୍ୟା ସରୋଜିନୀ ପଧାନ, ହଜାରୁ ପଧାନ, ଛବିଲାଲ ପଧାନ, ଉପେନ୍ଦ୍ର ବେହେରା ବ୍ଲକ ସ୍କୁଲ କ୍ରୀଡ଼ା ସଙ୍ଗଠନର ସମ୍ପାଦକ କଂଗ୍ରେସ ପଧାନ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ କନ୍ଦାଗାଡ଼ର ପ୍ରଧାନ ଶିକ୍ଷକ ବିଷ୍ଣୁ ଭୋଇ, ଗାଇସିଲଟ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଶହେରୁ ଊର୍ଦ୍ଧ୍ୱ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସଭାର ସଭାପତି ବିଷ୍ଣୁ ଭୋଇ ସଭାର ଉଦ୍ଦେଶ୍ୟ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରେମାନନ୍ଦ ବେହେରା ଖେଳ ପତାକା ଉତ୍ତୋଳନ କରି ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ସଭାପତି ଅଶୋକ କୁମାର ତ୍ରିପାଠୀ ଓ ସରୋଜିନୀ ପଧାନ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବାଲ୍ମୀକି ପାତ୍ର, ଆଦର୍ଶ ବିଦ୍ୟାଳୟ ଗାଇସିଲଟର ଖେଳ ଶିକ୍ଷକ ହରିବୋଲ ସାହୁ, ରାଜକୁମାର ଉଚ୍ଚ ବିଦ୍ୟାଳୟର ଖେକ ଶିକ୍ଷକ ମନୋଜ ପାଢ଼ୀ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିମାଳର ଖେଳ ଶିକ୍ଷକ ଉଦୟ ସାହୁ, ପି.ପି.ପି ଉଚ୍ଚ ବିଦ୍ୟାଳୟ, ବରିହାପୁଖପାଣିର ଖେଳ ଶିକ୍ଷକ ରାଧେଶ୍ୟାମ ପଧାନ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, କନ୍ଦାଗାଡ଼ର ଖେଳ ଶିକ୍ଷକ ଅଶେଷ କୁମାର ଦାଶ ଖେଳ ପରିଚାଳନା କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜାମୁପାଲିର ପ୍ରଧାନ ଶିକ୍ଷକ ପର୍ଶୁରାମ ପ୍ରଧାନ, ପି.ପି.ପି ଉଚ୍ଚ ବିଦ୍ୟାଳୟ, ବରିହାପୁଖପାଣିର ପ୍ରଧାନ ଶିକ୍ଷକ ମୋହନ ରଣା, ନେତାଜୀ ସୁବାଷ ବୋଷ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ହୋତା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମାପ୍ତ ପରେ ଭଲିବଲ ବାଳକ ଦଳ ଜିଲାକୁ ଖେଳିଯିବା ପାଇଁ ଚୟନ କରାଯାଇଥିଲା। ଖେଳ ଗୁଡ଼ିକୁ ସୁଚାରୁ ରୂପରେ ସମ୍ପାଦନା ହୋଇଥିଲ। ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ ସହଯୋଗ କରିଥିଲେ। ଖେଳ ଶେଷରେ ବିଦ୍ୟାଳୟ ପୂର୍ବତନ ସଭାପତି ରୋହିତ ସା ଖେଳ ପତାକା ଅବତରଣ କରି ବ୍ଲକ ସମ୍ପାଦକଙ୍କଠାରେ ଜମା ଦେଇଥିଲେ। କଂଗ୍ରେସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

କେସିଙ୍ଗା,୨୬।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେସିଙ୍ଗା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢୀ ସଭାପତିତ୍ୱ କରି ନିଜ ଅଭିଭାଷଣରେ ମହାବିଦ୍ୟାଳୟର ଗୌରବମୟ ଇତିହାସ ଏବଂ ଶୈକ୍ଷିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ପର୍ଶୁରାମ ସାହୁ ଏବଂ ପ୍ରାଧ୍ୟାପକ ଲୋହିତ କୁମାର ଭୋଇ ବିଭିନ୍ନ କ୍ଷେତ୍ରରେ ମହାବିଦ୍ୟାଳୟକୁ ମିଳିଥିବା ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।

# ସାର କଳାବଜାର ବନ୍ଦ ଦାବି

ବରପାଲି,୨୬।୮ (ଚିତ୍ତରଞ୍ଜନ ସାହୁ)

ରାଜ୍ୟରେ ଆବଶ୍ୟକ ମୁତାବକଠାରୁ ଅଧିକ ୟୁରିଆ ସାର ଆସିଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ପ୍ରାୟ ଜିଲାର ବରପାଲି ବ୍ଲକ ଅଞ୍ଚଳରେ ସାରର ସଙ୍କଟ ଓ କଳାବଜାର ଚାଲିଛି। ଏ ଘଟଣାକୁ ନେଇ ଚାଷୀ ଆନ୍ଦୋଳନ ଧାରଣା ପ୍ରତିବାଦ ଜାରି ରହିଛି। ବରଗଡ଼ ଜିଲା ବରପାଲି ଅଞ୍ଚଳରେ ୨୩ ପଞ୍ଚାୟତ ଚାଷ ଉପରେ ନିର୍ଭର କରନ୍ତି। କିନ୍ତୁ ଏ ଅଞ୍ଚଳରେ ୟୁରିଆ ସାର ବସ୍ତା ପିଛା ୬୦୦/୭୦୦ ଟଙ୍କା, ତାହା ପୁଣି ମିଳୁନାହିଁ। ଏବେ ପଟାସ ସାରରେ ମଧ୍ୟ ସଙ୍କଟ ଦେଖାଦେଲାଣି। ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଧାନମଣ୍ଡି ପଞ୍ଜୀକରଣ ପାଇଁ କୃଷକମାନେ ଅଫିସରୁ ଅଫିସ ଧାଉଁଥିବା ବେଳେ ସାର ସଙ୍କଟ ଆହୁରି ଚିନ୍ତାର କାରଣ ପାଲଟିଛି। ତହସିଲଦାର ରୁକ୍ମଣ ମେହେରଙ୍କୁ ସାର କଳାବଜାର ବନ୍ଦ କରିବା ଏବଂ ସରକାରୀ ମୂଲ୍ୟରେ ସୋସାଇଟି ଜରିଆରେ ଯୋଗାଇ ଦେବା ପାଇଁ ଚାଷୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆବଶ୍ୟକ ମୁତାବକ ସମସ୍ତ ସାର ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ସହ ସାରର କଳାବଜାର କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ତହସିଲଦାରଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ବରପାଲି,୨୬।୮ (ଚିତ୍ତରଞ୍ଜନ ସାହୁ)



ବରପାଲିଠାରେ ଅନୁଷ୍ଠିତ ବୈଠକରେ ଆଲୋଚନା ଚାଲିଛି।

ବରପାଲି ସ୍ଥାନୀୟ ଜୟଜଗଦମ୍ବା କ୍ଲବ ତହସିଲ ଛକଠାରେ ପୂଜା କମିଟି ସଭାପତି ଶୁଶୀଲ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ବିଗତ ବର୍ଷ ଆୟ ବ୍ୟୟ ସମ୍ପାଦକ ବୁଲୁ ଦାଶ ପଠନ କରିଥିଲେ। ପରେ ପାର୍ବଣ ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପାର୍ବଣ ସମୟରେ ବିଭିନ୍ନ ପ୍ରକାର ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ଆଲୋଚନା ହୋଇଥିଲା। ନୂତନ ପୂଜା କମିଟି ସଭାପତି ଭାବରେ ସୁଶୀଲ କୁମାର ଶତପଥୀ, ଉପ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ବୁଲୁ ଦାଶ, ସହ ସମ୍ପାଦକ ରୋହିତ ରାଉତ, କୋଷାଧ୍ୟକ୍ଷ ଶିବୁ ଅଗ୍ରୱାଲ, ସାଂସ୍କୃତିକ କମିଟି ସମ୍ପାଦକ ପଦ୍ମଲୋଚନ ସାହୁ, ସହ ସମ୍ପାଦକ ରଞ୍ଜନ ବେହେରା, ରବି ସାହୁ, ପୂଜା ସଞ୍ଚାଳକ ଶାସ୍ତ୍ରୀ ପଣ୍ଡା, ଭବାନୀ ଶଙ୍କର ଶର୍ମା, ମଙ୍ଗଲାଲ ଗୁପ୍ତାଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ ଅଜୟ ସିଂ, ଭାରତ ଗହୀର, ହିମାଂଶୁରଞ୍ଜନ ପତି, ରଞ୍ଜନ ବେହେରା, ପଦ୍ମଲୋଚନ ସାହୁ, ଶୁଶୀଲ ଶତପଥୀ, ଶିବୁ ଅଗ୍ରୱାଲ, ନିତ୍ୟାନନ୍ଦ ଭୋଇ, ଶାସ୍ତ୍ରୀ ପଣ୍ଡା, ଉପସ୍ଥିତ ରହିଥିଲେ।

**ସୋହେଲା,(ଅଶ୍ୱିନୀ କୁମାର ପାତ୍ର) :** ସୋହେଲାରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଦୁର୍ଗାପୂଜା କମିଟିର ସାଧାରଣ ପରିଷଦ ବସି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ କମିଟିର ଦିବଙ୍ଗତ ସଦସ୍ୟ ମହମ୍ମଦ ରଫିକ୍, ଟଙ୍କଧର ଝାଙ୍କର, କେଶବ ଅଗ୍ରୱାଲ, ବିଜୟ କାଣ୍ଡ, ଦୀପକଲାଲ ମାନେକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ବୈଠକରେ ସଭାପତିତ୍ୱ କରିଥିଲେ ।ଚଳିତ ବର୍ଷ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, ବଳବୀର ସିଂ ଠାକୁର ଏବଂ ଗିରଜେଶ ଖାଡେଙ୍ଗା ଉଭୟ ଉପସଭାପତି, ଭାବେ ସର୍ବ ସମ୍ମତି କ୍ରମେ ମନୋନିତ ହୋଇଛନ୍ତି ।

# ମନ୍ତ୍ରୀଙ୍କୁ ଭେଟିଲେ, ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

ବରଗଡ଼, ୨୬।୮ (ପ୍ରେମାନନ୍ଦ ଖମାରୀ)

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସୋମବାର ସରିଯାଇଛି। ଏଭଳି ସ୍ଥିତିରେ ରାଜ୍ୟରେ ସର୍ବାଧିକ ଧାନ ଉତ୍ପାଦନ କରୁଥିବା ବରଗଡ଼ ଜିଲାର ଅନେକ ଚାଷୀ ବିଭିନ୍ନ କାରଣରୁ ପଞ୍ଜୀକରଣରୁ ବାଦ ପଡ଼ି ଯାଇଛନ୍ତି। ଫଳରେ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ବରଗଡ଼ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସଂଗଠନ ପକ୍ଷରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଚାଷର ବ୍ୟସ୍ତତା ସହିତ ଅଗଷ୍ଟ ମାସରେ ଅନାବୃଷ୍ଟି, ସାର ସଙ୍କଟ, ଋଣ ନେଣଦେଣ, ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜୀକରଣ ଏବଂ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗରୁ କୌଣସି ପ୍ରସ୍ତୁତି ନ କରି ହଠାତ ଇ-କେୱାଇସି ଲାଗୁ କରିବା, ରେକର୍ଡ ଧାରୀଙ୍କ ମୃତ୍ୟୁବରଣ ହୋଇଥିଲେ ଉତ୍ତରାଧିକାରୀଙ୍କୁ ଲିଗାଲ ହେୟାର ବାଧ୍ୟତାମୂଳକ କରିବା କାରଣରୁ ପଞ୍ଜିକରଣ ବ୍ୟବସ୍ଥା ବହୁତ ମନ୍ଥର ଗତିରେ ଚାଲୁଥିଲା। ରାଜ୍ୟରେ ଲିଗାଲ ହେୟାର ବାଧ୍ୟତାମୂଳକୁ ନେଇ ଅନେକ ସ୍ଥାନରେ ଆନ୍ଦୋଳନ ହେବାରୁ ସରକାର ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବା ନିଷ୍ପତ୍ତି ନେଲେ ସତ, କିନ୍ତୁ ତାହାକୁ ଠିକ ଭାବରେ କାର୍ଯ୍ୟକାରୀ କଲେ ନାହିଁ। ପ୍ରତ୍ୟେକ ସୋସାଇଟି ଗୁଡ଼ିକରେ ଯେଉଁମାନେ ସ୍ୱ- ଘୋଷଣାନାମାରେ ପଞ୍ଜୀକରଣ କରିବା ପାଇଁ ଚାହୁଁଥିଲେ, ସେମାନଙ୍କ ଫାର୍ମର ଆଇଡି ଆସୁ ନଥିଲା। ଫଳରେ ଚାଷୀମାନେ ପୁଣି ସେହି ବଂଶାବଳୀ କରିବା ପାଇଁ ବାଧ୍ୟ ହେଉଥିଲେ । ଯେଉଁମାନଙ୍କ ବଂଶାବଳୀ କରିବା ସମସ୍ୟା ହେଉଥିଲା, ସେମାନେ ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବାକୁ ଚାହୁଁଥିଲେ, ସୋସାଇଟି ଗୁଡ଼ିକରେ ପରେ ହେବ କହି ରଖି ଦେଉଥିଲେ। ତେବେ ରାଜ୍ୟରେ ୧୮ ଲକ୍ଷ ୫୧ ହଜାର ଚାଷୀ ପଞ୍ଜୀକରଣ ହୋଇ ସାରିଲାଣି ବୋଲି ମନ୍ତ୍ରୀ ଯେଉଁ ସୂଚନା ଦେଇଛନ୍ତି, ତାହା ଅନ୍ୟ ବର୍ଷ ତୁଳନାରେ ରେକର୍ଡ ଅଟେ। ହେଲେ ବରଗଡ଼ ଜିଲାରେ ଅଗଷ୍ଟ ମାସ ୨୩ତାରିଖ ସୁଦ୍ଧା ଗତବର୍ଷ ତୁଳନାରେ ୩୦ହଜାର କମ ଚାଷୀ ପଞ୍ଜୀକୃତ ହୋଇଥିଲେ। ଇଣ୍ଟରନେଟ ଓ ସରଭର ସମସ୍ୟା କାରଣରୁ ଦିନ ଦିନ ଧରି ଚାଷୀମାନେ ଅପେକ୍ଷା କରିଥିଲେ ମଧ୍ୟ ପଞ୍ଜୀକୃତ ହୋଇପାରିଲେ ନାହିଁ। ଜିଲାରେ ହାରାହାରି ୨୦ରୁ ୩୦ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ଫଳରେ ବଞ୍ଚିତ ଚାଷୀମାନଙ୍କ ସମସ୍ୟାକୁ ବିଚାର କରି ଆହୁରି ୧୦ଦିନ ସମୟସୀମା ବୃଦ୍ଧି କରାଗଲେ ଚାଷୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନ ସରକାରୀ ମୂଲ୍ୟରେ ବିକ୍ରି କରିବାର ସୁଯୋଗ ପାଇ ପାରିବେ ବୋଲି ସଙ୍ଗଠନ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଏହି ଦାବି ନେଇ ବିଧାୟକ ନିହାର ମହାନନ୍ଦ, ଅଶ୍ୱିନୀ ଷଡଙ୍ଗୀ, ଇରାଶିଷ ଆଚାର୍ଯ୍ୟ ଏବଂ ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ସମୟରେ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ତେବେ ବର୍ତ୍ତମାନ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି କରିବାର ପ୍ରସ୍ତାବ ନାହିଁ ମନ୍ତ୍ରୀ ପାତ୍ର କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

ରାଉରକେଲା (ସଙ୍ଗୀତା ଜେନା): ଟାଙ୍ଗରପାଲୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏହି ଅଭିଯୋଗରେ ପୋଲିସ ସୋନାପର୍ବତ ଅଞ୍ଚଳରୁ ଅଭିଯୁକ୍ତ ମୃତ୍ୟୁଞ୍ଜୟ ଓରାମଙ୍କୁ ଗିରଫ କରିଛି। ମଙ୍ଗଳବାର ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଉକ୍ତ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ଏଥିରେ ସେ ରାଜି ନ ହେବାରୁ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଟ୍ରେନ୍‌ରେ ଯାତ୍ରୀଙ୍କୁ ମାଡ଼ ଅଭିଯୋଗ, ୨ କିନ୍ନର ଗିରଫ

ରାଉରକେଲା, ୨୬।୮ (ସଙ୍ଗୀତା ଜେନା)

ଚକ୍ରଧରପୁରରୁ ରାଉରକେଲା ଆସୁଥିବା ସମୟରେ ଏକ ଟ୍ରେନରେ ଯାତ୍ରୀଙ୍କୁ ମାଡ଼ ମାରି ରକ୍ତାକ୍ତ କରିବା ଅଭିଯୋଗରେ ଜିଆର୍‌ପି ପୋଲିସ ୨ଜଣ କିନ୍ନରଙ୍କୁ ଗିରଫ କରିଛି। ଗିରଫ କିନ୍ନର ହେଲେ ୱାର୍ଡ ନଂ. ୧୩ ଗୋପବନ୍ଧୁପାଲୀର ପାୟଲ କିନ୍ନର(୩୩) ଓ ରାଜଗାଙ୍ଗପୁରର ଘନଶ୍ୟାମ ନାଗ(୨୮)। ଏ ନେଇ ଏକ ମାମଲା (ନଂ.୧୪୯୭/୨୫) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସାଢ଼େ ୯ଟାରେ ଚକ୍ରଧରପୁର ରେଳ ମଦଦ୍ ମାଧ୍ୟମରେ ସୂଚନା ପାଇ ଆର୍‌ପିଏଫ୍ ଟ୍ରେନ ନଂ୧୮୬୩୭କୁ ଯାଇଥିଲେ ଏବଂ ସେଠାରେ ଜଣେ ଯାତ୍ରୀ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା। ଆହତ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ, ୨ ଜଣ କିନ୍ନର ଟ୍ରେନ୍‌ରେ ଚଢ଼ି ତାଙ୍କୁ ଟଙ୍କା ମାଗିଥିଲେ। ସେ ମନା କରିବାରୁ ଉଭୟ ତାଙ୍କୁ ମାଡ଼ ମାରି କ୍ଷତାକ୍ତ କରିଥିଲେ। ରବିବାର ସିସିଟିଭି ଫୁଟେଜ ଓ ଅନ୍ୟ ପ୍ରମାଣ ଯାଞ୍ଚ କରିବା ପରେ ପୋଲିସ ଉକ୍ତ କିନ୍ନରଙ୍କୁ ଗିରଫ କରିଥିଲା।



ରାଉରକେଲା ଏଡିଏମଙ୍କ ଅଫିସ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲ, ୨୬।୮ (ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲାରୁ ତୁରନ୍ତ ବିମାନ ସେବା ଦାବି**

ରାଉରକେଲାରେ ପୂର୍ଣ୍ଣାଙ୍ଗ ବିମାନବନ୍ଦର ଏବଂ ବିମାନ ସେବା ପ୍ରଦାନ ପାଇଁ ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ସୋମବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଗତ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଉରକେଲା ଗସ୍ତ ସମୟରେ ଏଠାରେ ଏକ ପୂର୍ଣ୍ଣାଙ୍ଗ ବିମାନ ବନ୍ଦରର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମକୁ ମନ୍ତବ୍ୟ ଦେବା ସହିତ ଏହି ଦିଗରେ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ରାଉରକେଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ରାଉରକେଲା ବିମାନ ବନ୍ଦରରୁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହାସହିତ ଝାରସୁଗୁଡା ବିମାନବନ୍ଦରରୁ ଷ୍ଟାର ଏୟାର ସର୍ଭିସ ବିମାନ ସେବା ଯୋଗାଇବା ଏବଂ ଏହି ସେବା ସଂକ୍ରାନ୍ତ ପ୍ରଚାର ପ୍ରସାର ପାଇଁ ରାଉରକେଲା ସହରରେ ହୋର୍ଡିଂ ଲଗାଯିବା ମୁଖ୍ୟମନ୍ତ୍ରୀଙ୍କ ରାଉରକେଲାବାସୀଙ୍କୁ ପ୍ରତାରଣା ଏବଂ ଏହା କଟା ଘା'ରେ ଲୁଣ ପକେଇବା ସଦୃଶ ବୋଲି ଜିଲା ସଭାପତି ଦାସ କହିଛନ୍ତି। ରାଉରକେଲାରୁ ଯଥାଶୀଘ୍ର ବିମାନସେବା ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଜିଲା କଂଗ୍ରେସ ପକ୍ଷରୁ ରାଉରକେଲାରେ ଅର୍ଥନୈତିକ ଅବରୋଧ ସହିତ ବନ୍ଦ ଡାକରା ଦିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ସବୀର ହୁସେନ, ସାଧାରଣ ସମ୍ପାଦକ ସୁନୀଲ ପଟ୍ଟନାୟକ, ନଚିକେତା ମହାପାତ୍ର, ସେବାଦଳ ମୁଖ୍ୟ ବିନୋଦ ରାଉତ, ବ୍ଲକ ସଭାପତି ହରପ୍ରସାଦ ସାମଲ, ରଘୁନାଥ ଦାସ, ନାୱାବ ଅଖତାର, ବରିଷ୍ଠ ନେତା ସୁନୀଲ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

ରାଉରକେଲା, ୨୬।୮ (ଦିନେଶ ମିଶ୍ର)

ରାଉରକେଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମୁଡିଆ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ସାପ କାମୁଡି ଦେବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାହ୍ନୁ ଲାକ୍ରା(୬) ଏବଂ ଏଲିନା ଲାକ୍ରା(୭)। ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଚାନ୍ଦିପୋଷ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (ନଂ.୧୩/୨୫ ଓ ନଂ.୧୪/୨୫) ରୁଜୁ ହୋଇଛି। ସୂଚନା ଅନୁସାରେ, ତାମୁଡିଆ ଝିଲପାଣି ଗ୍ରାମରେ ଈଶ୍ୱର ଲାକ୍ରା ସପରିବାର ରୁହନ୍ତି। ସୋମବାର ରାତି ସାଢେ ୧୧ଟାରେ ଈଶ୍ୱର ତାଙ୍କ ଝିଅ ଏଲିନା ଓ ପୁଅ କାହ୍ନୁଙ୍କ ସହ ଖାଇସାରି ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ କାହ୍ନୁ ଓ ଏଲିନାଙ୍କ ଗୋଡକୁ କାମୁଡି ଦେଇଥିଲା। ଫଳରେ ଉଭୟ କାନ୍ଦିବା ସହ ଦେହହାତ ଘୋଳାବିନ୍ଧା ହୋଇଥିଲା। ପରିବାର ଲୋକେ ରାତି ୩ଟାରେ ଉଭୟଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଆର୍‌ଜିଏଚ୍‌କୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ବିଶ୍ରା ଷ୍ଟେଶନରେ ୫ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି ହେବ


ରେଳ ଷ୍ଟେଶନରେ କମିଟି ସଦସ୍ୟ।

ରାଉଲକେଲା, ୨୬।୮ (ସଙ୍ଗୀତା ଜେନା)

ବିଶ୍ରା ଅଞ୍ଚଳର ଲୋକଙ୍କ ପାଞ୍ଚ ବର୍ଷର ଲଢ଼େଇ ସଫଳ ହୋଇଛି। ରେଳଯାତ୍ରୀଙ୍କ ସମସ୍ୟାକୁ ବିଚାରକୁ ନେଇ ବିଶ୍ରା ରେଳ ଷ୍ଟେଶନରେ ୫ଟି ଏକ୍ସପ୍ରେସ ଟ୍ରେନ୍‌ର ରହଣି ପାଇଁ ରେଲୱେ ବୋର୍ଡ ବିଜ୍ଞପ୍ତି ଜାରି କରିଛି। ଏହି ଟ୍ରେନଗୁଡିକ ହେଲା ଯୋଗନଗରୀ ଋଷିକେଶ-ପୁରୀ ଉତ୍କଳ ଏକ୍ସପ୍ରେସ, ଏର୍ନାକୁଲମ-ଟାଟାନଗର ଏକ୍ସପ୍ରେସ, ବିଲାସପୁର-ଟାଟାନଗର ଏକ୍ସପ୍ରେସ, ଇତୱାରୀ-ଟାଟାନଗର ଏକ୍ସପ୍ରେସ, ଜଗଦଲପୁର-ହାୱଡା ଏକ୍ସପ୍ରେସ। ସେହିପରି ଜରେଇକେଲା ଷ୍ଟେଶନରେ ବିଲାସପୁର ଟାଟା ଏକ୍ସପ୍ରେସ, ଇତୱାରୀ ଟାଟା ଏକ୍ସପ୍ରେସ ରହଣି କରିବ। ମଙ୍ଗଳବାର ଏହି ଖବର ଆସିବା ପରେ ବିଶ୍ରା ଅଞ୍ଚଳରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ଟ୍ରେନ୍ ରହଣି ଖବର ପାଇବା ପରେ ବିଶ୍ରା ପବ୍ଲିକ୍ ଆକ୍ସନ କମିଟିର ସଦସ୍ୟମାନେ ବିଶ୍ରା ଓ ଜରେଇକେଲା ଷ୍ଟେଶନ ମାଷ୍ଟର ଏବଂ ଅନ୍ୟ ରେଳ କର୍ମଚାରୀଙ୍କୁ ମିଠା ବାଣ୍ଟିଥିଲେ। ଏହାସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଦକ୍ଷିଣ ପୂର୍ବ ରେଳବାଇ ଜିଏମ୍, ଚକ୍ରଧରପୁର ଡିଆର୍‌ଏମ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ, କରୋନା ସମୟରେ ରେଳବାଇ ପକ୍ଷରୁ ବିଶ୍ରା ଷ୍ଟେଶନରେ ବିଭିନ୍ନ ଟ୍ରେନର ରହଣୀକୁ ବାତିଲ କରାଯାଇଥିଲା। ରେଳବାଇର ଏହି ନିଷ୍ପତ୍ତି ଯୋଗୁ ଛାତ୍ର, ବ୍ୟବସାୟୀ, ରୋଗୀମାନେ ପ୍ରଭାବିତ ହୋଇଥିଲେ। ଯାତ୍ରା ପାଇଁ ଲୋକଙ୍କୁ ଦୂରଦୂରାନ୍ତ ଷ୍ଟେଶନ ଉପରେ ନିର୍ଭର କରିବାକୁ ପଡୁଥିଲା।

# ଶ୍ରମିକ କଲ୍ୟାଣ ସୁବିଧା, ସୁରକ୍ଷା ହଲ୍ ଉଦ୍‌ଘାଟିତ

ରାଉରକେଲା, ୨୬।୮ (ବିପ୍ଳବ ରଞ୍ଜନ ଦାଶ)

ସାମ୍ପ୍ରତିକ ଶ୍ରମିକ କଲ୍ୟାଣ ଏବଂ ସୁରକ୍ଷା ପଦକ୍ଷେପର ଏକ ଅଂଶସ୍ୱରୂପ ଆର୍‌ଏସ୍‌ପିର କୋକ୍ ଓଭେନ ବ୍ୟାଟେରି-୭ ପ୍ରକଳ୍ପ ସ୍ଥଳରେ ଏକ କର୍ମଚାରୀ ବିଶ୍ରାମ ଶେଡ୍ ସହ ସୁରକ୍ଷା କାର୍ଯ୍ୟ ହଲ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରକଳ୍ପ ବିଭାଗର ଜିଏମ୍ କେ. କେ. ପାତ୍ର, ଏଚ୍‌ଆର୍ ବିଭାଗର ଜିଏମ୍ ଜି. ଆରବ ଦାସ ଏବଂ ଏଲ୍‌ଏଣ୍ଡଟିର ପ୍ରୋଜେକ୍ଟ ମ୍ୟାନେଜର ଗୋକୁଲନ ଏସ୍‌ଙ୍କ ଉପସ୍ଥିତିରେ ଆର୍‌ଏସ୍‌ପିର ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଏହି ହଲ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ଜିଏମ୍ ବେହେରା ନିଜ ଅଭିଭାଷଣରେ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଏଲ୍‌ଏଣ୍ଡଟିର ପଦକ୍ଷେପର ପ୍ରଶଂସା କରିବା ସହିତ ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ କରିବା ପାଇଁ ସଭିଙ୍କୁ ସତର୍କ ରହିବା ଏବଂ ନିରାପଦ କାର୍ଯ୍ୟ ଅଭ୍ୟାସ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଜିଏମ୍ ପାତ୍ର ନିଜ ଅଭିଭାଷଣରେ ଏଯାଏ ଶୂନ୍ୟ ଦୁର୍ଘଟଣା ରେକର୍ଡ ବଜାୟ ରଖିବା ପାଇଁ ଏଲ୍‌ଏଣ୍ଡଟିକୁ ଅଭିନନ୍ଦନ ଜଣାଇବା ସହ ପ୍ରକଳ୍ପ ସମାପ୍ତ ହେବା ପର୍ଯ୍ୟନ୍ତ ଶତ ପ୍ରତିଶତ ସୁରକ୍ଷା ଅନୁପାଳନ ଉପରେ ନିରନ୍ତର ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ଜିଏମ୍ ଦାସ ତାଙ୍କ ଅଭିଭାଷଣରେ କଲ୍ୟାଣମୂଳକ ପଦକ୍ଷେପ ଗୁଡିକର ପ୍ରଶଂସା କରିଥିଲେ ଏବଂ ଶ୍ରମିକମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ରେଷ୍ଟ ଶେଡ୍ ବ୍ୟବହାର କରିବା ସହିତ ଆର୍‌ଏସ୍‌ପିର ମେଡିକାଲ ସେଣ୍ଟରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଗୋକୁଲନ ଏସ୍ ତାଙ୍କ ଅଭିଭାଷଣରେ ଆର୍‌ଏସ୍‌ପି ପରିଚାଳନାକୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇବା ସହିତ କର୍ମକ୍ଷେତ୍ର ସୁରକ୍ଷା ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଏଲ୍‌ଏଣ୍ଡଟି ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଇଏଚ୍‌ଏସ୍, ଏଲ୍‌ଏଣ୍ଡଟିର ଇନ୍‌ଚାର୍ଜ ଏନ୍. କେ. ଧଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରୋଜେକ୍ଟ ଇଏଚ୍‌ଏସ୍‌ଏମ୍ ତାଲିମ ପାସପୋର୍ଟ ଶୀର୍ଷକ ଏକ ପକେଟ ପୁସ୍ତିକା ଉନ୍ମୋଚିତ ହେବା ସହ କର୍ମଚାରୀମାନଙ୍କୁ ବଣ୍ଟନ କରାଯାଇଥିଲା। ପ୍ରଶାସନ ଓ ଲେଖା ବିଭାଗର ଇନ୍‌ଚାର୍ଜ ସତୀଶ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଏଲ୍‌ଏଣ୍ଡଟି ପ୍ଲାନିଂ ଇନ୍‌ଚାର୍ଜ ଦୀପଙ୍କର ସରକାର ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଇସ୍ପାତ ଶ୍ରମିକ।



ସଶକ୍ତୀକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୨୬।୮ (ବିପ୍ଳବ ରଞ୍ଜନ ଦାଶ)

ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ସାରନଗରୀସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ମହିଳା ସଶକ୍ତୀକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରୁ ୫୦ ଜଣ ଏସ୍‌ଏଚ୍‌ଜି ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କ୍ଲବ ସଭାପତି ଡ. ମିନତୀ ପଣ୍ଡା ସ୍ୱାଗତ ଭାଷଣ ଏବଂ ଅଜିତ ମୋହନ ପୂଜାରୀ ସଙ୍ଗୀତ ପରିବେଷଣ କରିଥିଲେ। ମହିଳା ସଶକ୍ତୀକରଣ କମିଟିର ଜିଲା ସହ ଅଧ୍ୟକ୍ଷ ପି. ଆର୍ ପାତ୍ର ରୋଟାରୀ ଇଣ୍ଟରନ୍ୟାଶନାଲର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତା ଭାବେ ଏସ୍‌ଓଏସ୍ ଭିଲେଜର ପ୍ରାକ୍ତନ ନିର୍ଦ୍ଦେଶକ ବିଜୟଲକ୍ଷ୍ମୀ ତ୍ରିପାଠୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜୀବିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ବି. କେ. ତନ୍ତୀ ଏସ୍‌ଏଚ୍‌ଜି ପାଇଁ ଏସ୍‌ବିଆଇର ଭୂମିକା ଉପରେ ଆଲୋଚନା କରିଥିଲେ। ଅର୍ଚ୍ଚନା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଚ୍ଚନା ଦେବତା, ପ୍ରଶାନ୍ତ ରଞ୍ଜନ ପାତ୍ର, ଡ. ସଞ୍ଜୁକ୍ତା ପତି, ବସନ୍ତ କୁମାର ତନ୍ତୀ, ଅଜିତ ମୋହନ ପୂଜାରୀ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଅନିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନସେବା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଉରକେଲା, ୨୬।୮ (ବିପ୍ଳବ ରଞ୍ଜନ ଦାଶ)


କର୍ମଶାଳାରେ ମଞ୍ଚାସୀନ ଅତିଥି।

ଆର୍‌ଏସ୍‌ପିରେ ମାଷ୍ଟର ଟ୍ରେନରମାନଙ୍କ ପାଇଁ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନସେବା କାର୍ଯ୍ୟକ୍ରମର ତିନିଦିନିଆ ସାମର୍ଥ୍ୟ ଗଠନ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ଏହି କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗ ସିଜିଏମ୍ ପି. କେ. ସାହୁ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, କାରଖାନାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଉଛି, ଯେଉଁମାନେ ନିଜ ନିଜ ବିଭାଗୀୟ କର୍ମଚାରୀମାନଙ୍କୁ ତାଲିମ ଦେଇପାରିବେ। ଏହି ଅବସରରେ ନିର୍ଦ୍ଦେଶକ ମିଶ୍ର କର୍ମଚାରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ସନ୍ତୁଷ୍ଟି ଚେତନାକୁ ପ୍ରୋତ୍ସାହିତ କରିବାରେ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏପରି ମୂଲ୍ୟବୋଧ କେବଳ ବ୍ୟକ୍ତିଗତ ବିକାଶକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଦେଶ ନିର୍ମାଣରେ ଅର୍ଥପୂର୍ଣ୍ଣ ଅବଦାନ ଦିଏ ବୋଲି ସେ କହିଥିଲେ। ସିଜିଏମ୍ ସାହୁ ନିଜ ବକ୍ତବ୍ୟରେ ଭାରତ ସରକାରଙ୍କ ସାମର୍ଥ୍ୟ ଗଠନ ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବ୍ୟବହାରଗତ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଢାଞ୍ଚା ବିଷୟରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଏଚ୍‌ଆରଏଲ୍‌ଏଣ୍ଡଡି ବିଭାଗର ଜିଏମ୍ ଏମ୍. କେ. ଅଗ୍ରୱାଲ ଏହାର ପ୍ରମୁଖ ବୈଶିଷ୍ଟ୍ୟ ଉପରେ ବର୍ଣ୍ଣନା କରିଥିଲେ। ଏମ୍‌ଟିଆଇ ବିଭାଗର ଜିଏମ୍ ଜେ. ଏନ. ହେମ୍ରମ ଏବଂ କେଓଏମ୍‌ର ଡିଜିଏମ ଆର. ବିଶ୍ୱାସ ତାଲିମ କାର୍ଯ୍ୟକ୍ରମରେ ଅଧ୍ୟାପକତା କରିଥିଲେ।

# ଦେବେନ୍ଦ୍ର ଦାଶ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା, ୨୬।୮ (ବିପ୍ଳବ ରଞ୍ଜନ ଦାଶ)

ପ୍ରଗତି ଉତ୍କଳ ସଂଘ ପକ୍ଷରୁ ସୋମବାର ରାତି ୮ଟାରେ ମଧୁ ମଣ୍ଡପରେ ପ୍ରଜ୍ଞା ପୁରୁଷ ଦେବେନ୍ଦ୍ର କୁମାର ଦାଶ ସ୍ମାରକୀ ବକ୍ତୃତାମାଳାର ଦ୍ୱିତୀୟ ଅର୍ଘ୍ୟ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଉପନିବେଶ-ଉତ୍ତର ଉପନିବେଶବାଦୀ ଓଡ଼ିଆ ସାହିତ୍ୟ' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦାଶଙ୍କ କୃତ ପୁସ୍ତକ 'ଊନବିଂଶ ଶତାବ୍ଦୀର ଓଡ଼ିଶା: ନବ ମୂଲ୍ୟାୟନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ, ଉପସଭାପତି ଡଃ ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଚିତ୍ତରଞ୍ଜନ ମିଶ୍ର, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି, ଗ୍ରନ୍ଥାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ବିପିନ ବିହାରୀ ପଟ୍ଟନାୟକ, ଧରଣୀଧର ସାମଲ, ବରୁଣ ନାହାକ, ପରୀକ୍ଷିତ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଭାରତ ଭୂଷଣ ମହାନ୍ତି, ଶଙ୍କର ପ୍ରସାଦ ତ୍ରିପାଠୀ, ଅଭିରାମ ବିଶ୍ୱାଳ, ଅଭୟ କୁମାର ପ୍ରଧାନ, ରାଜୀବ ପାଣି, ଡ. କିଶୋରୀ ଦାଶ, ପଶୁପତିନାଥ ଚାଟାର୍ଜୀ, କିଶୋରୀ ମୋହନ କର, ନଳିନୀକାନ୍ତ ଧର, ଡା. କୃପାସିନ୍ଧୁ ନାୟକ, ପ୍ରଶାନ୍ତ କୁମାର ପତି, କାଶୀନାଥ ନନ୍ଦୀ ପ୍ରମୁଖ ଶତାଧିକ ସଂସ୍କୃତି ପ୍ରେମୀ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇଥିଲେ।

# କୁନ୍ତଳା କୁମାରୀ ସାବତଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା, ୨୬।୮ (ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାଗଣ।

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ତୁମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ ସଭାପତିତ୍ୱ କରି ସ୍ୱାଧୀନତା ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ ବୋଲି କହିଥିଲେ। ଓଡ଼ିଆ ଭାଷା ବିକାଶ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, କୁନ୍ତଳା କୁମାରୀ ସାବତ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବିନୀ। ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା। କୁନ୍ତଳା କୁମାରୀ ଜାତିଆଣ ଭାବ ଓ ବାଲ୍ୟବିବାହ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ବୋଲି ମହାପାତ୍ର କହିଥିଲେ। ସେହିପରି କୁନ୍ତଳା କୁମାରୀଙ୍କ ଚର୍ଚ୍ଚିତ କବିତା ଗୁଡିକ ଥିଲା ଅଞ୍ଜଳି, ଉଚ୍ଛ୍ୱାସ, ଆହ୍ୱାନ, ଅଭିଶପ୍ତ ଅଭିମାନ, ପୂଜା, ଏବଂ ଶେଫାଳି ପ୍ରତି। କେବଳ କବିତା ନୁହେଁ ସେ ଭ୍ରାନ୍ତି ନଅତୁଣ୍ଡୀ, କାଳୀବୋହୂ, ପରଶମଣି, ରଘୁ ଅରକ୍ଷିତ ଆଦି ଅନେକ ସଫଳ ଔପନ୍ୟାସର ସ୍ରଷ୍ଟା ଥିଲେ ବୋଲି ଅନ୍ୟତମ ବକ୍ତା ଶିକ୍ଷୟିତ୍ରୀ ସରସ୍ୱତୀ ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ସୁନା, ଭୂମିକା ଖାଡିଆ ପ୍ରବନ୍ଧ ପାଠ କରି ପୁରସ୍କୃତ ହୋଇଥିଲେ। ଧନଞ୍ଜୟ ମଲ୍ଲିକ, ରାଜଶ୍ରୀ ପରିଜା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମମତାମୟୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଇଡି ବିସ୍ଫୋରଣ ମାମଲାରେ ମାଓବାଦୀ ଗିରଫ

ରାଉରକେଲା, ୨୬।୮ (ସଙ୍ଗୀତା ଜେନା)


ଡିଆଇଜି ବ୍ରିଜେଶ ରାୟ ସୂଚନା ପ୍ରଦାନ କରୁଛନ୍ତି।

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ କେ. ବଳାଙ୍ଗ ଥାନା, ବନ୍ଧମୁଣ୍ଡା ଜିଆର୍‌ପି ଅଧୀନ ବିଭିନ୍ନ ଅଞ୍ଚଳରେ ପ୍ରାୟ ୪ଟି ବିସ୍ଫୋରଣ ମାମଲାରେ ସମ୍ପୃକ୍ତ ଜଣେ ହାର୍ଡକୋର ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ମାଓବାଦୀ ହେଲେ କେ. ବଳାଙ୍ଗ ଥାନା ଆମଝରଣର ବିଶୁ ସିଂହ(୫୮)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ କେ. ବଳାଙ୍ଗ ଥାନାରେ ଏକ ମାମଲା (ନଂ.୮୬/୨୫), ବନ୍ଧମୁଣ୍ଡା ଥାନାରେ ଏକ ମାମଲା(ନଂ.୮/୨୫), କେ. ବଳାଙ୍ଗ ଥାନାରେ ୨ଟି ମାମଲା (ନଂ.୧୦୩/୨୫ ଓ ନଂ.୮୪/୨୫) ରୁଜୁ ହୋଇଛି। ଏ ସମ୍ପର୍କରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି। ଡିଆଇଜି ରାୟ ସୂଚନା ଦେଇ କହିଥିଲେ, ବିଶୁ ଓଡ଼ିଶା ତଥା ଅନ୍ୟ ଅଞ୍ଚଳରେ ଜଣେ ଓଭରଗ୍ରାଉଣ୍ଡ କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟରତ ଥିଲେ। ସେ ବିଭିନ୍ନ ବିସ୍ଫୋରଣରେ ସମ୍ପୃକ୍ତ ଥିଲେ। ଗତ ଜୁନ୍ ୧୪ ତାରିଖରେ କେ. ବଳାଙ୍ଗ ଥାନା ଏସ୍‌ଆଇ ରଞ୍ଜିତ କୁଲୁଙ୍କ ରିପୋର୍ଟ ଆଧାରରେ ସରଣ୍ଡା ସିଲକୁଟା ଜଙ୍ଗଲରେ ସିଆର୍‌ପିଏଫ୍ ଏବଂ ଏସ୍‌ଓଜି ଦଳ ଦ୍ୱାରା ମିଳିତ ଭାବେ କୋମ୍ବିଂ ଚାଲିଥିଲା। ଏହି ସମୟରେ ଆଇଇଡି ବିସ୍ଫୋରଣ ହେବାରୁ ଜଣେ ସିଆର୍‌ପିଏଫ ଯବାନ୍‌ଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମାଓବାଦୀ ଗତିବିଧି ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଚାଲିଥିଲା ବେଳେ ବିଶୁଙ୍କୁ ଧରାଯାଇଥିଲା। ତଦନ୍ତ ବେଳେ ସେ ରାଡୋ ଓ ବାଙ୍କୋ ଆଇଇଡି ବିସ୍ଫୋରଣ ମାମଲା ତଥା ବିସ୍ଫୋରକ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଏହି ମାମଲାରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ଜାରି ରହିଛି ବୋଲି ରାୟ କହିଥିଲେ। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାପାର୍ଶ୍ୱରେ ପାଉଁଶ ଡମ୍ପିଂକୁ ବିରୋଧ

ବେଲପାହାଡ଼,୨୬।୮(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ କର୍ଲାଖମନ ବିଦ୍ୟାଳୟ ନିକଟ ରାସ୍ତାପାର୍ଶ୍ୱରେ ୨ ଦିନ ହେବ ବିଳମ୍ବିତ ରାତିରେ କୌଣସି କମ୍ପାନୀ ପକ୍ଷରୁ ପାଉଁଶ ଡମ୍ପିଂ କରାଯାଉଛି। ଏହାକୁ ସ୍ଥାନୀୟ ବାସିନ୍ଦା ଦୃଢ଼ ବିରୋଧ କରିବା ସହ ତୁରନ୍ତ ଉକ୍ତ ପାଉଁଶକୁ ଅନ୍ୟତ୍ର ଉଠାଇ ନେବା ପାଇଁ ଦାବି କରିଛନ୍ତି। ପାଉଁଶ ଡମ୍ପିଂ ଯୋଗୁ ଉକ୍ତ ସ୍ଥାନରେ ଦୀର୍ଘ ଦିନରୁ ରହିଥିବା ୫ରୁ ଊର୍ଦ୍ଧ୍ୱ ଗଛ ବଳି ପଡ଼ିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଏହାର ଆଖପାଖ ଅଞ୍ଚଳରେ ଅନେକ ଚାଷଜମି ଥିବାବେଳେ ୧୦ ମିଟର ଦୂରରେ ବିଦ୍ୟାଳୟ ଓ ଏକ ମନ୍ଦିର ରହିଛି। ଚଳିତବର୍ଷ ଚାଷୀମାନେ ଧାନଚାଷ ପାଇଁ କାର୍ଯ୍ୟ କରିସାରିଛନ୍ତି। ଆଗାମୀ ଦିନରେ ବର୍ଷା ହେଲେ ଏହି ପାଉଁଶ ପାଣିରେ ଧୋଇଯାଇ ଚାଷଜମିରେ ମିଶି ଫସଲ ନଷ୍ଟ କରିବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ସେହିପରି ଏହି ପାଉଁଶ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଅପରପକ୍ଷେ ଏହି ପାଉଁଶ ଡମ୍ପିଂ ରାକେଟରେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ତଥା ମୋଟା ଅଙ୍କର ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଇଛି। ତେଣୁ ଏଠାରେ ପାଉଁଶ ଡମ୍ପିଂ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ପକାଯାଇଥିବା ପାଉଁଶ ଉଠାଇ ନେବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ସଚେତନ ଯୁବକ ହେମସାଗର ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଆଖପାଖ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ମାଧ୍ୟମରେ ପାଉଁଶ ଡମ୍ପିଂ କରୁଥିବା ଗାଡ଼ିର ତଥ୍ୟ ସଂଗ୍ରହ କରିବାକୁ ସେମାନେ କହିଛନ୍ତି। ଏନେଇ ବେଲପାହାଡ଼ ବନ ବିଭାଗର ରେଞ୍ଜର ପ୍ରଦୀପ ନାଏକ କହିଛନ୍ତି, ପାଉଁଶ ପକାଯାଉଥିବା ସ୍ଥାନ ଚିହ୍ନଟ ପାଇଁ ଲଖନପୁର ତହସିଲଦାରଙ୍କୁ ଚିଠି ଲେଖିଛୁ। ତଦନ୍ତ କରାଯିବା ପରେ ଉକ୍ତ ସ୍ଥାନରେ ପାଉଁଶ ଡମ୍ପିଂ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆନ୍ତଃ କ୍ଲବ୍ ହ୍ୟାଣ୍ଡବଲ ପ୍ରତିଯୋଗିତା

ବେଲପାହାଡ଼,୨୬।୮(ସୁବାସ ପ୍ରଧାନ)

ମେଜର ଧ୍ୟାନଚାନ୍ଦ ଜାତୀୟ କ୍ରୀଡ଼ା ମହୋତ୍ସବ ଉପଲକ୍ଷେ ଆନ୍ତଃ କ୍ଲବ୍ ହ୍ୟାଣ୍ଡବଲ ପ୍ରତିଯୋଗିତା ସ୍ଥାନୀୟ ବିଇଏମ୍ ବିଦ୍ୟାଳୟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ବାଳକ ଏବଂ ୩ ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗ ଫାଇନାଲ ମ୍ୟାଚ୍‌ରେ ସନ୍‌ରାଇଜେସ୍ କ୍ଲବ ୬-୩ ଗୋଲ୍‌ରେ କଳିଙ୍ଗ ଯୁବ ସଂଘକୁ ପରାସ୍ତ କରିଥିଲା। ସେହିପରି ବାଳିକା ବିଭାଗରେ ଏମ୍‌ପିଏଫ୍ ଦଳ ୨-୧ ଗୋଲରେ ପାନ୍ଥର କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର, ପୁରସ୍କାର ବିତରଣ ଉତ୍ସବରେ ବିଜେତା ଏବଂ ଉପବିଜେତା ଦଳକୁ ମେରିଟ୍ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯିବ। ହମିଦ୍ କୁମାର ମହାପାତ୍ର, ସୁନନ୍ଦ କୁମାର ପଣ୍ଡା, ଚିତ୍ତରଞ୍ଜନ ମାଝୀ ମ୍ୟାଚ୍ ପରିଚାଳନା କରିଥିଲେ।

### ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ଜାତୀୟ ସେମିନାର

ସମ୍ବଲପୁର,୨୬।୮(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇଂଲିଶ ବିଭାଗ ଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଜାତୀୟ ସେମିନାର ମଙ୍ଗଳବାର ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରଫେସର ମଧୁସ୍ମିତା ପତି ଓ କଲିକତା ସେଣ୍ଟ ଜାଭିୟର ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅଶୋକ ମହାପାତ୍ର ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପିଜିସି ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡ. ଉମା ଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଏବଂ ବିଶ୍ୱବିଦ୍ୟାଳୟର ଅନେକ ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ଡ. ପି. ମୁରଲୀଧର ଶର୍ମା ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ଡ. ବ୍ରହ୍ମାନନ୍ଦ ପାତ୍ର, ଡ. ସଂଘମିତ୍ରା ତ୍ରିପାଠୀ, ଡ. ନମ୍ରତା ବେହେରା ଓ ଜସପାଲ କୌର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ସବିତା ତ୍ରିପାଠୀ, ଡ. କାମଦେବ ସାହୁ, ଡ. ବିଷ୍ଣୁପ୍ରିୟା ହୋତା ସମେତ ଅନେକ ଶିକ୍ଷାବିତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ତଥା ଦେଶର ଅନେକ ଅଧ୍ୟାପକ ଓ ଗବେଷକ ଯୋଗଦେଇ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ।

### ଆଦର୍ଶ ସ୍ନାତକ କଲେଜରେ ଚାରାରୋପଣ କାର୍ଯ୍ୟକ୍ରମ

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଆଦର୍ଶ ସ୍ନାତକ କଲେଜ ପରିସରରେ କଲେଜ ଯୁବ ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ଅଧିକାରୀ ଦାମୋଦର ନାୟକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହ ଏବଂ କଲେଜ ପରିସର ସଫା କରିବା ସହ ବହୁ ସଂଖ୍ୟକ ଚାରାରୋପଣ କରିଥିଲେ।

# ଭେଦଭାବ ଭୁଲି କର୍ମକର୍ତ୍ତା ଏକଜୁଟ ହୁଅନ୍ତୁ



ଯୁବ ସମନ୍ୱୟ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟମାନେ।

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

## କଂଗ୍ରେସ ପକ୍ଷରୁ ଯୁବ ସମନ୍ୱୟ କାର୍ଯ୍ୟକ୍ରମ

ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଡାକ ବଙ୍ଗଳାଠାରେ ଯୁବ ସମନ୍ୱୟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଦସ୍ୟ ସିଦ୍ଧେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ସମନ୍ୱୟ କମିଟି ସଂଯୋଜକ ନଳିନୀକାନ୍ତ ମହାନ୍ତି, ସହସଂଯୋଜକ ବିଶ୍ୱଭୂଷଣ ଦାସ, ବରିଷ୍ଠ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, କଂଗ୍ରେସ ନେତା ତୋଫାନ ଷଡ଼ଙ୍ଗୀ, ପ୍ରତାପ ପ୍ରଧାନ, ମନୋଜ ଦେହୁରୀ ଓ ସୁନୀଲ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମେତ ଆଗାମୀ ଦିନରେ ଦଳୀୟ ସଙ୍ଗଠନ ସୁଦୃଢ଼ ଉପରେ ଆଲୋଚନା କରିଥିଲେ। ଏଥିସହ କୌଣସି କାରଣରୁ ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା କିମ୍ବା ଦଳରୁ ଦୂରେଇ ଯାଇଥିବା ସମସ୍ତ କର୍ମକର୍ତ୍ତା ଭେଦଭାବ ଏବଂ ରାଗ, ଅସନ୍ତୋଷ ଭୁଲି ପୁଣିଥରେ ଦଳର ମୁଖ୍ୟସ୍ରୋତକୁ ଫେରିଆସିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପନଗରପାଳ ବସନ୍ତ କୁମାର ମିଶ୍ର, ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ କୁମାର ନାଏକ, ସୁବାସ ଚନ୍ଦ୍ର ଭୋଇ, ସୁଶାନ୍ତ କୁମାର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଗଣନାଥ ମହାପାତ୍ର, ପ୍ରବୀର ଶତପଥୀ, ଡିଲେଶ୍ୱର ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ଆଲୋଚନା



ବୈଠକରେ ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

## ଜିଲା ଯୁବ ଏକତା ମଞ୍ଚର ବୈଠକ

ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ଗୋପାଳଜୀ ମନ୍ଦିର ପରିସରରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ସଚ୍ଚିକାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ୍ କୁମାର ଭୋଜଙ୍କ ସମେତ ମଞ୍ଚର କର୍ମକର୍ତ୍ତା, ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ସର୍କିଟ ହାଉସ୍‌ରେ ତାଙ୍କୁ ସାକ୍ଷାତ କରି ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ସମ୍ପର୍କରେ ଆଲୋଚନା କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧ ମାସ ମଧ୍ୟରେ ଡାକ୍ତର ପଦବୀ ପୁରଣ ସହିତ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରେସ୍ ବିବୃତି ଜରିଆରେ ସୂଚନା ଦିଆଯାଇଛି।

## କୁଷ୍ଠାଶ୍ରମରେ ରାଶନ ସାମଗ୍ରୀ ବଣ୍ଟନ

ସମ୍ବଲପୁର,୨୬।୮(ପ୍ରମୋଦ ବହିଦାର)

ଗଣପର୍ବ ନୂଆଁଖାଇ ଉପଲକ୍ଷେ ମା' ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦୁର୍ଗାପାଲିସ୍ଥିତ କୁଷ୍ଠାଶ୍ରମରେ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ସହିତ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ଆଲୋକ ମହାକୁର, କାହ୍ନୁଚରଣ ଷଡ଼ଙ୍ଗୀ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର ପ୍ରମୁଖଙ୍କ ସହିତ ଟ୍ରଷ୍ଟର ସଦସ୍ୟମାନେ ସାମଗ୍ରୀ ବଣ୍ଟନ ବେଳେ ଉପସ୍ଥିତ ଥିଲେ। ଏହି ଅବସରରେ ଆଶ୍ରମ ସଂଲଗ୍ନ ବସ୍ତି ଅଞ୍ଚଳରେ ଥିବା ରାସ୍ତା, ବିଶୁଦ୍ଧ ପାନୀୟ ଜଳ ଆଦି ବିଭିନ୍ନ ସମସ୍ୟା ସମାଧାନ ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଫସଲ ଜଗୁଥିଲେ ଦମ୍ପତି, ଦଳିଦେଲା ହାତୀ

ପାଇକମାଳ,୨୬।୮(ବଡ଼ ଶତପଥୀ)

ନିଜ କ୍ଷେତ୍ରରେ ଫସଲ ଜଗୁଥିବା ଏକ ଦମ୍ପତିଙ୍କୁ ସୋମବାର ବିଳମ୍ବିତ ରାତିରେ ବଣୁଆ ହାତୀ ଦଳିଦେଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବରଗଡ଼ ଜିଲା ପାଇକମାଳ ବ୍ଲକ ଟେମରି ପଞ୍ଚାୟତର ଧାନ୍ଦୁପାଲି ଗାଁରେ। ମୃତ ଦମ୍ପତି ହେଲେ ଧାନ୍ଦୁପାଲି ଗାଁର ବଳରାମ ରଣା (୬୧) ଓ ତାଙ୍କ ସ୍ତ୍ରୀ ଶଶୀ ରଣା (୫୭)। ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବଳରାମ ନିଜ କ୍ଷେତରେ ପନିପରିବା ଚାଷ କରିଥିଲେ। ସବୁ ଦିନ ପରି ସୋମବାର ରାତିରେ ଉଭୟ ଦମ୍ପତି କ୍ଷେତରେ ଫସଲ ଜଗୁଥିଲେ। ଏହି ସମୟରେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଚାଲି ଆସିଥିବା ଏକ ବଣୁଆ ହାତୀ ଦମ୍ପତିଙ୍କୁ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ତାଙ୍କ ପରିବାର ଲୋକେ କ୍ଷେତକୁ ଯାଇଥିଲେ। ସେଠାରେ ଫସଲ ନଷ୍ଟ ହେବା ସହ ହାତୀ ଆକ୍ରମଣରେ ଉଭୟ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ସେମାନେ ଦେଖିଥିଲେ। ଖବର ପାଇ ବନ ବିଭାଗ ରେଞ୍ଜର ହୃଦାନନ୍ଦ ମିଶ୍ର, ରଜନିକାନ୍ତ ବଡ଼େଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖ ପହଞ୍ଚିଥିଲେ। ଏ ନେଇ ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ଭାବେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଆଉ ୧୮ ଲକ୍ଷ ଟଙ୍କା ଆବଶ୍ୟକ କାଗଜ ପତ୍ର ଦାଖଲ କରିବା ପରେ ଦିଆଯିବ ବୋଲି ବରଗଡ଼ ଡିଏଫ୍‌ଓ ସରୋଜ କୁମାର ପଣ୍ଡା କହିଛନ୍ତି। ଅନ୍ୟପଟେ ବ୍ଲକ ପ୍ରଶାସନ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଟେମରି ସରପଞ୍ଚ ଦିଲୀପ ବେହେରା ଧାନ୍ଦୁପାଲିରେ ପରିବାର ସହ ରହୁଥିବା ମୃତ ଦମ୍ପତିଙ୍କ ପୁଅ ଉପେନ୍ଦ୍ର ଓ ସାନ ପୁଅ ମହେନ୍ଦ୍ରଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ସ୍ୱଭାବ କବିଙ୍କ ଜୟନ୍ତୀ ସମାରୋହ



କାର୍ଯ୍ୟକ୍ରମରେ ବକ୍ତା ଓ ଅନ୍ୟମାନେ।

ଝାରସୁଗୁଡ଼ା,୨୬।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ଭଗବାନ ପଟେଲ ବରେଣ୍ୟ ବକ୍ତା ଭାବେ ଯୋଗଦେଇ ଗଙ୍ଗଧରଙ୍କ ସାହିତ୍ୟ ବିଶ୍ୱସ୍ତରରେ ପହଞ୍ଚାଇବା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବ୍ରଜେଶ ସାହୁ, ଇଂଲିଶ୍ ବିଭାଗ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ହିନ୍ଦୀ ବିଭାଗ ମୁଖ୍ୟ ଡ. ମନୀଷ କୁମାର ଦ୍ୱିବେଦୀ, ଇତିହାସ ବିଭାଗ ଅଧ୍ୟାପକ ହିମାଂଶୁ ଶେଖର ମହାକୁଡ଼ ପ୍ରମୁଖ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଲାଲଧାରୀ ସିଂହ ଗଙ୍ଗାଧରଙ୍କ ସାହିତ୍ୟ ବିଶ୍ୱ ଦରବାରରେ କିପରି ନିଜର ସ୍ଥାନ ବଜାୟ ରଖିପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ପରିସୀମା ଭୋଇ ଅତିଥି ପରିଚୟ, ଅଧ୍ୟାପିକା ଡ. ଦୀପଶିଖା ସୋହେଲା କାର୍ଯ୍ୟକ୍ରମ ପରିଚାଳନା, ଅଧ୍ୟାପକ ଡ. ପଦ୍ମନାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଆମ ଶାସନ' ଶୁଭାରମ୍ଭ



ବୈଠକରେ ଉପସ୍ଥିତ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ଫଳପ୍ରସୂ ପଦକ୍ଷେପ ଏବଂ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ବିକାଶ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଡିପିଏମ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜନସେବାରେ ଏକ ନୂତନ ପଦକ୍ଷେପ 'ଆମ ଶାସନ' ଶୁଭାରମ୍ଭ, ଜନସେବାରେ ବିଳମ୍ବ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ଯୋଜନାରେ ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି।

# ହକି ଷ୍ଟାଡିୟମ ପରିଦର୍ଶନକଲେ ଜିଲାପାଳ

ଝାରସୁଗୁଡ଼ା,୨୬।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ ତଥା ଜିଲା ହକି ସଂଘ ସଭାପତି କୁନାଲ ମୋତିରାମ ଚୌହାନ ମଙ୍ଗଳବାର ସ୍ଥାନୀୟ ଏଚ୍. କଣ୍ଟାପାଲିଠାରେ ଥିବା ହକି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ସେଠାରେ ଜିଲାପାଳଙ୍କୁ ହକି ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଜିଲାପାଳ ସେଠାରେ ଥିବା ପ୍ରଶିକ୍ଷକଙ୍କ ସହିତ ପ୍ରଶିକ୍ଷଣ ଉପରେ ଆଲୋଚନା କରି ନିର୍ମାଣାଧୀନ ଷ୍ଟାଡିୟମର ଗୃହ ଓ ଷ୍ଟାଡିୟମ ବୁଲି ଦେଖିଥିଲେ। ଏହି ଷ୍ଟାଡିୟମ ନିକଟରେ ଏଚ୍. କଣ୍ଟାପାଲି କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ରହିଛି। ପରିଦର୍ଶନ ସମୟରେ ହକି ସଂଘର କର୍ମକର୍ତ୍ତା ଅଶ୍ୱିନୀ କୁମାର ପାଣ୍ଡେ, କ୍ଲେମେଣ୍ଟ ରୋନାଲ୍‌ଡ, ସୁଶାନ୍ତ ବେହେରା ଷ୍ଟାଡିୟମରେ ଦର୍ଶକଙ୍କ ବସିବା ପାଇଁ ଗ୍ୟାଲେରି ଓ ହକି ସ୍ପୋର୍ଟ୍ସ ହଷ୍ଟେଲ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏଥିସହ ନିକଟରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ୫-ଏ ସାଏଡ, ବାଳିକା ହକି ପ୍ରତିଯୋଗିତା ସଫଳତା ସହିତ ହୋଇଥିବା ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୂର୍ବତନ ହକି ଖେଳାଳି ପ୍ରଫୁଲ୍ଲ କୁଲ୍ଲୁ, ଡେଫୋର ଟେଟେ, ଶକୁନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ହକି ସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଦେବଗଡ଼ସ୍ଥିତ ଆଦର୍ଶ ସ୍ନାତକ କଲେଜ ପରିସରରେ ଅନୁଷ୍ଠିତ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

# ଫୁଟ୍‌ବଲ ପ୍ରତିଯୋଗିତା: ଭୋଲାମାଲ୍ ଟିମ୍ ବିଜୟୀ

ବ୍ରଜରାଜନଗର,୨୬।୮(ବିଜୟ ବରାଡ଼)

ରାଜପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଲି ଫୁଟ୍‌ବଲ ପଡ଼ିଆରେ ୩୦ତମ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାର ଲତାଖଣ୍ଡି ଓ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ଭୋଲାମାଲ ଟିମ୍ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୋଲାମାଲ ଟିମ୍ ୩-୧ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମରେ ଲଖନପୁର ସରପଞ୍ଚ ଆରତି ପ୍ରଧାନ, ମରାକୁଟୀ ସରପଞ୍ଚ ଲିଲି ତନ୍ତୀ, ବରିଷ୍ଠ ଭାଜପା ନେତା ପ୍ରମୋଦ ସେନାପତି, ରାଧେଶ୍ୟାମ ପ୍ରଧାନ, ଶଶିଭୂଷଣ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କ୍ଲବ୍ ସଭାପତି ଈଶ୍ୱର ପ୍ରଧାନ, ଗୋବିନ୍ଦ ସାହୁ, ମକରଧ୍ୱଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୭/୨୦୨୫ Bhubaneswar, Wednesday, August 27/ 2025





# ଦ୍ୱିତୀୟ ରାଉଣ୍ଡରେ ଅଲକାରାଜ, ରୁଡ୍

**ନ୍ୟୁୟର୍କ,୨୬।୮**

ୱାର୍ଲ୍ଡ ନଂ-୨ ପୁରୁଷ ସିଙ୍ଗଲ୍ସ ଖେଳାଳି କର୍ଲୋସ ଅଲକାରାଜ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ନବମ ସିଡ୍ କାରେନ ଖାଚାନୋଭ, ୧୧ତମ ସିଡ୍ ହୋଲଗର ରୁନ, ୧୨ତମ ସିଡ କାସ୍ପର ରୁଡ୍ ଓ ୧୫ତମ ସିଡ୍ ଆଣ୍ଡ୍ରେ ରୁବଲେଭ ମଧ୍ୟ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

**ୟୁଏସ୍ ଓପନ**

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡର ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଅଲକାରାଜ ୬-୪, ୭-୫, ୬-୪ ସେଟ୍‌ରେ ରେଲି ଓପେଲ୍କାଙ୍କୁ ପରାସ୍ତ କରିଛନ୍ତି। ତାଙ୍କ ଭଳି ଖାଚାନୋଭ ୬-୭(୫/୭), ୬-୩, ୭-୫, ୬-୧ ସେଟ୍‌ରେ ନିଶେଶ ବାସାଭାରେଡ୍ଡୀଙ୍କୁ, ରୁଡ୍ ୬-୧, ୬-୨, ୭-୬ (୭/୫) ସେଟ୍‌ରେ ସେବାଷ୍ଟିଆନ ଅଫନରଙ୍କୁ, ରୁବଲେଭ ୬-୪, ୬-୪, ୬-୪ ସେଟ୍‌ରେ ଡିନୋ ପ୍ରିଜମିକଙ୍କୁ, ୩୧ତମ ସିଡ୍ ଗାବ୍ରିଏଲ ଡିଆଲୋ ୭-୬(୭/୪), ୪-୬, ୭-୫, ୭-୫ ସେଟ୍‌ରେ ଡାମିର ଜୁମହୁରଙ୍କୁ, ରୁନ ୬-୩, ୭-୬ (୭/୪), ୭-୬ (୭/୨) ସେଟ୍‌ରେ ନେଦରଲାଣ୍ଡର ବୋଟିକ ଭାନ ଡି ଝଣ୍ଡସ୍କୁପଙ୍କୁ, ଫ୍ରାନ୍ସେସ ଟିଆଫୋ ୬-୩, ୭-୬ (୮/୬), ୬-୩ ସେଟ୍‌ରେ ୟୋଶିହିତୋ ନିଶିଓକାଙ୍କୁ, ଆମେରିକାର ଟ୍ରିଷ୍ଟାନ ବୟର ୬-୩, ୭-୫, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଶଟ୍ ଖେଳିବା ଅବସରରେ କାର୍ଲୋସ୍ ଅଲ୍‌କାରାଜ।

### ରାଉଣ୍ଡ-୨ରେ ଆଣ୍ଡ୍ରିଭା; ଭେନସ, ସ୍ୱିତୋଲିନା ବିଦା

ପଞ୍ଚମ ସିଡ୍ ମୀରା ଆଣ୍ଡ୍ରିଭା ଓ ୧୧ ତମ ସିଡ୍ କାରୋଲିନା ମୁଚୋଭା ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୭ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭେନସ ୱିଲିୟମ୍ସ ଓ ୧୨ତମ ସିଡ୍ ଏଲିନା ସ୍ୱିତୋଲିନା ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆଣ୍ଡ୍ରିଭା ୬-୦, ୬-୧ ସେଟ୍‌ରେ ଆଲିସିଆ ପାର୍କ୍ସଙ୍କୁ ଓ ମୁଚୋଭା ୬-୩, ୨-୬, ୬-୧ ସେଟ୍‌ରେ ଭେନସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ସ୍ୱିତୋଲିନା ୨-୬, ୪-୬ ସେଟ୍‌ରେ ହଙ୍ଗେରୀର ଆନ୍ନା ବୋଣ୍ଡାରଙ୍କଠାରୁ ପରାସ୍ତ ହୋଇଥିବା ବେଳେ ମାରିଆ ସାକାରି ୬-୩, ୬-୨ ସେଟ୍‌ରେ ଟାଟଜାନା ମାରିଆଙ୍କୁ, ଏଲସା ଜ୍ୟାମେମୋଟ ୬-୪, ୬-୩ ସେଟ୍‌ରେ ମାରି ବୋଜକୋଭାଙ୍କୁ ଓ ୧୫ତମ ସିଡ୍ ଡାରିଆ କାସଟକିନା ୭-୫, ୬-୧ ସେଟ୍‌ରେ ଏଲେନା ଗାବ୍ରିଏଲା ରୁସେଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।



କୋର୍ଟରେ କ୍ୱିଟୋଭାଙ୍କୁ ସମ୍ମାନିତ କରାଯାଉଛି।

# ପେଟ୍ରା କ୍ୱିଟୋଭାଙ୍କ ଅବସର

**ନ୍ୟୁୟର୍କ,୨୬।୮**

ଦୁଇ ଥରର ୱିମ୍ବେଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ମଙ୍ଗଳବାର ୟୁଏସ୍ ଓପନର ପ୍ରଥମ ରାଉଣ୍ଡରେ ପରାଜୟ ପରେ ଟେନିସକୁ ବିଦାୟ ଜଣାଇଛନ୍ତି। ୩୫ ବର୍ଷୀୟ ଚେକ୍ ଗଣରାଜ୍ୟର ଖେଳାଳି ୧୭ ମାସର ମାତୃତ୍ୱ ଛୁଟି ପରେ ଚଳିତ ସିଜନରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ୱିମ୍ବେଲଡନ ଚାମ୍ପିୟନଶିପ୍ ପୂର୍ବରୁ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ କ୍ୟାରିୟର ଶେଷ କରିବେ ବୋଲି କହିଥିଲେ। ଦୁଇ ଦଶନ୍ଧି ଲମ୍ବା କ୍ୟାରିୟରରେ ସେ ମୋଟ ୩୧ଟି ଟାଇଟଲ ଜିତିଥିଲେ। ଏଥିରେ ୨୦୧୧ ଓ ୨୦୧୪ ୱିମ୍ବେଲଡନ ଟାଇଟଲ ସାମିଲ ରହିଛି। ସେ ୧-୬, ୦-୬ ସେଟ୍‌ରେ ଫ୍ରାନ୍ସର ଡିଆନ ପାରିଙ୍କଠାରୁ ପରାଜିତ ହେବା ପରେ କାନ୍ଦି ପକାଇଥିଲେ। ତାଙ୍କୁ କୋର୍ଟରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଜ୍ଞାନନ୍ଦ ମିଳିତ ଅଗ୍ରଣୀ

**ସେଣ୍ଟ ଲୁଇସ୍, ୨୬।୮ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶ ବିଶେଷ ଏଠାରେ ଚାଲିଥିବା ସିଙ୍କ୍‌ଫିଲ୍ଡ କପରେ ଫ୍ରେଞ୍ଚ ଖେଳାଳି ଅଲିରେଜା ଫିରୋଜାଙ୍କୁ ପରାସ୍ତ କରି ୭ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଏକାଧିକ ଗେମ୍‌ରେ ଡ୍ର' ରଖିବା ପରେ ତାଙ୍କର ଏହା ଥିଲା ଦ୍ୱିତୀୟ ବିଜୟ। ଏଥିସହିତ ସେ ୪.୫ ପଏଣ୍ଟ ଅର୍ଜନ କରି ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନାଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ୭ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଆମେରିକାର ୱେସ୍‌ଲି ସୋ'ଙ୍କଠାରୁ ତାଙ୍କ ଗେମ୍ ହାରିଯାଇଛନ୍ତି। ପ୍ରଜ୍ଞାନନ୍ଦ ଓ କାରୁଆନାଙ୍କ ପରେ ଲେଭନ ଆରୋନିଆନ ଓ ୱେସ୍‌ଲି ସୋ ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମାକ୍ସିମ ଭାଚିଅର-ଲାଗ୍ରେଭ, ପୋଲାଣ୍ଡର ଡୁଡା ଜାନ୍ କ୍ରିଜଟଫ୍ ଓ ଆମେରିକାର ସାମୁଏଲ୍ ସେଭିଆନ ୫୦ ପ୍ରତିଶତ ସ୍କୋର ସହ ମିଳିତ ୫ମ ସ୍ଥାନରେ ଅଛନ୍ତି। ସେମାନଙ୍କ ପଛରେ ପ୍ରତ୍ୟେକ ୩ ପଏଣ୍ଟ ସହ ଗୁକେଶ ଓ ଅଲିରେଜା ରହିଥିବା ବେଳେ ନୋଦିରବେକ୍ ଅବ୍‌ଦୁସାତୋରୋଭ ମାତ୍ର ୧.୫ ପଏଣ୍ଟ ସହ ଟେବୁଲର ଅନ୍ତିମ ସ୍ଥାନରେ ଅଛନ୍ତି।

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ମୀନାଙ୍କୁ ସ୍ୱର୍ଣ୍ଣ, ସ୍ନେହାଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୬।୮ (ଅନାଦି କର)**

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶା ଏଚ୍‌ପିସି (ହାଇ ପରଫର୍ମାନ୍ସ ସେଣ୍ଟର)ର ମୀନା ସାନ୍ତା ସ୍ୱର୍ଣ୍ଣ ଜିତିଥିବା ବେଳେ ସ୍ନେହା ସୋରେନ ରୌପ୍ୟ ପଦକ ହାତେଇଛନ୍ତି।

ଜୁନିୟର ମହିଳା ବିଭାଗରେ ୫୮ କେଜି ବର୍ଗରେ ଭାଗ ନେଇଥିବା ମୀନା ସ୍ନାଚରେ ୮୪ କେଜି ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ କେଜି ଭାର ଉଠାଇଥିଲେ। ମୋଟ ଉପରେ ୧୮୫ କେଜି ଉଠାଇ ସେ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ସେହିଭଳି ସ୍ନେହା ସିନିୟର ମହିଳା ବିଭାଗର ୫୩ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ନାଚ୍‌ରେ ୮୧ କେଜି ଓ କ୍ଲିନ ଆଣ୍ଡ୍ ଜର୍କରେ ୧୦୪ କେଜି ଭାର ଉଠାଇଥିଲେ। ଏଭଳି ସେ ମୋଟ ୧୮୫ କେଜି ଓଜନ ଉଠାଇ ପୋଡିୟମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ଉଭୟ ମୀନା ଓ ସ୍ନେହାଙ୍କୁ ଓଡ଼ିଶା ୱେଟ୍‌ଲିଫ୍ଟିଂ ଆସୋସିଏଶନ (ଓଡବ୍ଲୁଏ) ପକ୍ଷରୁ ଅଭିନନ୍ଦନ ଦିଆଯାଇଛି। ଦୁହିଁଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଏମାନଙ୍କ ପୂର୍ବରୁ ପ୍ରୀତିସ୍ମିତା ଭୋଇ ୟୁଥ୍ ବାଳିକା ୪୪ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରୀତିସ୍ମିତା, ମୀନା ଓ ସ୍ନେହାଙ୍କ ସହିତ ଟିକି ମୋହିନୀ ମଲିକ (ୟୁଥ୍-୬୩ କେଜି), ବିଦ୍ୟୁସ୍ମିତା ଭୋଇ (ଜୁନିୟର ୬୩ କେଜି) ଓ ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଆଦି ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।







ସ୍ୱର୍ଣ୍ଣପଦକ ସହ ମୀନା ସାନ୍ତା ଓ ରୌପ୍ୟ ପଦକ ସହ ସ୍ନେହା ସୋରେନ।

# କିସ୍-ବିକାଶ ରେସିଡେନ୍ସିଆଲ ସେମିରେ

**ଭୁବନେଶ୍ୱର, ୨୬।୮ (ଅନାଦି କର):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ମଦର ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ପ୍ରଥମ କ୍ୱାର୍ଟର ଫାଇନାଲରେ କିସ ୧୧-୦ ଗୋଲରେ ବିଜେଇଏମ୍ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ସୋନାରାମ ସୋରେନ ଓ ଉପେନ୍ଦ୍ର ଅମନତ୍ୟା ୩ ଲେଖାଏ ଓ ବଜନ ପୁର୍ଟି ଦୁଇଟି ସ୍କୋର କରିଥିଲେ। ମହେଶ୍ୱର ସମିକ, ବୋଇପାଇ ଓ ଇଶାନ ଡିଗି ଗୋଟିଏ ଲେଖାଏ ଗୋଲ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସୋନାରାମ ସୋରେନଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ସତ୍ୟଜିତ ମିଶ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ୭-୦ ଗୋଲରେ ମଦର ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ଦଳ ପାଇଁ ଆର୍ଯ୍ୟନ ଲେନି ୩ ଗୋଲ କରିଥିବା ବେଳେ ସାହିଲ ଭକ୍ତ, ଦୁଲବ ଗୋସ୍ୱାମୀ, ଆଶାଇ ପ୍ରସାଦ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଅତିଥି ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମ ନାଭ ବେହେରା ଯୋଗ ଦେଇ ଆର୍ଯ୍ୟନ ଲେନିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।




ପୁରସ୍କାର ଗ୍ରହଣ କରୁଛନ୍ତି ସୋନାରାମ ସୋରେନ୍।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ